# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, July 10/2024 | Page 16 | ₹ 7.00

୫୦ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 226 | ମୂଲ୍ୟ ₹୭/-




**ବହୁବାର ଧୋକା ଖାଇଛନ୍ତି ଶ୍ୱେତା**

ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀ ତାଙ୍କ ବ୍ୟକ୍ତିଗତ ଜୀବନରେ ବହୁବାର ଧୋକା ଖାଇଛନ୍ତି ବୋଲି ମଙ୍ଗଳବାର ଏକ ସାକ୍ଷାତ୍କାରରେ କହିଛନ୍ତି।

୦୨

୧୪

**ୱିମ୍ବଲଡନ ସେମିରେ ଭେକିକ୍**

କ୍ରୋଏସିଆର ଡୋନା ଭେକିକ୍ ପ୍ରଥମଥରପାଇଁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ହତ୍ୟାକାରୀ ପୁଟିନ୍‌ଙ୍କୁ ମୋଦିଙ୍କ ଆଲିଙ୍ଗନ ଦୁଃଖଦ: ଜେଲେନ୍‌ସ୍କି

**କିଭ୍/ମସ୍କୋ,୯।୭**



ଭୋଲୋଡିମିର ଜେଲେନ୍‌ସ୍କି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ଦିନିଆ ମସ୍କୋ ଗସ୍ତରେ ଯାଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ସାକ୍ଷାତ୍ କରିବା ଘଟଣାରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋମବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍‌ସ୍ଥିତ ଏକ ଶିଶୁ ହସ୍ପିଟାଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିବାରୁ ୩ ଛୋଟ ପିଲାଙ୍କ ସମେତ ୩୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣରେ ସ୍କୁଲ୍, ମାର୍ଟର୍ନିଟି ହସ୍ପିଟାଲ ସମେତ ପ୍ରାୟ ୧୦୦ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଏଭଳି ଦିନରେ ମସ୍କୋରେ ବିଶ୍ୱର ସବୁଠୁ ହତ୍ୟାକାରୀ ଅପରାଧୀଙ୍କୁ ସର୍ବବୃହତ୍ ଗଣତନ୍ତ୍ରର ନେତା ଆଲିଙ୍ଗନ କରିବା ଅତ୍ୟନ୍ତ ଦୁଃଖଦାୟକ ଏବଂ ଶାନ୍ତି ଉଦ୍ୟମ ପ୍ରତି ବଡ଼ ଧକ୍କା ବୋଲି ଜେଲେନ୍‌ସ୍କି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ରାଷ୍ଟ୍ରପତିଙ୍କୁ ସୋମବାର ତାଙ୍କ ବାସଭବନରେ ସାକ୍ଷାତ୍ କରିବା ସମୟରେ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ଫଟୋ ଅନ୍‌ଲାଇନରେ ବିପୁଳ ଭାବେ ଶେୟାର କରାଯାଇଛି। ମୋଦି-ପୁଟିନଙ୍କ ସାକ୍ଷାତ୍ ପରେ ଜେଲେନ୍‌ସ୍କି ଏକ୍ସରେ ଉପରୋକ୍ତ ପ୍ରତିକ୍ରିୟା ପୋଷ୍ଟ କରିଛନ୍ତି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଚାଲିଥିବା ଯୁଦ୍ଧରେ ଉଭୟ ପକ୍ଷର ଅନେକ ନୀରିହ ଲୋକ ନିହତ ହେଲେଣି। ୟୁକ୍ରେନ୍ ସହ ରୁଷିଆର ଯୁଦ୍ଧ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ☞ ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** | ପୁଣେ ପରେ ମୁମ୍ବାଇ

# ବଡ଼ଠାକୁରଙ୍କୁ ପକାଇଦେଲେ

## ୯ ସେବାୟତ ଆହତ

**ପୁରୀ, ୯।୭(ଅଜିତ୍ ମହାନ୍ତି)**





ଶ୍ରୀବିଗ୍ରହମାନଙ୍କ ମଙ୍ଗଳବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପ ପହଣ୍ଡି ଅନୁଷ୍ଠିତ ହୋଇଛି। ତେବେ ପହଣ୍ଡି ସମୟରେ ରଥ ଉପରେ ଏକ ବଡ଼ଧରଣର ଅଘଟଣ ଘଟିଛି। ବଡ଼ଠାକୁର ବଳଭଦ୍ରଙ୍କୁ ରଥରୁ ପହଣ୍ଡି କରି ଅଣାଯାଉଥିବାବେଳେ ଚାରମାଳ ଉପରେ ସେବାୟତମାନେ ପକାଇ ଦେଇଥିଲେ। କିଛି ସମୟ ପରେ ଠାକୁରଙ୍କୁ ଉଠାଯାଇ ପୁଣି ପହଣ୍ଡି କରି ଜନ୍ମବେଦୀ ବା ଆଡ଼ପ ମଣ୍ଡପକୁ ନିଆଯାଇଛି। ବଡ଼ଠାକୁରଙ୍କ ସେନାପଟା ଲାଗୁଥିବା ପାଟଡୋର ଖସିଯିବାରୁ ଏପରି ଅଘଟଣ ହୋଇଥିବା କୁହାଯାଉଥିବାବେଳେ ଏହାକୁ ନେଇ ଭକ୍ତମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାରେ ୯ ସେବାୟତ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ମୁଦିରସ୍ତ ତିନି ରଥରେ ପୁଷ୍ପାଞ୍ଜଳି କରିବା ପରେ ଆଡ଼ପ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ରାମକୃଷ୍ଣ ଓ ଶ୍ରୀମଦନମୋହନ ମହାଜନ ସେବକଙ୍କ ହସ୍ତରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପରେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଶେଷ ହେବା ପରେ ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ବଡ଼ଠାକୁରଙ୍କୁ ଟାହିଆ ଲାଗିବା ପରେ ପତି ମହାପାତ୍ର ଘଷା ଓ ବିଡ଼ିଆ ସହ ଆଳତି ବନ୍ଦାପନା ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ସରିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ଏହି ସମୟରେ ଠାକୁର ଚାରମାଳ ତଳକୁ ମୁହଁ କରି ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ସେବକ ମାନେ ଡୋର ଲଗାଇବା ସହ ଠାକୁରଙ୍କୁ ଚାରମାଳ ଉପରେ ଠିଆ କରିଥିଲେ। କିଛି ସମୟ ପରେ ପୁନର୍ବାର ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ଏହି ଅଘଟଣରେ ଅନେକ ସେବାୟତ ଆହାତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଅଘଟଣ ଘଟିବା ପରେ ଅନ୍ୟ ସେବାୟତମାନେ ବଳଭଦ୍ରଙ୍କୁ ପହଣ୍ଡି କରି ଭିତରକୁ ନେଇଛନ୍ତି। ଆଇନମନ୍ତ୍ରୀ ଘଟଣାସ୍ଥଳକୁ ଆସୁଛନ୍ତି। ୭ ରୁ ୯ ଜଣ ସେବାୟତ ଆହତ ହୋଇଛନ୍ତି। ଆହତଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ପହଣ୍ଡିରେ ସମ୍ପୃକ୍ତ ଥିବା ଜଣେ ସେବାୟତ କହିଛନ୍ତି, ଏଭଳି କେବେ ଘଟି ନ ଥିଲା। ପ୍ରଥମ ଥର ପାଇଁ ଏପରି ଘଟିଛି। ସେନାପଟାରେ ଲାଗିଥିବା ପାଟ ଡୋର ଖସିଯିବାରୁ ଅଘଟଣ ଘଟିଛି। ତେବେ ବଡ଼ ଠାକୁରଙ୍କୁ ଯେଉଁଠାରେ ଟାହିଆ ଲାଗିବା କଥା ତା'ଠାରୁ ଟିକେ ଆଗକୁ ଠାକୁର ଚାଲି ଆସିଥିଲେ, ତେଣୁ ଏଭଳି ଅଘଟଣ ଘଟିଥାଇପାରେ। ସମସ୍ତ ଅଭିଜ୍ଞ ସେବାୟତ ରହିଥିଲେ। ☞ ପୃଷ୍ଠା-୧୧





**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR NORTH** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **ROURKELA** Ph: 8860875802. RENAULT **SAMBALPUR** Ph: 8448890323. RENAULT **SUNDERGARH** Ph: 9311529949.

**ଆଜି ୭ ରାଜ୍ୟର ୧୩ ଆସନରେ ଉପନିର୍ବାଚନ**

୭ ରାଜ୍ୟରେ ଖାଲି ପଡ଼ିଥିବା ୧୩ଟି ବିଧାନସଭା ଆସନ ପାଇଁ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗର ୪, ହିମାଚଳ ପ୍ରଦେଶର ୩, ଉତ୍ତରାଖଣ୍ଡର ୨, ପଞ୍ଜାବ, ବିହାର, ତାମିଲନାଡୁ ଓ ମଧ୍ୟପ୍ରଦେଶର ଗୋଟିଏ ଲେଖାଏ ଆସନରେ ଉପନିର୍ବାଚନ ହେବ।

# ଆଣବିକ ପ୍ଲାଣ୍ଟ ନିର୍ମାଣ: ସହାୟତା କରିବ ରୁଷିଆ

**୯ ଚୁକ୍ତିନାମା ସ୍ୱାକ୍ଷର**

**୧୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ**

ମସ୍କୋ,୯।୭

କ୍ଷୁଦ୍ର ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ରୁଷିଆ ଭାରତକୁ ସହାୟତା ଯୋଗାଇଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଟମ୍ ପାଭିଲିଅନ୍ ପରିଦର୍ଶନ କରିବା ଅବସରରେ ରୋସାଟମ୍ ଷ୍ଟେଟ୍ ଆଟମିକ୍ ଏନର୍ଜି କୋଅପରେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଆଲେକ୍ସି ଲିଖାଚେଭ୍ ଏହା କହିଛନ୍ତି। ମୋଦିଙ୍କ ମସ୍କୋ ଗସ୍ତ ଅବସରରେ ବାଣିଜ୍ୟ, ଜଳବାୟୁ ଏବଂ ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ଲାଗି ୨ ଦେଶ ମଧ୍ୟରେ ମଙ୍ଗଳବାର ୯ଟି ବୁଝାମଣାପତ୍ର ଓ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ରୁଷିଆ ଏବଂ ଭାରତର ଦୂରପ୍ରାଚ୍ୟ ଅଞ୍ଚଳ ମଧ୍ୟରେ ବାଣିଜ୍ୟ ଓ ମିଳିତ ପୁଞ୍ଜିନିବେଶ ପ୍ରକଳ୍ପକୁ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରକୁ ବଢ଼ାଇବା ପାଇଁ ୨ ଦେଶ ସହମତ ହୋଇଛନ୍ତି। ରୁଷୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ପୁଞ୍ଜିନିବେଶ କରିବା ଦ୍ୱାରା ନିବେଶ ସହଯୋଗ ବଢ଼ିବ ବୋଲି ଜଏଣ୍ଟ ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ ଫ୍ରେମ୍‌ୱାର୍କ ଏଗ୍ରିମେଣ୍ଟରେ କୁହାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଏବଂ ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପ୍ରସଙ୍ଗରେ ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ରୁଷିଆ ଫେଡେରେଶନର ଆର୍ଥିକ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ମେରୁ ଅଞ୍ଚଳରେ ଗବେଷଣା ଓ ଲଜିଷ୍ଟିକ୍‌ରେ ସହଯୋଗ ପାଇଁ ଭାରତର ନ୍ୟାଶନାଲ ସେଣ୍ଟର ଫର୍ ପୋଲାର ଆଣ୍ଡ୍ ଓସନ ରିସର୍ଚ୍ଚ ଏବଂ ରୁଷିଆର ଆର୍କ୍ଟିକ୍ ଆଣ୍ଡ ଆଣ୍ଟାର୍କଟିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ଏମ୍‌ଓୟୁ ହୋଇଛି।

ରୁଷିଆ ସହ ଭାରତର ସମ୍ପର୍କକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ହୃଦୟଭରା ସମର୍ଥନ ଜଣାଇଛନ୍ତି। ରୁଷିଆ ଭାରତର ସବୁଦିନିଆ ବନ୍ଧୁ ବୋଲି ମୋଦି କହିଛନ୍ତି। ଗତ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନେତୃତ୍ୱରେ ଦୁଇଦେଶର ସମ୍ପର୍କ ସୁଦୃଢ଼ ହୋଇଛି। ସେଥିପାଇଁ ମୋଦି ପୁଟିନ୍‌ଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ମସ୍କୋରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ପାରସ୍ପରିକ ଆସ୍ଥା ଓ ସମ୍ମାନର ଦୃଢ଼ ପିଲାର ଉପରେ ଭାରତ-ରୁଷିଆ ସମ୍ପର୍କ ଗଢ଼ିଉଠିଛି। ଏହି ସମ୍ପର୍କ ବହୁବାର ସମୟର କଷଟିରେ ପରୀକ୍ଷିତ ହେବା ସହ ପ୍ରତିଥର ଅଧିକ ସୁଦୃଢ଼ ହୋଇଛି। ୟୁକ୍ରେନ୍ ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ରୁଷୀୟ ନେତାଙ୍କୁ ଏକଘରକିଆ କରିବାକୁ ଉଦ୍ୟମ ଚଳାଇଥିବାବେଳେ ରୁଷିଆ ସହ ବନ୍ଧୁତ୍ୱ ଓ ପୁଟିନ୍‌ଙ୍କ ନେତୃତ୍ୱକୁ ମୋଦିଙ୍କ ଉଚ୍ଚ ପ୍ରଶଂସା ଚର୍ଚ୍ଚାର ବିଷୟ ହୋଇଛି। ଏବେ ବିଶ୍ୱ ପ୍ରଭାବ ନୁହେଁ ଏକତ୍ର ହେବା ଆବଶ୍ୟକ କରେ, ଯେଉଁ ବାର୍ତ୍ତା ଭାରତଠାରୁ କେହି ଅଧିକ ଭଲ ଭାବେ ଦେଇପାରିବେ ନାହିଁ ବୋଲି ମୋଦି କହିଛନ୍ତି।

ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଗଣମାଧ୍ୟମକୁ ସମ୍ବୋଧନ କଲାବେଳେ ଭାରତ-ରୁଷିଆ ବାଣିଜ୍ୟିକ ସମ୍ପର୍କ ବିଶେଷ କରି ଇନ୍ଧନ ଟ୍ରେଡ୍‌କୁ ମୋଦି ପ୍ରଶଂସା କରିଥିଲେ। ବିଶ୍ୱ ଇନ୍ଧନ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ରୁଷିଆ ଭାରତର ଏହି ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇଛି। ଏହା ଭାରତୀୟଙ୍କୁ ଇନ୍ଧନ ଅଭାବ ଓ ଦରଦାମ୍ ବୃଦ୍ଧିରୁ ରକ୍ଷା କରିଛି। ପାଶ୍ଚାତ୍ୟ ଚାପ ସତ୍ତ୍ୱେ ଭାରତ ରୁଷିଆରୁ କ୍ରମାଗତ ଭାବେ ତୈଳ କିଣିଚାଲିଛି। ଭାରତ-ରୁଷିଆ ଇନ୍ଧନ ଚୁକ୍ତି ଅନ୍ତର୍ଜାତୀୟ ବଜାରରେ ସ୍ଥିରତା ଆଣିବାରେ ବଡ଼ ଭୂମିକା ନେଇଥିବା ବିଶ୍ୱ ଗ୍ରହଣ କରିବା ଆବଶ୍ୟକ ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି।

## ମୋଦିଙ୍କୁ ରୁଷିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର

ଭାରତ-ରୁଷିଆ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୁଷର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର 'ଦ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରିୟୁ ଦ ଆପୋଷ୍ଟଲ'ରେ ସମ୍ମାନିତ କରାଯାଇଛି। କ୍ରେମ୍‌ଲିନର ସେଣ୍ଟ ଆଣ୍ଡ୍ରିୟୁ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଭାରତବାସୀ ଏବଂ ଭାରତ ଓ ରୁଷ୍ ମଧ୍ୟରେ ଥିବା ପାରମ୍ପରିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଉତ୍ସର୍ଗ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ସମ୍ମାନ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ରଣନୀତିକ ଭାଗିଦାରୀକୁ ପ୍ରଦର୍ଶିତ କରୁଛି। ୩୦୦ ବର୍ଷ ପୂର୍ବେ ଏହି ପୁରସ୍କାର ଆରମ୍ଭ ହୋଇଥିଲା। ମୋଦି ପ୍ରଥମ ଭାରତୀୟ ନେତା ଭାବେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## ସେନାରେ ନିୟୋଜିତ ଭାରତୀୟଙ୍କୁ ମୁକ୍ତ କରିବ ରୁଷିଆ

ରୁଷିଆ ସେନାରେ ସହାୟକ କର୍ମଚାରୀ ଭାବେ ନିୟୋଜିତ ଥିବା ସମସ୍ତ ଭାରତୀୟଙ୍କୁ ମୁକ୍ତ କରାଯିବ। ଯେଉଁ ଭାରତୀୟମାନେ ରୁଷିଆ ସେନାରେ ରହିଯାଇଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ସ୍ୱଦେଶ ପଠାଇଦିଆଯିବ। ଭାରତୀୟମାନଙ୍କୁ ସେନାରେ ନିଯୁକ୍ତି ଦେବା ବନ୍ଦ କରିବାକୁ ନୂଆଦିଲ୍ଲୀ ଆହ୍ୱାନ ଦେଇଥିବାବେଳେ ମସ୍କୋ ଏଥିରେ ସହମତ ହୋଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗ ଉଠାଇଥିଲେ। ଗତ ମାସରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲା। ସେନାରେ କାର୍ଯ୍ୟରତ ଭାରତୀୟମାନଙ୍କୁ ଫେରାଇଦେବା ଲାଗି ମନ୍ତ୍ରଣାଳୟ ଅନୁରୋଧ କରିଥିଲା।

ସୂଚନାଯୋଗ୍ୟ, ରୁଷିଆ ସେନାରେ ନିୟୋଜିତ ୨ ଜଣ ଭାରତୀୟ ଜୁନ୍ ୧୧ରେ ୟୁକ୍ରେନ୍ ଯୁଦ୍ଧରେ ପ୍ରାଣ ହରାଇଥିଲେ। ଏହାକୁ ମିଶାଇ ରୁଷିଆ ସେନାରେ ନିୟୋଜିତ ଥିବା ୪ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଲାଣି। ତେଣୁ ରୁଷିଆ ସେନାରେ ଭାରତୀୟଙ୍କ ନିଯୁକ୍ତି ତୁରନ୍ତ ବନ୍ଦ କରିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାବି କରିଥିଲା।

**ସଂକ୍ଷେପରେ**

## କେଜ୍‌ରିୱାଲଙ୍କୁ ଦିଲ୍ଲୀ କୋର୍ଟଙ୍କ ୱାରେଣ୍ଟ

**ବଡ଼ ଷଡ଼ଯନ୍ତ୍ର: ଆପ୍**

ନୂଆଦିଲ୍ଲୀ, ୯।୭

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ଇଡି ଦାଏର କରିଥିବା ଚାର୍ଜଶିଟ୍‌କୁ ଭିତ୍ତିକରି ମଙ୍ଗଳବାର ତାଙ୍କ ବିରୋଧରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ପ୍ରଡକ୍ସନ ୱାରେଣ୍ଟ ଜାରି କରିଛନ୍ତି। ସ୍ୱତନ୍ତ୍ର ଜଜ୍ କାବେରୀ ବାଓ୍ୱେଜାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କେଜ୍‌ରିୱାଲ ଓ ଆମ୍ ଆଦମୀ ପାର୍ଟି (ଆପ୍) ବିରୋଧରେ ଏହି ୱାରେଣ୍ଟ ଜାରି କରିଛନ୍ତି। ସେହିପରି ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଆସନ୍ତା ୧୨ରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଇଡି ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ଆପ୍‌କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଥିବାରୁ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆପ୍ ରାଷ୍ଟ୍ରୀୟ ସମ୍ପାଦକ ପକଙ୍କ ଗୁପ୍ତା। ଭାଜପା ଯେନତେନ ପ୍ରକାରେ ଷଡ଼ଯନ୍ତ୍ର କରି ଆପ୍‌କୁ ଶେଷ କରିବାକୁ ଚାହୁଁଛି। ଏହି ମାମଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ହେଇଥିବା ତଦନ୍ତରେ ଇଡିକୁ ଗୋଟିଏ ବି ପଇସା ମିଳି ନ ଥିବା ପକଙ୍କ କହିଛନ୍ତି।

## '୧୪ ଉତ୍ପାଦର ବିକ୍ରି ବନ୍ଦ କରିଛୁ'

**ସୁପ୍ରିମକୋର୍ଟଙ୍କୁ ଜଣାଇଲା ପତଞ୍ଜଳି**

ନୂଆଦିଲ୍ଲୀ, ୯।୭

ଯୋଗଗୁରୁ ବାବା ରାମଦେବଙ୍କ କମ୍ପାନୀ ପତଞ୍ଜଳି ନିଜର ୧୪ଟି ଉତ୍ପାଦର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇଥିବା ନେଇ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଗତ ଏପ୍ରିଲରେ କମ୍ପାନୀର ଯେଉଁ ଯେଉଁ ଉତ୍ପାଦର ଲାଇସେନ୍ସକୁ ଉତ୍ତରାଖଣ୍ଡ ରାଜ୍ୟ ଲାଇସେନ୍ସ ପ୍ରାଧିକରଣ ଦ୍ୱାରା ରଦ୍ଦ କରାଯାଇଥିଲା, ସେଗୁଡ଼ିକର ବିକ୍ରି ବନ୍ଦ କରାଯାଇଥିବା ନେଇ ପତଞ୍ଜଳି ସର୍ବୋଚ୍ଚ କୋର୍ଟଙ୍କୁ ସୂଚନା ଦେଇଛି। ଏହି ୧୪ଟି ଉତ୍ପାଦକୁ ପ୍ରତ୍ୟାହାର କରିବାକୁ କମ୍ପାନୀ ନିଜର ୫,୬୦୬ ଫ୍ରାଞ୍ଚାଇଜ୍ ଷ୍ଟୋର୍‌କୁ ନିର୍ଦ୍ଦେଶ ଦେଇଥିବା ଜଷ୍ଟିସ୍ ହିମା କୋହଲି ଓ ସନ୍ଦିପ ମେହଟ୍ଟାଙ୍କ ଗଠିତ ଖଣ୍ଡପୀଠଙ୍କୁ ଜଣାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୦ରେ ହେବ।

## 'ଆପରାଧିକ ଆଇନରେ ସଂଶୋଧନ କରିପାରିବ ରାଜ୍ୟ'

ନୂଆଦିଲ୍ଲୀ,୯।୭(ପି.ଟି.)

ଆପରାଧିକ ଆଇନ କେନ୍ଦ୍ର ଏବଂ ରାଜ୍ୟର ଯୌଥ ତାଲିକାରେ ରହିଥିବାରୁ ଏଥିରେ ସଂଶୋଧନ କରିବା କ୍ଷମତା ରାଜ୍ୟ ବିଧାନସଭାର ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ମଙ୍ଗଳବାର କହିଛନ୍ତି। କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ୩ ନୂଆ ଆପରାଧିକ ଆଇନରେ ରାଜ୍ୟ ପାଇଁ ଉଦ୍ଦିଷ୍ଟ ସଂଶୋଧନ ଆଣିବା ନିମନ୍ତେ ପ୍ରସ୍ତାବ ଦେବା ପାଇଁ ତାମିଲନାଡୁ ସରକାର କମିଟି ଗଠନ ନିଷ୍ପତ୍ତି ନେଇଥିବାରୁ ଚିଦାମ୍ବରମ୍ ଏହାକୁ ସ୍ୱାଗତ କରିଛନ୍ତି। ଚଳିତ ମାସ ୧ ତାରିଖରେ କାର୍ଯ୍ୟକାରୀ ହୋଇଥିବା ନୂଆ ଆପରାଧିକ ଆଇନକୁ କେବଳ ତାମିଲନାଡୁ ନୁହେଁ ବିଭିନ୍ନ ରାଜ୍ୟରେ ଦୃଢ଼ ବିରୋଧ କରାଯାଇଛି। ଏହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଷୟ ହୋଇଥିବାରୁ ରାଜ୍ୟ ବିଧାନସଭା ଏଥିରେ ସଂଶୋଧନ ଆଣିବାକୁ ସକ୍ଷମ। ତାମିଲନାଡୁ ସରକାର ଗଠନ କରିଥିବା କମିଟି ଏଥିପାଇଁ ବିଚାରପତି, ଆଇନଜୀବୀ, ପୋଲିସ, ଆଇନ ଶିକ୍ଷକ, ବିଦ୍ୱାନ ଓ ମାନବାଧିକାର କର୍ମୀଙ୍କ ସହ ପରାମର୍ଶ କରିବାକୁ ଚିଦାମ୍ବରମ୍ ପରାମର୍ଶ ଦେଇଛନ୍ତି।

## ଏସ୍‌ଏଫ୍‌ଜେ ବ୍ୟାନ୍ ୫ ବର୍ଷ ବଢ଼ିଲା

**ନୂଆଦିଲ୍ଲୀ,୯।୭:** ଭାରତ ବିରୋଧୀ କାର୍ଯ୍ୟକଳାପ ଯୋଗୁ ଖଲିସ୍ତାନୀ ସମର୍ଥିତ ସଙ୍ଗଠନ 'ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)' ଉପରେ ଥିବା ବ୍ୟାନ୍‌କୁ ୫ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବଢ଼ାଇଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଙ୍ଗଳବାର ବିଜ୍ଞପ୍ତି ଜାରି କରିଛି। କ୍ରମାଗତ ଭାବେ କିଛି ଭାରତୀୟ ଅଞ୍ଚଳକୁ ଦେଶରୁ ପୃଥକ୍ କରିବାକୁ ନେଇ ଚାଲିଥିବା କାର୍ଯ୍ୟକଳାପକୁ ଏସ୍‌ଏଫ୍‌ଜେ ପ୍ରୋତ୍ସାହନ ଯୋଗାଉଥିବା ନେଇ ବିଭିନ୍ନ ପ୍ରମାଣ ମିଳିଥିବାରୁ ବେଆଇନ କାର୍ଯ୍ୟକଳାପ(ପ୍ରତିରୋଧ) ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୯ରେ ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତ୍‌ୱନ୍ତ ସିଂ ପନ୍ନୁଙ୍କ ନେତୃତ୍ୱାଧୀନ ଏହି ଆମେରିକୀୟ ସଙ୍ଗଠନ ଉପରେ ଭାରତ ସରକାର ପ୍ରଥମଥର ପାଇଁ ପ୍ରତିବନ୍ଧ ଲଗାଇଥିଲେ। ୨୦୨୦ ଜୁଲାଇ ୧ରେ ପନ୍ନୁଙ୍କୁ ଭାରତ ସରକାର ଆତଙ୍କବାଦୀ ଘୋଷିତ କରିଥିଲେ।



ଉତ୍ତରପ୍ରଦେଶର ପିଲିଭିଟ୍‌ରେ ବନ୍ୟା: ରାସ୍ତାରେ ଅଣ୍ଟାଏ ପାଣିରେ ଲୋକେ ଯାତାୟାତ କରୁଛନ୍ତି।

## ମୁମ୍ବାଇ ହିଟ୍ ଆଣ୍ଡ୍ ରନ୍: ଅଭିଯୁକ୍ତ ମିହିର ଗିରଫ

ମୁମ୍ବାଇ, ୯।୭

ମୁମ୍ବାଇର ୱର୍ଲି ହିଟ୍ ଆଣ୍ଡ୍ ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶିବସେନା ନେତା ରାଜେଶ ଶାହାଙ୍କ ପୁଅ ମିହିର ଶାହା(୨୪) ମଙ୍ଗଳବାର ଗିରଫ ହେଇଛନ୍ତି। ଫେରାର ହେବାର ୭୨ ଘଣ୍ଟା ପରେ ମିହିରଙ୍କୁ ୱର୍ଲି ପୋଲିସ ମୁମ୍ବାଇଠାରୁ ୬୫ କି.ମି. ଦୂର ପାଲଘର ଜିଲା ବୀରାର ସହରର ଏକ ଆପାର୍ଟମେଣ୍ଟରୁ ଗିରଫ କରିଛି। ସେହିପରି ଏହି ମାମଲାରେ ମିହିରଙ୍କ ମା' ଓ ୨ ଭଉଣୀଙ୍କ ସହ ସମୁଦାୟ ୧୨ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ୭୨ ଘଣ୍ଟା ଧରି ମିହିରଙ୍କୁ ଲୁଚାଇ ରଖିବାରେ ତାଙ୍କ ମା' ଓ ୨ ଭଉଣୀଙ୍କର ହାତ ଥିବା ପୋଲିସ ସନ୍ଦେହ କରୁଛି। ମିହିରଙ୍କ ବିରୋଧରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫,୧୨୫-ବି,୨୩୮, ୩୨୪(୪) ଅନୁଯାୟୀ ମାମଲା ରୁଜୁ କରିଛି। ସେହିପରି ତାଙ୍କ ବିରୋଧରେ ମୋଟର ଭେଇକିଲ୍ ଆକ୍ଟର ୧୮୪, ୧୩୧ଏ, ୧୩୪ବି, ୧୮୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପୂର୍ବରୁ ମିହିର ମଦ ପିଇଥିବା ଜୁହୁର ଗ୍ଲୋବାଲ ଟୋପାସ୍ ବାର୍‌କୁ ମଙ୍ଗଳବାର ସିଲ୍ କରାଯାଇଛି। ଅବକାରୀ ବିଭାଗର ନିୟମ ଉଲ୍ଲଂଘନ ହୋଇଥିବା ମାମଲା ସାମ୍‌ନାକୁ ଆସିବା ପରେ ଉକ୍ତ ବାର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ, ରବିବାର ମୁମ୍ବାଇର ୱର୍ଲିରେ ମିହିର ତାଙ୍କ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଇ ଏକ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ସ୍କୁଟିରେ ଥିବା ଦମ୍ପତି ରାଜେଶ ପ୍ରଦିପ ନକ୍‌ୱା ଓ ତାଙ୍କ ସ୍ତ୍ରୀ କାବେରୀ ନକ୍‌ୱା ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲରେ କାବେରୀଙ୍କର ମୃତ୍ୟୁ ଘଟିଥିଲା।



ମିହିର ଶାହ

**ଜୁହୁସ୍ଥିତ ଭାଇସ୍ ଗ୍ଲୋବାଲ ଟୋପାସ୍ ବାର୍ ସିଲ୍**

## ହାଥ୍‌ରସ୍ ଦଳାଚକଟା ପରିଚାଳନାଗତ ତ୍ରୁଟି

**ଲକ୍ଷ୍ନୌ,୯।୭:** ହାଥ୍‌ରସ୍ ଦଳାଚକଟା ମୃତ୍ୟୁ ଆୟୋଜକଙ୍କ ପରିଚାଳନାଗତ ତ୍ରୁଟିରୁ ଘଟିଲା ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହାର ରିପୋର୍ଟରେ କହିଛି। ରିପୋର୍ଟ ଆଧାରରେ ୟୁପି ସରକାର ଏସ୍‌ଡିଏମ୍, ସର୍କଲ ଅଫିସର, ତହସିଲଦାରଙ୍କ ସମେତ ୬ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଘଟଣା ପଛରେ ଷଡ଼ଯନ୍ତ୍ର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଏସ୍‌ଆଇଟି କହିଛି।

## ଭିନ୍ନକ୍ଷମ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇ ନ ଥିବାରୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୯।୭

ଭିନ୍ନକ୍ଷମ ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ବିଫଳତାକୁ ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ୨୦୦୯ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶତ ପ୍ରତିଶତ ଦୃଷ୍ଟିହୀନ ପ୍ରାର୍ଥୀଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡବ୍ଲ୍ୟୁଡି ଆଇନ, ୧୯୯୫ର ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଯିବା ଭାରତ ସରକାରଙ୍କ ବଡ଼ ତ୍ରୁଟି ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ କହିଛନ୍ତି। ଫଳରେ ଆଇନର ଲକ୍ଷ୍ୟ ପୂରଣ ହୋଇପାରି ନାହିଁ ଏବଂ ଯୋଗ୍ୟ ଭିନ୍ନକ୍ଷମ ପ୍ରାର୍ଥୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଦି ଆଇନ କାର୍ଯ୍ୟକାରୀ କରିଥାନ୍ତେ, ତେବେ ଆବେଦନକାରୀଙ୍କୁ ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ି ନ ଥାନ୍ତା ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୧୦୦% ଭିନ୍ନକ୍ଷମ ପ୍ରାର୍ଥୀ ପଙ୍କଜ କୁମାର ଶ୍ରୀବାସ୍ତବ ୨୦୦୮ରେ ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲେ। ସେ ଲିଖିତ ପରୀକ୍ଷା ଓ ସାକ୍ଷାତ୍‌କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏବଂ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ନିଯୁକ୍ତି ନିଆଯାଇ ନ ଥିଲା।

## କଠୁଆ ଆକ୍ରମଣର ପ୍ରତିଶୋଧ ନିଆଯିବ: ପ୍ରତିରକ୍ଷା ସଚିବ

**ନୂଆଦିଲ୍ଲୀ, ୯।୭:** ଜମ୍ମୁ-କଶ୍ମୀରର କଠୁଆରେ ସୋମବାର ଆତଙ୍କବାଦୀଙ୍କ ଆକ୍ରମଣରେ ୫ ଜଣ ଯବାନ ଶହୀଦ ହୋଇଥିଲେ। ତେବେ ଏହି ୫ ଯବାନଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି ମଙ୍ଗଳବାର ପ୍ରତିରକ୍ଷା ସଚିବ ଗିରିଧର ଅର୍‌ମାନେ କହିଛନ୍ତି। ଏହି ଆକ୍ରମଣ ପଛରେ ଥିବା ଶକ୍ତିକୁ ଭାରତ ଛାଡ଼ିବ ନାହିଁ ବୋଲି ସେ କହିଛନ୍ତି। ତେବେ ଘଟଣାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୋକ ପ୍ରକଟ କରିବା ସହ ଜମ୍ମୁ-କଶ୍ମୀରରେ ଶାନ୍ତି ଆଣିବା ପାଇଁ ଭାରତୀୟ ସେନା ପ୍ରତିବଦ୍ଧ ଥିବା କହିଛନ୍ତି।

**ଫୁର୍‌ସତ୍**

# ୭୫ ଲକ୍ଷର ସବୁଠୁ ଦାମୀ କୀଟ

ଲଣ୍ଡନ

ଲୋକମାନେ ସାଧାରଣତଃ ନିଜ ଘରୁ କୀଟଙ୍କୁ ମାରିବା ପାଇଁ ଅନେକ ପଦ୍ଧତି ଆପଣାଇଥାନ୍ତି। କିନ୍ତୁ ଷ୍ଟାଗ୍ ବିଟଲ ନାମକ ଏକ କୀଟକୁ ଅନେକ କେବଳ ନିଜ ଘରେ ରଖିବାକୁ ଚାହୁଁ ନାହାନ୍ତି ବରଂ ଏହାକୁ ଅଧିକ ମୂଲ୍ୟରେ କିଣିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁଛନ୍ତି। ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ କିଣା ଯାଉଥିବା ଷ୍ଟାଗ୍ ବିଟଲ ବିଶ୍ୱର ସବୁଠାରୁ ଦାମୀ କୀଟ ହୋଇପାରିଛି। କେତେକ ବିଶେଷତା ଯୋଗୁ ଲୋକମାନେ ଏହି କୀଟକୁ ମହଙ୍ଗା ମୂଲ୍ୟରେ କିଣିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି।

ଉଷ୍ମ ଜଳବାୟୁରେ ବଢ଼ୁଥିବା ଏହି ବିରଳ ପ୍ରଜାତିର କୀଟଙ୍କୁ ଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। କେତେକ ବିଶ୍ୱାସ କରନ୍ତି ଯେ, ଏହି କୀଟକୁ ରଖିବା ଦ୍ୱାରା ଘରେ ରାତାରାତି ଧନ ବୃଦ୍ଧି ପାଇଥାଏ। ସେହିପରି ଷ୍ଟାଗ୍ ବିଟଲ ପ୍ରଜାତିର କୀଟଙ୍କୁ ଔଷଧ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଇଥାଏ। ତେଣୁ ଏହି କୀଟକୁ ଲୋକମାନେ ଅତ୍ୟଧିକ ମୂଲ୍ୟରେ କିଣିବାକୁ କୁଣ୍ଠାବୋଧ କରନ୍ତି ନାହିଁ।

ଲଣ୍ଡନର ପ୍ରାକୃତିକ ଇତିହାସ ସଂଗ୍ରହାଳୟର ତଥ୍ୟ ଅନୁଯାୟୀ, 'ଷ୍ଟାଗ୍ ବିଟଲ'ର ଓଜନ ୨ରୁ ୬ ଗ୍ରାମ୍ ହୋଇଥିବାବେଳେ ସେମାନଙ୍କର ହାରାହାରି ଆୟୁ ୩ରୁ ୭ ବର୍ଷ ହେବ। ପୁରୁଷ ଷ୍ଟାଗ୍ ବିଟଲଗୁଡ଼ିକର ଲମ୍ବ ୩୫ରୁ ୭୫ ମିଲିମିଟର ହୋଇଥିବାବେଳେ ମହିଳା ଷ୍ଟାଗ୍ ବିଟଲଙ୍କର ଲମ୍ବ ୩୦ରୁ ୫୫ ମିଲିମିଟର ହେବ। ସାଧାରଣତଃ ଷ୍ଟାଗ୍ ବିଟଲ ପ୍ରଜାତିର କୀଟ ଗରମ ପରିବେଶ ସହ ଖାପ ଖାଇପାରୁଥିବାବେଳେ ଏହା ଥଣ୍ଡା ଜଳବାୟୁ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ରହିଥାଏ। ଏହି କୀଟଗୁଡ଼ିକୁ ସାଧାରଣତଃ ଜଙ୍ଗଲରେ ଦେଖିବାକୁ ମିଳିଥାଏ। ତେବେ ସେମାନଙ୍କୁ ସହରାଞ୍ଚଳରେ ପ୍ରଚୁର ଶୁଖିଲା କାଠ ମହଜୁଦ ଥିବା ପାରମ୍ପରିକ ବଗିଚା ଓ ପାର୍କରେ ମଧ୍ୟ ଦେଖିବାକୁ ମିଳିଥାଏ। ଯେହେତୁ ଏହି ପ୍ରଜାତିର କୀଟ କେବଳ ମୃତ କାଠ ଖାଇଥାନ୍ତି, ତେଣୁ ଏହା କୌଣସି ଜୀବନ୍ତ ଗଛ ପାଇଁ ବିପଦ ସୃଷ୍ଟି କରି ନ ଥାନ୍ତି। 'ଷ୍ଟାଗ୍ ବିଟଲ'ର ବିରଳତା, ଏହାର ପରିବେଶଗତ ଗୁରୁତ୍ୱ ଓ ସେମାନଙ୍କୁ ନେଇ ରହିଥିବା ସାଂସ୍କୃତିକ ବିଶ୍ୱାସର ମିଶ୍ରଣ ଯୋଗୁ ଏହି ପ୍ରଜାତିର କୀଟଙ୍କୁ ଅତ୍ୟନ୍ତ ମୂଲ୍ୟବାନ ମନେ କରାଯାଇଥାଏ, ଯାହାର ବଜାର ମୂଲ୍ୟ ୭୫ ଲକ୍ଷ ଟଙ୍କାରେ ପହଞ୍ଚିବାକୁ ସକ୍ଷମ ହୋଇଛି।



## ସୁରଟ୍‌ର ସିଙ୍ଗର ଚା' ବାଲା



ସୁରଟ

ସୁରଟ୍‌ର ବିଜୟଭାଇ ପଟେଲ ନାମକ ଜଣେ ଚା' ବିକ୍ରେତା ସ୍ଥାନୀୟ ଅଞ୍ଚଳରେ 'ସିଙ୍ଗର ଚା' ବାଲା' ଭାବରେ ବେଶ୍ ପରିଚିତ। ଅନେକ ବର୍ଷ ଧରି ବିଜୟଭାଇ ଚା' ବିକ୍ରି କରୁଥିବାବେଳେ ମାଇକ୍ ଲଗାଇ କିଶୋର କୁମାରଙ୍କ ଗୀତଗୁଡ଼ିକୁ ନିଜ ସୁମଧୁର ସ୍ୱରରେ ଗାଇବା ସହ ତାଙ୍କ ଷ୍ଟଲ୍‌ରେ ଉପସ୍ଥିତ ଥିବା ଗ୍ରାହକଙ୍କୁ ମନୋରଞ୍ଜନ ଯୋଗାଇଆସୁଛନ୍ତି।

## ବାଲ୍‌କୋନି ଭଡ଼ା ୮୧ ହଜାର

ସିଡନୀ

ଫେସ୍‌ବୁକ୍ ମାର୍କେଟପ୍ଲେସ୍ ପ୍ଲାଟ୍‌ଫର୍ମରେ, ଅଷ୍ଟ୍ରେଲିଆର ସିଡ୍‌ନୀ ସହରର ହେୟମାର୍କେଟ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ବାଲ୍‌କୋନିକୁ ବିକ୍ରି କରିବା ପାଇଁ ସମ୍ପୃକ୍ତ ଆପାର୍ଟମେଣ୍ଟ ମାଲିକ ଏକ ବିଜ୍ଞାପନ ଜାରି କରିଛନ୍ତି। ସବୁ ପାର୍ଶ୍ୱରେ କାଚ ଦ୍ୱାରା ଘେରି ରହିଥିବା ଏହି ବାଲ୍‌କୋନିକୁ ଏକ ସ୍ୱତନ୍ତ୍ର କୋଠରି ଭାବରେ ଏହି ବିଜ୍ଞାପନରେ ଦର୍ଶାଯାଇଛି। ଆପାର୍ଟମେଣ୍ଟ ମାଲିକ ଏହି ବିଜ୍ଞାପନରେ ଲେଖିଛନ୍ତି, ବାଲ୍‌କୋନିଟି ସମ୍ପୂର୍ଣ୍ଣ ଭାବେ ଏକ କୋଠରି ରୂପେ ପ୍ରସ୍ତୁତ ହୋଇ ସାରିଛି। ଜଣେ ବ୍ୟକ୍ତି ଆରାମରେ ରହିବା ପାଇଁ ଏହି ସ୍ୱତନ୍ତ୍ର କୋଠରୀ ଉପଯୁକ୍ତ ହୋଇଥିବା ସେ କହିଛନ୍ତି। ବିଜ୍ଞାପନଟି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଭାଇରାଲ ହେବାରେ ଲାଗିଛି ଯାହା ଅନେକ ୟୁଜର୍ସଙ୍କୁ ଚକିତ କରିଛି। ବିଜ୍ଞାପନରେ ଉକ୍ତ ଆପାର୍ଟମେଣ୍ଟ ମାଲିକ ଏହି ବାଲ୍‌କୋନିର ଭଡା ମାସିକ ୯୬୯ ଡଲାର(ପ୍ରାୟ ୮୧ ହଜାର ଟଙ୍କା) ହୋଇଥିବା ଦର୍ଶାଇଛନ୍ତି। ଏଥିପାଇଁ ଗ୍ରାହକଙ୍କୁ ସାପ୍ତାହିକ ଭଡା ଦେବାକୁ ପଡିବ ବୋଲି ସେ କହିଛନ୍ତି ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ | Bhubaneswar, Wednesday, July 10/2024


# ଆଜି କ୍ୟାବିନେଟ୍

ଭୁବନେଶ୍ୱର,୯।୭(ଅନିଲ ଦାସ)

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାକୁ ଘୋଷଣା କରିଛନ୍ତି। କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ପ୍ରସ୍ତୁତ ଗାଇଡ୍‌ଲାଇନକୁ ଅନୁମୋଦନ ମିଳିପାରେ। ଏହାଛଡ଼ା ଜଳସମ୍ପଦ, ସଂସଦୀୟ ବ୍ୟାପାର, ମହିଳା ଓ ଶିଶୁ ବିକାଶ, କୃଷି ବିଭାଗ ସମେତ ଅନ୍ୟ କିଛି ବିଭାଗର ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ୍‌ରେ ଉପସ୍ଥାପନ ହେବାକୁ ଥିବା ପ୍ରସ୍ତାବଗୁଡ଼ିକୁ ଗୁପ୍ତ ରଖାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାଜପା ଓଡ଼ିଶାରେ କ୍ଷମତାକୁ ଆସିବା ପରେ ଜୁନ୍ ୧୨ ତାରିଖରେ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁଭଦ୍ରା ଯୋଜନା ସମେତ କୃଷକ ସମୃଦ୍ଧି ଯୋଜନା, ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ଗଠନ ଏବଂ କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୋନସ ଦେବା ଆଦି ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।

# ଦାରା ସିଂ: ସୁପ୍ରିମକୋର୍ଟ ମାଗିଲେ ରାଜ୍ୟର ମତ

## ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ କ୍ଷମା ଆବେଦନ

ନୂଆଦିଲ୍ଲୀ,୯।୭


ଗ୍ରାହାମ୍ ଷ୍ଟେନ୍ସଙ୍କ ସହ ପୁଅ ଫିଲିପ୍ ଓ ଟିମୋଥି।


ଦାରା ସିଂ

ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ୨ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ରବୀନ୍ଦ୍ର କୁମାର ପାଲ୍ ଓରଫ ଦାରା ସିଂ ଜେଲରୁ ଆଗୁଆ ମୁକୁଳିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ୨୪ ବର୍ଷ ପୂର୍ବେ ଘଟାଇଥିବା ନିଜ ଅପରାଧ ପାଇଁ ଦାରା ସିଂ 'ଅନୁତପ୍ତ'। ତେଣୁ ଦାରାଙ୍କୁ ରେମିଶନ୍ (ଜେଲରୁ ଆଗୁଆ ମୁକ୍ତି) ସୁଯୋଗ ଦିଆଯାଉ ବୋଲି ତାଙ୍କ ଓକିଲ ବିଷ୍ଣୁଶଙ୍କର ଜୈନ ସର୍ବୋଚ୍ଚ ଅଦାଲତରେ ଏକ ରିଟ୍ ପିଟିଶନ ଦାଖଲ କରିଛନ୍ତି। ଜଷ୍ଟିସ୍ ହୃଷୀକେଶ ରୟ ଏବଂ ଏସ୍‌ଭିଏନ୍ ଭଟ୍ଟି ଏନେଇ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ମଙ୍ଗଳବାର ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୧୯୯୯ ଜାନୁୟାରୀ ୨୨ରେ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକ ଗ୍ରାହାମ୍ ଷ୍ଟେନ୍ସ ମୟୂରଭଞ୍ଜ ଓ କେନ୍ଦୁଝର ସୀମାନ୍ତ ଜଙ୍ଗଲରେ ଆୟୋଜିତ ଏକ ଶିବିରରେ ଯୋଗଦେଇଥିଲେ। ଗ୍ରାହାମ୍‌ଙ୍କ ସ୍ତ୍ରୀ ଗ୍ଲାଇଡିସ୍ ଓ ଝିଅ ଏଷ୍ଟେର ବାରିପଦାରେ ଥିଲେ। କିନ୍ତୁ ଛୁଟି କାଟିବାକୁ ଉଟିରୁ ଆସିଥିବା ନିଜ ୨ ପୁଅ ଫିଲିପ୍ (୧୦) ଓ ଟିମୋଥି (୬) ବାପାଙ୍କ ସହ ଯାଇଥିଲେ। ୩ ଜଣ ସେଠାରୁ ଫେରିବାବେଳେ ଶୀତ ହେଉଥିବାରୁ କେନ୍ଦୁଝର ଜିଲା ମନୋହରପୁରରେ ଗାଡ଼ି ଭିତରେ ରାତ୍ରିଯାପନ କରିଥିଲେ। ସେମାନେ ଷ୍ଟେଶନ ୱାଗନ୍ ଗାଡ଼ିରେ ଶୋଇଥିବାବେଳେ କେତେଜଣ ବ୍ୟକ୍ତି ବର୍ଚ୍ଛା, କୁରାଢ଼ି ଓ ଅନ୍ୟ ମାରଣାସ୍ତ୍ର ଧରି ଗାଡ଼ି ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏତିକିରେ ଥମି ନ ଥିଲା ବର୍ବରତା। ସେମାନେ ଗାଡ଼ିରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଗ୍ରାହାମ୍ ଓ ତାଙ୍କ ୨ ପୁଅ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଉକ୍ତ ଆକ୍ରମଣକାରୀମାନେ 'ଜୟ ବଜରଙ୍ଗବଲୀ' ସ୍ଲୋଗାନ ଦେଇ ସେମାନଙ୍କୁ ବାହାରିବାକୁ ଦେଇ ନ ଥିଲେ। ଫଳରେ ୩ ଜଣଯାକ ଜଳିଯାଇ ପ୍ରାଣ ହରାଇଥିଲେ। ଏକ ହିନ୍ଦୁବାଦୀ ସଙ୍ଗଠନରେ ସାମିଲ ଥିବା ଉତ୍ତର ପ୍ରଦେଶ ଇଟାୱା ଜିଲାର ଦାରା ସିଂ ଏହି ଆକ୍ରମଣକାରୀଙ୍କ ନେତୃତ୍ୱ ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଅନ୍ତର୍ଜାତୀୟ ସମୁଦାୟ ଓ ମାନବ ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଥିଲେ। ୨୦୦୦ ମସିହା ଜାନୁୟାରୀ ୩୧ରେ ଦାରା ସିଂ ଗିରଫ ହୋଇଥିଲେ। ମୟୂରଭଞ୍ଜ ଜିଲା ☞ପୃଷ୍ଠା-୧୧

# ୧୪ରେ ରତ୍ନଭଣ୍ଡାର ଖୋଲିପାରେ

## ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମଙ୍ଗଳବାର ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ଆପାତତଃ ନିଷ୍ପତ୍ତି ନିଆଯାଇଛି ଯେ, ଆସନ୍ତା ରବିବାର ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯିବ। କମିଟିର ଏହି ସୁପାରିସ ରାଜ୍ୟ ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯିବ। ଯଦି ଏହା ଗୃହୀତ ହୁଏ, ତେବେ ୩ ଠାକୁରଙ୍କ ଅନୁପସ୍ଥିତିରେ ତାଙ୍କ ରତ୍ନଭଣ୍ଡାର ଖୋଲାଯିବାର ସମ୍ଭାବନା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ବର୍ଷ ବାହୁଡ଼ା ଆସନ୍ତା ସୋମବାର ୧୫ ତାରିଖ ଦିନ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ଜଣିଆ ସଦସ୍ୟ ଉପସ୍ଥିତ ରହି ରତ୍ନଭଣ୍ଡାର ଖୋଲିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାୟ ଦୁଇଘଣ୍ଟାର ରୁଦ୍ଧଦ୍ୱାର ବୈଠକରେ ରତ୍ନଭଣ୍ଡାର ଖୋଲିବା, ରତ୍ନ ଅଳଙ୍କାର ଗଣତିମଣତି କରିବା ଓ ରତ୍ନଭଣ୍ଡାର ମରାମତି କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇ ଏସ୍‌ଓପି ପ୍ରସ୍ତୁତ ହୋଇଛି। ଏହାକୁ ପରିଚାଳନା କମିଟି ଏବଂ ପରେ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ତେବେ ଡୁପ୍ଲିକେଟ୍ ଚାବି ଦ୍ୱିତୀୟ ବୈଠକରେ ଉପସ୍ଥାପନ କରାଯିବାକୁ ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଚାବି ଉପସ୍ଥାପନ ହୋଇପାରି ନ ଥିଲା। ଏହାସତ୍ତ୍ୱେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଚୂଡ଼ାନ୍ତ ସମସ୍ତ ଏସଓପିକୁ ପରିଚାଳନା କମିଟି ମୋହର ମାରି ରାଜ୍ୟ ସରକାରଙ୍କ ଅନୁମୋଦନ ଲୋଡ଼ିବାପରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଆସନ୍ତା ୧୯ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ପୂର୍ବକ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପରେ ଯେପରି ନୀତିକାନ୍ତିରେ ବ୍ୟାଘାତ ନ ହେବ ଓ ଭକ୍ତଙ୍କ ଦର୍ଶନରେ ଅସୁବିଧା ନ ହେବ ସେନେଇ ମଧ୍ୟ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ୧୯୭୮ ମସିହାରେ ରତ୍ନଗଣତି ରିପୋର୍ଟ ଆଧାରରେ ରତ୍ନଗଣତି ହେବା ସହ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ସେହିପରି ୨୦୧୮ରୁ ରତ୍ନଭଣ୍ଡାରସ୍ଥିତି ବିପଦଜନକ ରହିଥିବାରୁ ଏଏସ୍‌ଆଇ ଅଧିକାରୀଙ୍କ ସହ ମରାମତି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ସ୍ୱତନ୍ତ୍ର ଏସ୍‌ଓପି ଯାଞ୍ଚ କମିଟି ପ୍ରସ୍ତୁତ କରିଛି। ☞ପୃଷ୍ଠା-୧୧

# ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆ କୋଚ୍

ନୂଆଦିଲ୍ଲୀ,୯।୭(ପି.ଟି.)



ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଗୌତମ ଗମ୍ଭୀରଙ୍କୁ ମଙ୍ଗଳବାର ନିଯୁକ୍ତି ମିଳିଛି। ବିସିସିଆଇ ସମ୍ପାଦକ ଜୟ ଶାହା ତାଙ୍କ ନିଯୁକ୍ତି ସମ୍ପର୍କରେ ସୋସିଆଲ ମିଡିଆ ସାଇଟ ଏକ୍ସରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି। 'ଅତ୍ୟନ୍ତ ଖୁସିର ସହିତ ମୁଁ ଗୌତମ ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ ଦଳର ନୂତନ ମୁଖ୍ୟ କୋଚ୍ ଭାବରେ ସ୍ୱାଗତ କରୁଛି। ଆଧୁନିକ କ୍ରିକେଟ ଦ୍ରୁତ ଗତିରେ ବଦଳୁଥିବା ବେଳେ ଗୌତମ ଏହି ବଦଳୁଥିବା ରୂପରେଖ ସହ ପରିଚିତ। ନିଜ କ୍ୟାରିୟରର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଦାୟିତ୍ୱକୁ ସେ ସଫଳତାର ସହିତ ସମ୍ପାଦନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଆହୁରି ଊର୍ଦ୍ଧ୍ୱମୁଖୀ ହେବା ନେଇ ମୁଁ ଆଶା କରୁଛି'। ଭାରତୀୟ କ୍ରିକେଟକୁ ଆଗକୁ ନେବା ପାଇଁ ଗମ୍ଭୀରଙ୍କ ଭିଜନ ଓ ତାଙ୍କ ନିକଟରେ ଥିବା ଅଭିଜ୍ଞତା କାରଣରୁ ସେ ଏହି ପଦ ପାଇଁ ଉପଯୁକ୍ତ ବୋଲି ଶାହା କହିଛନ୍ତି। ବିସିସିଆଇ ଆଗାମୀ ଦିନରେ ☞ପୃଷ୍ଠା-୧୧

# ଚାମ୍ବରରେ ହେବ ସମଲିଙ୍ଗୀ ବିବାହ ରାୟର ସମୀକ୍ଷା

ନୂଆଦିଲ୍ଲୀ,୯।୭(ପି.ଟି.)

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ଆବେଦନକୁ ସୁପ୍ରିମକୋର୍ଟ ଗତବର୍ଷ ଅଗ୍ରାହ୍ୟ କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ଖୋଲା ଅଦାଲତରେ କରିବା ନିମନ୍ତେ ଅନୁମତି ପାଇଁ ହୋଇଥିବା ଆବେଦନକୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗତବର୍ଷ ଅକ୍ଟୋବର ୧୭ରେ ସମଲିଙ୍ଗୀ ବିବାହକୁ ଆଇନଗତ ସମର୍ଥନ ଦେବାକୁ ମନା କରିବାରୁ ସମଲିଙ୍ଗୀ ଅଧିକାରୀ କର୍ମୀମାନଙ୍କୁ ଶକ୍ତ ଝଟ୍‌କା ଲାଗିଥିଲା। ତେବେ ସମଲିଙ୍ଗୀମାନେ ଯେପରି ଦ୍ରବ୍ୟ ଓ ସେବା ଆଦି ସୁବିଧା ପାଇବାରୁ ପକ୍ଷପାତର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସେମାନଙ୍କ ଅଧିକାର ନିମନ୍ତେ ସର୍ବୋଚ୍ଚ ଅଦାଲତ ଜୋର୍ ଦେଇଥିଲେ। ଉତ୍ପୀଡ଼ନ ଏବଂ ହିଂସାର ସମ୍ମୁଖୀନ ହେଉଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଆଶ୍ରୟ ଯୋଗାଇଦେବା ନିମନ୍ତେ ନିରାପଦ 'ଗରିମା ଗୃହ' ସବୁ ଜିଲାରେ ନିର୍ମାଣ ପାଇଁ କୁହାଯାଇଥିଲା। ଅସୁବିଧାରେ ପଡ଼ିଥିବା ସମଲିଙ୍ଗୀଙ୍କ ବ୍ୟବହାର ପାଇଁ ହଟ୍‌ଲାଇନ ନମ୍ବର ଜାରି କରାଯାଇଥିଲା। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ହିମା କୋହଲି, ବି.ଭି. ନାଗରତ୍ନା ଏବଂ ପି.ଏସ୍. ନରସିଂହାଙ୍କ ପୀଠ ବୁଧବାର ଚାମ୍ବରରେ ସମଲିଙ୍ଗୀ ବିବାହ ରାୟର ସମୀକ୍ଷା କରିବାକୁ ସ୍ଥିର ହୋଇଛି। ଖୋଲା ଅଦାଲତରେ ସମୀକ୍ଷା ଆବେଦନର ଶୁଣାଣି ପାଇଁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଏବଂ ଏନ୍.କେ. କୌଲ କରିଥିବା ଆବେଦନକୁ ସିଜେଆଇ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ରିଭ୍ୟୁ ଆବେଦନଗୁଡ଼ିକ ବିଚାରପତିଙ୍କ ଦ୍ୱାରା ଚାମ୍ବରରେ ହୋଇଥାଏ ବୋଲି ସିଜେଆଇ କହିଛନ୍ତି।

# କେନ୍‌ଜା ଲେଲି ପ୍ରଥମ 'ମିସ୍ ଏଆଇ'

ରବାତ, ୯।୭



ମରକ୍କୋର ଲାଇଫ୍‌ଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ୍ ମଡେଲ କେନ୍‌ଜା ଲେଲି ବିଶ୍ୱର ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଛନ୍ତି। ସେ ୧,୫୦୦ରୁ ଅଧିକ କମ୍ପ୍ୟୁଟର ରାଇଜଡ୍ ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛନ୍ତି। ଜଣେ ଲାଇଫ୍‌ଷ୍ଟାଇଲ ଏଆଇ ବ୍ଲଗର୍ ଭାବେ ଲେଲିଙ୍କର ଇନ୍‌ଷ୍ଟାଗ୍ରାମରେ ୧ ଲକ୍ଷ ୯୦ ହଜାରରୁ ଅଧିକ ଫଲୋଅର୍ସ ଥିବା ସହ ସେ ଫୁଡ୍, ଫ୍ୟାଶନ୍, ଟ୍ରାଭେଲ, ସଂସ୍କୃତି, ସୌନ୍ଦର୍ଯ୍ୟ ଆଦି କଣ୍ଟେଣ୍ଟକୁ ନେଇ ଭିଡିଓ କରିଥାନ୍ତି। ଏହି ପ୍ରତିଯୋଗିତାରେ ବିଜୟ ହାସଲ କରି ଲେଲି କହିଛନ୍ତି, ଯଦିଓ ସେ ମଣିଷଙ୍କ ପରି ଭାବନାକୁ ଅନୁଭବ କରିପାରନ୍ତି ନାହିଁ, ତେବେ ମଧ୍ୟ ସେ ଏହି ସଫଳତା ପାଇ ଉତ୍ସାହିତ ଅଛନ୍ତି। ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଥିବାରୁ ଲେଲିଙ୍କ କ୍ରିଏଟର ମେରିୟମ ବେସାଙ୍କୁ ୨୦ ହଜାର ଡଲାରର ପୁରସ୍କାର ରାଶି ମିଳିଛି। ଲେଲିଙ୍କ ଏହି ବିଜୟରେ ଉତ୍ସାହିତ ହୋଇ 'ଫୋନିକ୍ସ ଏଆଇ' ସିଇଓ ମେରିୟମ କହିଛନ୍ତି, ପୂରା ମରକ୍କୋ ଆଜି ଗୌରବାନ୍ୱିତ ହୋଇଛି। ଲେଲିଙ୍କ ଏହି ବିଜୟ ବୈଷୟିକ କ୍ଷେତ୍ରରେ ମରକ୍କୋର ମୁସଲମାନ ମହିଳାଙ୍କ ସଶକ୍ତୀକରଣକୁ ଦର୍ଶାଉଛି। ଏହି ପ୍ରତିଯୋଗିତାରେ ଫ୍ରାନ୍ସର ଏଆଇ ମଡେଲ ଲାଲିନା ଭାଲିନା ☞ପୃଷ୍ଠା-୧୧

# ସ୍କୁଲରେ ୧୨ ଛାତ୍ରୀ ଅସୁସ୍ଥ

ରାମଚନ୍ଦ୍ରପୁର (ଗଣେଶ୍ୱର ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ)/ ଘସିପୁରା (ନିରଞ୍ଜନ ସାହୁ),୯।୭

ସ୍କୁଲରେ ପାଠପଢ଼ା ଚାଲିଥିଲା। ହଠାତ୍ ଏକାଥରେ ଅସୁସ୍ଥ ହୋଇପଡ଼ିଲେ ୯ମ ଓ ଦଶମ ଶ୍ରେଣୀର ୧୨ ଛାତ୍ରୀ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଏକାସାଙ୍ଗରେ କାନ୍ଦି ଉଠିଲେ ସେମାନେ। ବିଦ୍ୟାଳୟ ଶିକ୍ଷକମାନେ ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ☞ପୃଷ୍ଠା-୧୧






**ଆଜିର ମନ୍ତବ୍ୟ**

"୪ ବର୍ଷ ମଧ୍ୟରେ ଜାତୀୟ ଶିକ୍ଷା ନୀତିର ଅଗ୍ରଗତି ଓ କାର୍ଯ୍ୟକାରିତା ଦେଶକୁ ଜ୍ଞାନର ଏକ ପାୱାର ହବ୍‌ରେ ପରିଣତ କରିଛି। ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟଗୁଡ଼ିକ କେନ୍ଦ୍ର ସହ ମିଶି କାର୍ଯ୍ୟ କରିବା ଉଚିତ।

– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଧାରଣା, ସ୍ଥାନ: କେଇସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରୋଟାରି କ୍ଲବର ୪ର୍ଥ ଇନଷ୍ଟାଲେଶନ ସେରିମନି, ସ୍ଥାନ: ହୋଟେଲ ଏକ୍ସିଲେନ୍ସି, ସମୟ: ସନ୍ଧ୍ୟା ୬ଟା।
- ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର–ଭାକ୍ତିକ –ସତ୍ର, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶିଷ୍ଟ ନୃତ୍ୟଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ ୭୬ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା ପରିସର, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ ଜାଗୁଳିପାଟଣା, ଖୋର୍ଦ୍ଧା ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ ସମ୍ମୁଖ ଆଡ଼ପ ମଣ୍ଡପ, ଖୋର୍ଦ୍ଧାଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣଧୀନ ଥିବା ଆଦର୍ଶ ବିଦ୍ୟାଳୟରେ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ହିଞ୍ଜଳା, ଓଲନ୍ଦାସାରଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ମତ୍ସ୍ୟ ଚାଷୀ ଦିବସ, ସ୍ଥାନ: ମା' ତାରିଣୀ ରେସିଡେନ୍ସି, ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇମାମୀ କଲୋନୀର ଲେଡିଜ୍ କ୍ଲବ ପକ୍ଷରୁ କବିତା ପ୍ରତିଯୋଗିତା, ସ୍ଥାନ: ଭଜନ ମଣ୍ଡପ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ମତଦାତା ଅଭିନନ୍ଦନ ଅଭିଯାନ, ସ୍ଥାନ: ଥାନାଛକ କମ୍ୟୁନିଟି ସେଣ୍ଟର ସମ୍ମୁଖ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ପିଲାମାନଙ୍କ ଦ୍ୱାରା ନିର୍ମିତ ରଥର ପ୍ରଦର୍ଶନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ବୃନ୍ଦାବନରୁ ଆଗତ ବିଶିଷ୍ଟ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ବେଶ ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ରାତି ୭ଟା ୩୦।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।

## ମୟୂରଭଞ୍ଜ

- ଇନ୍‌ଷ୍ଟାଲେଶନ ସେରିମନି, ସ୍ଥାନ: ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗୃହ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମତ୍ସ୍ୟକୂର୍ମ ବେଶ,ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର,ଉଦଳା କଲେଜ ରୋଡ୍,ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦନପୁର, ବେତଡ଼ା, ବାସୁଦେବପୁର, ସମୟ: ସକାଳ ୯ଟା।
- ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ କୃତଜ୍ଞତା ଯାତ୍ରା, ସ୍ଥାନ : ଅଣ୍ଡେଇପଲୀ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ମହରମ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଜଗନ୍ନାଥ ମନ୍ଦିରରେ ଭଜନ, ସଂକୀର୍ତ୍ତନ, ସ୍ଥାନ: ବଂଚୋ, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।
- ଶିବ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ପଞ୍ଚୁଗୋଛିଆ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ତାରିଣୀ ମନ୍ଦିରରେ ଭଜନ ଓ ନାମ ସଂକୀର୍ତ୍ତନ, ସ୍ଥାନ: ମରେଇଗାଁ, ଛେନାପଦୀ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ଶନି ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମୋଟରାଗଡ଼ିଆ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ନର୍ମଦେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆସିକା ବ୍ଲକ୍ ଗହଙ୍ଗୁପଟଣା, ସମୟ: ସକାଳ ୯ଟା।
- ଅଖିଳ ଭାରତୀୟ କିଶାନ ମଜଦୁର ସଭା, ସ୍ଥାନ: ସୋରଡା ତହସିଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।
- କେଦାରେଶ୍ୱର ଭଜନ ସନ୍ଧ୍ୟା, ସ୍ଥାନ: ଗୁଣ୍ଡିଚା ମନ୍ଦିର ପଡ଼ିଆ, ଖଲ୍ଲିକୋଟ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଜିଲା ନାଏବ ସରପଞ୍ଚ ଓ ୱାର୍ଡ ମେମ୍ବର ସଙ୍ଘ ପକ୍ଷରୁ ଫୁଲବାଣୀ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ :ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି

- ଜିଲାସ୍ତରୀୟ ମତ୍ସ୍ୟ ଦିବସ ପାଳନ,ସ୍ଥାନ: ପାରଳାଖେମୁଣ୍ଡି ସ୍ଥିତ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ବରାହ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ପଠାଣି ସାମନ୍ତ ଛାତ୍ର ବୃତ୍ତି ପରୀକ୍ଷା, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଦାସ ହାଇସ୍କୁଲ, ଲୋକନାଥପୁର, ଗୁଡାରି, ସମୟ: ସକାଳ ୮ରୁ ପୂର୍ବାହ୍ନ ୧୧ଟା।
- ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଚାରାରୋପଣ, ସ୍ଥାନ: ପଥପ୍ରାନ୍ତ ନିବାସ, ଚାଟିକଣା, ସମୟ: ସକାଳ ୯ଟା।
- ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ, ସ୍ଥାନ: ଡାଙ୍ଗସୋରଡ଼ା ଏଫ୍ଆଇଏସି କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ନେଇ ପ୍ରଶିକ୍ଷଣ ଶିବିରର ଦ୍ୱତୀୟ ଦିନ, ସ୍ଥାନ: ଡିଆର୍‌ଡିଏ ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଧାୟକଙ୍କ ବିଭିନ୍ନ କାର୍ଯ୍ୟ ସମୀକ୍ଷା ବୈଠକ, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ଟା।
- ଶାବର ଶ୍ରୀକ୍ଷେତ୍ର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବରାହ ଅବତାର, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।
- ଭଜନ ସମାରୋହ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ, କୋରାପୁଟ, ସମୟ, ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଜିଲାପରିଷଦ ୫ମ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ ସଭା ଗୃହ (ରାଜୀବ ଭବନ), ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆୟୋଜିତ ଏନ୍‌ବିଏ କର୍ମଶାଳା, ସ୍ଥାନ: ଭିସୁଟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁରା ଠାକୁରଙ୍କ ବାମନ ଓ ପର୍ଶୁରାମ ଅବତାର, ସ୍ଥାନ: ଝାଡୁଆପଡାସ୍ଥିତ ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଭଜନ ସମାରୋହ, ସ୍ଥାନ: ସାକ୍ଷୀଗୋପିନାଥ ପଡା ସ୍ଥିତ ରାଧାମଦନ ଗୋପାଳ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦଟୋଲ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପାଟଣେଶ୍ୱରୀ ମନ୍ଦିର ଦର୍ଶନ, ସ୍ଥାନ: ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୮ଟା।
- ୮୪ ଘର ଅଘରିଆ ସମାଜ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜଗନ୍ନାଥପଡା ଜଗନ୍ନାଥ ମନ୍ଦିର ଗଳି, ବଲାଙ୍ଗୀର,ସମୟ: ସକାଳ ୯ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ରୋଡ଼ ଶୋ' ସ୍ଥାନ: ବଲାଙ୍ଗୀର ସହର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ,ସ୍ଥାନ: ଲୋଇସିଂହା ବାବାମଠ,ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ସ୍ୱାସ୍ଥ୍ୟ ଯାଞ୍ଚ କମିଟି ଗସ୍ତ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ଯାତ୍ରା, ସ୍ଥାନ : ଜଗଦା ବାଟ ମଙ୍ଗଳା ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ହାଇସ୍କୁଲ, କମଗାଁ, ଭଟଲି। ସୂର୍ଯ୍ୟମଣି ଜନତା ହାଇସ୍କୁଲ, ଭେଡ଼େନ। ସରକାରୀ ବାଳିକା ହାଇସ୍କୁଲ, ବରଗଡ଼। ୟୁ.ଜି ହାଇସ୍କୁଲ, କନାପାଲି, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ବୋଡ଼ାସମ୍ବର ମୁହୁରୀ ଉତ୍ସବ, ସ୍ଥାନ: ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ବାଚିତ ଏମ୍‌ପି, ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ୟୁଥ୍ କ୍ଲବ ପରିସର, ଗାଇସିଲେଟ୍, ସମୟ: ଅପରାହ୍ନ ୨ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ(ଆଲୁମିନି) ବୈଠକ, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନେଇ ସଚେତନତା ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଚଳିତ ଖରିଫ ଋତୁ ପାଇଁ ଇନ୍ଦ୍ରାବତୀରୁ ଛଡାହେବ ଜଳ, ସ୍ଥାନ: ମଙ୍ଗଳପୁର ହାତୀ ବ୍ୟାରେଜ, ଜୟପାଟଣା ବ୍ଲକ, ସମୟ: ସକାଳ ୯ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ଏସ୍‌ଡିଓ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ବର୍ଗଙ୍କ ପାଇଁ ପୁଷ୍ଟିକର ଚାଉଳର ଆବଶ୍ୟକତା ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ସ୍ୱାସ୍ଥ୍ୟ ସମିତି ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ଅପରାହ୍ନ ୩ଟା।
- ସ୍କୁଲ କ୍ୟାବିନେଟ ଗଠନ, ସ୍ଥାନ: ଅମରପାଲି ସରକାରୀ ୟୁପି ସ୍କୁଲ, ସମୟ: ଅପରାହ୍ନ ୩ଟା।
- ବରାହ ନୃସିଂହ ବେଶ, ସ୍ଥାନ: ସୁବଳୟା ମାଉସୀ ମା' ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜୀଉଙ୍କ ବରାହ ନୃସିଂହ ବେଶ, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ଅପରାହ୍ନ ୫ଟା।
- ସୋନପୁରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ବଲାଙ୍ଗୀର ଏମ୍‌ପିଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ପର୍ଶୁରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜଳସେଚନ କଲୋନି ରାଧାମୋହନ ମନ୍ଦିର ପ୍ରାଙ୍ଗଣ, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ମାଉସୀ ମା' ମନ୍ଦିର, ସମୟ: ସକାଳ ୭ଟା।
- ଆଗାମୀ ଗଣେଶ ପୂଜା ନେଇ ବୈଠକ, ସ୍ଥାନ: ସହରସ୍ଥିତ ବୁଡାପଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ସତନାମୀ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୪ର୍ଥ ଦିବସ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ, ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପେଟ୍ରୋକେମିକାଲ ପ୍ରକଳ୍ପ ନିମନ୍ତେ ଜନଶୁଣାଣି, ସ୍ଥାନ: ଏରସମା ବ୍ଲକ ଢ଼ିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର ପ୍ରତିଷ୍ଠା ଦିବସ, ସ୍ଥାନ:ନୟାଗଡ଼ ସର୍କିଟ ହାଉସ ନିକଟ ପରିଷଦର ନିଜସ୍ୱ ଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପମିନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଡ୍ୟାନ୍ସ ଧମାକା, ସ୍ଥାନ ଦଶପଲ୍ଲା ସହରର ସାତପାଟଣା, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ : ଯାଜପୁର ରୋଡ ସିଏଚ୍‌ସି ରକ୍ତଭଣ୍ଡାର, ସମୟ : ସକାଳ ୮ଟା।
- ସଫେଇ ଅପ୍‌ନାଓ, ବିମାରୀ ଭଗାଓ କାର୍ଯ୍ୟକ୍ରମ,ସ୍ଥାନ : ବ୍ୟାସନଗର ମ୍ୟୁନିସିପାଲିଟି, ସମୟ : ସକାଳ ୯ଟା।
- ଶ୍ରୀ ଶିରିଡି ସାଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ଯାଜପୁରରୋଡ଼ସ୍ଥିତ ମୁଣ୍ଡମାଳ ମନ୍ଦିର ପରିସର, ସମୟ:ପୂର୍ବାହ୍ନ୧୦ଟା।
- ଚେତନା ପରିଷଦ ପକ୍ଷରୁ ଭଜନ ସନ୍ଧ୍ୟା,ସ୍ଥାନ : ଯାଜପୁର ଜଗନ୍ନାଥ ମନ୍ଦିର ପରିସର,ସମୟ : ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ମୟୂର ଡ୍ୟାନ୍ସ ଗ୍ରୁପର ନୃତ୍ୟ ପରିବେଷଣ, ସ୍ଥାନ: ଧର୍ମଶାଳା ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ,ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ ଓ ପ୍ରତ୍ୟେକ କାମରେ ସଫଳତା ମିଳିବ। ଅର୍ଥ, ସମ୍ମାନ, ପ୍ରତିଷ୍ଠା ପ୍ରାପ୍ତ ହେବ। ଘରର କେତେକ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ସକାଶେ ଚିନ୍ତା କରିପାରନ୍ତି। କିଣାକିଣି, ସଭାସମିତିରେ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାର୍ଯ୍ୟରେ ସହଯୋଗ, ମାଲି ମକଦ୍ଦମାରେ ସଫଳତା ହେତୁ ମନ ଖୁସୀ ରହିବ।

**ବୃଷ** କର୍ମକ୍ଷେତ୍ରରେ ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ମନରେ ଅଶାନ୍ତି ଲାଗିରହିବ।

**ମିଥୁନ** ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ ଏବଂ କାମ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆନୁଷ୍ଠାନିକ କର୍ମାରମ୍ଭରେ ଉତ୍ସାହିତ ହେବା ସହିତ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ସହକର୍ମୀଙ୍କ ସହ ଫଳପ୍ରଦ ଆଲୋଚନାରୁ ସନ୍ତୋଷଲାଭ କରିପାରନ୍ତି।

**କର୍କଟ** ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ଓ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ସମସ୍ୟା ଭିତର ଦେଇ ଗତି କରିବେ।

**ସିଂହ** ପରିସ୍ଥିତିବଶତଃ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ କ୍ଷେତ୍ର ସମସ୍ୟାବହୁଳ ରହିବ। ସ୍ନାୟବିକ ଦୁର୍ବଳତା ହେତୁ ମାନସିକ ଅସ୍ଥିରତା ଓ ବିସ୍ମରଣଜନିତ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କନ୍ୟା** ସମ୍ପର୍କୀୟଙ୍କ ସାହାଯ୍ୟରୁ ସାମଗ୍ରିକ ସୁବିଧା, ସୁଯୋଗ ଦ୍ୱାରା କାମ ହାସଲ କରାଇବେ। ଆଲୋଚନା ସମୟରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ହାନି ହୋଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସୁଧାରି ନେବା ସକାଶେ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ କାମ ହାସଲ କରିବାରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ଅଭୁତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ସମସ୍ୟା ସୃଷ୍ଟି ହୋଇପାରେ। ବିଶାଖା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳ ହେବେ। ରାଜନୀତି, ସଂଗଠନ, ଗବେଷଣା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ଈର୍ଷାପରାୟଣତା କାରଣରୁ ନିଜ ଲୋକଙ୍କଠାରୁ ଆସ୍ଥା ହରାଇପାରନ୍ତି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ଆଜି ପାରିବାରିକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ଆଲୋଚନା ପରିସରରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣାର ପୋଷଣ କରିବେ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ଉନ୍ନତି ଘଟିବାରୁ ଖୁସୀ ହେବେ।

**ମକର** ନିଜ ଲୋକ ଶତ୍ରୁତା ସୃଷ୍ଟି କଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କରି ଚାଲିଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟା କରି ସଫଳ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସଙ୍ଗକୁ ଦୂରଯାତ୍ରାର ମଧ୍ୟ ସୁଯୋଗଲାଭର ଆଶା ରହିଛି।

**କୁମ୍ଭ** ଆଜି ସକାଳୁ ବନ୍ଧୁଙ୍କ ସହ ଭ୍ରମଣ ସକାଶେ ମନ ବଳାଇବେ ଏବଂ ଆଶା ପୂରଣ କରିପାରିବେ। ଦୀର୍ଘ ଦିନର ବକେୟା ଆଦାୟରେ ସକ୍ଷମ ହେବେ। ପୂର୍ବଭାଦ୍ର ନକ୍ଷତ୍ରର ପରିବାରରେ ମତାନ୍ତରଜନିତ କଳହ ସୃଷ୍ଟିର ଆଶଙ୍କା ରହିଛି। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ରକରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର, ରାଶିନକ୍ଷତ୍ର–ମଘା/ସିଂହ, ଦିବା ୧୦.୧୫ମି. ଗତେ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୫ମି. ଗତେ ଘ.୦୮.୩୫ମି. ମଧ୍ୟେ, ଘ.୧୦.୧୩ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

**ଅନ୍ୟାନ୍ୟ ଖବର**

# ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ନନ୍ଦିଘୋଷ ରଥର କପିଧ୍ୱଜ ଭାଙ୍ଗିଲା



**ରଣପୁର, ୯।୭(ସୁକାନ୍ତ କିଶୋର ଡାକୁଆ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲାର ରଣପୁର ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉମାନେ ୯ ଦିନ ପାଇଁ ନିଜ ଜନ୍ମମାଟି ଗୁଣ୍ଡିଚା ମନ୍ଦିରକୁ ଯାଇଛନ୍ତି। ସୋମବାର ରଥ ଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ ବଡ ଠାକୁର ବଳଭଦ୍ରଙ୍କ ରଥକୁ ଟାଣି ମାଉସୀ ମା'ମନ୍ଦିର ସମ୍ମୁଖ ରଥଖଳାରେ ପହଞ୍ଚାଇଥିଲେ। ଏହା ପରେ ମହିଳା ଭକ୍ତମାନେ ମା'ସୁଭଦ୍ରାଙ୍କ ରଥ ଦର୍ପଦଳନକୁ ଟାଣି ନେଇଥିଲେ। ମାଉସୀ ମା'ମନ୍ଦିର ସମ୍ମୁଖରେ ଦର୍ପଦଳନ ରଥ ପହଞ୍ଚିବା ପରେ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଟାଣି ପାରି ନ ଥିଲେ। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଜୟ ଜଗନ୍ନାଥ ଧ୍ୱନୀ ଦେଇ ଖୁବ୍ ଉତ୍ସାହର ସହିତ ରଥ ଟାଣିଥିଲେ। ରଥ ଏପଟ ସେପଟ ହୋଇ ଦାଣ୍ଡରେ ଚାଲିଥିଲା। ହେଲେ ମଝି ଦାଣ୍ଡରେ ଥିବା ଏକ ଲୁହା ବିଦ୍ୟୁତ୍ ଖୁଣ୍ଟରେ ରଥ ପିଟି ହୋଇଯାଇଥିଲା। ଫଳରେ ଲୁହା ବିଦ୍ୟୁତ୍ ଖୁଣ୍ଟଟି ବଙ୍କା ହୋଇଯାଇଥିଲା। ଏହା ସହିତ ରଥଉପରେ ଲାଗିଥିବା କପିଧ୍ୱଜ ପାବାନ ବାନା ମଧ୍ୟ ଭାଙ୍ଗି ଯାଇଥିଲା। ବଢ଼େଇ ଓ ମହାରଣାଙ୍କ ସହିତ ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କ ସହଯୋଗରେ ରଥ ଉପରେ ଲାଗିଥିବା କପିଧ୍ୱଜ ମରାମତି ଓ ବିଦ୍ୟୁତ୍ ଖୁଣ୍ଟରୁ ରଥକୁ ବାହାର କରିବା ପରେ ପୁଣିଥରେ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ସେଠାରୁ ରଥକୁ ଟାଣି ମାଉସୀ ମା'ମନ୍ଦିର ନିକଟରେ ପହଞ୍ଚାଇଥିଲେ।

# ଡେଙ୍ଗୁ ହଟ୍‌ସ୍ପଟ୍ ଅଞ୍ଚଳରେ ହେବ ସର୍ବେକ୍ଷଣ

**ଭୁବନେଶ୍ୱର, ୯।୭(ଅସମାପିକା ସାହୁ)**

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଗତ ୫ ବର୍ଷ ଭିତରେ ରାଜ୍ୟର ଯେଉଁ ଅଞ୍ଚଳ ଡେଙ୍ଗୁ ହଟ୍‌ସ୍ପଟ୍ ରହିଆସିଛି, ସେସବୁ ଅଞ୍ଚଳକୁ ମ୍ୟାପିଂ କରିବା ସହ ସେଠାରେ ସର୍ବେକ୍ଷଣ ଆରମ୍ଭ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ମୌସୁମୀ ଓ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଏବଂ ମ୍ୟାଲେରିଆ ସଂକ୍ରମଣ ବଢୁଥିବାରୁ ଆଗୁଆ ସତର୍କତା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସଂଖ୍ୟକ ଫ୍ରଣ୍ଟଲାଇନ ୱାର୍କର, ଡାଏଗ୍ନୋଷ୍ଟିକ କିଟ୍, ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି। ଜିଲା ଓ ମହାନଗର ନିଗମସ୍ତରରେ ସବୁ ଅଂଶୀଦାରଙ୍କ ସହ ମିଶି ମିଳିତ ଆକ୍ସନ ପ୍ଲାନ ସମୀକ୍ଷା ପାଇଁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜନସଚେତନତା ସହ ଅନ୍ୟ ସହଯୋଗୀ ବିଭାଗ ସହିତ ସମନ୍ୱୟ ରକ୍ଷା, ଟେଷ୍ଟିଂ, ଚିକିତ୍ସା ଓ ଠିକ୍ ସମୟରେ ରେଫରାଲ ଉପରେ ଗୁରୁତ୍ୱାରୋପ କରାଯାଇଛି। ଡେଙ୍ଗୁ–ମ୍ୟାଲେରିଆ ସଂକ୍ରମଣକୁ ରୋକିବା ଲାଗି ଏହାର ଉତ୍ସକୁ ନଷ୍ଟ କରିବା ସହ ରକ୍ତଭଣ୍ଡାରରେ ରକ୍ତ ସଂରକ୍ଷିତ ରଖିବା ପାଇଁ କୁହାଯାଇଛି। ହସ୍ପିଟାଲଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ୱାର୍ଡ ଖୋଲିବା ଓ ସାପ୍ତାହିକ ଡ୍ରାଏ ଡେ' ପାଳନ କରିବା ଲାଗି ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ବହୁବାର ଧୋକା ଖାଇଛନ୍ତି ଶ୍ୱେତା



**ମୁମ୍ବାଇ:** ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ଆଲୋଚନା ହୋଇଥାଏ। ମଙ୍ଗଳବାର ଏକ ସାକ୍ଷାତ୍କାର ଦେଇ ଜୀବନରେ ସେ ଅନେକବାର ଧୋକା ଖାଇଛନ୍ତି ବୋଲି ଶ୍ୱେତା କହିଛନ୍ତି। ୧୯୯୮ରେ ସେ ପ୍ରଥମେ ରାଜା ଚୌଧୁରୀଙ୍କ ସହ ପ୍ରେମ ବିବାହ କରିଥିଲେ। ପରିବାର ବିରୋଧରେ ଯାଇ ସେ ରାଜାଙ୍କ ସହ ଇଣ୍ଟର୍ କାଷ୍ଟ ମ୍ୟାରେଜ୍ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ରାଜା ତାଙ୍କୁ ଧୋକା ଦେଇଥିବା ଶ୍ୱେତା କହିଛନ୍ତି। ଏହି ସାକ୍ଷାତ୍କାରରେ ଶ୍ୱେତା କହିଛନ୍ତି, ରାଜା ତାଙ୍କ ସିରିଏଲ ସେଟ୍‌କୁ ଆସି ହଙ୍ଗାମା କରିବା ସହ ତାଙ୍କୁ ବହୁ ଗାଳିଗୁଲଜ କରୁଥିଲେ। ରାଜାଙ୍କ ଅତ୍ୟାଚାରକୁ ସେ ଦୀର୍ଘ ୯ ବର୍ଷ ହେଲା ସହ୍ୟ କରିଥିଲେ। ଯଦିଓ ସେତେବେଳେ ସେ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଥିଲେ, ତେବେ ମଧ୍ୟ ନିଜ ପରିବାରର ସମ୍ମାନ ଓ ଝିଅର ଭବିଷ୍ୟତ ପାଇଁ ସେ ରାଜାଙ୍କୁ ଛାଡ଼ପତ୍ର ଦେବାକୁ ଦୀର୍ଘଦିନ ଧରି ଚାହୁଁନଥିଲେ ବୋଲି ଶ୍ୱେତା କହିଛନ୍ତି। କିନ୍ତୁ ପରେ ସ୍ଥିତି ଅସମ୍ଭାଳ ହେବାରୁ ୨୦୦୭ରେ ସେ ରାଜାଙ୍କୁ ଛାଡ଼ପତ୍ର ଆବେଦନ କରିଥିଲେ। ଉଭୟଙ୍କର ପଲକ ତିୱାରୀ ନାମ୍ନୀ ଜଣେ ଝିଅ ଅଛନ୍ତି। ପଲକ୍ ୨୦୨୩ରେ ରିଲିଜ୍ ହୋଇଥିବା ସଲମାନ ଖାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଯୋଗେ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି।

ରାଜାଙ୍କ ପରେ ଶ୍ୱେତା ଅଭିନେତା ଅଭିନବ କୋହଲିଙ୍କୁ ୩ ବର୍ଷ ଧରି ଡେଟ୍ କରିବା ପରେ ୨୦୧୩ରେ ବିବାହ କରିଥିଲେ। ଉଭୟଙ୍କର ରିୟାନଶ କୋହଲି ନାମକ ଜଣେ ପୁଅ ମଧ୍ୟ ଅଛନ୍ତି। ତେବେ ଅଭିନବ ମଧ୍ୟ ତାଙ୍କୁ ଧୋକା ଦେଇଥିବା ଶ୍ୱେତା କହିଛନ୍ତି। ଅଭିନବ ତାଙ୍କ ସହ ଘରୋଇ ହିଂସା କରିବା ସହ ଝିଅ ପଲକ୍‌ଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଶ୍ୱେତା ୨୦୧୯ରେ ଅଭିଯୋଗ କରିଥିଲେ। ଏହାପରଠାରୁ ଉଭୟ ଅଭିନବ ଓ ଶ୍ୱେତା ପରସ୍ପରଠାରୁ ଅଲଗା ରହୁଛନ୍ତି।




# ନିଜ ଭିତରେ ଅନୁସନ୍ଧାନ ଭାବନା ବଜାୟ ରଖ: ରାଷ୍ଟ୍ରପତି

ଭୁବନେଶ୍ୱର,୯।୭ (ଅସମାପିକା ସାହୁ)

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ନାଇଜରର ଯାତ୍ରା ଅଳ୍ପ କିଛି ବର୍ଷ ତଳୁ ଆରମ୍ଭ ହୋଇଛି। କିନ୍ତୁ କମ୍ ସମୟ ମଧ୍ୟରେ ଏହା ଶିକ୍ଷା ଜଗତରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ବିଜ୍ଞାନର ଯଥାର୍ଥତା ଓ ପରମ୍ପରାର ମୂଲ୍ୟବୋଧକୁ ସମନ୍ୱିତ କରି ଏହି ଅନୁଷ୍ଠାନ ଆଗକୁ ବଢୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ଅର୍ଥପୂର୍ଣ୍ଣ ଶିକ୍ଷା ଏବଂ ଜ୍ଞାନ ହିଁ ମାନବିକତାର ଉନ୍ନତି ଓ ପ୍ରଗତି ପାଇଁ ବ୍ୟବହୃତ ହୁଏ। ସେମାନେ ଯେଉଁଠି କାମ କରିବେ, ନିଜ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ନିଜ କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ସେମାନେ ନିଜର ସାମାଜିକ କର୍ତ୍ତବ୍ୟକୁ ମଧ୍ୟ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ସହ ନିର୍ବାହ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ସର୍ବଦା ନିଜ ଭିତରେ ନମ୍ରତା ଓ ଅନୁସନ୍ଧାନ ଭାବନା ବଜାୟ ରଖିବାକୁ ରାଷ୍ଟ୍ରପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ବିଜ୍ଞାନର ବରଦାନ ସାଙ୍ଗକୁ ଏହାର ଅଭିଶାପର ବିପଦ ସବୁବେଳେ ରହିଥାଏ। ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରୁଛି, କିନ୍ତୁ ଏଥିସହ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ସିଆର୍ଆଇଏସ୍‌ପିଆର୍-ସିଏଏସ୍-୯ ଭଳି ଜିନ ଏଡିଟିଂକୁ ବହୁତ ସହଜ କରିଛି। ଅନେକ ଦୁରାରୋଗ୍ୟ ରୋଗର ସମାଧାନ ଦିଗରେ ଏହି ଟେକ୍ନୋଲୋଜି ଏକ ବଡ଼ ପଦକ୍ଷେପ। ତେବେ ଏହି ଜ୍ଞାନକୌଶଳର ବ୍ୟବହାର ଯୋଗୁ ନୈତିକ ଓ ସାମାଜିକ ସମସ୍ୟା ଉପୁଜୁଥିବା ବେଳେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଉନ୍ନତି ଯୋଗୁ ଅବିକଳ ନକଲ ବା ଡିପ୍ ଫେକ୍ ସମସ୍ୟା ଏବଂ ଅନେକ ନିୟାମକ ଆହ୍ୱାନ ସାମ୍ନାକୁ ଆସୁଛି। ରାଷ୍ଟ୍ରପତି କହିଥିଲେ, ମୌଳିକ ବିଜ୍ଞାନ କ୍ଷେତ୍ରରେ ପରୀକ୍ଷଣ ଏବଂ ଗବେଷଣା ଫଳାଫଳ ପାଇବା ପାଇଁ ଅନେକ କ୍ଷେତ୍ରରେ ବହୁତ ସମୟ ଲାଗିଥାଏ। ଦୀର୍ଘ ବର୍ଷ ଧରି ନିରାଶର ସମ୍ମୁଖୀନ ହେବା ପରେ ଅନେକ ଥର ସଫଳତା ମିଳିଛି। ସେ ଛାତ୍ରୀଛାତ୍ରଙ୍କୁ କହିଥିଲେ, ସେମାନେ ଏପରି ଏକ ପର୍ଯ୍ୟାୟ ଦେଇ ଗତି କରିପାରନ୍ତି, ଯେତେବେଳେ ସେମାନଙ୍କ ଧୈର୍ଯ୍ୟର ପରୀକ୍ଷା ଦେବାକୁ ହେବ। କିନ୍ତୁ ସେମାନେ କେବେ ବି ନିରୁତ୍ସାହିତ ହେବା ଉଚିତ ନୁହେଁ। ମୌଳିକ ଗବେଷଣାର ଉନ୍ନତି ଅନ୍ୟ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୁଏ ବୋଲି ସର୍ବଦା ମନେରଖିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସମାରୋହରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନାଇଜର ନିର୍ଦ୍ଦେଶକ ହୀରେନ୍ଦ୍ର ନାଥ ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ।




ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ କୃତୀ ଛାତ୍ରୀଙ୍କୁ ଉପାଧି ପ୍ରଦାନ କରୁଛନ୍ତି।

# ସହଯୋଗୀ ଶିକ୍ଷା ବ୍ୟବସ୍ଥା ପାଇଁ ମିଳିତ ଭାବେ କାର୍ଯ୍ୟ କରନ୍ତୁ ରାଜ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ସମୀକ୍ଷା ବୈଠକର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ସମଗ୍ର ଭାରତବର୍ଷରେ ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆଗାମୀ ୫ ବର୍ଷର ରୋଡ୍‌ମ୍ୟାପ୍ ଉପରେ ମତ ରଖିଛନ୍ତି। ସେ କହିଛନ୍ତି, ଶିକ୍ଷା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ପରିକଳ୍ପନାର ଏକ ପ୍ରମୁଖ ସ୍ତମ୍ଭ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଜାତୀୟ ଶିକ୍ଷାନୀତିର ପାଖାପାଖି ୪ ବର୍ଷ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ହୋଇଛି। ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ ଉପରେ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷା ଏବଂ ସମସ୍ତ ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜାତୀୟ ଶିକ୍ଷାନୀତିର ସୁପାରିସ ଅନୁସାରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ସହ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ହେବ। ଭାରତ ହେଉଛି ଏକ ଯୁବବର୍ଗଙ୍କ ଦେଶ। ବିଶେଷ ଭାବେ ବିଶ୍ୱ ଯେତେବେଳେ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି ଏବଂ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହେଉଛି ସେହି ସମୟରେ ଯୁବକଙ୍କୁ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକ କରିବା ଆମର ଆହ୍ୱାନ। ଆମକୁ ମିଳିତ ଉଦ୍ୟମରେ ଏପରି ଏକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ପଡ଼ିବ ଯେଉଁ ଶିକ୍ଷା ଉଭୟ ରୁଟେଡ୍ ଏବଂ ଭବିଷ୍ୟତବାଦୀ ହେବ। ସାମଗ୍ରିକ ଆଭିମୁଖ୍ୟ ସହିତ ବିଦ୍ୟାଳୟଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ପ୍ରସ୍ତୁତ କରିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରିଟିକାଲ ଚିନ୍ତାଧାରାକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିର ଗୁରୁତ୍ୱ, ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

# ଚିନ୍ତା ବଢ଼ାଉଛି ମ୍ୟାଲେରିଆ, ହଷ୍ଟେଲ ଛାତ୍ରୀଛାତ୍ର ଆକ୍ରାନ୍ତ

ରାୟଗଡ଼ା, ୯।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ଆଶ୍ରମ, ସେବାଶ୍ରମ ଓ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲରେ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଅଧୀନରେ ପରିଚାଳିତ ଆବାସିକ ବିଦ୍ୟାଳୟରେ ବହୁ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହା ଅଭିଭାବକଙ୍କ ଚିନ୍ତା ବଢାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ରକ୍ତ ନମୁନା ପରୀକ୍ଷା ପରେ ମ୍ୟାଲେରିଆ ରହିଥିବା ଜଣାପଡ଼ିଛି। ରାୟଗଡ଼ା ବ୍ଲକ୍ କେରେଡ଼ା ଉଚ୍ଚ ବିଦ୍ୟାଳୟରେ ୧୦ ଓ ବିଲେସୁ ଉଚ୍ଚବିଦ୍ୟାଳୟରେ ୧୧ ଜଣ, ରାୟଗଡ଼ା ସହର ଉପକଣ୍ଠ ଅନ୍ୱେଷା ହଷ୍ଟେଲରେ ୯ ଛାତ୍ରୀଛାତ୍ର ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କ ଚିକିତ୍ସା ଚାଲିଛି। ସେହିପରି କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ବାଳିକା ଉଚ୍ଚବିଦ୍ୟାଳୟର ୨୪୮ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷଣ ହୋଇଥିଲା। ସେଥିରୁ ୫୫ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ପୋଲମା ଉଚ୍ଚ ବିଦ୍ୟାଳୟର ୫୧ ଜଣଙ୍କ ମଧ୍ୟରୁ ୨୪ ଜଣ ମ୍ୟାଲେରିଆ ଆକ୍ରାନ୍ତ ଅଛନ୍ତି। ପୂର୍ବରୁ ତଳଅଞ୍ଚଳବାଡ଼ି ବିଦ୍ୟାଳୟର ୧୦୩ ଓ ବେଲକଣା ବିଦ୍ୟାଳୟର ୧୫ ଜଣ ଚିହ୍ନଟ ହୋଇଥିଲେ। ଏତଦ୍‌ବ୍ୟତୀତ କୋଲନରା ବ୍ଲକ୍‌ର ବହୁ ବିଦ୍ୟାଳୟ ଗୁଡ଼ାରି ଉଚ୍ଚ ବିଦ୍ୟାଳୟ, ବିଷମକଟକ ବ୍ଲକ୍ ଗଡିଗୁଡା ଉଚ୍ଚ ବିଦ୍ୟାଳୟ, ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ଉଚ୍ଚବିଦ୍ୟାଳୟରେ ଅନେକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍କ୍ରିନିଂ କରାଯାଉଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷଣ ଦ୍ୱାରା ଏବେ ମ୍ୟାଲେରିଆ ପରୀକ୍ଷଣ କିଟ୍ ସମଗ୍ର ଜିଲାରେ ଅଭାବ ଥିବା ଜଣାପଡିଛି। ତେଣୁ ଏବେ ସମସ୍ତଙ୍କ ରକ୍ତ ପରୀକ୍ଷା ବଦଳରେ କେବଳ ଜ୍ୱର ଓ ଲକ୍ଷଣ ରହୁଥିବା ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ପରୀକ୍ଷା ହେଉଛି; ଯାହାକି ଚିନ୍ତାର କାରଣ ପାଲଟିଛି। ଅପରପକ୍ଷରେ ୨୦୨୦ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କୁ ମଶାରି ପ୍ରଦାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଏଣେ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଉଚିତ ଚିକିତ୍ସା ଦେବା ପରିବର୍ତ୍ତେ ଆଶ୍ରମ, ସେବାଶ୍ରମ ଓ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ହଷ୍ଟେଲ ପରିଚାଳକ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମଙ୍ଗଳବାର ଜଣେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଆଉ କେତେଜଣ ବ୍ରହ୍ମପୁର ଏମ୍‌କେସିଜି ଓ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଲାଲମୋହନ ରାଉତରାୟ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କ୍ରିନିଂ କରାଯାଇ ଆକ୍ରାନ୍ତଙ୍କୁ ଔଷଧ ପ୍ରଦାନ କରାଯାଉଛି। ମୋବାଇଲ ସ୍ୱାସ୍ଥ୍ୟସେବା ଟିମ୍ ଯାଇ ପରିଦର୍ଶନ କରୁଛନ୍ତି। ମ୍ୟାଲେରିଆ ପରୀକ୍ଷଣ କିଟ୍ ଅଭାବ ନାହିଁ ବୋଲି କହିଛନ୍ତି ଡା. ରାଉତରାୟ। ମଙ୍ଗଳବାର ସନ୍ଧ୍ୟାରେ ରାୟଗଡ଼ା ଆସିଥିବା ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ସମସ୍ତ ବିଭାଗକୁ ସଚେତନ କରାଯିବା ସହ ଏଥିପ୍ରତି ଗୁରୁତର ସହିତ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ମଶାରୀ ବଣ୍ଟନ ବିଷୟରେ ପଚାରିବାରୁ ଏ ନେଇ ତଦନ୍ତ କରି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଓଡ଼ିଶାରେ ଲାଗୁହେଲା ପିଏମ୍ ଶ୍ରୀ ସ୍କୁଲ

## ଶିକ୍ଷା ମନ୍ତ୍ରଣାଳୟ- ଓଡ଼ିଶା ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା କ୍ରିୟାନ୍ୱୟନ ପାଇଁ ବର୍ତ୍ତମାନ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାର, ସ୍ଥାନୀୟ ସଂସ୍ଥା, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତି ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଗୁଣବତ୍ତା ବୃଦ୍ଧି କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏବଂ ଓଡ଼ିଶାର ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ସ୍କୁଲଗୁଡିକ ଜାତୀୟ ଶିକ୍ଷାନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ। ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ। ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମ୍ ଶ୍ରୀର ଯୋଜନା। ଏହି ସ୍କୁଲଗୁଡିକ ଜାତୀୟ ଶିକ୍ଷାନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢ଼ାର ପଦ୍ଧତି, ଶିକ୍ଷକମାନଙ୍କ ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ। ବର୍ତ୍ତମାନ ସୁଦ୍ଧା ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ(କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିଏସ୍) ମୋଦି ସରକାରଙ୍କ ଯୋଜନା ପିଏମ୍ ଶ୍ରୀ ସ୍କୁଲ ଅଧୀନରେ ସେମାନଙ୍କ ବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଯୋଜନାରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳରେ ୨ଟି ଲେଖାଏ ସ୍କୁଲକୁ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ କରାଯିବ। ଓଡ଼ିଶାରେ ପ୍ରାୟ ୮୦୦ଟି ସ୍କୁଲ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ ହେବା ଯୋଜନା ରହିଛି। ପିଏମ୍‌ଶ୍ରୀ ସ୍କୁଲଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲଗୁଡ଼ିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହ ସାମଗ୍ରିକ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ। ସମଗ୍ର ଭାରତବର୍ଷରେ ବିକଶିତ ଓ ନବୀକରଣ ହେବାକୁ ଥିବା ପିଏମ୍ ଶ୍ରୀ ସ୍କୁଲ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହେବ।

# ପୋଲିସ ଗୁଳିରେ ମହିଳା ମାଓବାଦୀ ନିହତ

ମାଲକାନଗିରି,୯।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। କାଙ୍କେର ଜିଲା ଛୋଟେବେଟିଆ ଥାନା ଅନ୍ତର୍ଗତ ବିନାଗୁଣ୍ଡା ଜଙ୍ଗଲରେ ଡିଆର୍‌ଜି, ବସ୍ତରଫାଇଟର ଓ ବିଏସ୍‌ଏଫ୍ ପକ୍ଷରୁ ତଲାସି ବେଳେ ଯବାନ-ମାଓବାଦୀ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହା ପରେ ଯବାନମାନେ ଉକ୍ତ ଅଞ୍ଚଳରେ ପୁନର୍ବାର ତଲାସି କରିବାବେଳେ ଜଣେ ମହିଳା ମାଓବାଦୀଙ୍କ ମୃତଦେହ ଜବତ ସହ ଘଟଣାସ୍ଥଳରୁ ଗୋଟିଏ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ ଓ ୩୧୫ ବୋର୍ ବନ୍ଧୁକ ଏବଂ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ଆହୁରି ଅନେକ ମାଓବାଦୀ ମୃତାହତ ହୋଇଥିବା ଅନୁମାନ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଗୋଟିଏ ଦିନରେ ବଣ୍ଟାଗଲା ମାଟ୍ରିକ୍ ସାର୍ଟିଫିକେଟ୍

କଟକ,୯।୭ (କାର୍ତ୍ତିକ ସାହୁ)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅରିଜିନାଲ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟ ରାଜ୍ୟରେ ଏକସଙ୍ଗେ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଧାର୍ଯ୍ୟ ସୂଚୀ ଅନୁଯାୟୀ, ଏହି କାର୍ଯ୍ୟ ଜିଲା ଶିକ୍ଷାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର କରାଯାଇଛି। ପ୍ରତ୍ୟେକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ ବୋର୍ଡ ନିର୍ଦ୍ଦେଶନାମା ଅନୁସାରେ ଏହି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ତେବେ ବଳି ପଡ଼ିଥିବା ସାର୍ଟିଫିକେଟଗୁଡ଼ିକୁ ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ବୁଧବାର ବଣ୍ଟନ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସାର୍ଟିଫିକେଟ ବଣ୍ଟନ ପରେ ଏ ସଂକ୍ରାନ୍ତୀୟ ତଥ୍ୟ ବୋର୍ଡକୁ ପ୍ରଦାନ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଯାଇଥିବା ଜଣାପଡିଛି।

ପାୱରଗ୍ରିଡ POWERGRID

## ବିଜ୍ଞପ୍ତି

1. ପୂର୍ବାଞ୍ଚଳରେ ସେଣ୍ଟ୍ରାଲ ସେକ୍ଟର ଅଧୀନରେ ଭରସାଯୋଗ୍ୟ ସଞ୍ଚାର ଯୋଜନାର ପ୍ରତିଷ୍ଠା ଅଧୀନରେ ଆସେଟ୍ (02 ଗୋଟି) ନିମନ୍ତେ ଡିଓସିଓରୁ 31-03-2024 ପର୍ଯ୍ୟନ୍ତ ସଞ୍ଚାର ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ସିଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, 1999 ର ନିୟମ-86 ଏବଂ ସିଇଆର୍‌ସି (ଶୁଳ୍କସୂଚୀର ନିୟମ ଏବଂ ସର୍ତ୍ତାବଳୀ), 2019 ଅଧୀନରେ ଅନୁମୋଦନ।
2. ଉପରୋକ୍ତ ସଞ୍ଚାରଣ ପ୍ରଣାଳୀର ଲାଭାର୍ଥୀମାନେ ହେଲେ: (i) ବିହାର ଷ୍ଟେଟ୍ ପାୱାର୍ (ହୋଲ୍‌ଡିଂ) କମ୍ପାନୀ ଲିଃ, (ii) ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ୍ କମ୍ପାନୀ ଲିଃ, (iii) ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିଃ, (iv) ଦାମୋଦର ଭ୍ୟାଲି କର୍ପୋରେଶନ୍, (v) ଶକ୍ତି ବିଭାଗ, ସିକିମ ସରକାର, ଗାଙ୍ଗଟକ୍, (vi) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ ଲିଃ।
3. ଅପ୍ଟିକ୍ ଫାଇବର ଦୈର୍ଘ୍ୟ, ବିଭାଜିତ ଅନୁମୋଦିତ ପୁଞ୍ଜି ବ୍ୟୟ (ଟ. ଲକ୍ଷରେ), ବ୍ୟବସାୟିକ ସଞ୍ଚାଳନର ତାରିଖ ଏବଂ ବ୍ୟବସାୟିକ ସଞ୍ଚାଳନ ତାରିଖ ପର୍ଯ୍ୟନ୍ତ ପୁଞ୍ଜି ବ୍ୟୟ (ଟ. ଲକ୍ଷରେ):

| ଆସେଟ୍ | ଓପିଜିଡବ୍ଲ୍ୟୁ ଲାଇନ୍ ଦୈର୍ଘ୍ୟ (କିମି) | ବିଭାଜିତ ଅନୁମୋଦିତ ପୁଞ୍ଜି ବ୍ୟୟ (ଟଙ୍କା ଲକ୍ଷରେ) | ଡିଓସିଓ | ଡିଓସିଓ ଉପରେ ପୁଞ୍ଜି ବ୍ୟୟ (ଟଙ୍କା ଲକ୍ଷରେ) |
|---|---|---|---|---|
| ଆସେଟ୍-I | - | 613.00 | 23.02.2022 | 256.42 |
| ଆସେଟ୍-II | - | 97.42 | 16.02.2024 | 43.46 |

4. ଶୁଳ୍କସୂଚୀ ଅବଧି 2019-24 ପାଇଁ ବାର୍ଷିକ ସଞ୍ଚାର ଶୁଳ୍କସୂଚୀର ସାରାଂଶ ତଳେ ଦିଆଗଲା:

(ଟଙ୍କା ଲକ୍ଷରେ)

| ଆସେଟ୍/ ଶୁଳ୍କସୂଚୀ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ଆସେଟ୍-I | - | - | 5.23 | 52.04 | 52.72 |
| ଆସେଟ୍-II | - | - | - | - | 1.13 |

5. ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ କରାଯାଇଥିବା ଦରଖାସ୍ତର ଏକ ପ୍ରତିଲିପି ଆବେଦନକାରୀଙ୍କ ୱେବ୍‌ସାଇଟ୍ www.powergrid.inରେ ସ୍ଥାନିତ କରାଯାଇଛି।
6. ଦରଖାସ୍ତରେ ସମ୍ମିଳିତ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ ଉପରେ ଲାଭାର୍ଥୀଙ୍କ ସମେତ ଅନ୍ୟ କୌଣସି ବ୍ୟକ୍ତିଙ୍କର ମତାମତ କିମ୍ବା ଆପତ୍ତି, ଯଦି ଥାଏ, ତେବେ ତାହାକୁ ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୩ୟ ଓ 4ର୍ଥ ମହଲା, ଚନ୍ଦ୍ରାଲୋକ ବିଲ୍‌ଡିଂ, ଜନପଥ, ନୂଆଦିଲ୍ଲୀ-110001 (କିମ୍ବା ଆୟୋଗଙ୍କ କାର୍ଯ୍ୟାଳୟ ଅବସ୍ଥିତ ହୋଇଥିବା ଅନ୍ୟ କୌଣସି ଠିକଣା)ରେ ଆବେଦନକାରୀଙ୍କ କର୍ପୋରେଟ୍ କାର୍ଯ୍ୟାଳୟକୁ ଏକ ପ୍ରତିଲିପି ସହିତ ଏହି ନୋଟିସ ପ୍ରକାଶିତ ହେବାର 30 ଦିନ ମଧ୍ୟରେ ପଠାଯିବା ଆବଶ୍ୟକ।

ତାରିଖ: 03.07.2024 ସ୍ୱା./-
ସ୍ଥାନ: ଗୁରୁଗାଓଁ ମୁଖ୍ୟ ମହାପ୍ରବନ୍ଧକ (ବ୍ୟବସାୟିକ)

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ସୌଦାମିନୀ, ପ୍ଲଟ୍ ନଂ.-2, ସେକ୍ଟର-29, ଗୁରୁଗାଓଁ, ହରିୟାଣା-122001 ଫୋନ୍ ନଂ.: 0124-2822000, 2823000
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୨, କୁତବ୍ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟ୍‌ୱାରିଆ ସରାଇ, ନୂଆଦିଲ୍ଲୀ-110016 ଫୋନ୍ ନଂ.: 011-26560112
ଏକ ମହାରତ୍ନ ପିଏସ୍‌ୟୁ
PG/CC/Notice-14/Advt-26/2024-25/PROMODOME

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

LEPRA SOCIETY
Requires M&E-cum -Accountant for Target Intervention (IDU) Project, Bhubaneswar. Qualification: B.Com. or above with minimum 2Yr. experience with Social Development. Salary: Rs.16,000/- (P.M.). Apply to: hrd@leprahealthinaction.in by 16.07.2024. For apply detail visit: www.leprasociety.in.
(Apply with reference number mention in website).

REQUIREMENT
For a Construction Site (Experienced Only)
SITE SUPERVISOR
Mob.: 8338905555
sitekhorda@gmail.com

WANTED
Urgently required for Jagatsinghpur District, Cuttack District and Bhubaneswar :
Sales and Marketing Representative for FMCG products. Only serious candidates apply through
WhatsApp- 9778863000

WANTED
CIVIL LABOUR CONTRACTOR
WANTED CIVIL LABOUR CONTRACTOR FOR CENTRAL GOVERNMENT WORK AT PHIRINGIA NEAR PHULBANI, ODISHA. INTERESTED PARTIES MAY CONTACT IN THE BELOW MENTIONED NUMBER IMMEDIATELY.
Contact : 9437063233

WANTED
ଧରିତ୍ରୀ DHARITRI Oriya daily
is looking for
CLASSIFIED EXECUTIVES
- Candidates must have minimum 3-5 years experience in Classified Space Selling for Print Media.

Roles and Responsibilities -
- Responsible for classified space selling.
- Well versed with Media Clients and Agencies.
- Drive new client acquisition.
- Capable to aggressively chase sales targets.
- Proficiency in MS Office will be an added advantage.

Apply immediately to :
recruitment@dharitri.com
Attractive salary commensurate with experience

Chilika
CHILIKA DEVELOPMENT AUTHORITY
Plot No. 493(P), Pallaspalli, Pokhariput Road, BBSR-20
WALK-IN-INTERVIEW
No. 926 Dated: 04.07.2024
No. CAD-502: Walk-in-Interview for different posts in CDA will be conducted on 19.07.2024 at 9 A.M. in CDA Office. For detail and application procedure visit advertisement section http://www.chilika.com/advertisement.php.
Sd./- Addl. Chief Executive
Chilika Development Authority
OIPR-08138/11/0001/2425

OFFICE OF THE PRINCIPAL
GOVT. WOMEN'S HIGHER SECONDARY SCHOOL, SAMBALPUR
No. 2145/GWC Date: 09.07.2024
A Walk-in-Interview for the engagement of Guest Faculty in Information Technology (+2 Stream) will be held for the academic session 2024-25 as per date and time mentioned below. Candidates who have secured at least 50% marks in their Post Graduate (PG) studies or equivalent degree in the relevant subject, with good academic career should report on the date with original and attested copies of the mark sheets and certificates. Honorarium as prescribed by the Govt. will be paid for engagement of classes. The engagement is purely temporary and terminable at any time without prior notice. No TA, DA will be paid for attending the interview. For detials, please visit the College website: https://gwcsbp.in.

| | Date | Reporitng Time | Subject |
|---|---|---|---|
| 1 | 19.07.2024 | 10.00 A.M. | Information Technology (+2 Stream) |

Sd./- Principal
Govt. Women's Higher Secondary School, Sambalpur

See Career Appointment on every Wednesday & Saturday

Fusion Microfinance
ପୋଷ୍ଟ: RO/SR. RO (ପୁରୁଷ / ମହିଳା)
ଯୋଗ୍ୟତା: ଦ୍ୱାଦଶ ପାସ୍ / ସ୍ନାତକ, ବୟସ: 18-35 ବର୍ଷ
ଦରମା: 14000/- ରୁ 15000/-, ପେଟ୍ରୋଲ୍: 4000/- + ପ୍ରୋତ୍ସାହନ 2000/- ରୁ 9500/- + ମାଗଣା ଆବାସ ଏବଂ ମେସ୍ ସୁବିଧା ଉପଲବ୍ଧ
ଡକ୍ୟୁମେଣ୍ଟ: ପାନ୍, ଆଧାର, ସ୍ମାର୍ଟ ଫୋନ୍, ଡ୍ରାଇଭିଂ ଲାଇସେନ୍ସ, ବାଇକ ଅନିରବାର୍ଯ୍ୟ
ସାକ୍ଷାତକାର: 13-14 ଜୁଲାଇ 2024, ସମୟ -10 ରୁ 5 ଟା
ଫ୍ୟୁଜନ୍ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍
HIG (B-42), ଅନନ୍ତ ବିହାର, ଦ୍ୱିତୀୟ ପର୍ଯ୍ୟାୟ, ଆୟଶା ଲେଡିଜ୍ ଟେଲର୍ ନିକଟରେ, PO: ପୋଖରୀପୁଟ, ବିବିଏସ୍‌ଆର୍, ଖୋର୍ଦ୍ଧା, ଓଡିଶା - 751020
ମୋବାଇଲ୍: 9599236900
ଗୌତମ ନଗର, ପ୍ରଥମ ଲାଇନ, ମହିଳା କଲେଜ ନିକଟରେ, ପୋ/ଜିଲ୍ଲା-ରାୟଗଡା ଓଡିଶା-765001
ମୋବାଇଲ୍: 9667993072
ରାଜନପାଲି, ବଟୁପାଲି HN-169/263, କଲେଜ ରୋଡ୍, ବୌଦ୍ଧ-762014
ମୋବାଇଲ୍: 9599612051
୨ୟ ମହଲା, ରୟାଲ୍ ଗ୍ରୀନ୍ କୋଶଳ, ପାଲେସ ଲାଇନ, ପ୍ଲେସ୍ ଲାଇନ, ଇଣ୍ଡସ୍ ଇଣ୍ଡଷଇଣ୍ଡ ବ୍ୟାଙ୍କ, ବଲାଙ୍ଗୀର, ଓଡିଶା -767001
ମୋବାଇଲ୍: 9599612051
ତୁଳସୀଚଉରା ପୋ-ତୁଲାସିଚୁରା PS-ବାରିପଦା, ମୟୂରଭଞ୍ଜ ଓଡିଶା-757001
ମୋବାଇଲ୍: 9205089473
ସାକ୍ଷାତକାର: 14 ଜୁଲାଇ 2024, ସମୟ -10 ରୁ 5 ଟା
ହୋଟେଲ HCB, ଜାନାନା ହସ୍ପିଟାଲ୍ ରୋଡ, ତୁଳସୀ ନାଗର, ବ୍ରହ୍ମପୁର,ଓଡିଶା -760001, ମୋବାଇଲ୍: 8448698842
ହୋଟେଲ କେସି ପ୍ୟାଲେସ୍, ପଞ୍ଚାଗୋଟିଆ, ସମ୍ବଲପୁର, ସିଙ୍ଗାପାଲି, ଓଡିଶା-768001, ମୋବାଇଲ୍: 7428659625
ହୋଟେଲ ଭିମସେନ୍ ପ୍ରାସାଦ, ଗୋପବନ୍ଧୁ ଛକ, ପାଖ ପେଟ୍ରୋଲ ପମ୍ପ, ବ୍ୟାସନଗର, ଯାଜପୁର ରୋଡ, ଓଡିଶା, ମୋବାଇଲ୍: 9205682106
ହୋଟେଲ । ନାମ୍ରା, ସପ୍ତମ ଗଳି, ଅମାଲାପଡା, ଅନଗୁଳ, ଓଡିଶା 759122, ମୋବାଇଲ୍: 6372918670

# ହାଜତରେ ବନ୍ଧା ପଡୁଛି କଲମ, ଚାବିକାଠି

## ପୋଲିସ ବିଭାଗରେ ଅନ୍ଧବିଶ୍ୱାସ

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)

ଲୋକମାନଙ୍କ ମନରେ ଅନ୍ଧବିଶ୍ୱାସ ଦୂର କରିବା ସରକାରୀ ସ୍ତରରେ ବହୁ ସଚେତନାତ୍ମକ କାର୍ଯ୍ୟକ୍ରମ କରାଯାଉଛି। ହେଲେ ପୋଲିସ ବିଭାଗରେ ଏବେବି କିଛି ଅନ୍ଧବିଶ୍ୱାସ ରହିଛି, ଯାହାକି ଦୂର ହୋଇପାରିନାହିଁ। ପୁରୁଣା ବିଶ୍ୱାସକୁ ନେଇ ଥାନା କର୍ମଚାରୀମାନେ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଏଭଳି ବିଶ୍ୱାସ ପାଇଁ ଥାନା ହାଜତରେ କଲମ, ଡାଏରୀ, ଚାବିକାଠି, ବାଡ଼ି ଆଦି ବନ୍ଧା ପଡୁଛି। ଏହି ସବୁ ଜିନିଷ ଅଜାଣତରେ ଥାନା ପରିସରରେ ଖସିପଡ଼ିଲେ ଏହାକୁ ଏକ ଅଶୁଭ ସଙ୍କେତ ବୋଲି ମନେ କରାଯାଉଛି। ଥାନାରେ କୌଣସି ଜିନିଷ ହାତରୁ ଖସିପଡ଼ିଲେ ସେହି ଥାନା ଅଞ୍ଚଳରେ କୌଣସି ଅଘଟଣ ଘଟିବ ବୋଲି ପୋଲିସ ଅଧିକାରୀଙ୍କ ଅନ୍ଧବିଶ୍ୱାସ ରହିଛି। ଯଦି ଥାନା କର୍ମଚାରୀ କିମ୍ବା ଥାନାକୁ ଆସୁଥିବା ଅତିଥିଙ୍କ ହାତରୁ ଏଭଳି କୌଣସି ସାମଗ୍ରୀ ତଳେ ଖସିପଡେ, ତାହାକୁ ତୁରନ୍ତ ଥାନା ହାଜତରେ ରଖିବାକୁ ପଡୁଛି। କିଛିସମୟ ହାଜତରେ ରହିବା ପରେ ପୁନର୍ବାର ଉକ୍ତ ସାମଗ୍ରୀକୁ ବ୍ୟବହାର କରାଯାଉଛି। ଏଭଳି କଲେ ଅଘଟଣ ଦୂର ହୋଇଯିବ ବୋଲି ପୋଲିସ ଅଧିକାରୀ ଏବଂ କର୍ମଚାରୀ ବିଶ୍ୱାସ କରୁଛନ୍ତି।

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର ପରେ ମଧ ବ୍ରିଟିଶ ଅମଳର ଅନ୍ଧବିଶ୍ୱାସ ଦୂର ହୋଇପାରୁ ନାହିଁ। କିଛିଦିନ ତଳେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ହାତରୁ ଏକ କଲମ ଖସି ଚଟାଣରେ ପଡିଯାଇଥିଲା। ଉକ୍ତ ବ୍ୟକ୍ତି ଜଣଙ୍କ ପେନ୍‌କୁ ଉଠାଇ ତାଙ୍କ ପକେଟ୍‌ରେ ରଖୁଥିବା ବେଳେ ସେଠାରେ ବସିଥିବା ଏଏସ୍‌ଆଇ ର୍ୟାଙ୍କର ଜଣେ ଅଫିସର ମନା କରିଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜଣେ କର୍ମଚାରୀ ଉକ୍ତ ପେନ୍‌କୁ ପାଣିରେ ଧୋଇ ଥାନା ହାଜତ ଭିତରେ ରଖିଦେଇଥିଲେ। ଏହାପରେ ଥାନା କର୍ମଚାରୀ ପେନ୍‌କୁ ହାଜତରୁ ଆଣି ଉକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ଏହା ଦେଖି ଉକ୍ତ ବ୍ୟକ୍ତି ଜଣଙ୍କ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ସେହି ସମୟରେ ଅନ୍ୟ ଜଣେ ଥାନା କର୍ମଚାରୀଙ୍କ ହାତରୁ ମଧ ଏକ ଡାଏରୀ ତଳେ ପଡ଼ିଯାଇଥିଲା। ତୁରନ୍ତ ଉକ୍ତ ଡାଏରୀକୁ କର୍ମଚାରୀ ଜଣଙ୍କ ଥାନା ହାଜତରେ ଥୋଇ ପୁନର୍ବାର ତାକୁ ଆଣି ଟେବୁଲ ଉପର ରଖିଥିଲେ। ବହୁ ଦିନ ଧରି କମିଶନରେଟ୍ ପୋଲିସରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଅଧିକାରୀ ବି.କେ. ବେହୁରାଙ୍କ କହିବା ହେଲା, ପୋଲିସ ବିଭାଗରେ ଅନେକ ଦିନରୁ ଏଭଳି ଏକ ବିଶ୍ୱାସ ରହିଆସିଛି। ୨୦୧୧ରେ ମଞ୍ଚେଶ୍ୱର ଥାନାରେ ଖସିପଡ଼ିଥିବା ଏକ ଚାବିକୁ ହସ୍ତାନ୍ତର ପାଇଁ ଧସ୍ତାଧସ୍ତି ପରିସ୍ଥିତି ମଧ୍ୟ ଉପୁଜିଥିଲା। ଜଣେ ଯୁବକ ତାଙ୍କ ଚାବିକୁ ଦେବା ପାଇଁ ଅରାଜି ହୋଇଥିଲେ। ସେହି ସମୟରେ ଏସିପିଙ୍କ ଅନୁରୋଧକ୍ରମେ ଯୁବକ ଜଣଙ୍କ ତାଙ୍କ ଚାବି ଦେବା ପାଇଁ ରାଜି ହୋଇଥିଲେ। ଥାନା ପରିସରରେ କୌଣସି ସାମଗ୍ରୀ ହାତରୁ ପଡ଼ିଗଲେ ଆଇଆଇସିମାନେ ହିଁ ଚିଡ଼ିଥାନ୍ତି। ଏଭଳି ବିଶ୍ୱାସ ଦୂର ହେବା ଦରକାର ବୋଲି ସେ କହିଛନ୍ତି। କୋରାପୁଟ ଟାଉନ ଥାନାଧିକାରୀ ପ୍ରମୋଦ କୁମାର ନାୟକ କହିବା କଥା, ପୋଲିସ ବିଭାଗରେ ଯୋଗ ଦେବା ସମୟରେ ବରିଷ୍ଠମାନେ ଏଭଳି କରିବାକୁ କହୁଥିଲେ। ସମୟକ୍ରମେ ଏଭଳି ବିଶ୍ୱାସକୁ ମାନିବାକୁ ପଡୁଛି। ବିଜ୍ଞାନ ଯୁଗରେ ଏଭଳି ବିଶ୍ୱାସର କୌଣସି ପ୍ରମାଣ ନାହିଁ। ଏଭଳି ବିଶ୍ୱାସ ଦୂର ହୋଇଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ କହିଛନ୍ତି, କୌଣସି ସାମଗ୍ରୀ ହାତରୁ ପଡ଼ିଗଲେ ତାକୁ ମୁଣ୍ଡରେ ଲଗେଇ ଦିଅନ୍ତି ବୋଲି ଜଣାଅଛି। ଥାନା ପରିସରେ ପଡ଼ିଯାଉଥିବା କୌଣସି ସାମଗ୍ରୀକୁ ହାଜତରେ ରଖିବା ବିଷୟରେ ମୁଁ ଜାଣିନାହିଁ। ଏନେଇ ଦେଖିବେ ବୋଲି ଡିଜିପି ଷଡ଼ଙ୍ଗୀ କହିଛନ୍ତି।

# ଜଣେ ନାବାଳକଙ୍କ ସମେତ ୫ ଧରାପଡ଼ିଲେ

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)



## ଗୁଳି ଫୁଟାଇ, ଖଣ୍ଡା ବୁଲାଇ କାର୍ ଭାଙ୍ଗିବା ଘଟଣା

### ଖଟିକୁ ବିରୋଧ କରିବାରୁ କାଣ୍ଡ ଘଟାଇଥିଲେ

ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗରସ୍ଥିତ ଗଧିଆଖାଲବସ୍ତି ଅରବିନ୍ଦ କଲୋନୀ ଅଞ୍ଚଳରେ ଗୁଳି ଫୁଟାଇବା ସହ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ଘଟଣାରେ ଜଣେ ନାବାଳକଙ୍କ ସମେତ ୫ ଅଭିଯୁକ୍ତ କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଛନ୍ତି। ବଡ଼ଗଡ଼ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିଛି। ଗିରଫ ୪ ଅଭିଯୁକ୍ତ ହେଲେ ଗଧିଆଖାଲବସ୍ତି ଅରବିନ୍ଦ କଲୋନୀରେ ରହୁଥିବା ଗଞ୍ଜାମ ଜିଲା ପାଟପୁର ଅଞ୍ଚଳର ସାଗର ଜେନା (୨୬), ବାପୁଜୀନଗର ରୋଡ୍ ଗୋଦାମ ବସ୍ତିରେ ରହୁଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଟି. ବିଜୁ (୨୭), ମଇଁଷାଖାଲବସ୍ତିରେ ରହୁଥିବା କନ୍ଧମାଳର ସୁମନ୍ତ ପ୍ରଧାନ ଓରଫ ଗୌରା (୨୦) ଓ ମଇଁଷାଖାଲବସ୍ତିର ଗୁନୁ କହଁର ଓରଫ ଲିପୁ (୨୦)। ସେମାନଙ୍କ ନିକଟରୁ ଦୁଇ କଟୁରି, ଗୋଟିଏ କ୍ରିକେଟ୍ ଷ୍ଟମ୍ପ, ଗୋଟିଏ ସ୍କୁଟି ଆଦି ଜବତ ହୋଇଛି। ଅଭିଯୁକ୍ତମାନେ ଜେଲ ଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫେରାର ୨ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି। ଅଭିଯୁକ୍ତମାନେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ଏକାଠି ହୋଇ ଖଟି କରି ନିଶା ସେବନ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହାର କିଛି ସମୟ ପରେ ୭ଜଣ ଅଭିଯୁକ୍ତ କଟୁରି, ବନ୍ଧୁକ ଆଣି ସେଠାରେ ଆତଙ୍କ ରଚିଲେ। ସେମାନେ ଧମକ ଦେବା ସହ ମାର୍‌ପିଟ୍ କରିବାକୁ ଗୋଡ଼ାଇଥିଲେ। ଏଥିସହ ଗୋଟିଏ ସ୍କୁଟି ଓ ଦୁଇଟି କାର୍ ଭାଙ୍ଗିଥିଲେ। ଏନେଇ ବଳରାମ ବେହେରାଙ୍କ ଏତଲା ଭିତ୍ତିରେ ପୋଲିସ ଆର୍ମସ ଆକ୍ଟର ଦଫା ୨୫, ୨୭ ସହ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ) ଦଫା ୩୨୪(୪), ୩୫୧(୩), ୨୯୬, ୩(୫)ରେ ମାମଲା (ନଂ. ୪୫୨/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଅଭିନେତ୍ରୀ ରିୟା, ସ୍ୱାମୀଙ୍କ ବିରୋଧରେ ଏତଲା

## ଘରୋଇ ସହାୟିକାଙ୍କୁ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)

ଓଡ଼ିଆ ସିନେ ଅଭିନେତ୍ରୀ ରିୟା ଦେ ଅଡୁଆରେ ପଡ଼ିଛନ୍ତି। ଘରୋଇ ସହାୟିକାଙ୍କୁ ରିୟା ଓ ତାଙ୍କ ସ୍ୱାମୀ ସୁନୀଲ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୀଡ଼ିତା ବର୍ଷା ବେହେରା (୧୯) ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ବର୍ଷାଙ୍କୁ ରିୟା ଦେଢ଼ବର୍ଷ ଧରି କାମ କରାଇବା ପରେ ପାରିଶ୍ରମିକ ଟଙ୍କା ନ ଦେଇ ମାଡ଼ ମାରୁଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଏହି ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। କଟକ ମହାନଦୀ ବିହାରସ୍ଥିତ ରିୟାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ବର୍ଷା ସୋମବାର ଭୁବନେଶ୍ୱର ଚାଲିଆସିଥିଲେ। ବର୍ଷା କଟକରୁ ବସ୍‌ରେ ଆସି ଚନ୍ଦ୍ରଶେଖରପୁରରେ ରହୁଥିବା ତାଙ୍କର ଜଣେ ପରିଚିତ ଭଉଣୀ ମାଧୁରୀଙ୍କ ଘରକୁ ଯାଇଥିଲେ। ହେଲେ ମାଧୁରୀ ଘରେ ନ ଥିବାରୁ ବର୍ଷା ରାସ୍ତାରେ କାନ୍ଦୁଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବର୍ଷାଙ୍କୁ ଈଶାନେଶ୍ୱର ଶିଶୁ ସୁରକ୍ଷା ଟିମ୍‌କୁ ହସ୍ତାନ୍ତର କରିଥିଲେ। ମାଧୁରୀ ମଙ୍ଗଳବାର ପହଞ୍ଚିବା ପରେ ଶିଶୁ ସୁରକ୍ଷା ଟିମ୍ ସହ ବର୍ଷାଙ୍କୁ ନେଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ରିୟା ତାଙ୍କୁ ଘର କାମ ସହ ଅନ୍ୟାନ୍ୟ କାମ କରାଉଥିଲେ। ରିୟା ତାଙ୍କୁ ୮ହଜାର ଟଙ୍କା ସହ ଭରଣପୋଷଣ ଦେବାପାଇଁ ଚୁକ୍ତି କରିଥିଲେ। ହେଲେ କିଛିଦିନ ତଳେ ବର୍ଷା ତାଙ୍କ ପୈତୃକ ଘରକୁ ଯିବାକୁ କହିବାରୁ ରିୟା ବାରଣ କରିଥିଲେ। ଏପରିକି ରିୟା ତାଙ୍କୁ ମାଡ଼ମାରି ଘରେ ବନ୍ଦ କରିଦେଇଥିଲେ। ରିୟା ତାଙ୍କୁ ଦିନକୁ ୨୦ ଥର ଉଠବସ୍ କରାଉଥିଲେ। ସ୍ୱାମୀ ସୁନୀଲ ତାଙ୍କ ଉପରକୁ ମଦ ବୋତଲ ଫୋପାଡୁଥିଲେ। ନିର୍ଯାତନାରେ ବର୍ଷା ଆହତ ହୋଇଥିବା ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ନେଇ ରିୟା କିମ୍ବା ତାଙ୍କ ସ୍ୱାମୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧ କେଜି ସୁନା ଅଳଙ୍କାର ଜବତ, ବଙ୍ଗୀୟ ଯୁବକ ଗିରଫ

କଟକ,୯।୭ (କାର୍ତ୍ତିକ ସାହୁ)

## ଜିଏସ୍‌ଟି ଫାଙ୍କି କାରବାର


ଜବତ ସୁନା

କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ମଙ୍ଗଳବାର ରେଳଷ୍ଟେଶନରୁ ୧ କେଜି ସୁନା ଅଳଙ୍କାର ଜବତ କରିବା ସହ ଜଣେ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲା ଅନ୍ତର୍ଗତ ଘଷ୍ଟାଳ ଅଞ୍ଚଳର ପଳାଶ ପାତ୍ର(୩୭)। ଜବତ ସୁନା ଅଳଙ୍କାରର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଜିଏସ୍‌ଟି ଫାଙ୍କିବା ପାଇଁ ଏଭଳି ଚୋରା କାରବାର କରାଯାଉଥିବା ତଦନ୍ତବେଳେ ଜଣାପଡ଼ିଛି। ସୂଚନା ଅନୁସାରେ, ବିଶ୍ୱସ୍ତସୂତ୍ରରୁ ଖବରପାଇ କଟକ ଆର୍‌ପିଏଫ୍ ଅଧିକାରୀ ଓ କର୍ମଚାରୀମାନେ ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ (ଟ୍ରେନ୍‌ନଂ- ୧୨୮୨୨)ରେ ଚଢ଼ାଉ କରିଥିଲେ। ଟ୍ରେନ୍‌ଟି ମଧ୍ୟାହ୍ନ ୧୨ଟା ୧୫ରେ ଆସିବାକୁ ଥିଲା, ମାତ୍ର ତାହା ବିଳମ୍ବ କାରଣରୁ ଅପରାହ୍ନ ୧ଟାରେ କଟକ ରେଳଷ୍ଟେଶନରେ ପହଞ୍ଚିଥିଲା। ଉକ୍ତ ଟ୍ରେନ୍‌ର ଏସି କୋଚ୍‌ରେ ଯାତ୍ରା କରୁଥିବା ପଳାଶଙ୍କୁ ସନ୍ଦେହରେ ପଚରାଉଚୁରା କରାଯାଇଥିଲା। ଏଥିସହ ତାଙ୍କ ନିକଟରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଜବତ କରାଯାଇଥିଲା। ପଚରାଉଚରାବେଳେ ସେ ଅଳଙ୍କାରଗୁଡ଼ିକୁ ଭୁବନେଶ୍ୱରରୁ ନେଇ କୋଲକାତାର ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିକ୍ରି ପାଇଁ ଯୋଗାଣ କରିବାକୁ ଯାଉଥିବା କହିଥିଲେ। ମାତ୍ର ଏନେଇ ସେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଯୁବକଙ୍କ ନିକଟରୁ ସମସ୍ତ ସୁନା ଅଳଙ୍କାର ଜବତ କରାଯାଇଥିଲା। ଏନେଇ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ତେବେ ସୁନା ବ୍ୟବସାୟରେ ସରକାରୀ ଟିକସ ଫାଙ୍କିବା ପାଇଁ ଏପରି ଚୋରା କାରକାର କରାଯାଉଥିବା ଆର୍‌ପିଏଫ୍ ତଦନ୍ତବେଳେ ଜାଣିବାକୁ ପାଇଛି। ତେଣୁ ଜିଏସ୍‌ଟି ଅଧିକାରୀଙ୍କୁ ଏନେଇ ଅବଗତ କରାଯିବା ସହ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି।

# ରେଳ ଧାରଣାରୁ ଅଚିହ୍ନା ମୃତଦେହ ଜବତ

## ହତ୍ୟା ସନ୍ଦେହ

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)

ଝାରପଡ଼ା ରେଳ ଫ୍ଲାଇଓଭରବ୍ରିଜ୍ ନିକଟ ରେଳ ଧାରଣାରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ଖବର ମିଳିବା ପରେ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ପୂର୍ବାହ୍ନରେ ମୃତଦେହକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ମୃତକଙ୍କୁ କୌଣସି ଟ୍ରେନ୍ ଧକ୍କା ଦେବାର ପ୍ରମାଣ ମିଳିପାରି ନ ଥିବା ବେଳେ ତାଙ୍କ ବେକରେ ଏକ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱର ସରକାରୀ ରେଲୱେ ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମୃତ ବ୍ୟକ୍ତିଙ୍କ ପକେଟ୍‌ରୁ ଏକ ଆଧାର କାର୍ଡ ମିଳିଥିଲା। ଉକ୍ତ ଆଧାର କାର୍ଡରେ ଆମ୍ବାଦାସ ମୁଦ୍ଦାପା ଆରଭିଲି ନାମ ଓ ଠିକଣା ମହାରାଷ୍ଟ୍ର ସୋଲାପୁର ଉଲ୍ଲେଖ ଥିବା ଜଣାପଡ଼ିଛି। ତେବେ ଉକ୍ତ କାର୍ଡରେ ଉଲ୍ଲେଖ ରହିଥିବା ମୋବାଇଲ ନମ୍ବରକୁ ଯୋଗାଯୋଗ କରିବାରୁ ସେଭଳି କୌଣସି ବ୍ୟକ୍ତିଙ୍କୁ ସେ ଜାଣି ନ ଥିବା କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତଦେହର କୌଣସି ଦାବିଦାର ନ ଆସିଲେ ୩ ଦିନ ପରେ ସତ୍କାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**
Tender Notice No.: eTM-LM-GRIV-PUI-24-2024
ତା.02.07.2024 ରିଖ
**କାର୍ଯ୍ୟର ନାମ :** ଦୁଇ ବର୍ଷର ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ.୧୨୮୦୧/୧୨୮୦୨, ୧୨୮୧୫/୧୨୮୧୬, ୧୨୮୭୫/୧୨୮୭୬, ୨୦୮୧୩/୨୦୮୧୪, ୧୮୪୧୭/୧୮, ୧୮୪୨୧/୧୮୪୨୨, ୧୮୪୨୭/୧୮୪୨୮, ୧୨୮୨୧/୧୨୮୨୨ପାଇଁ ଏବଂ ଏସି କୋଚ୍ (PUI GROUP-IV)ଗୁଡ଼ିକର ସେଲୁନ୍ ଓ କର୍ଟନ୍‌ଗୁଡ଼ିକ ପାଇଁ ବେଡ୍‌ରୋଲ୍ ଲିନେନ୍‌ଗୁଡ଼ିକର ମେକାନାଇଜଡ୍ ୱାଶିଙ୍ଗ୍
**ବିଜ୍ଞାପିତ ମୂଲ୍ୟ :** ଟ.12,53,24,481.71, EMD: ଟ. 7,76,600/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11800/-
କାର୍ଯ୍ୟସମାପ୍ତିର ଅବଧି: 24 (ଚବିଶ) ମାସ
**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**
ତା.20.07.2024 ରିଖ 1100 ଘଟିକାରେ
ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।
ବରିଷ୍ଠ କୋଚିଂ ଡିପୋ ଅଧିକାରୀ ପୁରୀ
PR-285/P/24-25

# ଧରାପଡ଼ିଲେ ଆଉ ଜଣେ ଅଭିଯୁକ୍ତ

## ବିଳମ୍ବିତ ରାତିରେ ଅପରାଧ ଯୋଜନା ମାମଲା

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)

ବରମୁଣ୍ଡା ଦୁର୍ଗାମଣ୍ଡପ ପଡ଼ିଆରେ ଜୁନ ୨୬ ତାରିଖ ରାତିରେ ଏକାଠି ହୋଇ ଡକାୟତି କିମ୍ବା କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ଖଣ୍ଡଗିରି ପୋଲିସ ୪ଜଣଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର କରଣ ମଣ୍ଡଳ ଓରଫ ଚିଆଁ (୨୨)। ତାଙ୍କ ନାମରେ ଖଣ୍ଡଗିରି ଥାନାରେ ପୂର୍ବରୁ ୪ଟି ମାମଲା ରହିଛି। ଅଭିଯୁକ୍ତ ଚିଆଁଙ୍କୁ କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ମଦ୍ୟପାନ କରିବା ସହ ବରମୁଣ୍ଡା ପେଟ୍ରୋଲ ପମ୍ପ କିମ୍ବା ସ୍ଥାନୀୟ ରାସ୍ତାରେ ଲୁଟପାଟ୍ କରିବାକୁ ଯୋଜନା କରୁଥିବାବେଳେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଏ ସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ. ୪୭୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଚାଲିଗଲା ଜୀବନ

ବାହାନଗା, ୯।୭ (ଅରୂପ୍ କୁମାର ଦାସ)

## ୨ଜଣଙ୍କ ଉପରେ ମାଡ଼ିଗଲା ଟ୍ରେନ


ମୃତ ରାକେଶ, ରତିକାନ୍ତ।

ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରୁଥିବା ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଚାଲିଗଲା ଅନ୍ୟ ଜଣେ ସାଙ୍ଗଙ୍କ ଜୀବନ। ଉଭୟଙ୍କ ଉପରେ ଟ୍ରେନ ମାଡ଼ିଯିବାରୁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାହାନଗା ରେଳଷ୍ଟେଶନ ଅଧୀନ ଦାଣ୍ଡହରିପୁର ରେଳଫାଟକ ନିକଟରେ। ସୋମବାର ରାତି ପ୍ରାୟ ୨ଟା ବେଳେ ସାଉଡୁ ଆଡୁ ଦୁଇଜଣ ସାଙ୍ଗ ଏକ ମୋଟର ସାଇକେଲ ଯୋଗେ ଦାଣ୍ଡହରିପୁର ରେଳଫାଟକ ନିକଟରେ ପହଞ୍ଚିଥିଲେ। ସେତେବେଳେ ଫାଟକ ପଡିଥିଲା। ଦୁଇଜଣ ମଧ୍ୟରେ ଜୋରରେ ଯୁକ୍ତିତର୍କ ହେବା ସହିତ ଟଣାଓଟରା ଲାଗିଥଲେ। ଏହି ସମୟରେ ପୁରୀ-ହାୱଡା ଏକ୍ସପ୍ରେସ ଫାଟକ ପାଖାପାଖି ପହଞ୍ଚିଯିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ଟ୍ରେନ୍ ଆଗକୁ ଦୌଡିଯାଇଥିଲେ। ଅନ୍ୟଜଣେ ତାଙ୍କ ପଛରେ ଦୌଡି ଉଦ୍ଧାର କରିବା ବେଳକୁ ଟ୍ରେନ ଉଭୟଙ୍କୁ ଧକ୍କା ଦେଇଥିଲା। ଉଭୟ ମଦ୍ୟପାନ କରିଥିବା ନିକଟସ୍ଥ ଫାଟକ ଜଗୁଆଳି କହିଛନ୍ତି। ସେମାନେ ହେଲେ ଆରୁହାବାଡ ଗ୍ରାମର ରମାକାନ୍ତ ପାଢୀଙ୍କ ପୁଅ ରାକେଶ କୁମାର ପାଢୀ(୩୨) ଓ ଅନ୍ୟଜଣେ ବରିପଦା ଗ୍ରାମର ହେମନ୍ତ ସାହୁଙ୍କ ପୁଅ ରତିକାନ୍ତ ସାହୁ(୨୫)। ଖବର ପାଇ ବାଲେଶ୍ୱର ଜିଆରପିଏଫ ପୋଲିସ୍ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଉଭୟ ଯୁବକଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତେବେ ଦୁର୍ଘଟଣା ପରେ ଫାଟକ ପାଖରେ ଛିଡା ହୋଇଥିବା ବାଇକ୍‌କୁ ସେଠାରୁ କେହି ନେଇଯାଇଥିବା ଜଣାପଡିଛି।

# ବିଷାକ୍ତ କୀଟ ଦଂଶନରେ ବ୍ୟବସାୟୀ ମୃତ

କଣ୍ଟାପଡା, ୯।୭
(ସୁରନାରାୟଣ ସାହୁ)

ବିଷାକ୍ତ କୀଟ ଦଂଶନରେ ମଙ୍ଗଳବାର ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଭଜନାନନ୍ଦ ପୃଷ୍ଟି(୫୨)। ଦାମୋଦରପୁର ବଜାରରେ ଭଜନାନନ୍ଦଙ୍କ ପାନ ଦୋକାନ ରହିଛି। ସକାଳେ ସେ ଦୋକାନକୁ ଆସି ଡାଲାରୁ ପାନ ଆଣୁଥିବାବେଳେ ଏକ ବିଷାକ୍ତ କୀଟ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ADVERTISEMENT FOR SUPPLY OF ORTHOPEDIC IMPLANTS TO BHIMA BHOI MEDICAL COLLEGE & DHH / HOSPITAL, BALANGIR FOR THE YEAR OF 2024-25**

No. E-110: Sealed tenders is invited from the Organization/ Firms/Agencies for supply of Orthopaedic Implants to BBMC &H/DHH Balangir. The tender paper completed in all respect should be submitted separately for the service to the undersigned on or before **Dt.12.08.2024 upto 5.00 P.M.** in the office of the superintendent BBMC&H, Balangir. The details and term & condition can be downloaded from **www.bbmchbalangir.nic.in & www.balangir.odisha.gov.in.**

**Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0008/2425

**ZILLA SWASTHYA SAMITI, BALANGIR**
**(Department of Health & FW, Govt.of Odisha)**

**TENDER CALL NOTICE**

**Advt.No. 2339** **Date:06.07.2024**

**No.E-109:**Sealed tenders in prescribed format are invited from the registered Travel Agencies/Tour Operators/ Individuals/ Private Organisations for providing vehicles on daily hiring basis for different official use of DPMU, NHM, O/o. CDM & PHO, Balangir. Sealed tender documents should reach to the undersigned on or before 25.07.2024 till 05.00 P.M. by registered post/ Speed Post/ Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tenders without assigning any reason thereof.

OIPR-10019/11/0001/2425 **Sd./- CDM & PHO, Balangir**

# ବାଇକ୍‌କୁ ଧକ୍କା ଦେଲା ମୋ ବସ୍: ୨ ଆହତ

ଭୁବନେଶ୍ୱର,୯।୭
(ସତ୍ୟଜିତ୍ ରାଉତ)

- ଦୁର୍ଘଟଣାକୁ ନେଇ ଉତ୍ତେଜନା
- ବସ୍ ଭଙ୍ଗାରୁଜା ସହ ଚାଳକ ଓ କଣ୍ଡକ୍ଟରଙ୍କୁ ମାଡ଼

ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଆଇଗିଣିଆ ସର୍ଭିସ୍ ରୋଡ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ରଙ୍ଗ୍ ରୁଟ୍‌ରେ ଆସୁଥିବା ଏକ ବାଇକକୁ ମୋ ବସ୍ ଧକ୍କା ଦେବାରୁ ବାଇକ ଚାଳକଙ୍କ ସମେତ ଦୁଇ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ପରିଚୟ ଜଣାପଡିନାହିଁ। ତେବେ ଆହତଦ୍ୱୟ ଭରତପୁର ଥାନା ଫୁଲେଶ୍ୱରୀ ବସ୍ତିର ବୋଲି ଜଣାପଡିଛି। ମୋ ବସ୍‌ଟି ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବସ୍‌ଟି ଆଇଗିଣିଆ ସର୍ଭିସ୍ ରାସ୍ତାରେ ଯାଉଥିବାବେଳେ ଖଣ୍ଡଗିରିରୁ ପାତ୍ରପଡ଼ା ଫୁଲେଶ୍ୱରୀ ବସ୍ତି ଅଭିମୁଖେ ଯୁବକଦ୍ୱୟ ବାଇକରେ ରଙ୍ଗ୍ ରୁଟ୍‌ରେ ଆସୁଥିଲେ। ମୋ ବସ୍‌ଟି ବାଇକକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା କରିବା ସହ ଚାଳକ ଓ କଣ୍ଡକ୍ଟରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ତେବେ ଲୋକଙ୍କ ଆକ୍ରମଣର ଶିକାର ହୋଇ ବସ୍ ଚାଳକ ଓ କଣ୍ଡକ୍ଟର ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

# ଗୁଳି ଫୁଟାଇ ବ୍ୟାଙ୍କ ଆଗରୁ ଲୁଟି ନେଲେ ୧୨ଲକ୍ଷ

- ଜଣେ ଆହତ
- ପୋଲିସ, ସାଇବର ଏକ୍ସପର୍ଟ ଟିମ୍‌ର ତନାଘନା

ଖଇରା, ୯।୭(ଉତ୍କଳବନ୍ଧୁ ପଣ୍ଡା)


ବ୍ୟାଙ୍କ ଗେଟ୍ ସମ୍ମୁଖରେ ଟଙ୍କା ବ୍ୟାଗ୍ ଧରି ପମ୍ପ କର୍ମଚାରୀ ଓ ଲୁଟେରାଙ୍କ ମଧ୍ୟରେ ଧସ୍ତାଧସ୍ତି ଦୃଶ୍ୟ।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବର୍ଦ୍ଧନାସ୍ଥିତ ଇଣ୍ଡିଆନ ବ୍ୟାଙ୍କକୁ ଜମା କରିବାକୁ ଆସିଥିବା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗୁଳି ମାରି ୬ଜଣ ଦୁର୍ବୃତ୍ତ ୧୨ଲକ୍ଷ ନେଇ ଫେରାର ହୋଇଯାଇଛନ୍ତି। ବ୍ୟାଙ୍କ ସମ୍ମୁଖରେ ଏହି ଘଟଣା ଘଟିଛି। ଗୋଡରେ ଗୁଳି ବାଜିଥିବା ପମ୍ପ କର୍ମଚାରୀ ବିଷ୍ଣୁ ପ୍ରସାଦ ମହାପାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ନୀଳଗିରି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ସାଇବର ଏକ୍ସପର୍ଟ ଟିମ୍, ଖଇରା ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛନ୍ତି। ୨ ମାସ ମଧ୍ୟରେ ୭ରୁ ଅଧିକ ଡାକୟତି, ଲୁଟ୍ ଓ ଚୋରି ଖଇରାବାସୀଙ୍କ ନିଦ ହଜାଇ ଦେଇଛି। ମଙ୍ଗଳବାର ଅପରାହ୍ନରେ କୁପାରୀ କୁପେଶ୍ୱର ପେଟ୍ରୋଲ ପମ୍ପର ୨ କର୍ମଚାରୀ ଅଜୟ ମହାପାତ୍ର ଓ ବିଷ୍ଣୁପ୍ରସାଦ ମହାପାତ୍ର ଆନୁମାନିକ ୧୨ଲକ୍ଷ ଟଙ୍କା ଧରି ବର୍ଦ୍ଧନାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ଜମା କରିବାକୁ ଯାଇଥିଲେ। ଟଙ୍କା ଲୁଟ୍‌ର ଯୋଜନା କରି ୨ଟି ବାଇକରେ ୬ଜଣ ଦୁର୍ବୃତ୍ତ କର୍ମଚାରୀଙ୍କ ପଛେ ପଛେ ଆସିଥିଲେ। ପମ୍ପ କର୍ମଚାରୀମାନେ ଶାଖା କାର୍ଯ୍ୟାଳୟକୁ ଯାଉଥିବା ବେଳେ ବ୍ୟାଙ୍କ କାର୍ଯ୍ୟାଳୟ ଗେଟ ନିକଟରେ ଲୁଟେରାଙ୍କ ମଧ୍ୟରୁ ୨ଜଣ ବିଷ୍ଣୁ ଧରିଥିବା ଟଙ୍କା ବ୍ୟାଗକୁ ଟାଣିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଜଣେ ଯୁବକ ବିଷ୍ଣୁଙ୍କ କାନ୍ଧକୁ ପ୍ରଥମେ ଗୁଳି ମାରିଥିଲେ। ତାହା ନ ବାଜିବାରୁ ପୁନଶ୍ଚ ଗୋଡକୁ ଗୁଳି ମାରିଥିଲେ। ଆହତ ପରେ ବିଷ୍ଣୁ ଟଙ୍କା ବ୍ୟାଗଟିକୁ ଛାଡିବାକୁ ବାଧ ହୋଇଥିଲେ। ସେତେବେଳକୁ ବ୍ୟାଙ୍କରେ ଥିବା ଅନ୍ୟ ଗ୍ରାହକମାନେ ଭୟରେ ଦୌଡାଦୌଡି ଆରମ୍ଭ କରିଥିଲେ। ପରେ ଲୁଟେରାମାନେ ଆଗରପଡା-କୁପାରୀ ରାସ୍ତାରେ ଆସିଥିବା ବାଇକରେ କୁପାରୀ ଆଡକୁ ପଳାଇଥିଲେ। ଲୁଟ୍ ସମ୍ପର୍କରେ ଏସ୍‌ପି ସାଗରିକା ନାଥଙ୍କ ସହ ଯୋଗାଯୋଗ କରିବାରେ ଅପରାଧୀମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା କହିଛନ୍ତି।

**Bhubaneswar Municipal Corporation**
**Notice No. 27672** **Date: 06.07.2024**
**(File No. BMC/Mechanical/XXX-VI-62-2024/2024/54)**

**CORRIGENDUM - 1**
**REVISED REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION (BMC)**
**(Notice No. 23657/BMC / Dt.07.06.2024)**

No.C-175: Bhubaneswar Municipal Corporation (BMC) hereby issues this notice for the attention of all potential bidders that the last date for submission of proposals shall be till 04.00 P.M. on 16.07.2024. The technical proposal shall be opened at 05.00 P.M. on 16.07.2024. The detailed Revised Request for Proposal document with the response to Pre-Bid queries can be downloaded from BMC website i.e. **bmc.gov.in**. Bids shall be submitted through Registered/Speed Post or Courier service at the address mentioned in the revised RFP. Please refer to the revised RFP documents for further details.

BMC reserves the right to cancel this invitation and/or invite fresh RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Vehicle & IT)**
OIPR-13002/11/0032/2425 **Bhubaneswar Municipal Corporation**

# ଖର୍ଚ୍ଚ ବାବଦ ମାସକୁ ୧୪ ଲକ୍ଷ ଟଙ୍କା ଗଣୁଛି ବିଏମ୍‌ସି

ଭୁବନେଶ୍ୱର,୯।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ୨୦୨୩ରେ 'ଟିମ୍ ସାଇନ୍' (ସାନିଟେସନ ହାଇଜିନ୍ ଇନ୍‌ସ୍ପେକ୍ସନ ଫର୍ ନିଟ୍ ଏନଭାୟରନ୍‌ମେଣ୍ଟ) ଗଠନ କରିଥିଲା। ସ୍ୱଚ୍ଛତା ନେଇ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଆବଶ୍ୟକ ପଡ଼ିଲେ ନିୟମ ଖିଲାପ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଜରିମାନା ତଥା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଟିମ୍ ଗଠନର ଆଭିମୁଖ୍ୟ ଥିଲା। ଏହାଦ୍ୱାରା ଲୋକେ ସ୍ୱଚ୍ଛତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହିତ ଏନେଇ ଅଭ୍ୟସ୍ତ ହେବେ ଏବଂ ଭୁବନେଶ୍ୱର ଦେଶର ୧ନଂ. ସହର ଭାବେ ଗଢିଉଠିବ ବୋଲି ଆଶା କରାଯାଉଥିଲା। ମାତ୍ର ଇତିମଧ୍ୟରେ ୧ବର୍ଷ ବିତିବାକୁ ବସିଥିବାବେଳେ ଯେଉଁ ଲକ୍ଷ୍ୟ ନେଇ ଟିମ୍ ଗଠନ ହୋଇଥିଲା ତାହା ବାଟବଣା ହେବାରେ ଲାଗିଛି। ଅପରପକ୍ଷେ ସମ୍ପୃକ୍ତ ଟିମ୍‌ର ଖର୍ଚ୍ଚ ବାବଦକୁ ବିଏମ୍‌ସି ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି ଟିମ୍ ଏବେ ନିଷ୍କ୍ରିୟ ହୋଇପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି।

ସହରର ୩ଟି ଜୋନ୍ ପାଇଁ ମୋଟ୍ ୯ଟି ଟିମ୍ ଗଠନ କରାଯାଇଛି। ପ୍ରତି ଜୋନ୍‌କୁ ୩ଟି ଲେଖାଏ ଟିମ୍ ଦିଆଯିବା ସହିତ ପ୍ରତି ଟିମ୍‌ରେ ଜଣେ ଲେଖାଏ ଟିମ୍ ଲିଡର ଏବଂ ୫ରୁ ୬ଜଣ ସଦସ୍ୟ ରହିଛନ୍ତି। ପ୍ରତି ଟିମ୍‌କୁ ଗୋଟିଏ ଲେଖାଏ ସମୁଦାୟ ୯ଟି ଗାଡ଼ି ସହ ସମସ୍ତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ୟୁନିଫର୍ମ, କ୍ୟାପ୍ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ଯୋଗାଇ ଦିଆଯାଇଛି। ଗାଡ଼ିର ତେଲ ବାବଦରେ ମାସକୁ ପ୍ରାୟ ୯୦ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ବିଏମ୍‌ସି ପ୍ରତି ମାସରେ ୧୪ଲକ୍ଷ ଟଙ୍କା ଗଣୁଛି। କିନ୍ତୁ ଏହା ବଦଳରେ ଟିମ୍ ଯେଉଁଭଳି ଭାବେ କାମ କରିବା କଥା ତାହା କରୁନାହିଁ। ୨୦୨୩ ଅଗଷ୍ଟ ୧୩ରେ ବିଏମ୍‌ସି ମେୟର ସୁଲୋଚନା ଦାସ, ତତ୍କାଳୀନ କମିଶନର ବିଜୟ ଅମୃତା କୁଲାଙ୍ଗେ ଟିମ୍‌ର ଶୁଭାରମ୍ଭ କରିଥିଲେ। ସହରର ସ୍ୱଚ୍ଛତା ରକ୍ଷା କରିବା ପାଇଁ ସେମାନେ ବିଏମ୍‌ସିର ସମସ୍ତ ନିୟମକୁ କାର୍ଯ୍ୟକାରୀ କରିବା ସହିତ ସର୍ବସାଧାରଣ ସ୍ଥାନ ଓ ରାସ୍ତାକୁ ଅପରିଷ୍କାର ନ କରିବା, ଏକକ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାରରୁ ବିରତ ରହିବା ଏବଂ ବର୍ଜ୍ୟ ଇତ୍ୟାଦି ନ ଜଳାଇବା ପାଇଁ ନାଗରିକଙ୍କୁ ବୁଝାଇବା ସହ ନିୟମ ଲାଗୁ କରିଥିଲେ। ବାଧ୍ୟବାଧକତା, ଧମକ କିମ୍ବା ଖରାପ ବ୍ୟବହାର ପ୍ରଦର୍ଶନ ନ କରିବାକୁ କର୍ମଚାରୀ ଶପଥ ନେଇଥିଲେ। ଟିମ୍ ଗଠନ ହେବାର କିଛିଦିନ ପର୍ଯ୍ୟନ୍ତ ସମ୍ପୃକ୍ତ ଟିମ୍ ବେଶ୍ ସକ୍ରିୟ ଥିଲା। ପରିମଳ ତଦାରଖ ସହିତ ପଲିଥିନ୍ ଓ କୋଇଲା ଆଞ୍ଚ ଯାଞ୍ଚ ଭଳି ବିଭିନ୍ନ କାର୍ଯ୍ୟର ତଦାରଖ କରାଯାଉଥିଲା। ତେବେ ଏହି ସମୟରେ ଟିମ୍‌କୁ ବହୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। କେଉଁଠି କର୍ପୋରେଟର ଟିମ୍‌ର କର୍ମଚାରୀଙ୍କୁ ନାଲିଆଖି ଦେଖାଇଥିଲେ ତ ଆଉ କେଉଁଠି ଜରିମାନା କରିବା ନେଇ ଲୋକେ ସେମାନଙ୍କୁ ଘେରିଥିଲେ। ପୁଣି କେଉଁଠି ଜବରଦଖଲକୁ ନେଇ ବଚସା ହେବାକୁ ଟିମ୍ ଉପରକୁ ଗରମ ପାଣି ଫିଙ୍ଗାଯାଇଥିଲା। ଅପରପକ୍ଷେ ଟିମ୍ କର୍ମଚାରୀଙ୍କ ବ୍ୟବହାର ତଥା କାର୍ଯ୍ୟକଳାପକୁ ନେଇ ସାଧାରଣଲୋକ ମଧ୍ୟ ଅଭିଯୋଗ କରିଥିଲେ। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି କଡ଼ା ପଦକ୍ଷେପ ନିଆଯାଉ ନ ଥିଲା। ଲଗାତାର ଭାବେ ବିରୋଧ ବଢୁଥିବାରୁ ସମ୍ପୃକ୍ତ ଟିମ୍‌କୁ ଏବେ କାର୍ଯ୍ୟରୁ ବିରତ ରଖାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ଏନେଇ ବିଏମ୍‌ସି ଡେପୁଟି କମିଶନର ମନୋରଞ୍ଜନ ସାହୁ କହିଛନ୍ତି, ଟିମ୍ ସାଇନ୍ ଏବେ ଲୋକଙ୍କୁ ଡବଲ୍ ଡଷ୍ଟବିନ୍ ଉପରେ ସଚେତନ କରୁଛି। ସହରରେ ୧୬୪ ବ୍ୟବସାୟିକ ଅଞ୍ଚଳ ଚିହ୍ନଟ କରାଯାଇଥିବାବେଳେ ପ୍ରାୟ ୩୩ ହଜାର କମର୍ସିଆଲ ହାଉସ୍‌ହୋଲ୍ଡର ଅଛନ୍ତି। ବାରମ୍ବାର ସଚେତନ ଏବଂ ଅନୁରୋଧ କରିବା ପରେ ବି କାଁ ଭାଁ ବ୍ୟବସାୟୀଙ୍କୁ ଛାଡ଼ିଦେଲେ ଅନ୍ୟମାନେ ଦୁଇଟି ଡଷ୍ଟବିନ୍ ରଖୁନାହାନ୍ତି। ଫଳରେ ଅନେକ ସମୟରେ ରାସ୍ତାକଡ଼ରେ ଆବର୍ଜନା ଜମା ହେଉଛି। ସାଇନ୍ ଟିମ୍ ଏ ନେଇ ତଦାରଖ କରିବା ସହ ସମସ୍ତଙ୍କୁ ସଚେତନ କରୁଛନ୍ତି।

**'ଟିମ୍ ସାଇନ୍' ନିଷ୍କ୍ରିୟ ଅଭିଯୋଗ**

# ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୯।୭(ବନ୍ଦନା ସେଠୀ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରିବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ଏନେଇ ମଙ୍ଗଳବାର ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନ ପାଇଁ ମଧ୍ୟ ଦାବି କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ସମ୍ମିଳନୀର ଉପଦେଷ୍ଟା ଗାନ୍ଧିବାଦୀ ପଦ୍ମଚରଣ ନାୟକ, ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, କୋଷାଧ୍ୟକ୍ଷା ସୌଦାମିନୀ ସାମନ୍ତରାୟ ପ୍ରମୁଖ ରାଜଭବନରେ ରାଷ୍ଟ୍ରପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ଜଳବନ୍ଦୀ ପାଇଁ ସିପେଜ୍ ହୋଇ ରାସ୍ତା ଦବିଛି: ଏନ୍‌ଏଚ୍‌ଏଆଇ

**୧୬ ନଂ. ଜାତୀୟ ରାଜପଥ ଦବିବା ଘଟଣା**

ଭୁବନେଶ୍ୱର, ୯।୭(ବନ୍ଦନା ସେଠୀ)

୧୬ନଂ ଜାତୀୟ ରାଜପଥର ଡୁମୁଡୁମା ଆଇଗିଣିଆ ଫ୍ଲାଏ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ଦବିବା ଘଟଣାର ସମୀକ୍ଷା କରିଛି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)। ବର୍ଷା ପାଇଁ ସମ୍ପୃକ୍ତ ସ୍ଥାନରେ ଜଳବନ୍ଦୀ ହେବା ଫଳରେ ସିପେଜ୍ ହୋଇ ରାସ୍ତା ଦବିଥିବା ଏନ୍‌ଏଚ୍‌ଏଆଇର ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ଘଟଣା ନେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି।

ଆଇଗିଣିଆ ଓଭରବ୍ରିଜ୍ ବ୍ୟତୀତ ଅନ୍ୟ ଓଭରବ୍ରିଜ୍‌ଗୁଡ଼ିକର କିଭଳି ସ୍ଥିତି ରହିଛି ତାହାର ତଦାରଖ କରିବା ସହିତ ଜଳବନ୍ଦୀ ସମୟରେ ସେଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ ମରାମତି କରିବାକୁ ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏଥିସହ ଆଇଗିଣିଆ ରାସ୍ତା କାମରେ କଣ୍ଟ୍ରାକ୍ଟରଙ୍କ ଅବହେଳା ରହିଥିଲେ କିମ୍ବା ନିମ୍ନମାନର କାମ ହୋଇଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଂ କହିଛନ୍ତି। ହଂସପାଳ ଓଭରବ୍ରିଜ୍ କାମ ଗତବର୍ଷ ସରିବାକୁ ଥିବାବେଳେ ଏଯାଏ ଶେଷ ହୋଇପାରିନାହିଁ। ଯେଉଁମାନେ ଟେଣ୍ଡର ନେଇଥିଲେ, କାମ ସାରି ନ ପାରିବାରୁ ଆଉ କିଛି ସମୟ ମାଗିଥିବା ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଘଟଣା ପରେ ମଙ୍ଗଳବାର ମେୟର ସୁଲୋଚନା ଦାସ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ନିମ୍ନମାନର କାମ ପାଇଁ ଗତ କିଛିଦିନ ତଳେ ବିହାରରେ ଏକାଧିକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଏଭଳିସ୍ଥିତିରେ ମାତ୍ର ୬ମାସ ତଳେ ଆଇଗିଣିଆ ଓଭରବ୍ରିଜ୍ କାମ ସରିଥିବାବେଳେ ରାସ୍ତା ଦବିଯିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। କାମରେ ଅବହେଳା କରାଯାଇଥିବା ସ୍ପଷ୍ଟ ବାରିହୋଇପଡୁଛି। ତେବେ ଘଟଣା ନେଇ ଏନ୍‌ଏଚ୍‌ଏଆଇର ଡିଜିଏମ୍‌ଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ନୂଆ ତିଆରି ହୋଇଥିବା ଅନ୍ୟ ବ୍ରିଜ୍‌ଗୁଡିକର କାମ ଠିକ୍ ଭାବେ ହୋଇଛି କି ନାହିଁ ସେ ନେଇ ସମୀକ୍ଷା କରିବା ଆବଶ୍ୟକ ବୋଲି ମେୟର କହିଛନ୍ତି।

ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ମିନିଟ୍ରକ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଡୁମୁଡୁମା ନିକଟସ୍ଥ ଜାତୀୟ ରାଜପଥର ଓଭରବ୍ରିଜ ପାର୍ଶ୍ୱରେ ହଠାତ ଟ୍ରକ୍‌ର ଚକା ଦବିଯାଇଥିଲା। ଫଳରେ ଗାଡ଼ି ଆଉ ଆଗକୁ ଗଡ଼ି ନପାରି ସେଠାରେ ଦୀର୍ଘ ସମୟ ଧରି ଫସି ରହିଥିଲା। ଟ୍ରକରେ କୌଣସି ଜିନିଷ ନ ଥିବାରୁ ସେମିତି କିଛି ବଡ଼ ଧରଣର ଦୁର୍ଘଟଣା ଘଟି ନ ଥିଲା। ଖବର ପାଇ ଏନ୍‌ଏଚ୍‌ଏଆଇ ଓ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚି ଟ୍ରକକୁ ଉଦ୍ଧାର କରିଥିଲେ।

# ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)

**ସରିଲା 'ଶ୍ରଦ୍ଧାଞ୍ଜଳି'**

ସାଂସ୍କୃତିକ ସଙ୍ଗଠନ 'ସ୍ୱରାଞ୍ଜଳି' ପକ୍ଷରୁ ଦୁଇଦିନ ଧରି ଅନୁଷ୍ଠିତ ପଣ୍ଡିତ ସୁରମଣି ବାଉରୀବନ୍ଧୁ ସେଠୀଙ୍କୁ ସଙ୍ଗୀତରେ 'ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରାତନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା, ମନୋରଞ୍ଜନ ନାୟକ, ଡ. କେଶବ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷାବିତ ଡ. ଶକୁନ୍ତଳା ବଳିଆରସିଂହ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ବଜାୟ ରଖିବାକୁ ହେଲେ ନୂତନ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀମାନଙ୍କୁ ଉତ୍ସାହିତ କରି ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ରହିଥିବା ମତପ୍ରକାଶ କରିଥିଲେ। ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଶିଳ୍ପୀ ପ୍ରଜ୍ଞା ମିଶ୍ର ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ହାରମୋନିୟମ୍‌ରେ ପଣ୍ଡିତ ଶାୟନ ଚାଟାର୍ଜୀ, ତାନପୁରାରେ ସ୍ୱସ୍ତି କିରଣ ମିଶ୍ର ଏବଂ ତବଲାରେ ବନାରସର ପଣ୍ଡିତ ଶୁସୋମୟ ମିଶ୍ର ସହଯୋଗ କରିଥିଲେ। ତାଙ୍କ ପରେ ଶିଳ୍ପୀ ସୁବୀର କୁମାର ମିତ୍ର, କୋଲକାତାର ସୌମୀ ମଜୁମଦାର ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁବ୍ରତ ଦେ ସୀତାର ବାଦନ ସହିତ ଗୁରୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ସହିତ ପଣ୍ଡିତ ଅମିତାଭ ସେନ ତବଲାରେ ସହଯୋଗିତା କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ଆଲୋକ ଦାସ, ଅଧ୍ୟାପକ ଗୁରୁ ସୌନ୍ଦର୍ଯ୍ୟ ରଞ୍ଜନ ରାୟ, ଗୁରୁ ଜୀବନ ପ୍ରକାଶ ଦାସ ଏବଂ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିଲେ।

# ରାସ୍ତାପାର୍ଶ୍ୱକୁ ଗାଡ଼ି ଓଲଟି ୯ ଆହତ

ବାଲିପାଟଣା,୯।୭(ଅଭିମନ୍ୟୁ ନାୟକ)



ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ନିକଟରେ ଭାରସାମ୍ୟ ହରାଇ ଏକ ଗାଡ଼ି ରାସ୍ତାକଡ଼କୁ ଓଲଟିପଡ଼ିବାରୁ ୮ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଛବିଲତା ବାରିକଙ୍କୁ(୫୬) କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଲିପାଟଣା ଥାନା ଅଠାନ୍ତର ଗ୍ରାମରୁ ସୋମବାର ଦୁଇଟି ଗାଡ଼ିରେ ପ୍ରାୟ ୨୦ଜଣ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଇଥିଲେ। ଠାକୁରଙ୍କ ଦର୍ଶନ ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଭାଟବନ୍ଧ ନିକଟରେ ଗୋଟିଏ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ୮ଜଣ ଆହତ ହେବା ସହ ଛବିଲତା ଗୁରୁତର ହୋଇଥିଲେ। ସେମାନଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଛବିଲତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

# ୧୯ ଦେଶ ସାଇକେଲରେ ଭ୍ରମଣ କରିବେ ବେଦାଙ୍ଗୀ

ବାଲୁଗାଁ,୯।୭(ସଂଗ୍ରାମ ପାଇକରାୟ)

ହିମାଚଳପ୍ରଦେଶ ମନାଲିରୁ ଲଦାଖର ଲେହ ସହର ପର୍ଯ୍ୟନ୍ତ ସର୍ବକନିଷ୍ଠା ଏବଂ ଦ୍ରୁତତମ ମହିଳା ସାଇକେଲ ଚାଳନାକାରୀ ଭାବେ ଗିନିଜ୍ ୱାର୍ଲଡ ରେକର୍ଡ ସୃଷ୍ଟି କରିଥିବା ବେଦାଙ୍ଗୀ କୁଲକର୍ନି ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିଦର୍ଶନ କରିବା ସହ ଏଠାରୁ ସାଇକେଲରେ ବିଶ୍ୱଭ୍ରମଣରେ ଯାତ୍ରା ଆରମ୍ଭ କରିଛନ୍ତି। ସେ ଗତ ୭ ତାରିଖରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିଦର୍ଶନ କରିବା ସହ ପ୍ରଶିକ୍ଷଣକାରୀ ଅଗ୍ନିବୀରଙ୍କ ସହ କଥୋପକଥନ କରିଥିଲେ। ମଙ୍ଗଳବାର ପ୍ରଶିକ୍ଷଣ କେନ୍ଦ୍ର କମାଣ୍ଡିଂ ଅଫିସର କମୋଡର ଏନ୍. ପି. ପ୍ରଦୀପ ପତାକା ଦେଖାଇ ବେଦାଙ୍ଗୀଙ୍କ ବିଶ୍ୱ ଭ୍ରମଣ ସାଇକେଲ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ୧୯ଟି ଦେଶ ସାଇକେଲରେ ଭ୍ରମଣ କରି ଆସନ୍ତା ନଭେମ୍ବର ୨୪ ତାରିଖ ସୁଦ୍ଧା ଚିଲିକାରେ ପହଞ୍ଚିବେ ବୋଲି ଜଣାପଡ଼ିଛି।


ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର । (ଫଟୋ: ମୌସମ ନନ୍ଦ)

# ଧଉଳି ପାଦଦେଶରେ ଚାରାରୋପଣ




ପୁରୁଣା ଭୁବନେଶ୍ୱର, ୯।୭ (ସୁବାସ ଚନ୍ଦ୍ର ପ୍ରଧାନ)

ବନ ମହୋତ୍ସବ ସପ୍ତାହ ଅବସରରେ ଶାନ୍ତିସ୍ତୁପ ଧଉଳି ପାଦଦେଶର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ କରାଯାଇଛି। ୨ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ପରେ ନୂଆଗାଁ ମ୍ୟୁନିସିପାଲିଟି ରୋଡର ଉଭୟ ପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ଏଥିରେ ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ ସ୍ୱାଇଁ, ସୁମନ୍ତ ସୁବୁଦ୍ଧି, ସୌମ୍ୟା ପରିଡା, ଲକ୍ଷ୍ମୀଧର ପ୍ରଧାନ, ବିଷ୍ଣୁ ବିଶ୍ୱାଳ, ଆଲୋକ ସାହୁ, ଲିଙ୍ଗରାଜ ଜେନା, ମଦନ ମହାପାତ୍ର, ଦେବରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବାଲକାଟୀ,୯।୭(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଯଶୁଆପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଏକ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଗତବର୍ଷ ଏହି ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହୋଇ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରଣ ହୋଇଥିଲା। ବିଦ୍ୟାଳୟର ୧୦ମ ଶ୍ରେଣୀର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପିଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇଥିଲେ। ଜୀବନରେ କିଭଳି ଜଣେ ଭଲ ମଣିଷ ହେବ, ସେନେଇ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଜ୍ଞ୍ଚନୁ ଫାଉଣ୍ଡେଶନ ସଭାପତି ଏସ୍. ଗୌରବ, ବିଧୁଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ବିଜୟ ମହାରଣା, ଦୁର୍ଯ୍ୟୋଧନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନିତା ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସୀତା ଦେଈ ପ୍ରମୁଖ ଯୋଗ ଦେଇଥିଲେ। ସମିତି ସଭ୍ୟ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଚାକିରି ଅପେକ୍ଷାରେ ଯୁବବର୍ଗ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

**ଗଡ଼ିଯାଉଛି ବୟସ**

ରାଜ୍ୟରେ ସରକାରୀ ଚାକିରି ପାଇବା ପାଇଁ ଯୁବବର୍ଗ ଚାହିଁ ବସିଥିବାବେଳେ ବୟସ ଗଡ଼ିଚାଲିଛି। ତେଣୁ ସେମାନେ ନିରାଶ ହୋଇପଡୁଛନ୍ତି। ବୟସସୀମା ବୃଦ୍ଧି ପାଇଁ ଆଶାୟୀଙ୍କ ପକ୍ଷରୁ ଦାବି ହୋଇଛି। ସାଧାରଣ ବର୍ଗର ଆଶାୟୀଙ୍କ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏନେଇ ଆଶାୟୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀ ଦୀର୍ଘଦିନ ଧରି ଏପରି ଦାବି କରିଆସୁଥିବାବେଳେ ପୂର୍ବ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଆଶାୟୀ ସୁନୀଲ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ବିଧାନସଭାରେ ବିଧାୟକମାନେ ଅନେକ ଥର ଏ ସମ୍ପର୍କିତ ଦାବି ଉପସ୍ଥାପନ କରିଆସୁଥିବାବେଳେ କେବଳ ୨୦୨୨, ୨୦୨୩ ଓ ୨୦୨୪ ବର୍ଷ ପାଇଁ ବୟସ ସୀମା ୩୮ ବର୍ଷକୁ ବୃଦ୍ଧି କରିଛନ୍ତି। ପୂର୍ବ ସରକାର ଦୀର୍ଘ ୧୫ ହେବ ନିୟମିତ ଭାବେ ସରକାରୀ ପଦବୀ ପୂରଣ କରୁ ନ ଥିଲେ। ଫଳରେ ବହୁ ମେଧାବୀଙ୍କ ଚାକିରୀ ବୟସସୀମା ଅତିବାହିତ ହୋଇଯାଇଛି। କୋଭିଡ୍ କାଳରେ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିନାହାନ୍ତି। ବେକାର ଯୋଗୁ ପରିବାର ପ୍ରତିପୋଷଣ କରିବାରେ ଅନେକ ଯୁବତୀ ଯୁବକ ସମର୍ଥ ହେଉ ନ ଥିବା ସୁନୀଲ କହିଛନ୍ତି। ସେହିପରି ସୁରେନ୍ଦ୍ର କୁମାର ଜେନା କହିଛନ୍ତି, କେତେକ ପ୍ରତିଯୋଗିତାମୂଳକ ପରୀକ୍ଷାର ଫଳାଫଳ ବାହାରି ନିଯୁକ୍ତି ପ୍ରଦାନ ପାଇଁ ୨ ବର୍ଷରୁ ଅଧିକ ସମୟ ବିତିଯାଉଛି। ଫଳରେ ଆଶାୟୀଙ୍କ ବୟସସୀମା ଅତିକ୍ରାନ୍ତ ହୋଇଯାଉଛି। ଅନ୍ୟତମ ଆଶାୟୀ ସଂଘମିତ୍ରା ସାହୁଙ୍କ କହିବାନୁସାରେ ଓଡ଼ିଶାରେ ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୨ ରଖାଯାଇଛି। ଓଡ଼ିଶାରେ ସରକାର ଡିଗ୍ରୀ କଲେଜ ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ରୁ ୪୫ ବର୍ଷକୁ ବୃଦ୍ଧି କରିଛନ୍ତି। ଆମ ଦେଶରେ ଅଧିକାଂଶ ରାଜ୍ୟ ସରକାର ଚାକିରି ଆବେଦନର ବୟସ ସୀମା ବୃଦ୍ଧି କରିଛନ୍ତି। ରାଜ୍ୟରେ ଲକ୍ଷାଧିକ ପଦବୀ ଖାଲି ପଡ଼ିଛି ଓ ଆବଶ୍ୟକସ୍ଥଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଆବେଦନ ବୟସସୀମା ୪୨ବର୍ଷକୁ ବୃଦ୍ଧି କରାଯାଉ ବୋଲି ସଂଘମିତ୍ରା ମତବ୍ୟକ୍ତ କରିଛନ୍ତି। ଆଶାୟୀ ଶୁଭ୍ରଜିତ ସାହୁ କହିଛନ୍ତି, ବିଭିନ୍ନ କାରଣରୁ ଗରିବ ମେଧାବୀ ପରୀକ୍ଷାର୍ଥୀଙ୍କ ଚାକିରୀ ବୟସସୀମା ଅତିକ୍ରାନ୍ତ କରିଯାଉଛି। ବୟସସୀମା ବୃଦ୍ଧି ଦ୍ୱାରା ସେମାନେ ନିଯୁକ୍ତି ପାଇବା ସହ ନୂତନ ସରକାରଙ୍କ ଲକ୍ଷ୍ୟ ପୂରଣରେ ନିଜକୁ ନିୟୋଜିତ କରିପାରିବେ ବୋଲି ଶୁଭ୍ରଜିତ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଆରେ ସରକାରୀ ଚାକିରୀ ଲାଗି ସର୍ବୋଚ୍ଚ ବୟସ ସୀମା ୪୫ ଓ ତେଲଙ୍ଗାନାରେ ୪୪ ବର୍ଷ ରହିଛି। ସେହିପରି ଆନ୍ଧ୍ରପ୍ରଦେଶ, ହରିୟାଣା, ଆସାମ, ଉତ୍ତରାଖଣ୍ଡ ଓ ଲଦାଖ ଆଦି ଅଞ୍ଚଳରେ ବୟସସୀମା ୪୨ବର୍ଷ ରହିଛି। ରାଜସ୍ଥାନ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକିମ୍, ଛତିଶଗଡ଼, ଉତ୍ତରପ୍ରଦେଶ ଓ ତ୍ରିପୁରାରେ ସରକାରୀ ଚାକିରୀରେ ସର୍ବୋଚ୍ଚ ବୟସସୀମା ୪୦ ବର୍ଷ ରହିଛି। ସେହି ତୁଳନାରେ ଓଡ଼ିଶାରେ ମଧ୍ୟ ବୟସସୀମା ବୃଦ୍ଧି ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ଶିବିରରୁ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୯।୭ (କାର୍ତ୍ତିକ ସାହୁ):

କଟକ ଚଣ୍ଡୀରୋଡ୍ ଶେଖ୍‌ବଜାର ପୂଜା କମିଟି ପକ୍ଷରୁ ପୂର୍ବତନ ସାଧାରଣ ସମ୍ପାଦକ କେଶବ ବେହେରାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର ବାରବାଟୀ ଷ୍ଟାଡିୟମ ହର୍ଷ ଗେଟ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂଜା କମିଟି ସମ୍ପାଦକ କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ସମୀର ଦେ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ ଦାସ ଓ କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଖ୍ ବଜାର ପୂଜା କମିଟି କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ।

### ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ

ସାଲେପୁର,୯।୭(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ରାତ୍ର ପାୟ ସାଢ଼େ ନଅଟା ସମୟରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ସେ ହେଲେ ଗ୍ରାମର ପ୍ରମୋଦ କରଙ୍କ ପୁଅ ସତ୍ୟଜିତ କର(୩୩)। ସାଲେପୁର-କେନ୍ଦ୍ରାପଡା ରାସ୍ତା କଡ଼ରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦଦୋକାନ ନିକଟରେ ସତ୍ୟଜିତ ବସିଥିଲେ। ଏହି ସମୟରେ ୨ ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଏକ ମାରଣାସ୍ତ୍ରରେ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସତ୍ୟଜିତ୍‌ଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଚାରା ରୋପଣ

ବାଙ୍କୀ,୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଭାରତ ସରକାରଙ୍କ ନେହ୍ରୁ ଯୁବକେନ୍ଦ୍ର ଓ ଆଦର୍ଶ ଯୁବପରିଷଦ ମିଳିତ ଆୟୋଜନରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଗ୍ରାମପଞ୍ଚାୟତ ପ୍ରତିନିଧି ମାନଭଞ୍ଜନ ଦଳେଇ, ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ରଣା, ଗ୍ରାମ୍ୟକମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ସଭ୍ୟ ଗଣେଶ ବେହେରା, ଚେତନା ଅନୁଷ୍ଠାନ ପ୍ରତିନିଧି ସୋନାଲି ମୁଖାର୍ଜି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଇଁଆ, ଜାମୁକୋଳି, ବେଲ, ଅଁଳା, ପିଜୁଳି ଓ ତାଳ ଆଦି ଚାରା ରୋପଣ କରାଯାଇଥିଲା।

# ଜବରଦଖଲ ଉଚ୍ଛେଦରୁ ଉତ୍ତେଜନା



ଜବରଦଖଲ ଉଚ୍ଛେଦ ଚାଲିଛି।



ରାସ୍ତାରେ ଶୋଇ ଲୋକମାନେ ପ୍ରତିବାଦ କରୁଛନ୍ତି।

ବଡ଼ମ୍ବା,୯।୭(ମାୟାଧର ମଲ୍ଲିକ) :

**ପୋଲିସ ଫୋର୍ସ ମୁତୟନ**

ବଡ଼ମ୍ବା ବ୍ଲକ ପ୍ରଶାସନ ତରଫରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବିଶେଷ କରି ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାପାର୍ଶ୍ୱକୁ ଦୀର୍ଘ ବର୍ଷ ଧରି ଜବରଦଖଲ କରିଥିବା ବ୍ୟବସାୟୀ ଓ ଦୋକାନଘରଗୁଡ଼ିକୁ ଭଙ୍ଗାଯାଇଛି। ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱ ରେ ଏକ ଟିମ୍ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସରକାରୀ ସ୍ଥାନରେ ଜବରଦଖଲ କରିଥିବା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସ୍ଥାନ ଖାଲି କରିବାକୁ ନିବେଦନ କରିଥିଲେ। ଘଟଣା ସ୍ଥଳରେ ବିଜେଡି ନେତା ସରୋଜ କୁମାର ପଟ୍ଟନାୟକ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ସୂର୍ଯ୍ୟ କିଶୋର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପହଞ୍ଚି ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜବରଦଖଲକାରୀ ବ୍ୟବସାୟୀ ଏହାକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ। ଏପରିକି କେତେଜଣ ଦୋକାନୀ ସମ୍ମୁଖ ରାସ୍ତା ଉପରେ ଶୋଇଯାଇଥିଲେ। ସୂଚନା ମୁତାବକ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କିଛି ବ୍ୟବସାୟୀ ସରକାରୀ ସ୍ଥାନରେ ଜବରଦଖଲ କରି ବ୍ୟବସାୟ କରୁଥିଲେ ଏନେଇ ଏକ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ କରାଯାଇଥିବା ବେଳେ ଜବରଦଖଲ ଉଚ୍ଛେଦ ହେବା ନେଇ ରାୟ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନିକସ୍ତରରେ ମଙ୍ଗଳବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏହା ଏକ ଭେଳିକି ସଦୃଶ ଭଳି ମନେହେଉଥିଲା। ସାମାନ୍ୟ କେତୋଟି ଦୋକାନ ଘର ଭଙ୍ଗା ଯାଇଥିବା ବେଳେ ଅନ୍ୟ କିଛି ଦୋକାନ ଗୃହର ଆଜବେଷ୍ଟସ ଖୋଲାଯାଇ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାଯାଇଥିଲା। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ମହାନ୍ତିଙ୍କ ସମେତ ରାଜସ୍ୱ ସହାୟକ ଶୈଳେନ୍ଦୁ ଶେଖର ନାୟକ, ସନ୍ତୋଷ କୁମାର ନାୟକ, ରାଜସ୍ୱ ନିରୀକ୍ଷକ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର, ଥାନା ଏସ ଆଇ ବିଶ୍ୱବନ୍ଦିତା ସାହୁ, ଉତ୍କଳ କେଶରୀ ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ମହାନ୍ତିଙ୍କୁ ପଚରାଯିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଉଛି। ଏନେଇ ବ୍ୟବସାୟୀମାନେ ନିଜ ଦୋକାନରେ ରଖିଥିବା ସାମଗ୍ରୀ ତଥା ଗୃହ ସରଞ୍ଜାମକୁ ନେଇଯିବାକୁ ସେ କହିଥିଲେ।

# ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ଆଲୋଚନା

ନରସିଂହପୁର, ୯।୭ (ନିରଞ୍ଜନ ଦେବକୁମାର )

ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇହେବ ସେନେଇ ସାମାଜିକ ଅନୁଷ୍ଠାନ ମୁକ୍ତି ସଙ୍ଗଠନର କର୍ମକର୍ତ୍ତାମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀ ପ୍ରକାଶ କୁମାର ମିଶ୍ରଙ୍କ ସହ ଆଲୋଚନା କରିଥିଲେ।

ଏହି ଅବସରରେ ସେମାନେ କହିଥିଲେ, ନରସିଂହପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ୧୯ ଡାକ୍ତରଙ୍କ ସ୍ଥାନରେ ଏବେ କେବଳ ୭ ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଏହାସତ୍ତ୍ୱେ ପ୍ରତିଦିନ ସବୁ ଡାକ୍ତର ରାହୁନାହାନ୍ତି। ଅନ୍ୟପଟେ ମେଡିକାଲରେ ୧୭ ନର୍ସ ରହିବା ବଦଳରେ ଏବେ ମାତ୍ର ୫ ଜଣ ନର୍ସ କାର୍ଯ୍ୟରତ ଥିବା ଡାକ୍ତର ମିଶ୍ର ସୂଚନା ଦେଇଥିଲେ। ଏସବୁ ପଦବୀ ଦୀର୍ଘ ବର୍ଷ ହେବ ଖାଲିପଡ଼ିଛି। ଫଳରେ ରୋଗୀ ସେବାରେ ବାଧା ଉପୁଜୁଛି। ମେଡିକାଲରେ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ସମସ୍ୟା ଦୂର କରିବାକୁ ପ୍ରୟାସ କରିବାକୁ ମୁକ୍ତି ସଙ୍ଗଠନ ପକ୍ଷରୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ମୁକ୍ତି ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଜ୍ଞାନରଞ୍ଜନ ନାୟକ,ସଭାପତି ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ କୁମାର ନାୟକ, ବିଷ୍ଣୁ ଚରଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ଦିନ ପରେ ଓମ୍‌ପ୍ରକାଶଙ୍କ ଚିକିତ୍ସା



ଏସ୍‌ସିବିକୁ ଚିକିତ୍ସା ହେବାକୁ ଆସିଥିବା ଓମ୍‌ପ୍ରକାଶ ପ୍ରଧାନ।

କଟକ,୯।୭(ଶିଳ୍ପା ପ୍ରିୟଦର୍ଶିନୀ)

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା ନେଇ ଖବର ପ୍ରକାଶ ପାଇଥିଲା
- ତତ୍ପରତା ଦେଖାଇଲେ ଏସ୍‌ସିବି କର୍ତ୍ତୃପକ୍ଷ

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶର ୧୫ ଦିନ ପରେ ଏସ୍‌ସିବି ମେଡିକାଲରେ ଯାଜପୁର ଜିଲାର ଓମ୍‌ପ୍ରକାଶ ପ୍ରଧାନ(୧୧)ଙ୍କ ଚିକିତ୍ସା ମଙ୍ଗଳବାର ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏସ୍‌ସିବି କର୍ତ୍ତୃପକ୍ଷ ବେଖାତିର କରିଥିବା ନେଇ ଗତ ୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ସିବି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ଓମ୍‌ପ୍ରକାଶଙ୍କ ମା'ଙ୍କ ସହ ଯୋଗାଯୋଗକରି ମଙ୍ଗଳବାର କାର୍ଡିଓଲୋଜିବିଭାଗରେଥିବାସିଟିଭିଏସ୍‌ରେ ଓମ୍‌ପ୍ରକାଶଙ୍କ ଚିକିତ୍ସା ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ୬ମାସ ପୂର୍ବେ ଓମ୍‌ପ୍ରକାଶ ସାଇକେଲରୁ ପଡ଼ିଯିବାରୁ ପାଦରେ ଗୁରୁତର ଆଘାତ ଲାଗିଥିଲା। ଚିକିତ୍ସା ଲାଗି ତାଙ୍କ ମା' ରଶ୍ମିରେଖା ଏସ୍‌ସିବି ମେଡିକାଲକୁ ଆଣିଥିଲେ। ହେଲେ ଓମ୍‌ପ୍ରକାଶ ଚିକିତ୍ସାରୁ ବଞ୍ଚିତ ହୋଇଥିଲେ। ଗତ ୨୫ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ରଶ୍ମିରେଖା ତାଙ୍କୁ ଭେଟି ପୁଅର ଚିକିତ୍ସା ପାଇଁ ଗୁହାରି କରିଥିଲେ। ପରେ ମନ୍ତ୍ରୀ ଓମ୍‌ପ୍ରକାଶଙ୍କ ଚିକିତ୍ସା ନେଇ ଉପସ୍ଥିତ ଥିବା ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଡାକ୍ତର ରଞ୍ଜନରଶ୍ମି ବିଭାଗର ମୁଖ୍ୟଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ। ଓମ୍‌ପ୍ରକାଶଙ୍କ କେବଳ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟ ଆସିବାବେଳକୁ ସନ୍ଧ୍ୟା ହୋଇଯିବାରୁ ଡାକ୍ତରଙ୍କୁ ରଶ୍ମିରେଖା ପୁଅର ରିପୋର୍ଟ ଦେଖାଇପାରି ନ ଥିଲେ। ପରଦିନ ରିପୋର୍ଟ ଦେଖାଇବାକୁ ସେ ମେଡିସିନ ବିଭାଗକୁ ଆସିଥିବାବେଳେ ଡାକ୍ତର ଅନୁପସ୍ଥିତ ଥିଲେ। ତେଣୁ ସେ ଉକ୍ତ ବିଭାଗରେ ପିଜି ଡାକ୍ତରଙ୍କୁ ଜଣାଇଥିଲେ। କିନ୍ତୁ ଡାକ୍ତର ଚିକିତ୍ସା ନ କରି ସର୍ଜରି ବିଭାଗକୁ ପଠାଇ ଦେଇଥିଲେ। ୭ ଦିନ ପର୍ଯ୍ୟନ୍ତ ରଶ୍ମିରେଖା ପୁଅର ରିପୋର୍ଟ ନେଇ ବିଭିନ୍ନ ବିଭାଗ ଘୁରି ବୁଲିଥିଲେ ମଧ୍ୟ କୌଣସି ଡାକ୍ତର ଦେଖି ନ ଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ରଶ୍ମିରେଖା କହିଛନ୍ତି, ଖବର ପ୍ରକାଶ ପାଇବା ପରେ ଏସ୍‌ସିବିରେ ପୁଅର ଚିକିତ୍ସା ଆରମ୍ଭ ହୋଇଛି। ଅପରପକ୍ଷରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇପାରିବ ନାହିଁ। ମେଡିକାଲରେ ରୋଗୀ ଚିକିତ୍ସା କର୍ତ୍ତୃପକ୍ଷଙ୍କ ଗୁରୁଦାୟିତ୍ୱ। କୌଣସି କାରଣରୁ ଓମ୍‌ପ୍ରକାଶଙ୍କ ଚିକିତ୍ସାରେ ବିଳମ୍ବ ହୋଇଛି। ହେଲେ ଏବେ ତାଙ୍କର ଚିକିତ୍ସା ଜାରି ରହିଛି।

# ନଦୀପଠାରୁ ଚାଲିଛି ବେଆଇନ ଗଛ କଟା

**୩ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**

ମାହାଙ୍ଗା,୯।୭(ଯଯାତ ସିଂହ) :

ସରକାର ଏବେ ପରିବେଶକୁ ସନ୍ତୁଳନ ରଖିବା ପାଇଁ ବନ ମହୋତ୍ସବ ପାଳନ କରୁଥିବାବେଳେ ମାହାଙ୍ଗା ତହସିଲ ଅଞ୍ଚଳରେ ବ୍ୟାପକ ଗଛ କଟା ଚାଲିଛି। ଏଥିନେଇ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ବିଭିନ୍ନ ଆଳ ଦେଖାଇ ଘଟଣାସ୍ଥଳକୁ ତଦନ୍ତ କରିବା ପାଇଁ ଅଧିକାରୀ ଯାଉନାହାନ୍ତି। କେତେବେଳେ ଜାଣିଶୁଣି ବିଳମ୍ବ କରୁଥିବାବେଳେ ଆଉ କେତେବେଳେ ଗଛ କଟା ଦାୟିତ୍ୱ ଆମର ନୁହେଁ ବରଂ ବନବିଭାଗର କହି ଏଡ଼ାଇ ଦେଉଛନ୍ତି। ଏହାର ସୁଯୋଗ ନେଇ କାଠ ମାଫିଆମାନେ ଅଧିକରୁ ଅଧିକ ଗଛ କାଟି ଚାଲିଛନ୍ତି।

ଏପରି ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱରପୁର ପଞ୍ଚାୟତ ଜଳେଶ୍ୱରପୁର ବିରୂପା ନଦୀପଠା ନିକଟରେ। ପୂର୍ବରୁ ଜଣେ ବ୍ୟକ୍ତି ବହୁ ଗଛ ସରକାରୀ ଜମିରୁ କାଟି ନେଇଥିବାବେଳେ ଗତ ରବିବାର ୨ଟି ବଡ ବଡ ଚାଖୁଣ୍ଡା ଗଛ କାଟି ବେପାରୀକୁ ବିକ୍ରି କରୁଥିବା ନେଇ ମାହାଙ୍ଗା ତହସିଲଦାରଙ୍କ ନିକଟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



କଟାଯାଇଥିବା ଗଛ।

ଏହାସତ୍ତ୍ୱେ କୌଣସି ଅଧିକାରୀ ଗଛକଟା ସ୍ଥଳକୁ ନ ଯାଇ କାର୍ଯ୍ୟାଳୟରେ ବସି ହଁ କାର୍ଯ୍ୟାନୁଷ୍ଠାନ ହେବ କହି ଆସୁଛନ୍ତି। ଏନେଇ ମାହାଙ୍ଗା ତହସିଲଦାର ସୁଶାନ୍ତ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଗଛକାଟିଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି କହିଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତୁରନ୍ତ କଟକ ଜିଲାପାଳ ଓ ଜିଲା ବନାଞ୍ଚଳ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେଆଇନ ଭାବେ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### କୋରାନ ସପ୍ତାହ

ତିଗିରିଆ,୯।୭(ଜାଫର ଖାଁ )

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ପଙ୍କାଳର ତାହେର ନଗର ମସ୍‌ଜିଦଠାରେ ମଙ୍ଗଳବାର ପବିତ୍ର କୋରାନ ସପ୍ତାହର ଚତୁର୍ଥ ଦିବସ ପାଳିତ ହୋଇଯାଇଛି। ତାହେର ନଗର ମସ୍‌ଜିଦ ଥାଟ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍‌ମାଇଲ ଖାଁ ସଭାପତିତ୍ୱ କରିଥିଲେ। ପବିତ୍ର କୋରାନ ଶ୍ଳୋକ ସୈଫୁର ରହେମନ ଉର୍ଦ୍ଦୁ କବିତା ପାଠ କରିଥିବାବେଳେ ଅମ୍‌ଜାଦ ଖାଁ ଉର୍ଦ୍ଦୁ କବିତା ଓ ମହମ୍ମଦ ଓସୀମ ଆବୃତ୍ତି କରିଥିଲେ। ପବିତ୍ର କୋରାନ ବାଣୀ ଉପରେ ଜୈନୁଲ ଆବେଦିନ ଖାଁ, କଟକ ଜିଲା ଅହମ୍ମଦିୟା ଜମାତ ମୌଲାନା ସେକ୍ ଇସିହାକ୍, ମୌଲାନା ସେକ ସମସୁଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କୋରାନ ବାଣୀ ଉପରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ସଭାପତିଙ୍କ ଦାରା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଶ୍ୱ ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

### ଛାତ୍ରୀଛାତ୍ରଙ୍କୁ ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନ

ମାହାଙ୍ଗା, ୯।୭(ଯଯାତିସିଂହ):

ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ମାହାଙ୍ଗା ବ୍ଲକର ୫୦ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ମଙ୍ଗଳବାର ସାର୍ଟିଫିକେଟ ପ୍ରଦାନ କରାଯାଇଛି। ବ୍ରାହ୍ମଣମଣିଯୋରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅଜିତ କୁମାର ସ୍ୱାଇଁ ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏହି ସାର୍ଟିଫିକେଟ୍ ଦେଇଥିଲେ।

# 'ଶିକ୍ଷାଦାନ କ୍ଷେତ୍ରରେ ସାଲେପୁର କଲେଜ ରାଜ୍ୟରେ ସ୍ୱତନ୍ତ୍ର'

ସାଲେପୁର,୯।୭(ଅରବିନ୍ଦ ଭୂୟାଁ)

**ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତଏହିପ୍ରତିଷ୍ଠା ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଶିକ୍ଷାଦାନ କ୍ଷେତ୍ରରେ ସାଲେପୁର କଲେଜର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ଜିଲା ଓ ଜିଲା ବାହାରର ଛାତ୍ରୀଛାତ୍ର ଏହି କଲେଜରେ ଅଧ୍ୟୟନ କରିବାକୁ ଇଚ୍ଛୁକ ଥାନ୍ତି। ଏହି କଲେଜର ବିକାଶ ପାଇଁ ବହୁ ଯୋଜନା ହାତକୁ ନିଆଯାଇଥିବାବେଳେ ଏବେ ବନ ଉତ୍ସବ ଚାଲିଥିବାରୁ ସାଲେପୁର କଲେଜ ତରଫରୁ ବହୁ ଚାରା ଲଗାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବେହେରା ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉପଲକ୍ଷେ ସେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପିକା, ପୁରାତନ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଶା ବିଭାଗର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ସାମଲ ଯୋଗଦେଇ ଓଡ଼ିଆ ଅସ୍ମିତା, ଇତିହାସ ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଧିରେନ୍ଦ୍ର କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପକ୍ଷରୁ ପ୍ରଫେସର ବୈଷ୍ଣବ ସାମଲଙ୍କୁ ମଧୁସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ. ସଂଗୀତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଶାସନିକ ଅଧିକାରୀ ଡ. ସ୍ୱାତୀ ପଣ୍ଡା, ପରିକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି, ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସ୍ନାତକ ଓ ସ୍ନାତକୋତ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କଲେଜର ପ୍ରଶାସନିକ ଅଧିକାରୀ ଡ. ସ୍ୱାତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ସଞ୍ଜୟ କୁମାର ନାୟକ, ଯଜାତି ଲେଙ୍କା, ସତ୍ୟନାରାୟଣ ପଟ୍ଟନାୟକ, ହୃଷିକେଶ ପାଢ଼ୀ, ଅଶ୍ୱିନୀ କୁମାର ଭୂୟାଁ, ପ୍ରମୁଖ ପରିଚାଳନା କରିଥିଲେ।




ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ନିଯୁକ୍ତି ଦାବିରେ କାରଖାନା ସମ୍ମୁଖରେ ଆନ୍ଦୋଳନ

- ବିଫଳହେଲା ଆଲୋଚନା
- ୧୬୩ ଧାରା ଜାରି, ପୋଲିସ ମୁତୟନ

ଖୁଣ୍ଟୁଣୀ, ୯।୭(ସଚ୍ଚିଦାନନ୍ଦ ପଣ୍ଡା):



ମାହେଶ୍ୱରୀ ଇସ୍ପାତ କର୍ମଚାରୀ, ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ନେତୃମଣ୍ଡଳୀ କାରଖାନା ଫାଟକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ବିଭିନ୍ନ ଦାବି ନେଇ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଶତାଧିକ ଶ୍ରମିକ ମଙ୍ଗଳବାର ସକାଳେ ଖୁଣ୍ଟୁଣୀସ୍ଥିତ ବି.କେ. ଷ୍ଟିଲ୍ କାରଖାନାକୁ ବନ୍ଦକରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଶାନ୍ତି ଭଙ୍ଗ ଆଶଙ୍କାରେ ଆଠଗଡ଼ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ ଖୁଣ୍ଟୁଣୀ ଷ୍ଟେଶନ ବଜାର ବି.କେ. ଷ୍ଟିଲ୍‌ଠାରୁ ୧୦୦ ମିଟର ଦୂର ପର୍ଯ୍ୟନ୍ତ ୧୬୩ ଧାରା ଜାରି କରିଛନ୍ତି। କାରଖାନା ସମ୍ମୁଖରେ ଏକ ପ୍ଲାଟୁନ୍ ଫୋର୍ସ ସହିତ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଓ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଖୁଣ୍ଟୁଣୀଠାରେ ଥିବା ମାହେଶ୍ୱରୀ କାରଖାନାରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଶତାଧିକ ଶ୍ରମିକ କାର୍ଯ୍ୟ କରୁଥିଲେ। ୨୦୧୨ରେ ଉକ୍ତ କାରଖାନା ବନ୍ଦ ହେବା ପରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ଶତାଧିକ ଶ୍ରମିକ ଜୀବିକା ହରାଇଛନ୍ତି। ଏବେ ସେମାନେ ଦୁର୍ଦ୍ଦିନରେ ଥିବାବେଳେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ମାହେଶ୍ୱରୀ କାରଖାନାକୁ ୨୦୨୨ରୁ ବି.କେ. ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷ ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। କାରଖାନା ଅନ୍ୟ ଏକ ସଂଘର ଶ୍ରମିକ/କର୍ମଚାରୀଙ୍କୁ କର୍ତ୍ତୃପକ୍ଷ କାର୍ଯ୍ୟ କରିବାକୁ ନିଯୁକ୍ତି ଦେଇଛନ୍ତି। ଅପରପକ୍ଷରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର କର୍ମଚାରୀଙ୍କୁ ଉକ୍ତ କାରଖାନାରେ ନିଯୁକ୍ତି ଦେବାକୁ ପୂର୍ବରୁ ଅଦାଲତ ଓ ରାଜ୍ୟ ଶ୍ରମ ବିଭାଗ ନିର୍ଦ୍ଦେଶ ଦେଇଥିଲେ। ହେଲେ କାରଖାନା କର୍ତ୍ତୃପକ୍ଷ ଏହାକୁ ପାଳନ କରୁ ନ ଥିବା ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଉପ ସଭାପତି ଚଣ୍ଡୀପ୍ରସାଦ ଶତପଥୀ କହିଛନ୍ତି। ଆମ ଦାବି ପ୍ରତି ଦୃଷ୍ଟି ନ ଦେବାରୁ ବାଧ ହୋଇ ମଙ୍ଗଳବାରଠାରୁ କାରଖାନା ବନ୍ଦକରି ଆନ୍ଦୋଳନ ଆରମ୍ଭ କରିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ କହିଛନ୍ତି। ଏନେଇ ଉପଜିଲାପାଳ ତରାଇ କହିଛନ୍ତି, ଆନ୍ଦୋଳନକୁ ଏଡ଼ାଇବା ଓ ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ସେ ବି.କେ. ଷ୍ଟିଲ୍ କର୍ତ୍ତୃପକ୍ଷ ଓ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ। ହେଲେ କାରଖାନା ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଆଲୋଚନା ବିଫଳ ହୋଇଥିବା ସେ କହିଛନ୍ତି। ସେହିପରି ମଙ୍ଗଳବାର ଭାରତୀୟ ମଜଦୁର ସଂଘ ସଭାପତି ଶାନ୍ତନୁ ମହାପାତ୍ର, ରାଜ୍ୟ ନିର୍ମାଣ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ଉପ ସଭାପତି ବସନ୍ତ କୁମାର ସାହୁ, ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ପୋଲିସ ସହିତ ଯାଇ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ହେଲେ ତାହା ବିଫଳ ହୋଇଥିବା ସଭାପତି ମହାପାତ୍ର କହିଛନ୍ତି। ବି.କେ. ଷ୍ଟିଲ୍ ପ୍ଲାଣ୍ଟ ମୁଖ୍ୟ ରାଜେଶ ସିଂ କହିଛନ୍ତି, ମାଲିକ ଯାହା ନିଷ୍ପତ୍ତି ନେବେ। ଏଥିରେ ଆମେ କିଛି କରିପାରିବୁ ନାହିଁ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୭।୨୦୨୪

| ୪,୩୫,୪୩୧ ଟଙ୍କା | |
|---|---|
| ସୁନା | ୪ ଗ୍ରାମ୍ |
| ରୁପା | ୧୨.୧୦୦ ଗ୍ରାମ୍ |

# କଲେଜ ସମ୍ମୁଖରେ ଛାତ୍ରୀଙ୍କ ଧାରଣା

**ପରୀକ୍ଷାରେ ସହଯୋଗ କରିବାକୁ ପ୍ରିନ୍ସପାଲଙ୍କୁ ଦାବିପତ୍ର**

ଚାରିଛକ,୯।୭(ଶିଶିର ସ୍ୱାଇଁ)

ଚାରିଛକଠାରେ ଥିବା ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକଙ୍କ ପାଖରେ ପଢୁଥିବା ପିଲାଙ୍କୁ ପାସ୍ ମାର୍କ ପାଇଁ ସୁବିଧା ସୁଯୋଗ (କପି) ଦିଆଯାଉଥିବା ଅଭିଯୋଗ କରି ଶତାଧିକ ଛାତ୍ରୀ ମଙ୍ଗଳବାର କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ପରୀକ୍ଷା ସମୟରେ ଛାତ୍ରୀଙ୍କୁ ପାସ୍ ମାର୍କ ପାଇଁ ସୁବିଧା ସୁଯୋଗ ଦିଆଯାଉଥିବା ଛାତ୍ରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିବାବେଳେ କଲେଜର ଜଣେ ଅଧ୍ୟାପିକା କହିଛନ୍ତି, ଏହି ସବୁ ସତ କଥା। ନୂଆ-ଓ କାର୍ଯ୍ୟକ୍ରମରେ ସେମାନେ ବ୍ୟସ୍ତ ଥିବାବେଳେ ଓ ଖରା ଛୁଟି ପରଠାରୁ ଆଦୌ ଛାତ୍ରୀଙ୍କୁ ପାଠ ପଢ଼ାଯାଇ ପାରି ନ ଥିବା ସେ କହିଛନ୍ତି। ତେବେ ବୁଧବାର ହେବାକୁ ଥିବା ପରୀକ୍ଷାରେ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାରୁ ଛାତ୍ରୀମାନେ ପରୀକ୍ଷା ଦେଲେ ବ୍ୟାକ ଲାଗିବ ବୋଲି ଛାତ୍ରୀ କହିଛନ୍ତି। ଏହି ସମୟରେ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକଙ୍କ ପାଖରେ ଘରୋଇ କୋଚିଂ ନେଉଥିବା ପିଲାଙ୍କୁ ପାସ୍ ମାର୍କ ପାଇଁ ସୁବିଧା ସୁଯୋଗ ଦିଆଯାଉଥିବାବେଳେ ଅନ୍ୟମାନେ କାହିଁକି ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି କଲେଜ ଅଧ୍ୟକ୍ଷା ବିନୋଦିନୀ ଦାସଙ୍କ ପାଖରେ ଅଭିଯୋଗ କରିଛନ୍ତି। କମ୍ ମାର୍କ ରଖୁଥିବା ଛାତ୍ରୀଙ୍କଠାରୁ ଭଲ ଛାତ୍ରୀଙ୍କୁ କମ୍ ମାର୍କ ଦିଆଯାଉଛି ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଯେଉଁଥି ପାଇଁ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀ ଅଧିକା ମାର୍କ ରଖୁଥିବାବେଳେ ଗରିବ ଶ୍ରେଣୀର ଛାତ୍ରୀ ଭଲ ପଢୁଥିଲେ ମଧ୍ୟ ମାର୍କ ରଖିବାରେ ବିଫଳ ହେଉଥିବା କଲେଜ ଛାତ୍ରୀମାନେ ଅଧ୍ୟକ୍ଷା ବିନୋଦିନୀ ଦାସଙ୍କ ଆଗରେ ଅଭିଯୋଗ କରିଛନ୍ତି। ଯଦି ଛାତ୍ରୀଙ୍କୁ ପରୀକ୍ଷାରେ ସହଯୋଗ କରା ନ ଯାଏ, ତାହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ବଡ଼ ଧରଣ ହେବ ବୋଲି ଛାତ୍ରୀମାନେ ଦାବିକରିଛନ୍ତି। ଏନେଇ ଅଧ୍ୟକ୍ଷା ଦାସଙ୍କୁ ପଚାରିବାରେ, କଲେଜରେ କପି କରିବାକୁ ସୁଯୋଗ ଦିଆଯିବ ନାହିଁ। ପ୍ରତିଦିନ ସବୁ ଅଧ୍ୟାପିକା, ଅଧ୍ୟାପକ ଠିକ୍ ଭାବେ ପାଠ ପଢ଼ାଇବେ ବୋଲି ସେ କହିଛନ୍ତି।



ଛାତ୍ରୀଙ୍କୁ କପି ଦିଆଯିବାକୁ ବିରୋଧ କରି ଅନ୍ୟ ଛାତ୍ରୀମାନେ କଲେଜ ସମ୍ମୁଖରେ ଧାରଣାରେ ବସିଛନ୍ତି ।

## ବିନା ଚଷମାରେ ୯୦ ବର୍ଷୀୟାଙ୍କ ଖବରକାଗଜ ପଢ଼ା

ଯୋଗେଶ୍ୱରପୁର,୯।୭
(ରଶ୍ମିରଞ୍ଜନ ସାହୁ)



ଆଜିକାଲି ବୟସ ୬୦ ଟପିଲେ ଲୋକଙ୍କ ପାଇଁ ଖାଲି ଆଖିରେ ଛୋଟ ଅକ୍ଷର ପଢିବା କଷ୍ଟକର ହୋଇପଡ଼େ। ଅଧିକାଂଶ ଲୋକ ଖବର କାଗଜ ପଢ଼ିବା ପାଇଁ ଚଷମା ବ୍ୟବହାର କରିଥାନ୍ତି। ହେଲେ ଜଣେ ୯୦ ବର୍ଷୀୟା ଖାଲି ଆଖିରେ ଖବରକାଗଜ ପଢୁଥିବା ଦେଖିବାକୁ ମିଳିଛି। ନୟାହାଟ ନିକଟସ୍ଥ ଗୋପୀକାନ୍ତପୁର ଶାସନ ଗ୍ରାମର ରଜନୀକାନ୍ତ ମହାପାତ୍ରଙ୍କ ମା' ମରୁଆ ମହାପାତ୍ର (୯୦) ଖାଲି ଆଖିରେ ଖବରକାଗଜ ପଢି ପାରୁଛନ୍ତି। ଏନେଇ ସେ କହିଛନ୍ତି, ସେ ଦୀର୍ଘ ୨୦ ବର୍ଷ ହେବ ଧରିତ୍ରୀ ଖବରକାଗଜ ପଢି ଆସୁଛନ୍ତି। ତାଙ୍କୁ ତା'ର ଲେଖାଗୁଡ଼ିକ ଭଲ ଲାଗେ, ତେଣୁ ଧରିତ୍ରୀ ତାଙ୍କର ପ୍ରିୟ କାଗଜ। ସେ ବିନା ଚଷମାରେ ଛୋଟ ଛୋଟ ଅକ୍ଷର ପଢିପାରନ୍ତି ବୋଲି ପ୍ରକାଶ କରିଛନ୍ତି।

## ସଫେଇ କର୍ମଚାରୀଙ୍କୁ ଧକ୍କାଦେଲା କାର୍,୫ ଆହତ

### ଧରା ପଡ଼ିଲେ ଅଭିଯୁକ୍ତ

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ମଙ୍ଗଳବାର ରାତିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଏକ ଗାଡ଼ି ଧକ୍କା ଦେଇଛି। ଏଥିରେ ସଫେଇ କର୍ମଚାରୀଙ୍କ ସହ କେତେଜଣ ଭକ୍ତ ଆହତ ହୋଇଛନ୍ତି। କଟକ ବାଙ୍କୀ ପଶାଣିଆ ଗୌରୀ ଦେହୁରୀ (୩୨), ବାଙ୍କୀ ଅଞ୍ଚଳର ଦେବଯାନୀ ନାୟକ (୪୫), କନ୍ଧମାଳ ଅଞ୍ଚଳର ସୁଦାମ ବେହେରା (୪୬) ଓ ପୁରୀ ମାର୍କଣ୍ଡେଶ୍ୱର ସାହିର ରତ୍ନପର୍ଣ୍ଣା ସାହୁ, ଆଶୁତୋଷ ପ୍ରଧାନ ପ୍ରମୁଖ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବିକରି ସଫେଇ କର୍ମଚାରୀ ମେଡିକାଲ ଛକଠାରେ ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ସଫେଇ କର୍ମଚାରୀ ଧାରଣାରୁ ଓହରିଥିଲେ। ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ କଟକ ଶିଖରପୁର ଅଞ୍ଚଳର ଉମେଶ ଭଟ୍ଟାଚାର୍ଯ୍ୟ ବୋଲି ଜଣାପଡ଼ିଛି। ତେବେ ପୋଲିସ ଉମେଶ ଓ ତାଙ୍କ କାର୍‌କୁ ସାକ୍ଷୀଗୋପାଳ ନିକଟ ବୀରପ୍ରତାପପୁର ନିକଟରେ କାବୁ କରିଛି। ସଫେଇ କର୍ମଚାରୀଙ୍କ କହିବା ଅନୁସାରେ, ସେମାନେ କାମ କରୁଥିବାବେଳେ ଏକ କଳା ରଙ୍ଗର କାର୍ ଆସି ତାଙ୍କ ୪ ଜଣ ସାଥୀଙ୍କୁ ଧକ୍କାଦେଇ ସେଠାରୁ ପଳାଇଯାଇଥିଲା।

## ଚକ୍ଷୁ ପରୀକ୍ଷା ଶିବିର

କଣାସ,୯।୭(ବିଭୂତି ଭୂଷଣ ତ୍ରିପାଠୀ)

ଭୁବନେଶ୍ୱର ଆଇଗିଣିଆସ୍ଥିତ ନିର୍ବାଣ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ଜଣ ଚକ୍ଷୁ ରୋଗୀଙ୍କ ମୋତିଆବିନ୍ଦୁ, ରେଟିନା ଓ ଗ୍ଲାସ ପାୱାର ଆଦି ପରୀକ୍ଷା କରାଯାଇଥିଲା।

# 'ମୋ ପୁଅକୁ ଦେଖିଛନ୍ତି କି ଆଜ୍ଞା'

- **ହଜିଲା ପୁଅକୁ ୩ ବର୍ଷ ହେଲା ଖୋଜୁଛନ୍ତି ମା' ବାପା**
- **ଘରେ ଚୁଲି ଜଳିବା ବନ୍ଦ**

ଅସ୍ତରଙ୍ଗ,୯।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁଅକୁ ନ ପାଇ ବାର ଦୁଆର ଶୁଣ୍ଢୀପିଣ୍ଡା ହେଉଛନ୍ତି ଅସହାୟ ମା' ବାପା। ପୁଅର ଫଟୋଟିଏ ଧରି ୩ ବର୍ଷ ହେବ ଗାଁ ଓ ସହର ପାଦରେ ଚାଲି ଚାଲି ଖୋଜୁଛନ୍ତି ଠିକଣା। ରାସ୍ତାରେ କିମ୍ବା ଗାଁ ଗହଳିରେ ଯାହାକୁ ଦେଖୁଛନ୍ତି ପୁଅର ଫଟୋ ଦେଖାଇ ପଚାରୁଛନ୍ତି 'ମୋ ପୁଅକୁ ଦେଖିଛନ୍ତି କି ଆଜ୍ଞା'।

ଯୁକ୍ତ ୩ ପାଠପଢ଼ା ସରିବା ପରେ ଉଚ୍ଚଶିକ୍ଷା ଲାଭ କରିବାକୁ ଭୁବନେଶ୍ୱର ପରୀକ୍ଷା ଦେବାକୁ ଯାଇଥିଲା ପୁଅ। ଏହା ଭିତରେ ୩ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି। ହେଲେ ସେହି ଦିନରୁ ପୁଅ ଆଉ ଘରକୁ ଫେରିନି। ଦିନ ରାତି ଏକ କରି ଯେତେ ଖୋଜିଲେ ବି ପୁଅର ପତ୍ତା ମିଳୁନି। ଏଠି, ସେଠି, ସବୁଠି ଖୋଜା ସରିଲାଣି। ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଅର ସନ୍ଧାନ ନ ମିଳିବାରୁ ଏବେ ଆଖିରୁ ଲୁହ ଗଡ଼ାଇ ପୁଅକୁ ଖୋଜୁଛନ୍ତି। ମା' କନକଲତା ବ୍ୟାକୁଳରେ କହୁଛନ୍ତି 'ପୁଅରେ ତୁ କେଉଁଠି ଅଛୁ, ଦେଖ କେମିତି ତୋତେ ଚାହିଁ ଚାହିଁ ଏ ମା' ବାପା ଦିଟା ଶୁଖିଗଲେଣି। ପାଟିରେ ପାଣି ଟୋପେ ଦେବାକୁ କେହି ନାହାନ୍ତି। ୩ ବର୍ଷ ହେଲାଣି ଗାଁ ଗାଁ ବୁଲି ଖୋଜୁଛୁ। ତୁ ଗଲା ଦିନରୁ ଘରେ ଚୁଲି ଜଳିନି। ତୋ ବାଟକୁ ଅନେଇ ଅନେଇ ଆଖିରୁ ପାଣି ମରିଗଲାଣି'।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଖାଡ଼ଲିଙ୍ଗ ଗ୍ରାମର ପ୍ରଦୀପ୍ତ ବେହେରାଙ୍କ ୨୪ ବର୍ଷୀୟ ପୁଅ ଲକ୍ଷ୍ମୀଧର ବେହେରା ବହୁତ ଭଲ ପାଠ ପଢୁଥିଲେ। ସେ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ରେ ଫାଷ୍ଟ ଡିଭିଜନ ପାଇଛନ୍ତି। ଗତ ୩ ବର୍ଷ ତଳେ ଭୁବନେଶ୍ୱର ପରୀକ୍ଷା ଦେବାକୁ ଯାଇ ଆଉ ଫେରିନାହାନ୍ତି। ଲକ୍ଷ୍ମୀଧରଙ୍କ କଥା ଭାବି ତାଙ୍କ ସାର୍ଟିଫିକେଟକୁ ଦେଖି ମନକୁ ବୁଝାଇବା ସହ କନକଲତା କଇଁ କଇଁ ହୋଇ କାନ୍ଦୁଛନ୍ତି। ଲକ୍ଷ୍ମୀଧରଙ୍କ କଥା ଭାବି ଭାବି ମା' ବାପା ଦୁହେଁ ଗାଁ ଗାଁ ବୁଲି ପୁଅକୁ ଖୋଜିବାରେ ଲାଗିଛନ୍ତି। ପୁଅକୁ ଖୋଜି ଖୋଜି କେଉଁଠି ଖାଉଛନ୍ତି, କେଉଁଠି ଶୋଉଛନ୍ତି, ତା'ର ଠିକ୍ ଠିକଣା ନାହିଁ। କେବଳ ପୁଅର ଫେରିବା ବାଟକୁ ଚାତକ ପରି ଚାହିଁ ବସିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଲକ୍ଷ୍ମୀଧରଙ୍କୁ ଦେଖନ୍ତି, ତେବେ ଏହି ନମ୍ବର(୮୪୮୦୧୫୪୪୮୫)ରେ ଯୋଗାଯୋଗ କରିବାକୁ ଅସହାୟ ମା' ବାପା ନିବେଦନ କରିଛନ୍ତି।





ନିଖୋଜ ଲକ୍ଷ୍ମୀଧର ବେହେରା ଓ ତାଙ୍କ ମା' ବାପା ।

## ପୁରୁଷ ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି

ଗୋପ,୯।୭(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ପୁରୁଷ ବନ୍ଧ୍ୟାକରଣରେ ସଫଳତା ଆସିଲେ ସଚେତନତାର ବାର୍ତ୍ତା ନିଶ୍ଚିତ ଭାବରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ। ଏନେଇ ଶନିବାର ପୂର୍ବାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିବାର ନିୟୋଜନ ରଥକୁ ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଜସ୍ମିନ ଆଫ୍ରୋଜ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ୨୭ ଜୁନ୍‌ରୁ ଆରମ୍ଭ ହୋଇଥିବାବେଳେ ୧୦ ଜୁଲାଇ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତର ସମସ୍ତ ଗାଁରେ ରଥ ବୁଲି ବୁଲି ଜନସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ରାଉତରାୟ, ସୁରେଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସମ୍ପଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ବ୍ୟବସାୟୀ ଅସନ୍ତୁଷ୍ଟ




ଆବଣ୍ଟନ ନ ହୋଇ ବନ୍ଦ ପଡ଼ିଥିବା ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ।

ନିମାପଡ଼ା,୯।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ସି ଅଞ୍ଚଳକୁ ଅଧିକ ସୌନ୍ଦର୍ଯ୍ୟକରଣ ଆକର୍ଷଣୀୟ କରାଯିବା ଓ ମୁଖ୍ୟରାସ୍ତାକୁ ଅଧିକ ଚଉଡ଼ା, ପକ୍କା ରାସ୍ତା ନିର୍ମାଣ ପାଇଁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଜବତଦଖଲ ଉଚ୍ଛେଦ କରାଯାଇଥିଲା। ଖୁବ୍‌ଶୀଘ୍ର ଏନ୍‌ଏସି ପକ୍ଷରୁ ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ୍ ଗୃହ ଯୋଗାଇ ଦିଆଯାଇ ଯୁଦ୍ଧକାଳୀନ ଭିତ୍ତିରେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ଏସି ପକ୍ଷରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ବ୍ଲକ ଛକ, ପୂର୍ତ୍ତ ବିଭାଗ ଅଫିସ ଛକ, ଡେଲ୍‌ଟା ଛକଠାରେ ୨୭ ବଖରା ନୂତନ ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣ କରାଯାଇଛି। ଏହି ନୂତନ ଭେଣ୍ଡିଂ ଜୋନଗୁଡ଼ିକ ସ୍ୱାୟତ ଶାସନ ଦିବସ ଅବସରରେ ଗତବର୍ଷ ସେପ୍ଟେମ୍ବର ପହିଲାରେ ଉଦ୍‌ଘାଟନ ହୋଇଥିଲା। ଏଥିରେ ଅତିଥି ଭାବେ ତତ୍କାଳୀନ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ନୂତନ ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣ ଓ ଉଦ୍‌ଘାଟନକୁ ପ୍ରାୟ ବର୍ଷେ ବିତିବାକୁ ବସିଥିବାବେଳେ ଅଦ୍ୟାବଧି ଏହି ନବନିର୍ମିତ ଭେଣ୍ଡିଂ ଜୋନ୍ ଗୃହ ଉଚ୍ଛେଦ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇପାରି ନାହିଁ। କେବେ ଉଚ୍ଛେଦ, ଗରିବ, ନିରୀହ ବ୍ୟବସାୟୀଙ୍କୁ ଏହି ଗୃହ ବଣ୍ଟନ କରାଯିବ, ତାହା ସ୍ପଷ୍ଟ ଭାବେ ଜଣାପଡୁ ନାହିଁ। ଗୃହ ବଣ୍ଟନରେ ଅହେତୁକ ବିଳମ୍ବ ଯୋଗୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏନ୍‌ଏସି ପ୍ରଶାସନର ପ୍ରତିଶ୍ରୁତି ଉଚ୍ଛେଦ ବ୍ୟବସାୟୀଙ୍କ ପାଇଁ ପ୍ରତାରଣା ଓ ଅଟ୍ଟହାସ୍ୟ ସଦୃଶ ପାଲଟିଛି। ଏ ସମ୍ପର୍କରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରେ, ଏହି ଭେଣ୍ଡିଂ ଜୋନ୍ ଗୃହ ଆବଣ୍ଟନ ପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପରିଷଦର ନିତି ନିୟମ, ମାର୍ଗଦର୍ଶିକା ଅନୁସାରେ ଖୁବ୍‌ଶୀଘ୍ର ଏହି ଗୃହ ବଣ୍ଟନ କରାଯିବା ସହ ଉଚ୍ଛେଦ ଓ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ଉପାଧ୍ୟକ୍ଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି। ଆବଣ୍ଟନରେ କାହିଁକି ବିଳମ୍ବ ଘଟୁଛି, ତାହା ସ୍ପଷ୍ଟ ଜଣା ପଡୁ ନ ଥିବାବେଳେ ଗତ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ବଣ୍ଟନ ପ୍ରକ୍ରିୟାରେ ଟିକେ ବିଳମ୍ବ ଘଟିଥିବା ଏନଏସି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ଭେଣ୍ଡିଂ ଜୋନ୍ ଗୃହ ଆବଣ୍ଟନ କରା ନ ଗଲେ ଉଚ୍ଛେଦ ବ୍ୟବସାୟୀ ରାଜରାସ୍ତାକୁ ଓହ୍ଲାଇବେ ବଲି ଚେତାବନୀ ଦେଇଛନ୍ତି।

## ରଥଯାତ୍ରାରେ ଓସେପା କର୍ମଚାରୀ ସଂଘ ତରଫରୁ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ସମର୍ପଣ ଭାବ ନେଇ ଓସେପା କର୍ମଚାରୀ ସେବା ସଂଘ, ପୁରୀ ଜିଲା ଶାଖା ଆନୁକୂଲ୍ୟରେ ଭିଆଇପି ରୋଡ଼ଠାରେ ୪ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ରନ୍ଧାଖାଦ୍ୟ, ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପାଣି ବୋତଲ ଓ ୬ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଥଣ୍ଡା ପାନୀୟ ଦୁଇଦିନ ବଣ୍ଟନ କରାଯାଇଥିଲା। ଜିଲା ପ୍ରଶାସନ ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ଶାଖା, ପୁରୀର ସହଯୋଗ ପାଇଁ ଓସେପା କର୍ମଚାରୀ ସେବା ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଓସେପା ରାଜ୍ୟ ସଂଘର ସମୟୋଚିତ ସହଯୋଗ ଓ ଉତ୍ସାହିତ କରିବା ନିମନ୍ତେ ଜିଲା ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଦୟାନଦୀ ବନ୍ଧର ଦବିଥିବା ସ୍ଥାନରେ ଜମୁଛି ବର୍ଷାଜଳ

କଣାସ,୯।୭(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ ଅଧୀନ ନୂଆଜଗନ୍ନାଥ ସଡ଼କ ଜଙ୍କିଆ ବଜାରଠାରୁ ଗଡ଼ିଶାଗୋଦା ପର୍ଯ୍ୟନ୍ତ ଦୟାନଦୀ ବନ୍ଧ ବସନ୍ତପୁର ନିକଟବର୍ତ୍ତୀ ସ୍ଥାନରେ ଜମୁଛି ବର୍ଷାଜଳ। ଫଳରେ ଛାତ୍ରୀଛାତ୍ରଙ୍କ ସମେତ ଲୋକେ ଅସୁବିଧା ଭୋଗିବା ସହ ଦୁର୍ଘଟଣାମାନ ଘଟୁଛି। ଗତ ବର୍ଷ ବାରମ୍ବାର ନଦୀବନ୍ଧର ମାଟି ଅତଡ଼ା ଧସି ଭିତରକୁ ବନ୍ଧ ଦବିବା ସହିତ ଗର ହୋଇ ଫାଟିଯାଇଥିଲା। ଗତବର୍ଷ ଜାନୁଆରୀ ଓ ନଭେମ୍ବରରେ ବନ୍ଧରେ ଏଭଳି ଫାଟ ଦେଖା ଦେଇଥିଲା। ଫଳରେ ବାଇକ୍ ଯିବା କଷ୍ଟକର ହୋଇପଡ଼ିଥିଲା। ଏହି କାରଣରୁ ପ୍ରାୟ ୩ଶହ ମିଟର ରାସ୍ତା କଂକ୍ରିଟ ହୋଇପାରି ନ ଥିଲା। ଉଚ୍ଚ ପଦସ୍ଥ ଅଧିକାରୀମାନେ ଆସି ସେଠାରେ ଅନୁଧ୍ୟାନ କରିବା ପରେ ରାସ୍ତା ମରାମତି କରାଯାଇଥିଲା। ହେଲେ ବର୍ଷା ହେଲେ ମୋରମଗୁଡ଼ିକ କାଦୁଅ ପଚ ପଚ ହୋଇ ମଝି ରାସ୍ତାରେ ବର୍ଷା ପାଣି ଜମି ରହୁଛି। ଏ ସମ୍ପର୍କରେ ବିଭାଗର ସହକାରୀ ଯନ୍ତ୍ରୀ ମକର ବେହେରାଙ୍କୁ ପଚାରିବାରୁ, ମୋରମ ବାଲି ପଡ଼ିଥିଲା। ପାଣି ଜମୁଛି। ବର୍ଷା ଛାଡ଼ିଲେ ତୁରନ୍ତ ପୁନର୍ବାର ବାଲି ମୋରମ ପକାଯାଇ ରୋଲରରେ ରୋଲିଂ କରାଯିବ ବୋଲି କହିଛନ୍ତି।

## ବିଦ୍ୟାଳୟରେ ବନ ମହୋତ୍ସବ

ବଲଙ୍ଗା,୯।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ନିକଟସ୍ଥ କୋଠକୁସାଙ୍ଗ ପଞ୍ଚାୟତର ବାପୁଜୀ ଉ.ପ୍ରା. ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ବାପୁଜୀ ଉ.ପ୍ରା. ବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମଙ୍ଗରାଜ ମିଶ୍ରଙ୍କ ଉପସ୍ଥିତିରେ କାଶୀ, ଆମ୍ବ, ଉଳକୋଳି, ନିମ୍ବ ଆଦି ୩୦ରୁ ଊର୍ଦ୍ଧ୍ୱ ଗଛର ଚାରାରୋପଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଗୌରୀମଣି ବେହେରା ଚାରାରୋପଣ କରିଥିବାବେଳେ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

# ମା' ବେଲେଶ୍ୱରୀଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଚାରିଛକ,୯।୭(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ତେଲିପାଟଣା ଗ୍ରାମରେ ମା' ବେଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଲାଗି ମଙ୍ଗଳବାର ଏକ ମହା କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ତେଲି ପାଟଣାରେ ଦୀର୍ଘଦିନ ଧରି ମା' ବେଲେଶ୍ୱରୀଙ୍କ ଏକ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥି ନିମନ୍ତେ ମା' ବେଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କ ସହଯୋଗରେ ନିକଟ ପବିତ୍ର ପ୍ରାଚୀନଦୀରୁ କଳସ ଯାତ୍ରା କରାଯାଇଥିଲା। ସ୍ୱତନ୍ତ୍ର ଘଣ୍ଟ ପଖୋଜ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ପକାଇ ଗ୍ରାମର ୭ ଜଣ କର୍ତ୍ତା ଓ ୭ ଜଣ କର୍ତ୍ତ୍ରୀଙ୍କ ସମେତ ୧୨୧ ଜଣ ମହିଳା କଳସ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଯଜ୍ଞ ୪ ଦିନ ଧରି ଚାଲିବ। ଏହି ଯାତ୍ରାରେ ଗ୍ରାମବାସୀ ସହଯୋଗ କରିଥିଲେ।



ଗ୍ରାମବାସୀ କଳସ ଯାତ୍ରାରେ ଯାଉଛନ୍ତି ।

# ବଞ୍ଜାରା ଦଳକୁ ଧରିଲା ପୁରୀ ରେଳ ସୁରକ୍ଷା ପୋଲିସ

**ଭିକ୍ଷା ବୃତ୍ତି, ବିଭିନ୍ନ ସାମଗ୍ରୀ ବିକିବା ଆଳରେ ଲୁଟ୍ କରୁଥିଲେ**

ସାକ୍ଷୀଗୋପାଳ,୯।୭
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ସହର ସମେତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଗହଳି ରହୁଛି। ଏହାର ସୁଯୋଗ ନେଇ ଲୁଟେରା ଦଳ 'ବଞ୍ଜାରା' ସକ୍ରିୟ ହୋଇ ଉଠିଛନ୍ତି। ଏହିଭଳି ଏକ ବଡ଼ ଲୁଟେରା ଦଳକୁ ପୁରୀ ରେଳ ସୁରକ୍ଷା ପୋଲିସ ସାକ୍ଷୀଗୋପାଳ ରେଳ ଷ୍ଟେଶନ ନିକଟରୁ ମଙ୍ଗଳବାର ଧରିବାରେ ସକ୍ଷମ ହୋଇଛି। ଏମାନଙ୍କ ନିକଟରୁ ୩୫ରୁ ଅଧିକ ମୋବାଇଲ ସମେତ ଅନ୍ୟ କିଛି ଚୋରି ସାମଗ୍ରୀ ପୋଲିସ ଜବତ କରିଛି। ଏହି ଦଳରେ ପାଖାପାଖି ୧୦ ଜଣ ମହିଳା, ୫ରୁ ୬ ପୁରୁଷଙ୍କ ସମେତ ପ୍ରାୟ ୧୦ ଜଣ ଶିଶୁ ରହିଛନ୍ତି, ଯାହାଙ୍କ ବୟସ ୧୦ ବର୍ଷ ମଧ୍ୟରେ ହେବ। ଏମାନେ ଭିକ୍ଷା ବୃତ୍ତି ସହ ବିଭିନ୍ନ ଖେଳଣା ଓ ମନୋହର ସାମଗ୍ରୀ ବିକ୍ରି କରିବା ଆଳରେ ଲୋକଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି। ସବୁଠାରୁ ବଡ଼ କଥା ହେଉଛି ଏହି ଦଳରେ ଛୋଟ ଛୋଟ ପିଲାମାନେ ମଧ୍ୟ ଲୁଟ୍‌ପାଟ୍ କରିବାରେ ସିଦ୍ଧହସ୍ତ। ଲୁଟ୍ ପରେ ସେମାନେ ଚୋରି ସାମଗ୍ରୀକୁ ତତ୍କାଳ ତାଙ୍କ ସହଯୋଗୀ ଲୁଟେରାଙ୍କୁ ଦେଇ ସେ ସ୍ଥାନ ପରିତ୍ୟାଗ କରୁଥିବା ଭଳି ମୋବାଇଲ ଲୁଟ୍‌ର ଅନେକ ଅଭିଯୋଗ ପୁରୀ ରେଳ ସୁରକ୍ଷା ପୋଲିସ ନିକଟରେ ହୋଇଥିଲା। ପୋଲିସ ଓ କିଛି ଅଭିଯୋଗକାରୀଙ୍କ ଲୁଟ୍ ମୋବାଇଲ ନମ୍ବରକୁ ଟ୍ରେସ କରି ଏହି ଲୁଟେରା ଦଳ ନିକଟରେ ପହଞ୍ଚିଥିଲା। ପୁରୀ ରେଳ ସୁରକ୍ଷା ଅଧିକାରୀ ସନ୍ତୋଷ ବାହିନୀପତିଙ୍କ ନେତୃତ୍ୱରେ ପ୍ରାୟ ୨୦ ଅଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ସହ ଏହି ଲୁଟେରା ଦଳକୁ ଧରିବାରେ ସକ୍ଷମ ହୋଇଛନ୍ତି। ରଥଯାତ୍ରା ନିମନ୍ତେ ବହୁ ସ୍ଥାନରେ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲେ ମଧ୍ୟ ସମସ୍ତ ସୁରକ୍ଷାକୁ ଅତିକ୍ରମ କରି ଲୁଟ୍ ପ୍ରଶାସନର ଚିନ୍ତାର କାରଣ ଘଟିଛି। ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ୩୫ରୁ ଊର୍ଦ୍ଧ୍ୱ ମୋବାଇଲ ଲୁଟ୍ କରି ଧରା ପଡ଼ିଥିବା ବଞ୍ଜାରା ଲୁଟେରାଙ୍କ କିଛି ବ୍ୟାଗକୁ ଜବତ କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତରେ ବାଧା ସୃଷ୍ଟି ହେବା ସମ୍ଭାବନା ଥିବାରୁ ଏହା ଉପରେ ରେଳ ସୁରକ୍ଷା ପୋଲିସ ଅଧିକ ତଥ୍ୟ ପ୍ରଦାନ କରିନାହିଁ।




ବଞ୍ଜାରା ଦଳଙ୍କଠାରୁ ଜବତ ହୋଇଥିବା ସାମଗ୍ରୀ ।

## ସଂକ୍ଷେପରେ

### ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

**ଭୁବନେଶ୍ୱର, ୯।୭(ବନ୍ଦନା ସେଠୀ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରିବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ଏନେଇ ମଙ୍ଗଳବାର ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନ ପାଇଁ ମଧ ଦାବି କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ସମ୍ମିଳନୀର ଉପଦେଷ୍ଟା ଗାନ୍ଧିବାଦୀ ପଦ୍ମଚରଣ ନାୟକ, ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, କୋଷାଧ୍ୟକ୍ଷା ସୌଦାମିନୀ ସାମନ୍ତରାୟ ପ୍ରମୁଖ ରାଜଭବନରେ ରାଷ୍ଟ୍ରପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ବେଗୁନିଆ,୯।୭(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ଅତ୍ରି ଗ୍ରାମସ୍ଥିତ ନିଗମାନନ୍ଦ ପରମହଂସ ଦେବଙ୍କ ପରିସରରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶାଖା ସଂଘର ସଭାପତି ଧନେଶ୍ୱର ଜେନା, ସମ୍ପାଦକ ପ୍ରତାପ କୁମାର ପଣ୍ଡା, ସଦସ୍ୟ ରାକେଶ ଦାସ, କେଶବ ବରାଳ ପ୍ରମୁଖ ଯୋଗଦେଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ।

### ମହାପ୍ରଭୁଙ୍କୁ ଅର୍ପଣ କଲେ ବ୍ରହ୍ମକମଳ

**ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ):** ପବିତ୍ର ଘୋଷଯାତ୍ରାରେ ଗାଁଠୁ ସହର ସବୁଠି ଆଧ୍ୟାତ୍ମିକ ପରିବେଶ ରହିଥିଲା। ଏହି ସମୟରେ ଖୋର୍ଦ୍ଧା ସହର ବରୁଣେଇ ସାହି ଗୁଣ୍ଡିଚା ନଗରର ଅୟସ କାନ୍ତ ବାରିକଙ୍କ ବାରିରେ ଫୁଟିଥିଲା ୮ଟି ବ୍ରହ୍ମ କମଳ। ମହାପ୍ରଭୁଙ୍କ ରଥ ବଡଦାଣ୍ଡରେ ଅଟକି ରହିଥିଲା। ଅୟସଙ୍କ ପରିବାର ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମ କମଳ ଅର୍ପଣ କରିଥିଲେ।

### ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ

**ବାଲକାଟି,୯।୭(ମନୋଜ ମଣ୍ଡଳ):** ବାଲିଅନ୍ତା ବ୍ଲକ ଯଶୁଆପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଏକ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଗତବର୍ଷ ଏହି ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହୋଇ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରଣ ହୋଇଥିଲା। ବିଦ୍ୟାଳୟର ୧୦ମ ଶ୍ରେଣୀର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍ପିଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇଥିଲେ। ଜୀବନରେ କିଭଳି ଜଣେ ଭଲ ମଣିଷ ହେବ, ସେନେଇ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍. ଗୌରବ, ବିଧୁଭୂଷଣ ପଟ୍ଟନାୟକ, ବିଜୟ ମହାରଣା, ଦୁର୍ଯ୍ୟୋଧନ ପ୍ରଧାନ, ବନିତା ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସୀତା ଦେଇ ପ୍ରମୁଖ ଯୋଗ ଦେଇଥିଲେ।

# ଭୁଶୁଡ଼ିଲାଣି ପାହାଚ, ଲାଗୁଛି ରେଲିଂ

**କଟକ,୯।୭(କାର୍ତ୍ତିକ ସାହୁ)**





ମହାନଦୀ ଜଳରାଶିର ମାଡ଼କୁ ସମ୍ଭାଳି ପାରିଲାନି କଂକ୍ରିଟ୍ ପାହାଚ। ନିର୍ମାଣର ଅଳ୍ପ କେଇ ଦିନ ମଧ୍ୟରେ ଭୁଶୁଡ଼ି ସୁଦୀର୍ଘ କଂକ୍ରିଟ୍ ପାହାଚ ମହାନଦୀର ଜଳରାଶିରେ ଲୀନ ହୋଇଗଲା। ଏପରି ଘଟଣାର ପ୍ରାୟ ବର୍ଷେ ବିତି ଯାଇଥିଲେ ମଧ କଟକ ମହାନଗର ନିଗମ(ସିଏମ୍ସି) କର୍ତ୍ତୃପକ୍ଷ ଏ କଥାକୁ ସମ୍ପୂର୍ଣ୍ଣ ଭୁଲିଗଲେ। ଏବେ ନୂଆ ଷ୍ଟିଲ ରେଲିଂ ମହାନଦୀର ଗଡ଼ଗଡ଼ିଆ ଘାଟ ପାର୍ଶ୍ୱରେ ଲଗାଯାଉଥିବାବେଳେ ଭୁଶୁଡ଼ି ପଡ଼ିଥିବା କଂକ୍ରିଟ ପାହାଚ ତାକୁ ଉପହାସିତ କରୁଥିବା ଚର୍ଚ୍ଚା ହେଉଛି।

ମହାନଦୀର ଗଡ଼ଗଡ଼ିଆ ଘାଟକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଇଆସୁଛି। ଶ୍ରାବଣ ମାସରେ ବୋଲ୍‌ବମ୍ ଭକ୍ତମାନେ ମହାଦେବଙ୍କୁ ଲାଗି କରିବା ପାଇଁ ଏହିଠାରୁ ଜଳ ଉଠାଇବାକୁ ଭିଡ଼ ଲଗାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ନିମନ୍ତେ ପିଲାଙ୍କଠାରୁ ବୃଦ୍ଧାବୃଦ୍ଧଙ୍କ ଗହଳିରେ ପୂରିଉଠେ ଗଡ଼ଗଡ଼ିଆ ଘାଟ। ଏହି ସମୟରେ ନୌକାବିହାରର ମଜା ଉଠାନ୍ତି ସହରବାସୀ। ବର୍ଷତମାମ ତିଳତର୍ପଣଠାରୁ କେତେ କ'ଣ କ୍ରିୟାନୁଷ୍ଠାନ ଏଠାରେ ସମାପିତ ହୁଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଐତିହ୍ୟସମ୍ପନ୍ନ ବାଲିଯାତ୍ରାରେ ମହାନଦୀର ନୀଳ ଜଳରାଶି ଦର୍ଶକଙ୍କୁ ଅଭିଭୂତ କରିଥାଏ। ଏହାବାଦ ବିଭିନ୍ନ ସମୟରେ ଚିତ୍ତ ବିନୋଦନ ପାଇଁ ଲୋକେ ଗଡ଼ଗଡ଼ିଆ ଘାଟ ଅଞ୍ଚଳରେ ଭିଡ଼ ଜମାଇଥାନ୍ତି। ମହାନଦୀରେ ସ୍ନାନ କରିବାବେଳେ କେହି କେହି ଜଳସମାଧି ନେଇଛନ୍ତି। ତେଣୁ କେହି ଅସାବଧାନତାବଶତଃ ନଦୀଜଳରେ ଖସି ନ ପଡ଼ନ୍ତୁ, ସୁରକ୍ଷିତ ଭାବେ ଯେପରି ଲୋକେ ମହାନଦୀ ଜଳରେ ସ୍ନାନ କରନ୍ତୁ ଏସବୁ ଲକ୍ଷ୍ୟରେ ପ୍ରଶାସନ ଗଡ଼ଗଡ଼ିଆ ଘାଟର ଉନ୍ନତି ପାଇଁ ପଦକ୍ଷେପ ନେଇଥିଲା। ପୂର୍ବରୁ ଏଠାରେ କୌଣସି ସିମେଣ୍ଟ କଂକ୍ରିଟ ଘାଟ ନ ଥିଲା। ମାତ୍ର ଗତବର୍ଷ ଏହି ସିମେଣ୍ଟ କଂକ୍ରିଟ୍ ଘାଟ ନିର୍ମାଣ କରାଯାଇଥିଲା। ସିଏମ୍ସି ପକ୍ଷରୁ ମହାନଦୀ ଗଡ଼ଗଡ଼ିଆ ଘାଟର ସୌନ୍ଦର୍ଯ୍ୟକରଣ କରାଯିବା ସହ ଲୋକମାନେ ବସିବା ପାଇଁ ସିମେଣ୍ଟ ବେଞ୍ଚ ନିର୍ମାଣ କରାଯାଇଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ କେଇ ମାସ ପରେ ସିମେଣ୍ଟ କଂକ୍ରିଟ ପାହାଚର ଏକ ବିରାଟ ଅଂଶ ଭୁଶୁଡ଼ି ପଡିଛି। ଏହାକୁ ନେଇ ଗଣମାଧ୍ୟମରେ ତମ୍ଭିତୋଫାନ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଥିବା କୁହାଯାଇଥିଲା।

**ମହାନଦୀର ଗଡ଼ଗଡ଼ିଆ ଘାଟ**

# ବଡ଼ପାରୀ ରାସ୍ତାପାର୍ଶ୍ୱ ବିପଦପୂର୍ଣ୍ଣ

**ଟାଙ୍ଗୀ,୯।୭(ରଘୁନାଥ ସାହୁ)**



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ଗ୍ରାମକୁ ଯିବା ରାସ୍ତା ପାର୍ଶ୍ୱ ବିପଦପୂର୍ଣ୍ଣ ହୋଇପଡ଼ିଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ରାସ୍ତାର ବାମପାର୍ଶ୍ୱରେ ଏକ ଡ୍ରେନ୍ ନିର୍ମାଣ କରାଯିବା ପାଇଁ ରାସ୍ତାକଡ଼ରେ ୫ଫୁଟ ଚଉଡ଼ାରେ ଖୋଳାଯାଇଥିଲା। ୨ଫୁଟ ଚଉଡ଼ାରେ ଡ୍ରେନ କାର୍ଯ୍ୟ କରିବା ପରେ ଆଉ ୩ଫୁଟ ପୋତାଗଲା ନାହିଁ। ଫଳରେ ଏହି ଖାଲରେ ପଡ଼ି ଲୋକେ ଆହତ ହେଉଛନ୍ତି। ଏହି ରାସ୍ତା ଦେଇ ବଡ଼ପାରୀ ଗ୍ରାମ ସମେତ ଭୋବରା, ଝରିଆ, ବଧିସାହି, ବରିକୋ, ପଟିଆ, କିଆପଲା, ଅର୍ଜ୍ଜୁନପୁର, ଓରଡ଼, କମ୍ପୁଆ, କାଣ୍ଡଗାଡିଆ, ଗୋଡ଼ିସାହି, ସିଙ୍ଗରମା, ପଣସପୁର, ମହୁଝର, ନରମାନବୀ ଗ୍ରାମବାସୀ ଯାତାୟାତ କରିଥାନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ଜନଶୁଣାଣି ଶିବିରରେ ୬୩୨ ଅଭିଯୋଗ



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବାଣପୁର,୯।୭(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ତହସିଲଦାର ଟି. ପଦ୍ମନାଭ ଦୋରା, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ସିଡିଏମ୍‌ଓ ଡା. ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାଣପୁର ବ୍ଲକ ଏବଂ ଏନ୍ଏସିର ବିଭିନ୍ନ ସ୍ଥାନରୁ ମୋଟ ୬୩୨ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୬୧୪ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ରହିଥିଲା। ତତ୍କାଳ ୮ଟି ସମସ୍ୟାର ସମାଧାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ବାଣପୁର ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଶିବିରରେ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୯।୭ (ବନ୍ଦନା ସେଠୀ)**

ସାଂସ୍କୃତିକ ସଙ୍ଗଠନ 'ସ୍ୱରାଞ୍ଜଳି' ପକ୍ଷରୁ ଦୁଇଦିନ ଧରି ଅନୁଷ୍ଠିତ ପଣ୍ଡିତ ସୁରମଣି ବାଉରୀବନ୍ଧୁ ସେଠୀଙ୍କୁ ସଙ୍ଗୀତରେ 'ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରାତନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା, ମନୋରଞ୍ଜନ ନାୟକ, ଡ. କେଶବ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷାବିତ ଡ. ଶକୁନ୍ତଳା ବଳିଆରସିଂହ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ବଜାୟ ରଖିବାକୁ ହେଲେ ନୂତନ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀମାନଙ୍କୁ ଉତ୍ସାହିତ କରି ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ରହିଥିବା ମତପ୍ରକାଶ କରିଥିଲେ। ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଶିଳ୍ପୀ ପ୍ରଜ୍ଞା ମିଶ୍ର ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ହାରମୋନିୟମ୍‌ରେ ପଣ୍ଡିତ ଶାୟନ ଚାଟାର୍ଜୀ, ତାନପୁରାରେ ସ୍ୱସ୍ତି କିରଣ ମିଶ୍ର ଏବଂ ତବଲାରେ ବନାରସର ପଣ୍ଡିତ ଶୁସୋମୟ ମିଶ୍ର ସହଯୋଗ କରିଥିଲେ। ତାଙ୍କ ପରେ ଶିଳ୍ପୀ ସୁବୀର କୁମାର ମିତ୍ର, କୋଲକାତାର ସୌମୀ ମଜୁମଦାର ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁବ୍ରତ ଦେ ସୀତାର ବାଦନ ସହିତ ଗୁରୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ସହିତ ପଣ୍ଡିତ ଅମିତାଭ ସେନ ତବଲାରେ ସହଯୋଗିତା କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ଆଲୋକ ଦାସ, ଅଧ୍ୟାପକ ଗୁରୁ ସୌନ୍ଦର୍ଯ୍ୟ ରଞ୍ଜନ ରାୟ, ଗୁରୁ ଜୀବନ ପ୍ରକାଶ ଦାସ ଏବଂ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିଲେ।

# ଜଳବନ୍ଦୀ ପାଇଁ ସିପେଜ୍ ହୋଇ ରାସ୍ତା ଦବିଛି: ଏନ୍ଏଚ୍ଏଆଇ

**ଭୁବନେଶ୍ୱର, ୯।୭(ବନ୍ଦନା ସେଠୀ)**

**୧୬ ନଂ. ଜାତୀୟ ରାଜପଥ ଦବିବା ଘଟଣା**

୧୬ନଂ ଜାତୀୟ ରାଜପଥର ଡୁମୁଡୁମା ଆଇଗିଣିଆ ଫ୍ଲାଏ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ଦବିବା ଘଟଣାର ସମୀକ୍ଷା କରିଛି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)। ବର୍ଷା ପାଇଁ ସମ୍ପୃକ୍ତ ସ୍ଥାନରେ ଜଳବନ୍ଦୀ ହେବା ଫଳରେ ସିପେଜ୍ ହୋଇ ରାସ୍ତା ଦବିଥିବା ଏନ୍ଏଚ୍ଏଆଇର ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ଘଟଣା ନେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି। ଆଇଗିଣିଆ ଓଭରବ୍ରିଜ୍ ବ୍ୟତୀତ ଅନ୍ୟ ଓଭରବ୍ରିଜ୍‌ଗୁଡ଼ିକର କିଭଳି ସ୍ଥିତି ରହିଛି ତାହାର ତଦାରଖ କରିବା ସହିତ ଜଳବନ୍ଦୀ ସମୟରେ ସେଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ ମରାମତି କରିବାକୁ ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏଥିସହ ଆଇଗିଣିଆ ରାସ୍ତା କାମରେ କଣ୍ଟ୍ରାକ୍ଟରଙ୍କ ଅବହେଳା ରହିଥିଲେ କିମ୍ବା ନିମ୍ନମାନର କାମ ହୋଇଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଂ କହିଛନ୍ତି। ହଂସପାଳ ଓଭରବ୍ରିଜ୍ କାମ ଗତବର୍ଷ ସରିବାକୁ ଥିବାବେଳେ ଏଯାଏ ଶେଷ ହୋଇପାରିନାହିଁ। ଯେଉଁମାନେ ଟେଣ୍ଡର ନେଇଥିଲେ, କାମ ସାରି ନ ପାରିବାରୁ ଆଉ କିଛି ସମୟ ମାଗିଥିବା ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଘଟଣା ପରେ ମଙ୍ଗଳବାର ମେୟର ସୁଲୋଚନା ଦାସ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ନିମ୍ନମାନର କାମ ପାଇଁ ଗତ କିଛିଦିନ ତଳେ ବିହାରରେ ଏକାଧିକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଏଭଳିସ୍ଥିତିରେ ମାତ୍ର ୬ମାସ ତଳେ ଆଇଗିଣିଆ ଓଭରବ୍ରିଜ୍ କାମ ସରିଥିବାବେଳେ ରାସ୍ତା ଦବିଯିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। କାମରେ ଅବହେଳା କରାଯାଇଥିବା ସ୍ପଷ୍ଟ ବାରିହୋଇପଡୁଛି। ତେବେ ଘଟଣା ନେଇ ଏନ୍ଏଚ୍ଏଆଇର ଡିଜିଏମ୍‌ଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ନୂଆ ତିଆରି ହୋଇଥିବା ଅନ୍ୟ ବ୍ରିଜ୍‌ଗୁଡିକର କାମ ଠିକ୍ ଭାବେ ହୋଇଛି କି ନାହିଁ ସେ ନେଇ ସମୀକ୍ଷା କରିବା ଆବଶ୍ୟକ ବୋଲି ମେୟର କହିଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ମିନିଟ୍ରକ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଡୁମୁଡୁମା ନିକଟସ୍ଥ ଜାତୀୟ ରାଜପଥର ଓଭରବ୍ରିଜ ପାର୍ଶ୍ୱରେ ହଠାତ ଟ୍ରକ୍‌ର ଚକା ଦବିଯାଇଥିଲା। ଫଳରେ ଗାଡ଼ି ଆଉ ଆଗକୁ ଗଡ଼ି ନପାରି ସେଠାରେ ଦୀର୍ଘ ସମୟ ଧରି ଫସି ରହିଥିଲା। ଟ୍ରକରେ କୌଣସି ଜିନିଷ ନ ଥିବାରୁ ସେମିତି କିଛି ବଡ଼ ଧରଣର ଦୁର୍ଘଟଣା ଘଟି ନ ଥିଲା। ଖବର ପାଇ ଏନ୍ଏଚ୍ଏଆଇ ଓ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚି ଟ୍ରକକୁ ଉଦ୍ଧାର କରିଥିଲେ।

# 'ଶିଶୁଭବନ ଐତିହ୍ୟ କୋଠା ଭଙ୍ଗା ନ ଯାଉ'

**କଟକ,୯।୭(କାର୍ତ୍ତିକ ସାହୁ)**

କଟକ ଶିଶୁଭବନ ପରିସରସ୍ଥ ପୁରୁଣା ରାଜଧାନୀ କୋଠାକୁ ଭଙ୍ଗା ନ ଯିବାକୁ ଦାବି ହୋଇଛି। ବ୍ରିଟିଶ୍ ଅମଳରେ ନିର୍ମିତ ଏହି କୋଠାକୁ ସୁରକ୍ଷିତ ରଖାଯାଉ। ଏହା ଏକ ଐତିହ୍ୟ ରୂପେ ବିବେଚିତ ହେଉଥିବାରୁ ଏହାକୁ ନ ଭାଙ୍ଗି ଶିଶୁଭବନର ନୂଆ କୋଠାକୁ ପ୍ରବେଶ ପଥ ନିର୍ମାଣ ନିମନ୍ତେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ସରକାରଙ୍କ ନିକଟରେ ଇମେଲ୍ ଦ୍ୱାରା ସ୍ମାରକପତ୍ର ପ୍ରଦାନ ଜରିଆରେ ଦାବି କରାଯାଇଛି। ସୂଚନା ଅନୁସାରେ, ୧୮୬୨ରେ ନିର୍ମିତ ଏହି ଐତିହ୍ୟ କୋଠା ସହ ଓଡ଼ିଶାର ସଂସ୍କୃତି ଓ ଇତିହାସ ଜଡ଼ିତ। ୧୯୬୦ ପର୍ଯ୍ୟନ୍ତ ଏହି କୋଠା ଓଡ଼ିଶାର ରାଜ୍ୟପାଳଙ୍କ ଆବାସ ରୂପେ ପରିଚିତ ଥିଲା। ୧୯୬୬ରୁ ଓଡ଼ିଶା ସରକାର ଏଠାରେ ଶିଶୁଭବନ ପ୍ରତିଷ୍ଠାକରି ଏହାର ପରିଚାଳନା କରିଆସୁଛନ୍ତି। ବ୍ରିଟିଶ ଅମଳରେ କମିଶନର ଓ ଜିଲାପାଳମାନେ ଏହି କୋଠାରେ ଅବସ୍ଥାନ କରୁଥିଲେ। ୧୯୪୧ରେ କିଛିବର୍ଷ ପାଇଁ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଲାଲବାଗ ପ୍ୟାଲେସ୍ ନାମରେ ପରିଚିତ ଏହି କୋଠାରେ ଅବସ୍ଥାନ କରିଥିଲେ। ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଐତିହାସିକ ଓ ରାଜନୈତିକ ଉତ୍‌ଥାନ ପତନର ମୂକସାକ୍ଷୀ ଭାବେ ଏହି କୋଠା ଏବେ ବିଦ୍ୟାମାନ। ଏହି ଐତିହ୍ୟ କୋଠାର ସୁରକ୍ଷା ପରିବର୍ତ୍ତେ ଏହାକୁ ଭଙ୍ଗାଯିବା ନିଷ୍ପତ୍ତି ଓଡ଼ିଆ ଅସ୍ମିତା ଓ ସଂସ୍କୃତି ପ୍ରତି ଏକ ଅପମାନ ବୋଲି ଦର୍ଶାଯାଇଛି। ତେଣୁ ଏହାକୁ ନ ଭାଙ୍ଗି ନୂଆ ଶିଶୁଭବନ କୋଠା ପାଇଁ ବିକଳ୍ପ ପ୍ରବେଶ ପଥ ନିର୍ମାଣ ବ୍ୟବସ୍ଥା କରାଯିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ସାଇ ସମ୍ମିତଙ୍କ କୁନି ରଥ

**ଖୋର୍ଦ୍ଧା,୯।୭ (ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ପୌରାଞ୍ଚଳ ଲୋକେଶ୍ୱରପୁରରେ ରହୁଥିବା ତୃତୀୟ ଶ୍ରେଣୀର ଛାତ୍ର ସାଇ ସମ୍ମିତ ପଟ୍ଟନାୟକ କୁନି ନନ୍ଦିଘୋଷ ରଥ ନିର୍ମାଣ କରି ଚର୍ଚ୍ଚାରେ ରହିଛନ୍ତି। ଅଦରକାରୀ କାଗଜ ଓ କାର୍ଡ ବୋର୍ଡରେ ପ୍ରସ୍ତୁତ କରିଛନ୍ତି ଏହି ରଥ। ଏଥିପାଇଁ ତାଙ୍କୁ ୮ଦିନ ଲାଗିଛି। ଏହି ରଥରେ ବିଜେ କରିଛନ୍ତି ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ। ଘୋଷଯାତ୍ରାରେ ସାହି ପରିକ୍ରମା ପରେ ଘର ଅଗଣାରେ ପ୍ରସ୍ତୁତ କରିଛନ୍ତି ଗୁଣ୍ଡିଚା ମନ୍ଦିର। ସେଠାରେ ରଥରେ ବିଜେ ଠାକୁରଙ୍କ ଚାଲିଛି ପୂଜାର୍ଚ୍ଚନା। ସକାଳୁ ରାତି ପର୍ଯ୍ୟନ୍ତ ସମ୍ମିତ ଶ୍ରୀଜଗନ୍ନାଥଙ୍କ ସେବାରେ ଲାଗିଛନ୍ତି। ସକାଳେ ଫୁଲପୁଷ୍ପ ତୁଳସୀ ଦେଇ ପୂଜାର୍ଚ୍ଚନା କରିଛନ୍ତି। ସନ୍ଧ୍ୟାରେ ପିଲାମାନେ ଏକାଠି ହୋଇ ମହାପ୍ରଭୁଙ୍କ ପୂଜାରେ ଲାଗିଛନ୍ତି। ଏହି ରଥ ନିର୍ମାଣ କରିବାରେ ତାଙ୍କୁ ବଡ଼ମା' ସ୍ମିତା ପଟ୍ଟନାୟକ ଏବଂ ମା ସୌଦାମିନୀ ପଟ୍ଟନାୟକ ସାହାଯ୍ୟ କରିଛନ୍ତି।

# ବଞ୍ଜାରା ଦଳକୁ ଧରିଲା ପୁରୀ ରେଳ ସୁରକ୍ଷା ପୋଲିସ

**ସାକ୍ଷୀଗୋପାଳ,୯।୭ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)**



ବଞ୍ଜାରା ଦଳଙ୍କଠାରୁ ଜବତ ସାମଗ୍ରୀ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ସହର ସମେତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଗହଳି ରହୁଛି। ଏହାର ସୁଯୋଗ ନେଇ ଲୁଟେରା ଦଳ 'ବଞ୍ଜାରା' ସକ୍ରିୟ ହୋଇ ଉଠିଛନ୍ତି। ଏହିଭଳି ଏକ ବଡ଼ ଲୁଟେରା ଦଳକୁ ପୁରୀ ରେଳ ସୁରକ୍ଷା ପୋଲିସ ସାକ୍ଷୀଗୋପାଳ ରେଳ ଷ୍ଟେଶନ ନିକଟରୁ ମଙ୍ଗଳବାର ଧରିବାରେ ସକ୍ଷମ ହୋଇଛି। ଏମାନଙ୍କ ନିକଟରୁ ୩୫ରୁ ଅଧିକ ମୋବାଇଲ ସମେତ ଅନ୍ୟ କିଛି ଚୋରି ସାମଗ୍ରୀ ପୋଲିସ ଜବତ କରିଛି। ଏହି ଦଳରେ ପାଖାପାଖି ୧୦ ଜଣ ମହିଳା, ୫ରୁ ୬ ପୁରୁଷଙ୍କ ସମେତ ପ୍ରାୟ ୧୦ ଜଣ ଶିଶୁ ରହିଛନ୍ତି, ଯାହାଙ୍କ ବୟସ ୧୦ ବର୍ଷ ମଧ୍ୟରେ ହେବ। ଏମାନେ ଭିକ୍ଷା ବୃତ୍ତି ସହ ବିଭିନ୍ନ ଖେଳଣା ଓ ମନୋହର ସାମଗ୍ରୀ ବିକ୍ରି କରିବା ଆଳରେ ଲୋକଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି। ସବୁଠାରୁ ବଡ଼ କଥା ହେଉଛି ଏହି ଦଳରେ ଛୋଟ ଛୋଟ ପିଲାମାନେ ମଧ ଲୁଟପାଟ୍ କରିବାରେ ସିଦ୍ଧହସ୍ତ। ଲୁଟ୍ ପରେ ସେମାନେ ଚୋରି ସାମଗ୍ରୀକୁ ତତ୍କାଳ ତାଙ୍କ ସହଯୋଗୀ ଲୁଟେରାଙ୍କୁ ଦେଇ ସେ ସ୍ଥାନ ପରିତ୍ୟାଗ କରୁଥିବା ଭଳି ମୋବାଇଲ ଲୁଟ୍‌ର ଅନେକ ଅଭିଯୋଗ ପୁରୀ ରେଳ ସୁରକ୍ଷା ପୋଲିସ ନିକଟରେ ହୋଇଥିଲା। ପୋଲିସ ଓ କିଛି ଅଭିଯୋଗକାରୀଙ୍କ ଲୁଟ୍ ମୋବାଇଲ ନମ୍ବରକୁ ଟ୍ରେସ କରି ଏହି ଲୁଟେରା ଦଳ ନିକଟରେ ପହଞ୍ଚିଥିଲା। ପୁରୀ ରେଳ ସୁରକ୍ଷା ଅଧିକାରୀ ସନ୍ତୋଷ ବାହିନୀପତିଙ୍କ ନେତୃତ୍ୱରେ ପ୍ରାୟ ୨୦ ଅଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ସହ ଏହି ଲୁଟେରା ଦଳକୁ ଧରିବାରେ ସକ୍ଷମ ହୋଇଛନ୍ତି। ରଥଯାତ୍ରା ନିମନ୍ତେ ବହୁ ସ୍ଥାନରେ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲେ ମଧ ସମସ୍ତ ସୁରକ୍ଷାକୁ ଅତିକ୍ରମ କରି ଲୁଟ୍ ପ୍ରଶାସନର ଚିନ୍ତାର କାରଣ ଘଟିଛି। ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ୩୫ରୁ ଊର୍ଦ୍ଧ୍ୱ ମୋବାଇଲ ଲୁଟ୍ କରି ଧରା ପଡ଼ିଥିବା ବଞ୍ଜାରା ଲୁଟେରାଙ୍କ କିଛି ବ୍ୟାଗକୁ ଜବତ କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତରେ ବାଧା ସୃଷ୍ଟି ହେବା ସମ୍ଭାବନା ଥିବାରୁ ଏହା ଉପରେ ରେଳ ସୁରକ୍ଷା ପୋଲିସ ଅଧିକ ତଥ୍ୟ ପ୍ରଦାନ କରିନାହିଁ।

# ସରକାରୀ ଚାକିରି ଅପେକ୍ଷାରେ ଯୁବବର୍ଗ

**ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)**

**ଗଡ଼ିଯାଉଛି ବୟସ**

ରାଜ୍ୟରେ ସରକାରୀ ଚାକିରି ପାଇବା ପାଇଁ ଯୁବବର୍ଗ ଚାହିଁ ବସିଥିବାବେଳେ ବୟସ ଗଡ଼ିଚାଲିଛି। ତେଣୁ ସେମାନେ ନିରାଶ ହୋଇପଡୁଛନ୍ତି। ବୟସସୀମା ବୃଦ୍ଧି ପାଇଁ ଆଶାୟୀଙ୍କ ପକ୍ଷରୁ ଦାବି ହୋଇଛି। ସାଧାରଣ ବର୍ଗର ଆଶାୟୀଙ୍କ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏନେଇ ଆଶାୟୀମାନେ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀ ଦୀର୍ଘଦିନ ଧରି ଏପରି ଦାବି କରିଆସୁଥିବାବେଳେ ପୂର୍ବ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଆଶାୟୀ ସୁନୀଲ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ବିଧାନସଭାରେ ବିଧାୟକମାନେ ଅନେକ ଥର ଏ ସମ୍ପର୍କିତ ଦାବି ଉପସ୍ଥାପନ କରିଆସୁଥିବାବେଳେ କେବଳ ୨୦୨୨, ୨୦୨୩ ଓ ୨୦୨୪ ବର୍ଷ ପାଇଁ ବୟସ ସୀମା ୩୮ ବର୍ଷକୁ ବୃଦ୍ଧି କରିଛନ୍ତି। ପୂର୍ବ ସରକାର ଦୀର୍ଘ ୧୫ ହେବ ନିୟମିତ ଭାବେ ସରକାରୀ ପଦବୀ ପୂରଣ କରୁ ନ ଥିଲେ। ଫଳରେ ବହୁ ମେଧାବୀଙ୍କ ଚାକିରି ବୟସସୀମା ଅତିବାହିତ ହୋଇଯାଇଛି। କୋଭିଡ୍ କାଳରେ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିନାହାନ୍ତି। ବେକାରି ଯୋଗୁ ପରିବାର ପ୍ରତିପୋଷଣ କରିବାରେ ଅନେକ ଯୁବତୀ ଯୁବକ ସମର୍ଥ ହେଉ ନ ଥିବା ସୁନୀଲ କହିଛନ୍ତି। ସେହିପରି ସୁରେନ୍ଦ୍ର କୁମାର ଜେନା କହିଛନ୍ତି, କେତେକ ପ୍ରତିଯୋଗିତାମୂଳକ ପରୀକ୍ଷାର ଫଳାଫଳ ବାହାରି ନିଯୁକ୍ତି ପ୍ରଦାନ ପାଇଁ ୨ ବର୍ଷରୁ ଅଧିକ ସମୟ ବିତିଯାଉଛି। ଫଳରେ ଆଶାୟୀଙ୍କ ବୟସସୀମା ଅତିକ୍ରାନ୍ତ ହୋଇଯାଉଛି। ଅନ୍ୟତମ ଆଶାୟୀ ସଂଘମିତ୍ରା ସାହୁଙ୍କ କହିବାନୁସାରେ, ଓଡ଼ିଶାରେ ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୨ ରଖାଯାଇଛି। ଓଡ଼ିଶାରେ ସରକାର ଡିଗ୍ରୀ କଲେଜ ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ରୁ ୪୫ ବର୍ଷକୁ ବୃଦ୍ଧି କରିଛନ୍ତି। ଆମ ଦେଶରେ ଅଧିକାଂଶ ରାଜ୍ୟ ସରକାର ଚାକିରି ଆବେଦନର ବୟସ ସୀମା ବୃଦ୍ଧି କରିଛନ୍ତି। ରାଜ୍ୟରେ ଲକ୍ଷାଧିକ ପଦବୀ ଖାଲି ପଡ଼ିଛି ଓ ଆବଶ୍ୟକସ୍ଥଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଆବେଦନ ବୟସସୀମା ୪୨ବର୍ଷକୁ ବୃଦ୍ଧି କରାଯାଉ ବୋଲି ସଂଘମିତ୍ରା ମତବ୍ୟକ୍ତ କରିଛନ୍ତି। ଆଶାୟୀ ଶୁଭ୍ରଜିତ ସାହୁ କହିଛନ୍ତି, ବିଭିନ୍ନ କାରଣରୁ ଗରିବ ମେଧାବୀ ପରୀକ୍ଷାର୍ଥୀଙ୍କ ଚାକିରୀ ବୟସସୀମା ଅତିକ୍ରାନ୍ତ କରିଯାଉଛି। ବୟସସୀମା ବୃଦ୍ଧି ଦ୍ୱାରା ସେମାନେ ନିଯୁକ୍ତି ପାଇବା ସହ ନୂତନ ସରକାରଙ୍କ ଲକ୍ଷ୍ୟ ପୂରଣରେ ନିଜକୁ ନିୟୋଜିତ କରିପାରିବେ ବୋଲି ଶୁଭ୍ରଜିତ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଆରେ ସରକାରୀ ଚାକିରୀ ଲାଗି ସର୍ବୋଚ୍ଚ ବୟସ ସୀମା ୪୫ ଓ ତେଲଙ୍ଗାନାରେ ୪୪ ବର୍ଷ ରହିଛି। ସେହିପରି ଆନ୍ଧ୍ରପ୍ରଦେଶ, ହରିୟାଣା, ଆସାମ, ଉତ୍ତରାଖଣ୍ଡ ଓ ଲଦାଖ ଆଦି ଅଞ୍ଚଳରେ ବୟସସୀମା ୪୨ବର୍ଷ ରହିଛି। ରାଜସ୍ଥାନ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକିମ୍, ଛତିଶଗଡ଼, ଉତ୍ତରପ୍ରଦେଶ ଓ ତ୍ରିପୁରାରେ ସରକାରୀ ଚାକିରିର ସର୍ବୋଚ୍ଚ ବୟସସୀମା ୪୦ ବର୍ଷ ରହିଛି। ସେହି ତୁଳନାରେ ଓଡ଼ିଶାରେ ମଧ ବୟସସୀମା ବୃଦ୍ଧି ପାଇଁ ଦାବି ହେଉଛି।


ମଦନମୋହନଙ୍କୁ ଆଡ଼ପ ମଣ୍ଡପକୁ ନିଆଯାଉଛି।


ପ୍ରଭୁ ଶ୍ରୀସୁଦର୍ଶନଙ୍କୁ ପହଣ୍ଡି ବିଜେ କରାଯାଉଛି।


ଠାକୁରଙ୍କ ଟାହିଆ।


ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି ବିଜେ।


ମା' ସୁଭଦ୍ରା।


ମହାପ୍ରଭୁ ଶ୍ରୀଜଗନ୍ନାଥ।

# ଜନ୍ମବେଦିରେ ଦାରୁଦେବତା, ଆଜି ଆଡ଼ପ ଅବଢ଼ା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ସାନଭଉଣୀ ମା' ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ଚଳିତ ବର୍ଷ ତିଥିକ୍ଷୟ ଯୋଗୁ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଫଳରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଲାଗିବାକୁ ୨ ଦିନ ସମୟ ଲାଗିଥିଲା। ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଦେଖି ଭକ୍ତମାନେ ଆତ୍ମବିଭୋର ହୋଇଉଠିଥିଲେ। ଭକ୍ତ ଏବଂ ଭଗବାନର ମିଳନ ହୋଇଥିଲା। ତେବେ ଦାରୁ ବିଗ୍ରହମାନେ ପ୍ରାୟ ୩ଦିନ ରଥ ଉପରେ ଅବସ୍ଥାନ କରିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଗୋଟି ପହଣ୍ଡିରେ ଠାକୁରମାନେ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଶ୍ରୀବିଗ୍ରହମାନେ ବୁଧବାରଠାରୁ ଭକ୍ତମାନଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେବେ। ସେହିପରି ଭକ୍ତମାନେ ଆଡ଼ପ ଅବଢ଼ା ପାଇବେ।

ରଥାରୂଢ଼ ଶ୍ରୀବିଗ୍ରହମାନେ ଶରଧାବାଲିରେ ସୋମବାର ଏବଂ ମଙ୍ଗଳବାର ଭକ୍ତଙ୍କୁ ଦର୍ଶନ ଦେବାପରେ ଅପରାହ୍ନରେ ଜନ୍ମବେଦିକୁ ବାହାରିଥିଲେ। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଆଡ଼ପ ପହଣ୍ଡି ନିମନ୍ତେ ମଙ୍ଗଳବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ୨ ଟା ୩୫ ରୁ ୩ ଟା ୨୫ ଏବଂ ସିଂହାସନ ମାଜଣା ୫ ଟା ୨୦ ପରେ ତିନି ରଥର ଘୋଡ଼ା ଫିଟା ହୋଇଥିଲା। ପରେ ୩ ଟା ୩୫ ରୁ ୬ ଟା ୩୦ ପର୍ଯ୍ୟନ୍ତ ଚାରମାଳ ବନ୍ଧା ହୋଇଥିଲା। ମୁଦିରସ୍ତଙ୍କ ଦ୍ୱାରା ପର୍ଯ୍ୟାୟ କ୍ରମେ ତିନି ରଥରେ ୭ ଟାରୁ ୭ ଟା ୧୦ରେ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ୭ ଟା ୧୫ ରେ ପହଣ୍ଡି ଆରମ୍ଭ ହୋଇଥିଲା। ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ମଦନମୋହନ ଏବଂ ରାମକୃଷ୍ଣଙ୍କ ପହଣ୍ଡି ଶେଷ ହେବା ପରେ ସନ୍ଧ୍ୟା ୭ ଟା୩୨ ରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସେବକମାନେ ଗୋଟି ପହଣ୍ଡିରେ ସୁଦର୍ଶନଙ୍କୁ ଆଡ଼ପମଣ୍ଡପକୁ ନେବା ପରେ ବଡ଼ ଠାକୁର ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ବଡ଼ ଠାକୁରଙ୍କ ପହଣ୍ଡି ଶେଷ ହେବା ପରେ ବିଜେ କାହାଳୀ ବାଜିବା ପରେ ରାତିରେ ମା' ମା'ସୁଭଦ୍ରାଙ୍କ ପହଣ୍ଡି ଶେଷହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ପରମ୍ପରା ଅନୁଯାୟୀ ଦାରୁ ବିଗ୍ରହମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହି କରିବା ସହିତ ଆଳିତ କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ରାତି ୧୨ଟା୧୦ରେ ପହଣ୍ଡି ସରିଥିଲା। ଠାକୁରଙ୍କ ଆଡ଼ପ ମଣ୍ଡପବିଜେ ପରେ ବୁଧବାର ଠାରୁ ଭକ୍ତଙ୍କୁ ଆଡ଼ପ ଅବଢ଼ା ମିଳିବ।

## ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ

ପୁରୀ, ୯।୭(ଅଜିତ୍ କୁମାର ମହାନ୍ତି)

ପ୍ରତ୍ୟେକ ବର୍ଷ ଶ୍ରୀବିଗ୍ରହମାନେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ନବଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ ତଥା ରତ୍ନସିଂହାସନ ଖାଲି ରହିଥିବାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ଗର୍ଭଗୃହ ତଥା ଅନ୍ୟାନ୍ୟ ସ୍ଥାନର ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରାଯାଇଥାଏ। ଏହି କ୍ରମରେ ମଙ୍ଗଳବାର ଏଏସ୍ଆଇ ସହ ଯୁଗ୍ମ ବୈଷୟିକ କମିଟି ଶ୍ରୀମନ୍ଦିର ଯାଇ ମନ୍ଦିର ଗର୍ଭଗୃହ ଓ ବିଭିନ୍ନ ସ୍ଥାନ ଯାଞ୍ଚ କରିଛନ୍ତି। ଗର୍ଭଗୃହ ଯାଞ୍ଚ କାମ ରଥଯାତ୍ରା ଧାର୍ଯ୍ୟ ସମୟରେ ଶେଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। କମିଟିରେ ଏଏସ୍ଆଇ, ପୂର୍ତ୍ତ ବିଭାଗର ବିଶେଷଜ୍ଞ ସହ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ଏବଂ ମନ୍ଦିର ପ୍ରଶାସନର ଅଧିକାରୀମାନେ ସାମିଲ ହୋଇଛନ୍ତି। କମିଟି ବିଶେଷକରି ଗର୍ଭଗୃହ ସମେତ ରତ୍ନସିଂହାସନ, ନାଟମଣ୍ଡପ, ଜଗମୋହନ, ଗର୍ଭଗୃହର ପ୍ରଥମ ମହଲା ଓ ଦ୍ୱିତୀୟ ମହଲାର ରୁଟିନ ଯାଞ୍ଚ କରାଯିବ। ଏଥିସହ ଅଁଳାବେଢ଼ା ଏବଂ ଅନ୍ୟ ପାର୍ଶ୍ୱ ଦେବଦେବୀ ମନ୍ଦିରର ଯାଞ୍ଚ ଓ ମରାମତି ହେବ ବୋଲି ସୂଚନା ମିଳିଛି। ତେବେ ନୀଳାଦ୍ରି ବିଜେରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ଫେରିବା ବେଳକୁ କ'ଣ କ'ଣ କାମ କରାଯିବ ପୂର୍ବରୁ ଏଏସ୍ଆଇ ପକ୍ଷରୁ ଯୋଜନା କରାଯାଇଛି। ସେହିଭଳି ଯାଞ୍ଚ ସମୟରେ ଯାହା ଜଣାପଡ଼ିବ ତାହାର ମରାମତି କରାଯିବ। ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା ତାହାର ସ୍ଥିତି କେମିତି ରହିଛି ତାହାକୁ ମଧ୍ୟ ଯାଞ୍ଚ କରାଯିବ। ଗର୍ଭଗୃହରୁ କଳା ଆସ୍ତରଣ ଛଡ଼ାଯିବ ବୋଲି ସୂଚନା ମିଳିଛି।

## ସନ୍ଫିଷ୍ଟ ମାରିଲାଇଟର 'ସୂର୍ଯ୍ୟାଳୟ' ଷ୍ଟଲ୍ ଉଦ୍ଘାଟିତ

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ସନ୍ଫିଷ୍ଟ ମାରି ଲାଇଟର 'ସୂର୍ଯ୍ୟାଳୟ' ଷ୍ଟଲ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଉଦ୍ଘାଟିତ ହୋଇଯାଇଛି। ସନ୍ଫିଷ୍ଟ ମାରିଲାଇଟ୍ ଏକ ଖାସ୍ କ୍ରଞ୍ଚି ଆନନ୍ଦ ଏବଂ ଚା' କିମ୍ବା କଫି ପାଇଁ ଏକ ଉପଯୁକ୍ତ ସାଥୀ। ପ୍ରାକୃତିକ ଗହମ ଫାଇବର ସହିତ ସମୃଦ୍ଧ ଏବଂ ସର୍ବୋତ୍ତମ ଗୁଣବତ୍ତା ଗହମରେ ପ୍ରସ୍ତୁତ ଏହି ବିସ୍କୁଟଗୁଡ଼ିକ ଭଲ ସ୍ୱାସ୍ଥ୍ୟ ସୁନିଶ୍ଚିତ କରେ ବୋଲି ଅତିଥିମାନେ ମତବ୍ୟକ୍ତ




କରି କହିଛନ୍ତି। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟା ନାୟିକା ଏଲିନା ସାମନ୍ତରାୟ ଯୋଗଦେଇ ସନ୍ଫିଷ୍ଟ ମାରି ଲାଇଟ 'ସୂର୍ଯ୍ୟାଳୟ' ଷ୍ଟଲର ଶୁଭ ଉଦ୍ଘାଟନ କରିଥିଲେ। ଏହି ଷ୍ଟଲ ଆସନ୍ତା ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେଉଥିବା ବ୍ୟକ୍ତି ବିଜୟ ଲାଭ କଲେ ସନ୍ଫିଷ୍ଟ ମାରି ଲାଇଟ ତରଫରୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ରଥଯାତ୍ରାରେ ଓସେପା କର୍ମଚାରୀ ସଂଘ ତରଫରୁ ରନ୍ଧାଖାଦ୍ୟ,ପାନୀୟ ଜଳ ବଣ୍ଟନ

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ସମର୍ପଣ ଭାବ ନେଇ ଓସେପା କର୍ମଚାରୀ ସେବା ସଂଘ, ପୁରୀ ଜିଲା ଶାଖା ଆନୁକୂଲ୍ୟରେ ଭିଆଇପି ରୋଡ୍ଠାରେ ୪ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ରନ୍ଧାଖାଦ୍ୟ, ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପାଣି ବୋତଲ ଓ ୬ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଥଣ୍ଡା ପାନୀୟ ଦୁଇଦିନ ବଣ୍ଟନ କରାଯାଇଥିଲା। ଜିଲା ପ୍ରଶାସନ ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ଶାଖା, ପୁରୀର ସହଯୋଗ ପାଇଁ ଓସେପା କର୍ମଚାରୀ ସେବା ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଓସେପା ରାଜ୍ୟ ସଂଘର ସମୟୋଚିତ ସହଯୋଗ ଓ ଉତ୍ସାହିତ କରିବା ନିମନ୍ତେ ଜିଲା ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ଶାନ୍ତି ପ୍ରତିଷ୍ଠାରେ ବିଜ୍ଞାନ, ନୈତିକତାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୯।୭(ବନ୍ଦନା ସେଠୀ)

କ୍ଲାଉଡ୍ କମ୍ପ୍ୟୁଟିଙ୍ଗ ଆଣ୍ଡ ଡିଷ୍ଟ୍ରିବ୍ୟୁଟେଡ୍ ସିଷ୍ଟମ୍ସ୍ ଲାବୋରେଟରି, ମେଲବୋର୍ନ ୟୁନିଭର୍ସିଟି ଅଷ୍ଟ୍ରେଲିଆର ନିର୍ଦ୍ଦେଶକ ପ୍ରଫେସର ରାଜକୁମାର ବୁୟା ଭୁବନେଶ୍ୱର କଣ୍ଟାବାଡ଼ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍ଟି) ପରିଦର୍ଶନରେ ଆସିଥିଲେ। ସେଠାରେ ସେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କର ଏକ ମେଣ୍ଟରିଙ୍ଗ ସେସନ ନେଇଥିଲେ। ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାରେ ଉଭୟ ବିଜ୍ଞାନ ଏବଂ ନୈତିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜ୍ଞାନ ଯେଉଁଠାରେ ବି ପହଞ୍ଚେ ସେଠାରେ ଭଗବାନଙ୍କ ଉପସ୍ଥିତି ରହିଥିବା ବୈଜ୍ଞାନିକ ବିଶ୍ୱାସ କରନ୍ତି ବୋଲି ପ୍ରଫେସର କହିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମ୍ଟିର ଚେୟାରମ୍ୟାନ ଡ. ଶ୍ରୀକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଆସୋସିଏଟ ପ୍ରଫେସର ସୋମା ମିତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ରଥଯାତ୍ରାରେ ଫ୍ରିଡମ ଷ୍ଟଲ୍

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ଭାରତର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମର ଷ୍ଟଲ୍ ମଙ୍ଗଳବାର ସରଧା ବାଲିରେ ଉଦ୍ଘାଟିତ ହୋଇଛି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୁରୀ ପୌର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟଲକୁ ଉଦ୍ଘାଟନ କରିଥିଲେ। ରଥଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଫ୍ରିଡମ ତେଲ ପକ୍ଷରୁ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି। ଏଥିସହିତ ପ୍ରତେକ ପାଞ୍ଚ ଲିଟର ସୋରିଷ ତେଲ




ଉପରେ ଏକ ବାଲ୍ଟି ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ୍ ତେଲର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନୀରୋଗ ରଖନ୍ତୁ ବୋଲି ଧଳ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୀବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ୨୪ ଘଣ୍ଟା ପରେ ବି ମିଳିଲାନି ସନ୍ଧାନ

### ଖଣି ପୋଖରୀରେ ଛାତ୍ର ନିଖୋଜ ଘଟଣା

ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀରେ ସେଲ୍ଫି ନେବା ସହ ରିଲ୍ସ କରୁଥିବା ବେଳେ ସୋମବାର ଦୁଇ ଜଣ ଛାତ୍ର ବୁଡ଼ିଯାଇଥିଲେ। ତେବେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରସାଦ ରଥ ନିଖୋଜ ଅଛନ୍ତି। ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଓମ୍ଙ୍କ ସନ୍ଧାନ ମିଳିପାରି ନାହିଁ।

ସୂଚନାଥାଉକି, ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନର ୨ ଜଣ ଛାତ୍ର ଓ ଜଣେ ଛାତ୍ରୀ ଏକ କାର୍ରେ ଖୋର୍ଦ୍ଧା ଯାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଓମ୍ ସେମାନଙ୍କ ସାଥିରେ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀ ନିକଟକୁ ବୁଲିବାକୁ ଯାଇଥିଲେ। ତେବେ ସେମାନଙ୍କୁ ପୋଖରୀ ନିକଟକୁ ନ ଯିବାକୁ କାର୍ ଡ୍ରାଇଭର କହିଥିଲେ। ହେଲେ


ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ସେମାନେ ଡ୍ରାଇଭରଙ୍କ କଥା ନ ମାନି ପୋଖରୀ ନିକଟରେ ସେଲ୍ଫିନେବା ସହ ରିଲ୍ସ କରୁଥିଲେ। ଫଟୋ ଉଠାଉଥିବା ବେଳେ ଜଣେ ଛାତ୍ର ପୋଖରୀକୁ ଖସି ପଡିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଓମ୍ ତଳକୁ ଖସିପଡି ବୁଡ଼ିଯାଇଥିଲେ। ଚିତ୍କାର ଶୁଣି କାର୍ ଡ୍ରାଇଭର ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଓମ୍ଙ୍କ ସନ୍ଧାନ ପାଇ ନ ଥିଲେ। ଖବରପାଇ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ମଙ୍ଗଳବାର ମଧ୍ୟ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ଉକ୍ତ ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଓମ୍ଙ୍କ ସନ୍ଧାନ ମିଳିପାରି ନ ଥିଲା। ଅଗ୍ନିଶମ ବିଭାଗର ଜନୈକ ଅଧିକାରୀ କହିଛନ୍ତି, ଅନୁସନ୍ଧାନ ଜାରି ରହିଛି। ପୋଖରୀ ଗଭୀରତା ଶହେ ଫୁଟ ତଳକୁ ରହିଛି। ଇଣ୍ଟରନାଲ କ୍ୟାମେରା ଜରିଆରେ ସନ୍ଧାନ କରାଯାଉଛି। ଯଦି ବହୁ ତଳକୁ ଶରୀର ଯାଇଥିବ, ଉପରକୁ ଆସିବାରେ ବିଳମ୍ବ ଘଟିବ। ତଥାପି ଖୋଜାଖୋଜି ଜାରି ରହିଛି। ଓଡ୍ରାଫ ବୋଟ୍ ଜରିଆରେ ଚାରିପଟ ସନ୍ଧାନ କରୁଥିବା ବେଳେ ୩ଜଣ ବୁଡ଼ାଳି ଭିତରକୁ ଯାଇ ଅନୁସନ୍ଧାନ କରୁଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି, ଅଗ୍ନିଶମ ବାହିନୀ କର୍ମଚାରୀ ଅନୁସନ୍ଧାନ ଜାରି ରଖିଛନ୍ତି। କୌଣସି ସନ୍ଧାନ ମିଳିପାରିନାହିଁ। ଅଭିଜ୍ଞ ସମୁଦ୍ର ବୁଡାଳି (ସ୍କୁବା ଡ୍ରାଇଭର) ସବିର ବକ୍ସଙ୍କୁ ଡକାଯିବାକୁ ଯୋଜନା ଚାଲିଥିବା ଜଣାପଡିଛି।

# ଭୁଶୁଡ଼ିଲାଣି ପାହାଚ, ଲାଗୁଛି ରେଲିଂ


ମହାନଦୀର ଗଡ଼ଗଡ଼ିଆ ଘାଟରେ ନିର୍ମିତ ସିମେଣ୍ଟ କଂକ୍ରିଟ୍ ପାହାଚ ଧସିଯାଇଛି।


ଗଡ଼ଗଡିଆ ଘାଟରେ ଷ୍ଟିଲ ରେଲିଂ ଲଗାଯାଉଛି।

**କଟକ,୯।୭(କାର୍ତ୍ତିକ ସାହୁ)**

ମହାନଦୀ ଜଳରାଶିର ମାଡ଼କୁ ସମ୍ଭାଳି ପାରିଲାନି କଂକ୍ରିଟ୍ ପାହାଚ। ନିର୍ମାଣର ଅଳ୍ପ କେଇ ଦିନ ମଧ୍ୟରେ ଭୁଶୁଡ଼ି ସୁଦୀର୍ଘ କଂକ୍ରିଟ୍ ପାହାଚ ମହାନଦୀର ଜଳରାଶିରେ ଲୀନ ହୋଇଗଲା। ଏପରି ଘଟଣାର ପ୍ରାୟ ବର୍ଷେ ବିତି ଯାଇଥିଲେ ମଧ୍ୟ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଏ କଥାକୁ ସମ୍ପୂର୍ଣ୍ଣ ଭୁଲିଗଲେ। ଏବେ ନୂଆ ଷ୍ଟିଲ ରେଲିଂ ମହାନଦୀର ଗଡ଼ଗଡ଼ିଆ ଘାଟ ପାର୍ଶ୍ୱରେ ଲଗାଯାଉଥିବାବେଳେ ଭୁଶୁଡ଼ି ପଡ଼ିଥିବା କଂକ୍ରିଟ ପାହାଚ ତାକୁ ଉପହାସିତ କରୁଥିବା ଚର୍ଚ୍ଚା ହେଉଛି।

ମହାନଦୀର ଗଡ଼ଗଡ଼ିଆ ଘାଟକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଇଆସୁଛି। ଶ୍ରାବଣ ମାସରେ ବୋଲ୍‌ବମ୍ ଭକ୍ତମାନେ ମହାଦେବଙ୍କୁ ଲାଗି କରିବା ପାଇଁ ଏହିଠାରୁ ଜଳ ଉଠାଇବାକୁ ଭିଡ଼ ଲଗାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ନିମନ୍ତେ ପିଲାଙ୍କଠାରୁ ବୃଦ୍ଧାବୃଦ୍ଧଙ୍କ ଗହଳିରେ ପୂରିଉଠେ ଗଡ଼ଗଡ଼ିଆ ଘାଟ। ଏହି ସମୟରେ ନୌକାବିହାରର ମଜା ଉଠାନ୍ତି ସହରବାସୀ। ବର୍ଷତମାମ ତିଳତର୍ପଣଠାରୁ କେତେ କ'ଣ କ୍ରିୟାନୁଷ୍ଠାନ ଏଠାରେ ସମାପିତ ହୁଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଐତିହ୍ୟସମ୍ପନ୍ନ ବାଲିଯାତ୍ରାରେ ମହାନଦୀର ନୀଳ ଜଳରାଶି ଦର୍ଶକଙ୍କୁ ଅଭିଭୂତ କରିଥାଏ। ଏହାବାଦ ବିଭିନ୍ନ ସମୟରେ ଚିତ୍ତ ବିନୋଦନ ପାଇଁ ଲୋକେ ଗଡ଼ଗଡ଼ିଆ ଘାଟ ଅଞ୍ଚଳରେ ଭିଡ଼ ଜମାଇଥାନ୍ତି। ମହାନଦୀରେ ସ୍ନାନ କରିବାବେଳେ କେହି କେହି ଜଳସମାଧି ନେଇଛନ୍ତି। ତେଣୁ କେହି ଅସାବଧାନତାବଶତଃ ନଦୀଜଳରେ ଖସି ନ ପଡ଼ନ୍ତୁ, ସୁରକ୍ଷିତ ଭାବେ ଯେପରି ଲୋକେ ମହାନଦୀ ଜଳରେ ସ୍ନାନ କରନ୍ତୁ ଏସବୁ ଲକ୍ଷ୍ୟରେ ପ୍ରଶାସନ ଗଡ଼ଗଡ଼ିଆ ଘାଟର ଉନ୍ନତି ପାଇଁ ପଦକ୍ଷେପ ନେଇଥିଲା। ପୂର୍ବରୁ ଏଠାରେ କୌଣସି ସିମେଣ୍ଟ କଂକ୍ରିଟ ଘାଟ ନ ଥିଲା। ମାତ୍ର ଗତବର୍ଷ ଏହି ସିମେଣ୍ଟ କଂକ୍ରିଟ୍ ଘାଟ ନିର୍ମାଣ କରାଯାଇଥିଲା। ସିଏମ୍‌ସି ପକ୍ଷରୁ ମହାନଦୀ ଗଡ଼ଗଡ଼ିଆ ଘାଟର ସୌନ୍ଦର୍ଯ୍ୟକରଣ କରାଯିବା ସହ ଲୋକମାନେ ବସିବା ପାଇଁ ସିମେଣ୍ଟ ବେଞ୍ଚ ନିର୍ମାଣ କରାଯାଇଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ କେଇ ମାସ ପରେ ସିମେଣ୍ଟ କଂକ୍ରିଟ ପାହାଚର ଏକ ବିରାଟ ଅଂଶ ଭୁଶୁଡ଼ି ପଡ଼ିଛି। ଏହାକୁ ନେଇ ଗଣମାଧ୍ୟମରେ ତର୍ଜ୍ଜମା ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଥିବା କୁହାଯାଇଥିଲା। ହେଲେ ଏହି ଅଘଟଣ ଘଟିବା ପରେ ସେହି ସ୍ଥାନକୁ ଅସ୍ଥାୟୀ ବାଡ଼ ପୋତି କାମ ସାରି ଦିଆଯାଇଛି। ଏବେ ବି ସେମିତି ମହାନଦୀ ଜଳରେ ଉକ୍ତ ବାଡ଼ ପୋତା ହୋଇରହିଛି। ଅପରପକ୍ଷରେ ଏବେ ନୂଆ ଷ୍ଟିଲ୍ ରେଲିଂ ଦ୍ୱାରା ଗଡ଼ଗଡ଼ିଆ ଘାଟକୁ ଆବଦ୍ଧ କରିବା କାର୍ଯ୍ୟ ଚାଲିଛି। ହେଲେ ଭାଙ୍ଗିଯାଇଥିବା ସେହି କଂକ୍ରିଟ ପାହାଚକୁ ପୁନଃ ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଜଳ ସମ୍ପଦ ବିଭାଗ ସହ ମିଳିତ ଭାବେ ଏହି ନିର୍ମାଣ କାର୍ଯ୍ୟ କରାଯାଇଥିଲା। ସିଏମ୍‌ସି ପକ୍ଷରୁ ମହାନଦୀ ପଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ତେବେ ନଷ୍ଟ ହୋଇଯାଇଥିବା ଅଂଶର ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ଏହା ସମ୍ପନ୍ନ କରାଯିବ ବୋଲି ମେୟର କହିଛନ୍ତି। ହେଲେ କେବେ ଏହି କାର୍ଯ୍ୟ ହେଉଛି ତାହାକୁ ନେଇ ବୁଦ୍ଧିଜୀବୀମାନେ ଅପେକ୍ଷା କରିଛନ୍ତି।

**ମହାନଦୀର ଗଡ଼ଗଡ଼ିଆ ଘାଟ**

# ସରକାରୀ ନିର୍ଦ୍ଦେଶନାମା ପାଳନକୁ ଗୁରୁତ୍ୱ ଦିଆଯାଉ

**କଟକ ସଦର,୯।୭(ସୁଶାନ୍ତ କୁମାର ଜେନା)**

ରାଜ୍ୟ ସରକାର ନିକଟରେ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଚର ଜମିକୁ ଅବାଧରେ ଜବରଦଖଲ କରୁଥିବା ଲୋକଙ୍କ ପ୍ରତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶନାମାରେ ଉଲ୍ଲେଖକରି ନ ଥିବାରୁ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ସରକାର ରାଜସ୍ୱ, ଜଳ ସମ୍ପଦ, ପୂର୍ତ୍ତ ଓ ଜଙ୍ଗଲ ବିଭାଗ ଜମିକୁ ଅବରୋଧମୁକ୍ତ କଲାବେଳେ ସହର ଏବଂ ଗ୍ରାମାଞ୍ଚଳରେ ଥିବା ଗୋଚର ଜମିକୁ ମଧ୍ୟ ସମାନ ଭାବେ ଅଗ୍ରାଧିକାର ଦେବା ପାଇଁ ପଣ୍ଡା ନୂଆ ସରକାରଙ୍କୁ ନିବେଦନ କରିଛନ୍ତି। ଅତୀତରେ ଗୋଚର ଜମିକୁ ଅବରୋଧମୁକ୍ତ କରିବା ପାଇଁ ସରକାରୀ ନିର୍ଦ୍ଦେଶକୁ ଜିଲାପାଳମାନେ ଆନ୍ତରିକତାର ସହ କାର୍ଯ୍ୟକାରୀ କରି ନ ଥିଲେ। ଏଥର ମଧ୍ୟ ସେଭଳି ନିର୍ଦ୍ଦେଶନାମା ଫାଇଲ ତଳେ ଚାପିହୋଇ ରହିଯିବ ବୋଲି ବିଶ୍ୱ ଗୋସୁରକ୍ଷା ବାହିନୀ ଚିନ୍ତା ପ୍ରକଟ କରିଛି। ରାଜସ୍ୱ ବିଭାଗ ପତ୍ରସଂଖ୍ୟା ୨୧୮୫୫/୬।୭।୨୦୨୪ରେ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟ ସରକାର କ୍ଷମତାସୀନ ହେବା ପରେ ଗୋଚର ଜମିକୁ ଉଦ୍ଧାର ପାଇଁ ମଧ୍ୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ରାଜସ୍ୱ ବିଭାଗର ଶାସନ ସଚିବ ଆର୍.ଏଲ୍. ଜାମୁଡ଼ା ପତ୍ରସଂଖ୍ୟା ୪୩୧୧୧/୨୪।୮।୨୦୦୨ରେ ଏହି ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ ୧୯୭୪ ଧାରା ୬ ମୁତାବକ ଏହି ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦେବା ପାଇଁ ଚିଠିରେ ଉଲ୍ଲେଖ ଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଗୋଚର ଜମିରେ ଉଭୟ ସହର ଓ ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ୨୨ ବର୍ଷ ଧରି ବିଭିନ୍ନ ସରକାରୀ ବିଭାଗ ଜବରଦଖଲ କରୁଛି। ଏ ନେଇ ହାଇକୋର୍ଟରେ ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ଏକ ମାମଲା ଦାଏର କରାଯାଇଛି। ରାଜସ୍ୱ ବିଭାଗର ଜମି ଭଳି ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଚାରଣଭୂମିକୁ ମଧ୍ୟ ଜବରଦଖଲମୁକ୍ତ କରିବା ନିମନ୍ତେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ନିବେଦନ କରାଯାଇଛି।



ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡାଙ୍କ ବିୟୋଗରେ ଖାନ୍‌ନଗରସ୍ଥିତ ବୈଷ୍ଣବ ପାଣି ପାର୍କରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଟକରେ କାର୍ଯ୍ୟରତ ଖବରଦାତା।

# ବୀମା ଉପରୁ ଟିକସ ଛାଡ଼ କରାଯାଉ

**କଟକ/ଭୁବନେଶ୍ୱର,୯।୭ (କାର୍ତ୍ତିକ ସାହୁ/ଅନୁରାଧା ମହାରଣା)**

**ଏମ୍‌ପିଙ୍କୁ ସ୍ମାରକପତ୍ର**

ବୀମା ଶିଳ୍ପ ସମ୍ପର୍କିତ ସମସ୍ୟା ଉପରେ ବୀମା କର୍ମଚାରୀ ସଙ୍ଗଠନ କଟକ ଡିଭିଜନ ପକ୍ଷରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର ଓ ସାଧାରଣ ସମ୍ପାଦକ ଅଭୟ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏମ୍‌ପିଙ୍କ ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଏମ୍‌ପି ମହତାବଙ୍କୁ ଭେଟିଥିଲେ। ବୀମା ଭଳି ଏକ ସାମାଜିକ ସୁରକ୍ଷାର ବନ୍ଦୋବସ୍ତ କରିବା ପରିବର୍ତ୍ତେ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍ ଉପରେ ୧୮% ଜିଏସ୍‌ଟି ବୀମା ପ୍ରତି ଲୋକଙ୍କୁ ନିରୁତ୍ସାହିତ କରୁଥିବା ଦାବିପତ୍ରରେ ଦର୍ଶାଯାଇଛି। ସେହିପରି ସୁନା ଗହଣା ଉପରେ ୩% ଓ ହୀରା ଉପରେ ୧.୫% ଜିଏସ୍‌ଟି ଲାଗୁ ହୋଇଥିବାବେଳେ ବୀମାରେ ୧୮% ଟିକସ ସମ୍ପୂର୍ଣ୍ଣ ଅଯୌକ୍ତିକର ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଜୀବନ ବୀମା, ପ୍ରିମିୟମ ଓ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ପୂର୍ବରୁ ଆୟକର ଛାଡ଼ କରାଯାଉଥିବାବେଳେ ନୂତନ ଟିକସ ବ୍ୟବସ୍ଥାରେ ଏହା ଉଚ୍ଛେଦ କରାଯାଇଛି। ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡ଼ିକର ମିଶ୍ରଣ ଫଳରେ ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅନାୟାସରେ ଘରୋଇ କମ୍ପାନୀଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ବୋଲି ସଙ୍ଗଠନ ପକ୍ଷରୁ ଯୁକ୍ତି ରଖାଯାଇଛି। ବଜେଟ ଅଧିବେଶନରେ ଏ ସମ୍ପର୍କରେ ଉପସ୍ଥାପନ କରିବେ ବୋଲି ମହତାବ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏମ୍‌ପିଙ୍କୁ ସାକ୍ଷାତ ପାଇଁ ଯାଇଥିବା ପ୍ରତିନିଧି ଦଳରେ ଗୋଲକ ବିହାରୀ ମହାରାଜ, ସୁବ୍ରତ କୁମାର କରଣ, ରବିନାରାୟଣ ମଲ୍ଲିକ୍, କବିତା ଦାସ, ଓସି ଅହମଦ୍, ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ରାଜ, ଶିବକୁମାର ସିଂ, ବିଷ୍ଣୁ ସିଂ, ତ୍ରିଲୋଚନ ମିଶ୍ର, ପ୍ରଶାନ୍ତ କୁମାର ବାରିକ, ଅରୁଣ କୁମାର ଦାସ ପ୍ରମୁଖ ସାମିଲ ଥିଲେ। ଅଖିଳ ଭାରତ ବୀମା କର୍ମଚାରୀ ସଂଘ ଆହ୍ୱାନରେ ସମଗ୍ର ଦେଶରେ ଅନୁରୂପ କାର୍ଯ୍ୟକ୍ରମ ଚାଲୁଛି।


ବୀମା କର୍ମଚାରୀ ସଙ୍ଗଠନ ପକ୍ଷରୁ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କଣ୍ଠଶିଳ୍ପୀଙ୍କ ନାଁରେ ଥାନାରେ ଅଭିଯୋଗ

**ଚୌଦ୍ୱାର,୯।୭(ଆଶୁତୋଷ ଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନକୁ ତାଚ୍ଛଲ୍ୟ କରି ଗାଇବା ନେଇ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏବଂ ରୁକୁ ସୁନାଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓକୁ ନେଇ ବିବାଦ ଦେଖାଦେଇଛି। ଏକ ଷ୍ଟୁଡିଓରେ ବସି ହ୍ୟୁମାନ ଓ ରୁକୁ ବାଣିକଣ୍ଠ ନିମାଇଁ ହରିଚନ୍ଦନଙ୍କ ଏକ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ଭଜନକୁ ତାଚ୍ଛଲ୍ୟ କରି ଗାଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଏହାକୁ ଚୌଦ୍ୱାର ଅଞ୍ଚଳର ସାମାଜିକ କର୍ମୀ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଦୃଢ ନିନ୍ଦା କରିବା ସହ ଉଭୟ କଣ୍ଠଶିଳ୍ପୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚୌଦ୍ୱାର ଥାନା ଅଧିକାରୀଙ୍କ ଜରିଆରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମାନବାଧିକାର କର୍ମୀ ସସ୍ମିତା ଦାସ, ସଞ୍ଜିତ୍ କୁମାର ମହାନ୍ତି, ନାରାୟଣ ବିଶ୍ୱାଳ, ନିର୍ମଳା ରାଉତ, ରଞ୍ଜନ ବେହେରା, ନଫିସା ଅକ୍ତର,ଉଦିତ୍‌ଭାନୁ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପାଣ୍ଡା କବ୍‌ସରେ ରଥଯାତ୍ରା ଉତ୍ସବ

**କଟକ,୯।୭ (କାର୍ତ୍ତିକ ସାହୁ)**

କଟକ ସିଡିଏ ସେକ୍ଟର-୭ସ୍ଥିତ ପାଣ୍ଡା କବ୍‌ସରେ ରଥଯାତ୍ରା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୫ରୁ ୧୨ ବର୍ଷ ବୟସର ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ପ୍ରୟାସ କରାଯାଉଛି। ତୂଳୀରେ ଶ୍ରୀଜଗନ୍ନାଥ, କୁନି ରଥ ନିର୍ମାଣ, ସଙ୍ଗୀତ, ନୃତ୍ୟ, ଶ୍ରୀଜଗନ୍ନାଥଙ୍କ ବିଷୟରେ ଗଳ୍ପ ଓ ଭଜନ, ଆବାକସ୍ ଓ ବେଦିକ୍ ଗଣିତ ଏବଂ ଜଣା ଅଜଣା ପ୍ରତିଯୋଗିତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଉଛି। ସମସ୍ତ ବର୍ଗ ଓ ବିଭିନ୍ନ ବିଦ୍ୟାଳୟର ପିଲାମାନେ ନିଃଶୁଳ୍କ ଭାବେ ଏଥିରେ ଅଂଶଗ୍ରହଣ କରିବାର ବ୍ୟବସ୍ଥା ରହିଛି। ସମସ୍ତ ପ୍ରତିଯୋଗୀଙ୍କୁ ପାର୍ଟିସିପେଶନ ସାର୍ଟିଫିକେଟ ଓ ଆର୍ଥିକ ପୁରସ୍କାର ପ୍ରଦାନ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ଶନିବାର ଶେଷ ହେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସାମର୍ଥ ମହାନ୍ତି ସୂଚନା ଦେଇଛନ୍ତି।

# 'ଶିଶୁଭବନ ଐତିହ୍ୟ କୋଠା ଭଙ୍ଗା ନ ଯାଉ'

**କଟକ,୯।୭(କାର୍ତ୍ତିକ ସାହୁ)**

କଟକ ଶିଶୁଭବନ ପରିସରସ୍ଥ ପୁରୁଣା ରାଜଧାନୀ କୋଠାକୁ ଭଙ୍ଗା ନ ଯିବାକୁ ଦାବି ହୋଇଛି। ବ୍ରିଟିଶ୍ ଅମଳରେ ନିର୍ମିତ ଏହି କୋଠାକୁ ସୁରକ୍ଷିତ ରଖାଯାଉ। ଏହା ଏକ ଐତିହ୍ୟ ରୂପେ ବିବେଚିତ ହେଉଥିବାରୁ ଏହାକୁ ନ ଭାଙ୍ଗି ଶିଶୁଭବନର ନୂଆ କୋଠାକୁ ପ୍ରବେଶ ପଥ ନିର୍ମାଣ ନିମନ୍ତେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ସରକାରଙ୍କ ନିକଟରେ ଇମେଲ୍ ଦ୍ୱାରା ସ୍ମାରକପତ୍ର ପ୍ରଦାନ ଜରିଆରେ ଦାବି କରାଯାଇଛି। ସୂଚନା ଅନୁସାରେ, ୧୮୬୨ରେ ନିର୍ମିତ ଏହି ଐତିହ୍ୟ କୋଠା ସହ ଓଡ଼ିଶାର ସଂସ୍କୃତି ଓ ଇତିହାସ ଜଡ଼ିତ। ୧୯୬୦ ପର୍ଯ୍ୟନ୍ତ ଏହି କୋଠା ଓଡ଼ିଶାର ରାଜ୍ୟପାଳଙ୍କ ଆବାସ ରୂପେ ପରିଚିତ ଥିଲା। ୧୯୬୬ରୁ ଓଡ଼ିଶା ସରକାର ଏଠାରେ ଶିଶୁଭବନ ପ୍ରତିଷ୍ଠାକରି ଏହାର ପରିଚାଳନା କରିଆସୁଛନ୍ତି। ବ୍ରିଟିଶ ଅମଳରେ କମିଶନର ଓ ଜିଲାପାଳମାନେ ଏହି କୋଠାରେ ଅବସ୍ଥାନ କରୁଥିଲେ। ୧୯୪୧ରେ କିଛିବର୍ଷ ପାଇଁ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଲାଲବାଗ ପ୍ୟାଲେସ୍ ନାମରେ ପରିଚିତ ଏହି କୋଠାରେ ଅବସ୍ଥାନ କରିଥିଲେ। ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଐତିହାସିକ ଓ ରାଜନୈତିକ ଉତ୍‌ଥାନ ପତନର ମୂକସାକ୍ଷୀ ଭାବେ ଏହି କୋଠା ଏବେ ବିଦ୍ୟମାନ। ଏହି ଐତିହ୍ୟ କୋଠାର ସୁରକ୍ଷା ପରିବର୍ତ୍ତେ ଏହାକୁ ଭଙ୍ଗାଯିବା ନିଷ୍ପତ୍ତି ଓଡ଼ିଆ ଅସ୍ମିତା ଓ ସଂସ୍କୃତି ପ୍ରତି ଏକ ଅପମାନ ବୋଲି ଦର୍ଶାଯାଇଛି। ତେଣୁ ଏହାକୁ ନ ଭାଙ୍ଗି ନୂଆ ଶିଶୁଭବନ କୋଠା ପାଇଁ ବିକଳ୍ପ ପ୍ରବେଶ ପଥ ନିର୍ମାଣ ବ୍ୟବସ୍ଥା କରାଯିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ନିର୍ଭୀକ ଖବରଦାତା ଥିଲେ ନିର୍ମଳ ପଣ୍ଡା

**କଟକ,୯।୭ (କାର୍ତ୍ତିକ ସାହୁ)**

ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡା ଜଣେ ନିର୍ଭୀକ ଖବରଦାତା ଥିଲେ। ତାଙ୍କର ଅକାଳ ବିୟୋଗରେ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗର ହାତ ବଢ଼ାଇବା ଉଚିତ। କଟକ ସହରରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କ ପକ୍ଷରୁ ଖାନ୍‌ନଗର ବୈଷ୍ଣବ ପାଣି ପାର୍କଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଶୋକସଭାରେ ଏହି ମତପ୍ରକାଶ ପାଇଛି। ସରକାରୀ ତଥା ବେସରକାରୀ ସମେତ ପ୍ରତ୍ୟେକ ଖବରଦାତା ତାଙ୍କ ପରିବାରକୁ ସହାୟତାର ହାତ ବଢ଼ାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ରଥ, ପ୍ରଭାତ ବିଶୋଇ, ମାନସ ପଣ୍ଡା, ସୀମନ୍ତିକା ନନ୍ଦଙ୍କ ସମେତ ବହୁ ଖବରଦାତା ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ନୀରବ ପ୍ରାର୍ଥନା କରାଯିବା ସହ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# 'ବୃକ୍ଷ କାଟିଲେ ପରିବେଶ ଉପରେ କୁପ୍ରଭାବ ପଡୁଛି'

**କଟକ,୯।୭ (କାର୍ତ୍ତିକ ସାହୁ)**

ମା' ପାଇଁ ଗଛଟିଏ ଶୀର୍ଷକ ଚାରାରୋପଣ କାର୍ଯ୍ୟକ୍ରମରେ ଶ୍ରୀମାଳିନୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବାମ୍ଫିସାହି ପ୍ରାଇମେରି ସ୍କୁଲ ଖେଳ ପଡ଼ିଆରେ ଚାରାରୋପଣ କରାଯାଇଛି। ଭାଜପାର କଟକ ଲୋକ ସଭା ମିଡିଆ ସଂଯୋଜକ ସୁବାସ ମହାନ୍ତି ଯୋଗଦେଇ ବର୍ତ୍ତମାନ ବହୁ ମାତ୍ରାରେ ବୃକ୍ଷ କାଟିବା ଦ୍ୱାରା ଆମ ପରିବେଶ ଉପରେ କିଭଳି ପ୍ରଭାବ ପଡୁଛି ବୋଲି କହିଥିଲେ। ଭାଜପା ନେତ୍ରୀ ଅଳକା ମହାନ୍ତି ଯୋଗଦେଇ ତାପମାତ୍ରା ବଢୁଥିବା ପ୍ରତି ସମସ୍ତେ ଦୃଷ୍ଟି ରଖି ଗୋଟେ ଗୋଟେ ଗଛ ଲଗାଇ ପରିବେଶରେ ସୁଧାର ଆଣିବାକୁ କହିଥିଲେ। ଏଥିରେ ଶ୍ରୀମାଳିନୀ ଦାସ, ଭୁବନାନନ୍ଦ ମହାନ୍ତି, ରାକେଶ ଦଳାଇ, ମନୋରଞ୍ଜନ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର




**ମଙ୍ଗୁଳି-ଜଗତପୁର,୯।୭(ମାନସ ସାମଲ)**

କଟକ ଜିଲାପାଳଙ୍କ ସାଧାରଣ ଅଭିଯୋଗ ଓ ଯୁଗ୍ମ ଜନଶୁଣାଣି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂମିହୀନ ଜମିପଟ୍ଟା ସଂକ୍ରାନ୍ତ ସର୍ବାଧିକ ୧୭୦, ଆବାସ ସମ୍ବନ୍ଧୀୟ ୭୧ ଓ ରାଶନକାର୍ଡ ସମ୍ବନ୍ଧୀୟ ୫୭ ଅଭିଯୋଗକୁ ମିଶାଇ ମୋଟ ୪୧୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେହିପରି ୧୭ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସାମାଜିକ ସୁରକ୍ଷା ଯୋଜନାରେ ୨୧ ଜଣଙ୍କୁ ସାମିଲ ନିମନ୍ତେ ଜିଲାପାଳ ଅରିନ୍ଦମ ଡାକୁଆ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ହେମନ୍ତ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଉପଜିଲାପାଳ ଜୟଶଙ୍କର ରାୟ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଏଲ୍. ଦିବ୍ୟା, କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଧୁସ୍ମିତା ନାୟକ, ସିଡିପିଓ ଚନ୍ଦ୍ରିକା କୁମାରୀ ମହାପାତ୍ରଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ବରିଷ୍ଠ ରାଜସ୍ୱ ସହାୟକ କରୁଣାକର ଖଟୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ରିପୋର୍ଟ ପାଇଁ ସହାୟତା କେନ୍ଦ୍ରରେ ଅବ୍ୟବସ୍ଥା

**କଟକ,୯।୭(ଶିଳ୍ପା ପ୍ରିୟଦର୍ଶିନୀ)**

**ଏସ୍‌ସିବି ମେଡିକାଲ**


ରିପୋର୍ଟ ନେବା ପାଇଁ ସହାୟତା କେନ୍ଦ୍ର ସମ୍ମୁଖରେ ରୋଗୀ ସମ୍ପର୍କୀୟଙ୍କ ଭିଡ଼।

ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗ ନିକଟରେ ଥିବା ହେଲ୍ପ ଡେସ୍କ ବା ସହାୟତା କେନ୍ଦ୍ରରେ ମଙ୍ଗଳବାର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମେଡିକାଲରେ ଏକ୍ସ-ରେ କିମ୍ବା ଅନ୍ୟାନ୍ୟ ପରୀକ୍ଷା କରାଇବା ପରେ ରିପୋର୍ଟ ପାଇବାକୁ ରୋଗୀ ସମ୍ପର୍କୀୟଙ୍କ ଭିଡ଼ ଜମୁଥିଲା। ଏହାକୁ ଦୂର କରିବା ପାଇଁ ଏହି ସହାୟତା କେନ୍ଦ୍ର ଖୋଲାଯାଇଥିଲା, ଯେଉଁଥିରେ ଏକ୍ସ-ରେ କରାଇବାର ୧୦ ମିନିଟ୍ ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବ। ଏସ୍‌ସିବିରେ ଭିଡ଼ ନିୟନ୍ତ୍ରଣ କରିବାକୁ ଏହି ସହାୟତା କେନ୍ଦ୍ର ଖୋଲାଯାଇଛି ସତ, ହେଲେ ଏଠାରେ ସମାନ ପରିସ୍ଥିତି ଦେଖିବାକୁ ମିଳିଛି।

ପ୍ରତିଦିନ ରୋଗୀ ଚିକିତ୍ସା ଓ ବିଭିନ୍ନ ପରୀକ୍ଷା ପାଇଁ ବହୁ ସଂଖ୍ୟକ ରୋଗୀ ଏସ୍‌ସିବିକୁ ଆସୁଛନ୍ତି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ସହାୟତା କେନ୍ଦ୍ରରେ ରିପୋର୍ଟ ନେବା ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ଏପରି କି ସେଠାରେ ନିୟୋଜିତ ଥିବା ସୁରକ୍ଷା କର୍ମୀ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷରେ ସହାୟତା କେନ୍ଦ୍ର ପରିବର୍ତ୍ତେ ରିପୋର୍ଟ ଦେବା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଗଲେ ସେଠାରେ ଲୋକ ଅପେକ୍ଷା କରି ଠିକ୍ ସମୟରେ ରୋଗୀ ସମ୍ପର୍କୀୟ ରିପୋର୍ଟ ପାଇ ପାରିନ୍ତେ ବୋଲି ରୋଗୀଙ୍କ ମହଲରେ ମତପ୍ରକାଶ ପାଇଛି। ଏନେଇ ଜଣେ ରୋଗୀ ସମ୍ପର୍କୀୟ କହିଛନ୍ତି, ସହାୟତା କେନ୍ଦ୍ର ମେଡିକାଲ କର୍ତ୍ତୃପକ୍ଷ କରିବା ସ୍ୱାଗତଯୋଗ୍ୟ। ହେଲେ କେତୋଟି ସହାୟତା କେନ୍ଦ୍ର ଖୋଲାଗଲେ ଭିଡ଼ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ମେଡିକାଲ କର୍ତ୍ତୃପକ୍ଷ ଅବଗତ ହେବା ଆବଶ୍ୟକ। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ପୂର୍ବରୁ ରିପୋର୍ଟ ପାଇଁ ରୋଗୀଙ୍କ ସମ୍ପର୍କୀୟ ବହୁ ଭିଡ଼ରେ ଛିଡ଼ା ହେଉଥିଲେ। ତାହାକୁ ନଜରରେ ରଖି ମେଡିକାଲ ପରିସରରେ ଏପରି ସହାୟତା କେନ୍ଦ୍ର ଖୋଲାଯାଇଛି। ଏଥିରେ ବହୁ ରୋଗୀଙ୍କ ସମ୍ପର୍କୀୟ ଉପକୃତ ହେଉଛନ୍ତି। ଭିଡ଼ ପ୍ରାୟତଃ ରହି ନ ଥାଏ। ଯଦିଓ ଭିଡ଼ ହୁଏ ତାହା କିଛି କ୍ଷଣି ପାଇଁ। ଏ ସମସ୍ତ ବିଷୟରେ ସଜାଗ ରହିଛୁ। ରୋଗୀ ସେବାରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ସେ ନେଇ କାର୍ଯ୍ୟ କରାଯିବ ବୋଲି ରାଉତ କହିଛନ୍ତି।

## ସଂକ୍ଷେପରେ

### ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁରସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସିଟି ବନଖଣ୍ଡ ମଞ୍ଚେଶ୍ୱର ପକ୍ଷରୁ ଚାରାରୋପଣ କରାଯାଇଥିଲା। ବନପାଳ ଲଳିତା ଗୋଛାୟତ, ଦିଲୀପ ମିଶ୍ର, ଯୁଧିଷ୍ଠିର ମଲିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଦେବରାଜ ବେହେରା, କନ୍ତିଆ ପଞ୍ଚାୟତ ସମିତିସଭ୍ୟ ଭୀମସେନ ଭୁଜବଳ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଙ୍କ ସହିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ମନୋରଞ୍ଜନ ପାଟଶାହାଣୀ, ଚିତ୍ତରଞ୍ଜନ ସାହୁ, କିଶୋର କୁମାର ସୁବୁଦ୍ଧି, ବିପିନ ବିହାରୀ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

### ଶିରିଡ଼ି ସାଇ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞୋତ୍ସବ

କଳାପଥର,୯।୭(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମରେ ଶିରିଡ଼ି ସାଇ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଶୋକ କୁମାର ସାହୁଙ୍କ ପ୍ରଚେଷ୍ଟା ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ବ୍ରାହ୍ମଣମାନେ ସମ୍ପାଦନ କରିଥିଲେ। ବସନ୍ତ କୁମାର ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। କଳସ ଯାତ୍ରା ଓ ଯଜ୍ଞବିଧି ପୂର୍ବକ କାର୍ଯ୍ୟ ସମ୍ପାଦନ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ଚାରାରୋପଣ କରିବା ସହ ଯତ୍ନ ନେବାକୁ ଶପଥ ନେଲେ

ବୋଲଗଡ଼,୯।୭(ଦେବବ୍ରତ ହୋତା)

ଦେଉଳି ସ୍ଥିତ ରଘୁନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଯୁଥ ରେଡକ୍ରସ ଓ ସବୁଜ ବାହିନୀ (ଇକୋକ୍ଲବ) ମିଳିତ ଆନୁକୂଲ୍ୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ.ତପନ କୁମାର ଜେନା, ଉମାକାନ୍ତ ଓଝା ଓ ପ୍ରତାପ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ବହୁ ଛାତ୍ରୀଛାତ୍ର ଭାଗନେଇ କଲେଜ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିବା ସହିତ ଯତ୍ନ ନେବେ ବୋଲି ଶପଥ ନେଇଥିଲେ। ସେହିପରି ଦେଉଳି ସ୍ଥିତ ରଘୁନାଥ ଦେଉଳି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶେଖ ଅବଦୁଲ ରହିମ ଖାଁଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଅନୁରୂପ ଭାବେ ଦେଉଳି ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁଙ୍କ ପୌରୋହିତ୍ୟରେ କଲେଜ ପରିସର ସମେତ ସ୍ଥାନୀୟ ଜଙ୍ଗଲରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ବୃକ୍ଷ ହିଁ ଜୀବନ ବୋଲି ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟକ୍ଷ ସାହୁ ପରାମର୍ଶ ଦେଇ ଯତ୍ନ ନେବାକୁ କହିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ

ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)




- ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ରୋଗୀ ଅସନ୍ତୁଷ୍ଟ
- ହେଉନି ଆରକେଏସ୍, ଜେଡ୍‌ଏସ୍‌ଏସ୍ ବୈଠକ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ, ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ଏବଂ ଚିକିତ୍ସା ପାଇଁ ଯନ୍ତ୍ରପାତି ଅଭାବରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ୨୦୧୬ ମସିହାରେ ଟ୍ରମାକେୟାର ୟୁନିଟ୍ ଶୁଭାରମ୍ଭ ହୋଇଥିଲା। କୋଠା ଉଦ୍‌ଘାଟନ ପରଠାରୁ କାର୍ଯ୍ୟକ୍ଷମ ନ ହାଇ ପଡ଼ିରହିଛି। ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ୨୪ ଘଣ୍ଟିଆ ସିଟି ସ୍କାନ ଏବଂ ଅଲଟ୍ରାସାଉଣ୍ଡ ରହିଥିବା ବେଳେ ସାଧାରଣ ରୋଗୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ନାହିଁ। ଫଳରେ ରୋଗୀ ବାହାରେ କ୍ଲିନିକ୍‌ରେ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି। ବହିଃବିଭାଗ(ଆଉଟ୍‌ଡୋର)ରେ ଦୈନିକ ଶତାଧିକ ରୋଗୀଙ୍କ ଭିଡ଼ ରହୁଛି। ଦୁଇ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା କରାଯାଉଛି। ଫଳରେ ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ୨୦୨୩ ସେପ୍ଟେମ୍ବରରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ୧୦ଶଯ୍ୟା ବିଶିଷ୍ଟ ଆଇସିୟୁ ଉଦ୍‌ଘାଟନ ହେବା ପରଠାରୁ ତାଲା ଝୁଲୁଛି। ଡାକ୍ତର ନିୟୋଜିତ ହୋଇ ନ ଥିବାରୁ ଅତ୍ୟାଧୁନିକ ଯନ୍ତ୍ରପାତି ଖତ ଖାଉଛି। ମେଡିକାଲ ପରିସରରେ ଅକ୍ସିଜେନ ପ୍ଲାଣ୍ଟ କାମ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଆଇସିୟୁ ଏବଂ ବିଭିନ୍ନ ୱାର୍ଡକୁ ଅକ୍ସିଜେନ ପାଇପ୍ ସଂଯୋଗ ସତ୍ତ୍ୱେ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଗତ ଦୁଇ ବର୍ଷ ହେବ ରୋଗୀ କଲ୍ୟାଣ ସମିତି (ଆରକେଏସ), ଜିଲା ସ୍ୱାସ୍ଥ୍ୟ ସମିତି (ଜେଡ୍‌ଏସ୍‌ଏସ୍) ବୈଠକ ହୋଇ ନ ଥିବାରୁ ବହୁ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡିଛି।

ଏହି ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ପୁରୀ ଓ ନୟାଗଡ଼ ଜିଲାର ଲୋକେ ନିର୍ଭର କରିଥାନ୍ତି। ଦୈନିକ ୧୨ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା ବେଳେ କେବଳ ଆଡ୍‌ମିଶନ ହେଉଥିବା ରୋଗୀଙ୍କ ନାମ ରେଜିଷ୍ଟ୍ରେଶନ କରାଯାଉଥିବା ଅଭିଯୋଗ ହେଉଛି। ମେଡିକାଲ ଭିତରେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ବିନା ଫିଟ୍‌ନେସରେ ଏକାଧିକ ଆମ୍ବୁଲାନ୍ସ ଚାଲିଥିବା ବେଳେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ପାର୍କିଂସ୍ଥଳରେ ଘରୋଇ ଆମ୍ବୁଲାନ୍ସ ରହୁଛି। ରୋଗୀଙ୍କୁ ନେବାକୁ ଅଧିକ ଟଙ୍କା ଦାବି କରୁଛନ୍ତି। ଏକାଧିକ ଡାକ୍ତର ଠିକ୍ ସମୟରେ ମେଡିକାଲରେ ନ ପହଞ୍ଚି ଘରୋଇ କ୍ଲିନିକ୍‌ରେ ସମୟ ଦେଉଛନ୍ତି। ମହିଳା ଓ ଶିଶୁ ମଙ୍ଗଳକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଶହେରୁ ୮୦ ପ୍ରତିଶତ ପ୍ରସୂତିଙ୍କ ସିଜରିଆନ ହେଉଛି। ରାତିରେ ଆସୁଥିବା ରୋଗୀଙ୍କୁ ଗୁରୁତର ରହିଥିବା କହି ଘରୋଇ କ୍ଲିନିକ୍ ପଠାଯାଉଛି। ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ ଓ ଅନ୍ୟାନ୍ୟ ରକ୍ତ ପରୀକ୍ଷା ପାଇଁ ଭୁବନେଶ୍ୱରର ଏକ ଡାଇଗ୍ନୋଷ୍ଟିକ କେନ୍ଦ୍ରରେ କରିବା ପାଇଁ ବାଧ କରାଯାଉଛି, ଏହା ତଦନ୍ତସାପେକ୍ଷ। ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ଉପଲବ୍ଧ ହେଉନାହିଁ। ଡିଏଚ୍‌ଏଚ୍ ପରିସରରେ ରକ୍ତଭଣ୍ଡାର ନାହିଁ। ବିଶେଷଜ୍ଞ ଡାକ୍ତରମାନେ ନିୟମିତ ଆସୁନାହାନ୍ତି। ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚର ଆବଶ୍ୟକତା ରହିଛି ବୋଲି ଚିକିତ୍ସିତ ହେଉଥିବା ଜଣେ ରୋଗୀ କହିଛନ୍ତି।

### ଏମାନେ ଯାହା କୁହନ୍ତି...

"ଏହା ଏକ ରେଫରାଲ ଚିକିତ୍ସାଳୟ ପାଲଟିଛି। ଟ୍ରମାକେୟାର, ଆଇସିୟୁ ଏବଂ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ ସହ ବହିଃ ବିଭାଗ ସନ୍ଧ୍ୟା ସମୟରେ ଖୋଲାଯାଉ। ଟିକେଟ କାଉଣ୍ଟର ସରଳୀକରଣ ସହ ଉତ୍ତମ ରୋଗୀ ସେବା, ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

-ବୈକୁଣ୍ଠନାଥ ମହାପାତ୍ର, ଉପସଭାପତି, ବରିଷ୍ଠ ନାଗରିକ ମଞ୍ଚ

"ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁ ଏବଂ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବା ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ଡାକ୍ତର ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି। ଘରୋଇ ଆମ୍ବୁଲାନ୍ସ ଦର ଧାର୍ଯ୍ୟ ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

-ରାଜଶ୍ରୀ ପଟ୍ଟନାୟକ, ସିଡିଏମ୍‌ଓ

"ବିନା ଫିଟ୍‌ନେସରେ ଆମ୍ବୁଲାନ୍ସ ଚାଲୁଥିବା ଅଭିଯୋଗ ପରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ତଦନ୍ତ ସମୟରେ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ଅରବିନ୍ଦ ନାୟକ, ଅତିରିକ୍ତ ପରିବହନ ଅଧିକାରୀ

"ଘରୋଇ ଆମ୍ବୁଲାନ୍ସ ରୋଗୀଙ୍କୁ ହଇରାଣ କରିବା କିମ୍ବା ଆଇନ ହାତକୁ ନେବା ଭଳି କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ସଞ୍ଜୟ ନାୟକ, ଟାଉନ ଥାନା ଅଧିକାରୀ

## ବିଦ୍ୟୁତ୍ ସଂଯୋଗରେ ମୃତ୍ୟୁ ସନ୍ଦେହ

ଟାଙ୍ଗୀ,୯।୭(ରଘୁନାଥ ସାହୁ)

**ଡମଣଭୂମିରୁ ହାତୀ ମୃତଦେହ ଠାବ ଘଟଣା**

ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ଡମଣଭୂମି ଛୋଟରାୟସାହିର ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଏକ ହାତୀର ମୃତଦେହ ସୋମବାର ଠାବ ହୋଇଥିଲା। ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଏସିଏଫ, ସୁଶ୍ରୀ ସ୍ୱାତୀ ମହାନ୍ତି, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଭୁଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ହାତୀର ବ୍ୟବଚ୍ଛେଦ ପରେ ନାଲସିଂସ୍ଥିତ ଜଙ୍ଗଲରେ ପୋତି ଦିଆଯାଇଛି। ପ୍ରାଥମିକ ତଦନ୍ତ ବେଳେ ଶୁଣ୍ଢରେ ବିଦ୍ୟୁତ୍ ସଂଯୋଗ ହୋଇଥିବାରୁ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ବୋଲି ବ୍ଲକ ଭେଟେନାରୀ ଅଫିସର ଚନ୍ଦ୍ରମଣି ସାହୁ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ ପାଣ୍ଡିଆନ୍ କହିଛନ୍ତି। ଏନେଇ ଟାଙ୍ଗୀ ରେଞ୍ଜ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇଛି। ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ କରାଯାଇଥିଲେ ହାତୀର ମୃତ୍ୟୁ ହୋଇ ନ ଥା'ନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବେଦାଙ୍ଗୀ କୁଲକର୍ଣ୍ଣିଙ୍କ ବିଶ୍ୱ ଭ୍ରମଣ ସାଇକେଲ ଯାତ୍ରାର ଶୁଭାରମ୍ଭ



ବାଲୁଗାଁ,୯।୭(ସଂଗ୍ରାମ ପାଇକରାୟ)

ହିମାଚଳପ୍ରଦେଶ ମନାଲିରୁ ଲଦାଖର ଲେହ ସହର ପର୍ଯ୍ୟନ୍ତ ସର୍ବକନିଷ୍ଠା ଏବଂ ଦ୍ରୁତତମ ମହିଳା ସାଇକେଲ ଚାଳନାକାରୀ ଭାବେ ଗିନିଜ୍ ୱାର୍ଲଡ ରେକର୍ଡ ସୃଷ୍ଟି କରିଥିବା ବେଦାଙ୍ଗୀ କୁଲକର୍ନି ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିଦର୍ଶନ କରିବା ସହ ଏଠାରୁ ସାଇକେଲରେ ବିଶ୍ୱ ପରିଭ୍ରମଣରେ ଯାତ୍ରା ଆରମ୍ଭ କରିଛନ୍ତି। ପୁଣେ ସହରରେ ଜନ୍ମ ଗ୍ରହଣ କରିଥିବା କୁଲକର୍ଣ୍ଣି ସର୍ବକନିଷ୍ଠା ସାଇକେଲ ଚାଳନାକାରୀ ଭାବେ ୨୦୧୮ ମସିହାରେ ଅଷ୍ଟ୍ରେଲିଆର ପର୍ଥ ସହରରୁ ସାଇକେଲ ଚାଳନା କରି ୧୫୯ ଦିନରେ ୧୪ଟି ଦେଶ ତଥା ୨୯ ହଜାର କିଲୋମିଟର ଅତିକ୍ରମ କରି କୋଲକାତାରେ ପହଞ୍ଚି ବିଶ୍ୱ ଇତିହାସ ରଚିଥିଲେ। ସେ ଗତ ୭ ତାରିଖରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିଦର୍ଶନ କରିବା ସହ ପ୍ରଶିକ୍ଷଣକାରୀ ଅଗ୍ନିବୀରଙ୍କ ସହ କଥୋପକଥନ କରିଥିଲେ। ସେ ନିଜର ଦୁଃସାହସିକତା, ଶୃଙ୍ଖଳାଜ୍ଞାନ ଓ ଅବିଶ୍ୱସନୀୟ ଯାତ୍ରାର ଅଭିଜ୍ଞତା ଅଗ୍ନିବୀରଙ୍କ ସମ୍ମୁଖରେ ପରିପ୍ରକାଶ କରିଥିଲେ। ତାଙ୍କର ଏହି ସାହସ ଏବଂ ଦୃଢ଼ତାର କାହାଣୀ ଅଗ୍ନିବୀରଙ୍କ ମନରେ ଉତ୍ସାହ ଭରିଦେଇଥିଲା। ମଙ୍ଗଳବାର ପ୍ରଶିକ୍ଷଣ କେନ୍ଦ୍ର କମାଣ୍ଡିଂ ଅଫିସର କମୋଡର ଏନ୍. ପି. ପ୍ରଦୀପ ପତାକା ଦେଖାଇ ବେଦାଙ୍ଗୀଙ୍କ ବିଶ୍ୱ ଭ୍ରମଣ ସାଇକେଲ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ୧୯ଟି ଦେଶ ସାଇକେଲରେ ପରିଭ୍ରମଣ କରି ଆସନ୍ତା ନଭେମ୍ବର ୨୪ ତାରିଖ ସୁଦ୍ଧା ଚିଲିକାରେ ପହଞ୍ଚିବେ ବୋଲି ଜଣାପଡ଼ିଛି।

## ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ନିରାକାରପୁର,୯।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ରାମନିଧି ଦେବଙ୍କ ପୀଠ ପରିସରରେ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଜୟନ୍ତୀ ସ୍ମାରକୀ ମେଧା ଅନ୍ୱେଷଣ ଓ ପୁରସ୍କାର ବିତରଣ ଉତ୍ସବ ସାମାଜିକକର୍ମୀ ଅପର୍ତ୍ତି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବିଜୟ କୁମାର ସାହୁ, କମଳଲୋଚନ ପ୍ରଧାନ, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ନାରାୟଣ ମଙ୍ଗରାଜ, ଲକ୍ଷ୍ମୀଧର ସ୍ୱାଇଁ, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ୫ମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ସାହୁ ଓ ସପ୍ତମ ଶ୍ରେଣୀ ଛାତ୍ରୀ ନିବେଦିତା ଜଗଦେବଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବୀରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭୁକଲ୍ୟାଣ ମଲ୍ଲ, ଭାଗ୍ୟଧର ପ୍ରଧାନ, ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚନ୍ଦ୍ରମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପାଇପ୍ ଫାଟି ଆଁ, ଜଳଯୋଗାଣ ବ୍ୟାହତ

ବେଗୁନିଆ,୯।୭(ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଜଳଯୋଗାଣ ପାଇପ୍ ଫାଟିଯିବାରୁ ପାଣି ରାସ୍ତାରେ ବୋହିଯାଉଛି। ଫଳରେ ଯାତାୟାତ କରିବାରେ ଲୋକେ ହଇରାଣ ହେଉଛନ୍ତି। ପାଇପ୍ ଫାଟିବା ଯୋଗୁ ଜଳଯୋଗାଣରେ ବ୍ୟାହତ ସୃଷ୍ଟି ହେବା ସହ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବେଗୁନିଆ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା ଦାଶ କହିଛନ୍ତି, ରାଜପଥ ମଝିରେ ପାଇପ୍ ସଂଯୋଗ ରହିଥିବାରୁ ମରାମତି କାର୍ଯ୍ୟ କରିବାରେ ଅସୁବିଧା ଦେଖାଦେଇଛି। ତଥାପି ଖୁବ୍‌ଶୀଘ୍ର ମରାମତି ହେବ ବୋଲି ସେ କହିଛନ୍ତି।

## ବିକଶିତ ରାଷ୍ଟ୍ର ଗଠନରେ ପ୍ରମୁଖ ବିନ୍ଧାଣି ହେଉଛନ୍ତି ଶିକ୍ଷକ

ବେଗୁନିଆ,୯।୭(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ସ୍ଥିତ ହଟ୍ଟକେଶ୍ୱର ଦେବଙ୍କ ପୀଠ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ବକ୍ତା ଏବଂ ଏବିଇଓ ଚନ୍ଦ୍ରକାନ୍ତି ନାୟକ,ଏବିଇଓ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ବିଇଓ ବିଷ୍ଣୁପ୍ରସାଦ ମିଶ୍ର, ପୂର୍ବତନ ଏବିଇଓ ଦିଲୀପ କୁମାର ମହାପାତ୍ର, ଓଷ୍ଟା ବ୍ଲକ ସଭାପତି ଗଣେଶର ମିଶ୍ର, ଡ. ଗଣେଶର ସ୍ୱାଇଁ, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସିଆରସିସି ସଞ୍ଜୟ ନାୟକ, ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ସମ୍ପାଦକ ଦାଶରଥି ବେହେରା, ପୂର୍ବତନ ଶିକ୍ଷକ ରାମଚନ୍ଦ୍ର ଷଣ୍ଢ, ପୂର୍ବତନ ଏବିଇଓ ସୁରେଶ ଚନ୍ଦ୍ର ସେଠୀ , ସମ୍ପାଦକ ସରୋଜ କୁମାର ବେହେରା, କିଶୋର ବେହେରା, ପବିତ୍ର ମୋହନ ଖାଡେଙ୍ଗା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନୀ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସୁଧାକର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୋଚିଆଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକଶିତ ରାଷ୍ଟ୍ର ଗଠନରେ ପ୍ରମୁଖ ବିନ୍ଧାଣି ହେଉଛନ୍ତି ଶିକ୍ଷକ ବୋଲି ଅତିଥି ସାହୁ କହିଥିଲେ। ସେହିପରି ବ୍ଲକର ୮ଜଣ ଗଣଶିକ୍ଷକ ନୂତନ ପେନସନ ଯୋଜନାରେ ସାମିଲ ହୋଇଥିବାରୁ ସମ୍ମାନିତ କରାଯାଇଥିଲା।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)



କୁଦିଆରୀ ମେଳଣ ପଡିଆରେ ଥିବା ମା'ବଘେଇଙ୍କ ମନ୍ଦିର ନିକଟରେ ଦୀର୍ଘଦିନ ଧରି ପୌର ପରିଷଦ ପକ୍ଷରୁ ଅଞ୍ଚଳର ଆଲୋକୀକରଣ ପାଇଁ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ବିଦ୍ୟୁତ୍ ଖୁଣ୍ଟର ମରାମତି ପାଇଁ ପୂର୍ବତନ କାଉନସିଲର ଲୁସେନ କୁମାର ରାୟ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ସହାୟକ ଯନ୍ତ୍ରୀଙ୍କଠାରୁ ବିଭାଗୀୟ କର୍ମଚାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପାରିକୁଦ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ

କୃଷ୍ଣପ୍ରସାଦ,୯।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ଘୋଷଯାତ୍ରା ଅବସରରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ଦୈନିକ ସକାଳ ଧୂପ, ଭୋଗଲାଗି, ସନ୍ଧ୍ୟା ଧୂପ ଆଦି ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିଛି। ପାରିକୁଦ ଗଡ଼ର ଚନ୍ଦନ ପଡ଼ିଆ ସ୍ଥିତ ଗୁଣ୍ଡିଚା ମନ୍ଦିରରେ ବିଗ୍ରହଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବରିଷ୍ଠ ପୂଜକ ପ୍ରସନ୍ନ କୁମାର ପଣ୍ଡା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ବିଗ୍ରହମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିଥାନ୍ତି। ପାରିକୁଦ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ସହ ବିଭିନ୍ନ କ୍ଷେତ୍ରରେ ସାମଞ୍ଜସ୍ୟ ରଖେ ବୋଲି ଅଞ୍ଚଳର ବହୁ ବରିଷ୍ଠ ନାଗରିକ କହିଛନ୍ତି। ଶ୍ରୀକ୍ଷେତ୍ରରେ ୧୨ମାସରେ ୧୩ପର୍ବ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବେ ପାରିକୁଦ ଗଡ଼ର ଜଗନ୍ନାଥ ମନ୍ଦିରରେ ବିଗ୍ରହମାନଙ୍କର ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ନବଦିନ ବ୍ୟାପୀ ବିଗ୍ରହମାନେ ଗୁଣ୍ଡିଚା ଘରେ ରହିବା ପରେ ବାହୁଡ଼ା ଯାତ୍ରାରେ ବିଗ୍ରହମାନେ ମନ୍ଦିରକୁ ରଥରେ ପ୍ରତ୍ୟାବର୍ତ୍ତନ କରିବେ। ପାରିକୁଦ ଗଡ଼ରେ ଅନୁଷ୍ଠିତ ରଥଯାତ୍ରାରେ ୩ବିଗ୍ରହଙ୍କ ସହ ସୁଦର୍ଶନ ଗୋଟିଏ ରଥରେ ବିଜେ କରିଥାନ୍ତି। ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ଼, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ଉପସଭାପତି ମକଦ୍ଦମ ସିଂହ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପାଳନରେ ସହଯୋଗ କରୁଛନ୍ତି। ତୃତୀୟ ଦିବସରେ କୃଷ୍ଣପ୍ରସାଦ ଅଞ୍ଚଳର ବରିଷ୍ଠ ପ୍ରବକ୍ତା ବିଜୟ କୁମାର ପଣ୍ଡା ପ୍ରବଚକ ଭାବେ ଯୋଗଦେଇଥିବା ବେଳେ ଜଗନ୍ନାଥ କଳା ସଂସ୍କୃତିକ ପରିଷଦର ହୃଦାନନ୍ଦ ଜେନା, ବିଜୟ କୁମାର ଜେନା, ଅଜୟ କୁମାର ଜେନା, ବିପିନ କୁମାର ଜେନା, ସୁଶାନ୍ତ କୁମାର ଭାରିମଲ୍ଲ ପ୍ରମୁଖ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ୨୪ ଘଣ୍ଟା ପରେ ବି ମିଳିନି ସନ୍ଧାନ

ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)

**ଖଣି ପୋଖରୀରେ ଛାତ୍ର ନିଖୋଜ ଘଟଣା**



ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀରେ ସେଲ୍ଫି ନେବା ସହ ରିଲ୍ସ କରୁଥିବା ବେଳେ ସୋମବାର ଦୁଇ ଜଣ ଛାତ୍ର ବୁଡ଼ିଯାଇଥିଲେ। ତେବେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରସାଦ ରଥ ନିଖୋଜ ଅଛନ୍ତି। ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଓମ୍‌ଙ୍କ ସନ୍ଧାନ ମିଳିପାରି ନାହିଁ।

ସୂଚନାଥାଉ କି, ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନର ୨ ଜଣ ଛାତ୍ର ଓ ଜଣେ ଛାତ୍ରୀ ଏକ କାର୍‌ରେ ଖୋର୍ଦ୍ଧା ଯାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଓମ୍ ସେମାନଙ୍କ ସାଥିରେ ତାପଙ୍ଗ ବଡ଼ସାଉଁଳି କଳିଙ୍ଗ ମୁଣ୍ଡିଆ ପୋଖରୀ ନିକଟକୁ ବୁଲିବାକୁ ଯାଇଥିଲେ। ତେବେ ସେମାନଙ୍କୁ ପୋଖରୀ ନିକଟକୁ ନ ଯିବାକୁ କାର୍ ଡ୍ରାଇଭର କହିଥିଲେ। ହେଲେ ସେମାନେ ଡ୍ରାଇଭରଙ୍କ କଥା ନ ମାନି ପୋଖରୀ ନିକଟରେ ସେଲ୍ଫି ନେବା ସହ ରିଲ୍ସ କରୁଥିଲେ। ଫଟୋ ଉଠାଉଥିବା ବେଳେ ଜଣେ ଛାତ୍ର ପୋଖରୀକୁ ଖସି ପଡିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଓମ୍ ତଳକୁ ଖସିପଡି ବୁଡ଼ିଯାଇଥିଲେ। ଚିତ୍କାର ଶୁଣି କାର୍ ଡ୍ରାଇଭର ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଓମ୍‌ଙ୍କ ସନ୍ଧାନ ପାଇ ନ ଥିଲେ। ଖବରପାଇ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ମଙ୍ଗଳବାର ମଧ୍ୟ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ଉକ୍ତ ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଓମ୍‌ଙ୍କ ସନ୍ଧାନ ମିଳିପାରି ନ ଥିଲା। ଅଗ୍ନିଶମ ବିଭାଗର ଜନୈକ ଅଧିକାରୀ କହିଛନ୍ତି, ଅନୁସନ୍ଧାନ ଜାରି ରହିଛି। ପୋଖରୀ ଗଭୀରତା ଶହେ ଫୁଟ ତଳକୁ ରହିଛି। ଇଣ୍ଟରନାଲ କ୍ୟାମେରା ଜରିଆରେ ସନ୍ଧାନ କରାଯାଉଛି। ଯଦି ବହୁ ତଳକୁ ଶରୀର ଯାଇଥିବ, ଉପରକୁ ଆସିବାରେ ବିଳମ୍ବ ଘଟିବ। ତଥାପି ଖୋଜାଖୋଜି ଜାରି ରହିଛି। ଓଡ୍ରାଫ ବୋଟ୍ ଜରିଆରେ ଚାରିପଟ ସନ୍ଧାନ କରୁଥିବା ବେଳେ ୩ଜଣ ବୁଡ଼ାଳି ଭିତରକୁ ଯାଇ ଅନୁସନ୍ଧାନ କରୁଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି, ଅଗ୍ନିଶମ ବାହିନୀ କର୍ମଚାରୀ ଅନୁସନ୍ଧାନ ଜାରି ରଖିଛନ୍ତି। କୌଣସି ସନ୍ଧାନ ମିଳିପାରିନାହିଁ। ଅଭିଜ୍ଞ ସମୁଦ୍ର ବୁଡ଼ାଳି (ସ୍କୁବା ଡ୍ରାଇଭର) ସବିର ବକ୍ସଙ୍କୁ ଡକାଯିବାକୁ ଯୋଜନା ଚାଲିଥିବା ଜଣାପଡ଼ିଛି।


ମଦନମୋହନଙ୍କୁ ଆଡ଼ପ ମଣ୍ଡପକୁ ନିଆଯାଉଛି।


ପ୍ରଭୁ ଶ୍ରୀସୁଦର୍ଶନଙ୍କୁ ପହଣ୍ଡି ବିଜେ କରାଯାଉଛି।


ଠାକୁରଙ୍କ ଟାହିଆ।


ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି ବିଜେ।


ମା' ସୁଭଦ୍ରା।


ମହାପ୍ରଭୁ ଶ୍ରୀଜଗନ୍ନାଥ।

# ଜନ୍ମବେଦିରେ ଦାରୁଦେବତା, ଆଜି ଆଡ଼ପ ଅବଢ଼ା

**ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ସାନଭଉଣୀ ମା' ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରାରେ ଆସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ଚଳିତ ବର୍ଷ ତିଥିକ୍ଷୟ ଯୋଗୁ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଫଳରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଲାଗିବାକୁ ୨ ଦିନ ସମୟ ଲାଗିଥିଲା। ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଦେଖି ଭକ୍ତମାନେ ଆତ୍ମବିଭୋର ହୋଇଉଠିଥିଲେ। ଭକ୍ତ ଏବଂ ଭଗବାନର ମିଳନ ହୋଇଥିଲା। ତେବେ ଦାରୁ ବିଗ୍ରହମାନେ ପ୍ରାୟ ୩ଦିନ ରଥ ଉପରେ ଅବସ୍ଥାନ କରିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଗୋଟି ପହଣ୍ଡିରେ ଠାକୁରମାନେ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଶ୍ରୀବିଗ୍ରହମାନେ ବୁଧବାରଠାରୁ ଭକ୍ତମାନଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେବେ। ସେହିପରି ଭକ୍ତମାନେ ଆଡ଼ପ ଅବଢ଼ା ପାଇବେ।

ରଥାରୂଢ଼ ଶ୍ରୀବିଗ୍ରହମାନେ ଶରଧାବାଲିରେ ସୋମବାର ଏବଂ ମଙ୍ଗଳବାର ଭକ୍ତଙ୍କୁ ଦର୍ଶନ ଦେବାପରେ ଅପରାହ୍ନରେ ଜନ୍ମବେଦିକୁ ବାହାରିଥିଲେ। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଆଡ଼ପ ପହଣ୍ଡି ନିମନ୍ତେ ମଙ୍ଗଳବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ୨ ଟା ୩୫ ରୁ ୩ ଟା ୨୫ ଏବଂ ସିଂହାସନ ମାଜଣା ୫ ଟା ୨୦ ପରେ ତିନି ରଥର ଘୋଡ଼ା ଫିଟା ହୋଇଥିଲା। ପରେ ୩ ଟା ୩୫ ରୁ ୬ ଟା ୩୦ ପର୍ଯ୍ୟନ୍ତ ଚାରମାଳ ବନ୍ଧା ହୋଇଥିଲା। ମୁଦିରସ୍ତଙ୍କ ଦ୍ୱାରା ପର୍ଯ୍ୟାୟ କ୍ରମେ ତିନି ରଥରେ ୭ ଟାରୁ ୭ ଟା ୧୦ରେ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ୭ ଟା ୧୫ ରେ ପହଣ୍ଡି ଆରମ୍ଭ ହୋଇଥିଲା। ପହଣ୍ଡି ନିମନ୍ତେ ବିଜେ କାହାଳୀ ବାଜିଥିଲା। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ମଦନମୋହନ ଏବଂ ରାମକୃଷ୍ଣଙ୍କ ପହଣ୍ଡି ଶେଷ ହେବା ପରେ ସନ୍ଧ୍ୟା ୭ ଟା୩୨ ରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସେବକମାନେ ଗୋଟି ପହଣ୍ଡିରେ ସୁଦର୍ଶନଙ୍କୁ ଆଡ଼ପମଣ୍ଡପକୁ ନେବା ପରେ ବଡ଼ ଠାକୁର ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ବଡ଼ ଠାକୁରଙ୍କ ପହଣ୍ଡି ଶେଷ ହେବା ପରେ ବିଜେ କାହାଳୀ ବାଜିବା ପରେ ରାତିରେ ମା' ମା'ସୁଭଦ୍ରାଙ୍କ ପହଣ୍ଡି ଶେଷହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ପରମ୍ପରା ଅନୁଯାୟୀ ଦାରୁ ବିଗ୍ରହମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହି କରିବା ସହିତ ଆଳତି କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ରାତି ୧୨ଟା୧୦ରେ ପହଣ୍ଡି ସରିଥିଲା। ଠାକୁରଙ୍କ ଆଡ଼ପ ମଣ୍ଡପବିଜେ ପରେ ବୁଧବାର ଠାରୁ ଭକ୍ତଙ୍କୁ ଆଡ଼ପ ଅବଢ଼ା ମିଳିବ।

# ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ

**ପୁରୀ, ୯।୭(ଅଜିତ୍ କୁମାର ମହାନ୍ତି)**

ପ୍ରତ୍ୟେକ ବର୍ଷ ଶ୍ରୀବିଗ୍ରହମାନେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ନବଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ ତଥା ରତ୍ନସିଂହାସନ ଖାଲି ରହିଥିବାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ଗର୍ଭଗୃହ ତଥା ଅନ୍ୟାନ୍ୟ ସ୍ଥାନର ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରାଯାଇଥାଏ। ଏହି କ୍ରମରେ ମଙ୍ଗଳବାର ଏଏସ୍ଆଇ ସହ ଯୁଗ୍ମ ବୈଷୟିକ କମିଟି ଶ୍ରୀମନ୍ଦିର ଯାଇ ମନ୍ଦିର ଗର୍ଭଗୃହ ଓ ବିଭିନ୍ନ ସ୍ଥାନ ଯାଞ୍ଚ କରିଛନ୍ତି। ଗର୍ଭଗୃହ ଯାଞ୍ଚ କାମ ରଥଯାତ୍ରା ଧାର୍ଯ୍ୟ ସମୟରେ ଶେଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। କମିଟିରେ ଏଏସ୍ଆଇ, ପୂର୍ତ୍ତ ବିଭାଗର ବିଶେଷଜ୍ଞ ସହ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ଏବଂ ମନ୍ଦିର ପ୍ରଶାସନର ଅଧିକାରୀମାନେ ସାମିଲ ହୋଇଛନ୍ତି। କମିଟି ବିଶେଷକରି ଗର୍ଭଗୃହ ସମେତ ରତ୍ନସିଂହାସନ, ନାଟମଣ୍ଡପ, ଜଗମୋହନ, ଗର୍ଭଗୃହର ପ୍ରଥମ ମହଲା ଓ ଦ୍ୱିତୀୟ ମହଲାର ତ୍ରୁଟିନ ଯାଞ୍ଚ କରାଯିବ। ଏଥିସହ ଅଁଳାବେଢ଼ା ଏବଂ ଅନ୍ୟ ପାର୍ଶ୍ୱ ଦେବଦେବୀ ମନ୍ଦିରର ଯାଞ୍ଚ ଓ ମରାମତି ହେବ ବୋଲି ସୂଚନା ମିଳିଛି। ତେବେ ନୀଳାଦ୍ରି ବିଜେରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ଫେରିବା ବେଳକୁ କ'ଣ କ'ଣ କାମ କରାଯିବ ପୂର୍ବରୁ ଏଏସ୍ଆଇ ପକ୍ଷରୁ ଯୋଜନା କରାଯାଇଛି। ସେହିଭଳି ଯାଞ୍ଚ ସମୟରେ ଯାହା ଜଣାପଡ଼ିବ ତାହାର ମରାମତି କରାଯିବ। ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା ତାହାର ସ୍ଥିତି କେମିତି ରହିଛି ତାହାକୁ ମଧ୍ୟ ଯାଞ୍ଚ କରାଯିବ। ଗର୍ଭଗୃହରୁ କଳା ଆସ୍ତରଣ ଛଡ଼ାଯିବ ବୋଲି ସୂଚନା ମିଳିଛି।


ରଥରୂଢ଼ ଠାକୁରଙ୍କ ଲାଗି ଭୋଗ ନିଆଯାଉଛି।


ଶରଧାବାଲିରେ ରଥାରୂଢ଼ ଠାକୁରଙ୍କୁ ଶ୍ରଦ୍ଧାଳୁଙ୍କ ଦୀପଦାନ।


ମେଳାପଡ଼ିଆରେ ଜଣେ ଯୁବତୀ ପ୍ଲାଷ୍ଟିକ୍ ଫୁଲ ବିକ୍ରି କରୁଛନ୍ତି।


ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆହତ ସେବାୟତଙ୍କୁ ଭେଟିବାକୁ ଯାଉଛନ୍ତି।

# ସନ୍‌ଫିଷ୍ଟ ମାରିଲାଇଟର 'ସୂର୍ଯ୍ୟାଳୟ' ଷ୍ଟଲ୍ ଉଦ୍‌ଘାଟିତ

**ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)**




ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ସନ୍‌ଫିଷ୍ଟ ମାରି ଲାଇଟର 'ସୂର୍ଯ୍ୟାଳୟ' ଷ୍ଟଲ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ସନ୍‌ଫିଷ୍ଟ ମାରିଲାଇଟ୍ ଏକ ଖାସ୍ କ୍ରଞ୍ଚ ଆନନ୍ଦ ଏବଂ ଚା' କିମ୍ବା କଫି ପାଇଁ ଏକ ଉପଯୁକ୍ତ ସାଥୀ। ପ୍ରାକୃତିକ ଗହମ ଫାଇବର ସହିତ ସମୃଦ୍ଧ ଏବଂ ସର୍ବୋତ୍ତମ ଗୁଣବତ୍ତା ଗହମରେ ପ୍ରସ୍ତୁତ ଏହି ବିସ୍କୁଟଗୁଡ଼ିକ ଭଲ ସ୍ୱାସ୍ଥ୍ୟ ସୁନିଶ୍ଚିତ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟା ନାୟିକା ଏଲିନା ସାମନ୍ତରାୟ ଯୋଗଦେଇ ସନ୍‌ଫିଷ୍ଟ ମାରି ଲାଇଟ 'ସୂର୍ଯ୍ୟାଳୟ' ଷ୍ଟଲର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ ଆସନ୍ତା ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେଉଥିବା ବ୍ୟକ୍ତି ବିଜୟ ଲାଭ କଲେ ସନ୍‌ଫିଷ୍ଟ ମାରି ଲାଇଟ ତରଫରୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ରଥଯାତ୍ରାରେ ଫ୍ରିଡମ ଷ୍ଟଲ୍

**ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)**




ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ଭାରତର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମର ଷ୍ଟଲ୍ ମଙ୍ଗଳବାର ସରଧା ବାଲିରେ ଉଦ୍‌ଘାଟିତ ହୋଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ପୌର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ରଥଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଫ୍ରିଡମ ତେଲ ପକ୍ଷରୁ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି। ଏଥିସହିତ ପ୍ରତେକ ପାଞ୍ଚ ଲିଟର ସୋରିଷ ତେଲ ଉପରେ ଏକ ବାଲ୍‌ଟି ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ୍ ତେଲର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନୀରୋଗ ରଖନ୍ତୁ ବୋଲି ଧଳ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୀବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ବଡ଼ଦାଣ୍ଡରେ 'ଅପରୂପ ଶ୍ରୀଜଗନ୍ନାଥ' ସମର୍ପିତ

**ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)**




ପବିତ୍ର ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଭଳି ବିରଳ ତିଥିରେ ତିନିରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ 'ଅପରୂପ ଶ୍ରୀଜଗନ୍ନାଥ' ପୁସ୍ତକ ଦଇତାପତି ଶ୍ରୀସୁଦର୍ଶନ ଦାସ ମହାପାତ୍ରଙ୍କ ଦ୍ୱାରା ସମର୍ପଣ କରାଯାଇଛି। ପୀତବାସ ରାଉତରାୟଙ୍କ ସମ୍ପାଦନାରେ ୮୦୦ ପୃଷ୍ଠାର ଏହି ପୁସ୍ତକର ଚଳିତ ସଂଖ୍ୟା ଶ୍ରୀକ୍ଷେତ୍ର ବିଶେଷାଙ୍କ ରୂପେ ଆତ୍ମପ୍ରକାଶ କରିଛି। ଯେଉଁଥିରେ ପଞ୍ଚତୀର୍ଥଠାରୁ ଆରମ୍ଭ କରି ୫୪ଟି ତୀର୍ଥସ୍ଥାନ ବିଷୟରେ ବିବରଣୀ ସ୍ଥାନ ପାଇଛି। ଏହା ବ୍ୟତୀତ ବହୁ ଲେଖକଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ଅନୁଭୂତି, ଗଳ୍ପ, ପ୍ରବନ୍ଧ ଓ କବିତା ମଧ୍ୟ ସ୍ଥାନ ପାଇଛି । ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ସମେତ ବହୁ ସମ୍ମାନଜନକ ପୁରସ୍କାରପ୍ରାପ୍ତ ପ୍ରତିଭା ଶ୍ରୀଜଗନ୍ନାଥଙ୍କୁ ନେଇ ତାଙ୍କର ଅନୁଭୂତି ବର୍ଣ୍ଣନା କରିଛନ୍ତି। ପୁସ୍ତକ ସମର୍ପଣ ସମୟରେ ସମ୍ପାଦକ ପୀତବାସ ରାଉତରାୟ, ପ୍ରକାଶକ ରମାକାନ୍ତ ମିଶ୍ର ଓ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ପରିଚାଳକ ଶ୍ରୀଠାକୁର ଦାସ ରାଉତରାୟ ଉପସ୍ଥିତ ଥିଲେ। ୮୦୦ପୃଷ୍ଠାର ପୁସ୍ତକର ଦାମ୍ ମାତ୍ର ୫୦୦ ଟଙ୍କା ରଖାଯାଇଛି। ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କ ଦ୍ୱାରା ବିଶେଷ ଆଦୃତ ହେବ ବୋଲି ସମସ୍ତେ ଆଶା ବ୍ୟକ୍ତ କରିଛନ୍ତି।



ପରିବା ଦର ବୃଦ୍ଧିକୁ ବିରୋଧ କରି ସିପିଆଇ ଏବଂ ବିକେଏମ୍ୟୁ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରାଜମହଲ ଛକଠାରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ମନୋରଞ୍ଜନ ମିଶ୍ର)

## ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇ, ବିକେଏମ୍ୟୁର ବିକ୍ଷୋଭ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଦେଶରେ ସାଧାରଣ ନିର୍ବାଚନ ପରେ ଡାଲି, ଚାଉଳ, ଖାଇବାତେଲ ଠାରୁ ଆରମ୍ଭ କରି ପରିବା ଦର ପର୍ଯ୍ୟନ୍ତ ଅହେତୁକ ବୃଦ୍ଧି ହେବାରେ ଲାଗିଛି। ଦରଦାମ୍ ବୃଦ୍ଧିକୁ ନେଇ ଜନସାଧାରଣ ବିଶେଷକରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦରବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ସିପିଆଇ ଏବଂ ଭାରତୀୟ କ୍ଷେତ ମଜଦୁର ସଂଘ (ବିକେଏମ୍ୟୁ) ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ସିପିଆଇ ଏବଂ ବିକେଏମ୍ୟୁ କର୍ମୀମାନେ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାକାରୀମାନେ ଦଳୀୟ ପତାକା ଓ ବ୍ୟାନର ସହ ହାତରେ ଦରଦାମ୍ ବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା। ସେହିପରି ଆଳୁ, ପିଆଜ ସହ ଅନ୍ୟାନ୍ୟ ପନିପରିବାରେ ତିଆରି ମାଳ ବେକରେ ପକାଇ ଅଭିନବ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଞ୍ଚଳ ପରିକ୍ରମା କଲାପରେ ରାଜମହଲ ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇର ଜୋନ୍ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍ୟୁର ରାଜ୍ୟ ସହସମ୍ପାଦକ ଶଙ୍କର୍ଷଣ ବାରିକ, ସିପିଆଇ ଜୋନ ସହସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାଝୀ, ନାରୀନେତ୍ରୀ ମିନତି ପ୍ରଧାନ, ଛେତମ୍ବର ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ପଞ୍ଚାନନ ସାହୁ ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ସଫଳ ରଥଯାତ୍ରା ନୀତିକାନ୍ତି ଲାଗି ଧନ୍ୟବାଦ ଜଣାଇଲେ ଆଇନ ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ପୁରୀଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଏବଂ ଏ ସମ୍ପର୍କିତ ସମସ୍ତ ନୀତିକାନ୍ତି ସୁଚାରୁଭାବେ ସମ୍ପନ୍ନ ହୋଇଯାଇଛି। ଏଥିପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମସ୍ତ ସେବାୟତ, ସେବାୟତ ନିଯୋଗର ପ୍ରତିନିଧିଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ, ରାଜ୍ୟ ଆରକ୍ଷୀ ବାହିନୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ସଫେଇ କର୍ମଚାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ, ଅଗଣିତ ଭକ୍ତ, ଶ୍ରଦ୍ଧାଳୁ ଏବଂ ସମସ୍ତ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ସେ ଜଣାଇଛନ୍ତି। ବହୁବର୍ଷ ପରେ ଚଳିତ ବର୍ଷ ରଥଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାଠାରୁ ଆରମ୍ଭକରି ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ସୁବିଧା ତଥା ବିଭିନ୍ନ ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ବ୍ୟାପକ ଆୟୋଜନ କରିଥିଲେ। ରଥଯାତ୍ରାକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ମନ୍ତ୍ରୀ ହରିଚନ୍ଦନ ଧନ୍ୟବାଦ ଜଣାଇଛନ୍ତି।

## କେନ୍ଦ୍ର,ରାଜ୍ୟ ସରକାରଙ୍କ ଯୋଜନା ଓଡ଼ିଶାର ସବୁ ଘରେ ପହଞ୍ଚାଅ: ଅରୁଣ ସିଂ

ଭୁବନେଶ୍ୱର, ୯।୭ (ସୁନିତ୍ ମିଶ୍ର)

ଓଡ଼ିଶାରେ ନିର୍ବାଚନ ସରିଛି ଏବଂ ଭାଜପା ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ଭାଜପା କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇଛି। ଏବେ ଓଡ଼ିଶାରେ 'ଡବଲ ଇଞ୍ଜିନ' ସରକାର। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଓଡ଼ିଶା ଖୁବ୍‌ଶୀଘ୍ର ଦେଶର ୧ ନମ୍ବର ରାଜ୍ୟରେ ପରିଣତ ହେବ। ଓଡ଼ିଶାର ବିକାଶ ପାଇଁ ମୋଦି ସର୍ବଦା ବଦ୍ଧପରିକର ବୋଲି ଭାଜପାର ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ କହିଛନ୍ତି। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟ ବୁଲିବାକୁ ଆସିଥିବା ଅବସରରେ ଅରୁଣ କହିଛନ୍ତି, ତୃଣମୂଳସ୍ତରରେ ଦଳକୁ ଅଧିକ ଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରହିଛି। କାର୍ଯ୍ୟକର୍ତ୍ତା ଓ ନେତାମାନେ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି। ରାଜ୍ୟବାସୀଙ୍କ ସେବାରେ ମନ ନିବେଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ଅରୁଣ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ସେ ପୁରୀ ଯାଇ ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନେକ ବରିଷ୍ଠ ଓ ପୁରାତନ ନେତା, କର୍ମୀଙ୍କୁ ଭେଟି ସଙ୍ଗଠନ ବିଷୟରେ ଆଲୋଚନା କରିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ।

## ଗୋଦାମ ସ୍ଥିତି ବୁଲି ଦେଖିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ରାଜ୍ୟରେ ଆଳୁ, ପିଆଜ, ପନିପରିବା ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦରକୁ ନିୟନ୍ତ୍ରଣ କରିବା, କଳାବଜାର ରୋକିବା ଏବଂ ଖାଉଟିମାନଙ୍କୁ ଉପଯୁକ୍ତ ମୂଲ୍ୟରେ ଦ୍ରବ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜଧାନୀର ବିଭିନ୍ନ ଗୋଦାମ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି କ୍ରମରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ରାଜଧାନୀର ବିଭିନ୍ନ ଆଳୁ, ପିଆଜ ଓ ପରିବା ଗୋଦାମ ଯାଇ ମହଜୁଦ ସାମଗ୍ରୀ ତାଲିକା, ପାଇକାରୀ ଦର ଏବଂ କାଗଜପତ୍ର ତନଖି କରିଛନ୍ତି। ଗୋଦାମକୁ ଦ୍ରବ୍ୟ ଆମଦାନୀଠାରୁ ଆରମ୍ଭକରି ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ଠିକ୍ ବିତରଣ ବ୍ୟବସ୍ଥା ଏବଂ ଦର ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ଏହି ଯାଞ୍ଚର ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତିତ। ଆଗକୁ ଏଭଳି ଯାଞ୍ଚକୁ ଅଧିକ ବ୍ୟାପକ କରାଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଉଟି ଯେପରି ଉପଯୁକ୍ତ ଦରରେ ସାମଗ୍ରୀ ପାଇପାରିବେ ତାହା ନିଶ୍ଚିତ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀକୁ ଅହେତୁକ ଭାବେ ଠୁଳକରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ଏତଲା ଦେଲା ଛାତ୍ର ଓ ଯୁବ କଂଗ୍ରେସ

### ଆଇଗିଣିଆ ଫ୍ଲାଏଓଭର ଦବିଯିବା ଘଟଣା

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ଆଇଗିଣିଆ ଫ୍ଲାଏଓଭର ବ୍ରିଜ୍ ଦବିବା ଘଟଣାକୁ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଯୁବ ସଭାପତି ରଣଜିତ ପାତ୍ରଙ୍କ ମିଳିତ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଆଇଗିଣିଆ ଓଭରବ୍ରିଜ୍ ନିର୍ମାଣକାରୀ ସଂସ୍ଥା ବିରୋଧରେ ମଙ୍ଗଳବାର ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ଏନେଇ ୟାସିର କହିଛନ୍ତି, ଭୁବନେଶ୍ୱର ସହର ମଝିରେ ଯାଇଥିବା ଜାତୀୟ ରାଜପଥ-୧୬ରେ ହୋଇଥିବା ଆଇଗିଣିଆ ଓଭରବ୍ରିଜ୍ ନିର୍ମାଣ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି। ଏହି ରାସ୍ତାରେ ଦୈନିକ ବହୁ ଗାଡ଼ି ଯିବା ଆସିବା କରିଥାଏ। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ ନିମ୍ନମାନର କାର୍ଯ୍ୟକରି ଲକ୍ଷାଧିକ ଯାତ୍ରୀଙ୍କ ଜୀବନକୁ ବିପଦ ଭିତରକୁ ଠେଲିଦେଇଛି। ଏହି ଫ୍ଲାଏଓଭର ମାତ୍ର ୬ ମାସ ହେଲା ଯାତାୟାତ ପାଇଁ ଖୋଲାଯାଇଥିଲା। ଗତ ଜୁଲାଇ ୮ ତାରିଖ ସେଠାରେ ଗୋଟିଏ ଅଂଶ ଦବିଯାଇ ଏକ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି ଗର୍ତ୍ତରେ ଏକ ମିନିଟ୍ରକ୍ ଫସିଯାଇଥିଲା। ଫଳରେ ପଛରୁ ଆସୁଥିବା ବହୁ ଗାଡ଼ି ହଠାତ୍ ବ୍ରେକ୍ ମାରିବା କାରଣରୁ ଦୁର୍ଘଟଣା ମଧ୍ୟ ଘଟିଥିଲା। ଏହି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରି ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ ଏବଂ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାରଙ୍କୁ ତୁରନ୍ତ ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।


କଂଗ୍ରେସ କର୍ମକର୍ତ୍ତାମାନେ ଆଇଗିଣିଆ ଓଭର ବ୍ରିଜ୍ ଦବିବା ଘଟଣାରେ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି।

## ଲକ୍ଷ୍ମୀ ବସ୍‌ରେ ଲାଗି ନ ଥିଲା ରଙ୍ଗ: ମନ୍ତ୍ରୀ ବିଭୂତି

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

'ଲକ୍ଷ୍ମୀ' ବସ୍‌ରେ ଲାଗି ନ ଥିଲା ରଙ୍ଗ। କେବଳ ଷ୍ଟିକର ଲଗାଯାଇଥିଲା। ନିର୍ବାଚନ ପରେ ଷ୍ଟିକର ବାହାରି କରିଦେଇଥାଆନ୍ତେ। ସେହି ଯୋଜନାକୁ ବନ୍ଦ କରିଦେଇଥାନ୍ତେ। ଯଦି ଲକ୍ଷ୍ମୀ ବସ୍ ଚଲାଇଥାଆନ୍ତେ, ତେବେ ରଙ୍ଗ ଲଗାଇ ଥାଆନ୍ତେ। ଲକ୍ଷ୍ମୀ ବସ୍‌ର ରଙ୍ଗ ପରିବର୍ତ୍ତନ ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଙ୍ଗଳବାର ଏଭଳି ମନ୍ତବ୍ୟ ରଖିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଲକ୍ଷ୍ମୀ ବସ୍‌ରେ ଗୋଟିଏ ଦଳର ସିମ୍ବଲ ଲାଗିଥିଲା। ଷ୍ଟିକର ବାହାରକଲା ପରେ ବସ୍ ଅସୁନ୍ଦର ଦେଖାଗଲା। ତେଣୁ ପୁରୁଣା ଓଡ଼ିଶା ଷ୍ଟେଟ୍ ଟ୍ରାନ୍ସପୋର୍ଟର ବସ୍ ସେବା ବେଳର ରଙ୍ଗ ଅରେଞ୍ଜ ଲଗାଯାଇଛି। ତାକୁ ଯଦି ଭାଜପା ରଙ୍ଗ କୁହାଯିବ, ଆମେ ସ୍ୱାଗତ କରିବୁ ବୋଲି କହିଛନ୍ତି। ଆମେ କୌଣସି ଦଳୀୟ ଗନ୍ଧ ଆସିଲା ଭଳି ରଙ୍ଗ ଦେଇନାହୁଁ। ଯାହା ପୂର୍ବରୁ ପ୍ରଚଳିତ ହୋଇ ଆସୁଥିଲା, ସେହି ରଙ୍ଗ ଦେଉଛୁ। ଯେଉଁଠି ଷ୍ଟିକର ଲାଗିଥିଲା, ସେହି ସ୍ଥାନରେ ସେହି ରଙ୍ଗ ମରାଯାଉଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସେହିଭଳି ଦିଲ୍ଲୀ ନିର୍ଭୟା କାଣ୍ଡ ପରେ ବସ୍‌ରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ରହିଛି। ଆମେ ଆଲୋଚନା କରୁଛୁ, ସବୁ ବସ୍‌ରେ ସିସିଟିଭି ଲଗାଇବୁ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବ ସରକାର ସମୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନା ଅନୁଯାୟୀ କିଣାଯାଇଥିବା ବସ୍‌ଗୁଡ଼ିକର ରଙ୍ଗ ବଦଳ କରାଯାଇଛି। ଢେଙ୍କାନାଳ ଜିଲାରେ ପ୍ରଥମେ ଏହା ଲକ୍ଷ୍ୟ କରାଯିବା ପରେ ଏହାକୁ ନେଇ ପ୍ରଶ୍ନ ଉଠିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଲୋକଙ୍କ ଅଭିଯୋଗ ଶୁଣିଲେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ

ଲାଠୋର,୯।୭ (ଭୁବନେଶ୍ୱର ବାରିକ)


ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଉପମୁଖ୍ୟମନ୍ତ୍ରୀ ଓ ଏମ୍‌ପି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ରୋଡ଼ ଶୋ' କରିବା ସହ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ତାଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏବଂ ଝିଅ ନିଭ୍ରିତି ମଧ୍ୟ ରହିଥିଲେ। ପ୍ରଥମେ ତାଙ୍କୁ ଲାଠୋର ରାଧାକୃଷ୍ଣ ମନ୍ଦିରଠାରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଦଳୀୟ କର୍ମୀ ଝାସିରାମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ତାଙ୍କ ସହ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ମଧ୍ୟ ମଞ୍ଚାସୀନ ଥିଲେ।

ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ ଅଞ୍ଚଳର ଜନସାଧାରଣଙ୍କୁ ଧନ୍ୟବାଦ ଜ୍ଞାପନ କଲା ପରେ ସରପଞ୍ଚ ଜୟଶ୍ରୀ ଅଞ୍ଚଳର ବିକାଶ ପାଇଁ ଲାଠୋର ଗ୍ରାମରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ରେଳ ଫାଟକ ଠାରେ ଓଭର ବ୍ରିଜ ନିର୍ମାଣ ସହ ଏକ ବାଇପାସ ରାସ୍ତାର ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ, ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ସ୍ଥାୟୀ ଚିକିତ୍ସକ ନିଯୁକ୍ତି, ଗ୍ରୀଡ଼ରେ ଏକ ସେକ୍ସନାଲ ଅଫିସର ନିଯୁକ୍ତି, ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ପୁରୀ-ଅହମ୍ମଦାବାଦ ଏବଂ ପୁରୀ-ଆଜମେର ଏକ୍ସପ୍ରେସ ରହଣି ତଥା ଗ୍ରାମକୁ ସରସ ସୁନ୍ଦର କରିବା ପାଇଁ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ଜନସାଧାରଣଙ୍କ ତରଫରୁ ଦାବି କରିଥିଲେ। ସେହିପରି ଟଙ୍କପାଣି ଅଞ୍ଚଳକୁ ଲାଠୋର ଗ୍ରୀଡ଼ରୁ ବିଦ୍ୟୁତ ସଂଯୋଗ ଦିଆଯାଉ ବୋଲି ମଧ୍ୟ କିଛି ଲୋକ ଦାବି କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ ଲୋକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସେଠାରୁ ଉପମୁଖ୍ୟମନ୍ତ୍ରୀ ଏବଂ ଏମ୍‌ପି ଏକ ରୋଡ଼ ଶୋ'ରେ ଗ୍ରାମର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ କରିଥିଲେ। ଏହି ଅବସରରେ ପ୍ରବୀଣ ଅଗ୍ରୱାଲ,କାଶୀନାଥ ମେହେର,ଦଶରଥ ପାଣିଗ୍ରାହୀଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଡିଏ ଅଧିକାରୀଙ୍କ ସହ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ରାଜଧାନୀର ବିକାଶ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଉନ୍ନତି ଭବନଠାରେ ମନ୍ତ୍ରୀଙ୍କୁ ଭେଟିବା ଅବସରରେ ବିଡିଏ ଅଧିକାରୀମାନେ ଅଭିନନ୍ଦନ ଜଣାଇବା ସହ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଓ ପରିଚାଳନା ବିଷୟରେ ଅବଗତ କରାଇଛନ୍ତି। ବିଡିଏ ଉପାଧ୍ୟକ୍ଷ ସୁଲଭ ଆବାସ, ସଡ଼କ ନିର୍ମାଣ, ପାର୍କ ବିକାଶ, ଟାଉନ ପ୍ଲାନିଂ ଏବଂ ସମ୍ପ୍ରସାରିତ ଅଞ୍ଚଳ ପାଇଁ ବ୍ୟାପକ ଉନ୍ନୟନ ଯୋଜନା(ସିଡିପି) ସମେତ ଚାଲିଥିବା ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ବିଡିଏ ଟିମ୍ ଓଡ଼ିଶା ଭିଜନ ୨୦୩୬ ଓ ବିକଶିତ ଭାରତ ଭିଜନ ୨୦୪୭ ଅନୁଯାୟୀ ସଙ୍ଗଠନର ପୁନର୍ଗଠନ ପାଇଁ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ଭୁବନେଶ୍ୱରର ସାମଗ୍ରିକ ବିକାଶ ପାଇଁ ନୂଆ ପଦକ୍ଷେପ ନେବାକୁ ବିଡିଏ ଅଧିକାରୀଙ୍କୁ କହିଛନ୍ତି। ଜମି ଜବରଦଖଲ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଲିଜ୍‌ହୋଲ୍ଡ ସମ୍ପତ୍ତିକୁ ଫ୍ରିହୋଲ୍ଡରେ ପରିଣତ କରିବା ପାଇଁ ଏକ ସ୍ୱଚ୍ଛ, ତ୍ୱରିତ ପ୍ରକ୍ରିୟାର ଆବଶ୍ୟକତା ଉପରେ ମନ୍ତ୍ରୀ ଆଲୋକପାତ କରିଛନ୍ତି। ଏହା ବ୍ୟତୀତ ବନ୍ୟା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିବା ସହ ଏହାର କାରଣ ଚିହ୍ନଟକରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଡିଏକୁ ମନ୍ତ୍ରୀ କହିଛନ୍ତି। ଏହାସହ ଗଙ୍ଗୁଆ ନଦୀର ପୁନରୁଦ୍ଧାର ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଣିଷର ବୋଲି**
**ପିତା ଗହମାର ମୂଳି।**

ଯେଉଁମାନେ ଅମଣିଷ ସେମାନଙ୍କଠାରେ ମଣିଷପଣିଆ ନ ଥାଏ। ତାଙ୍କ ଆଚାର, ବ୍ୟବହାର ତଥା କଥାବାର୍ତ୍ତା ଅତ୍ୟନ୍ତ ରୁକ୍ଷ ହୋଇଥାଏ। ଅମଣିଷର କଥା ପିତା ଶାଗ ପରି ଅରୁଚିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖାଇ ଖାଇ ମନ କଲା**
**ରାତି ଘରେ ନାହିଁ ଚୁଡା,**
**ଅଶୋଇ ଶୋଇ ମନ କଲା**
**ଷାଠିଏ ବର୍ଷର ବୁଢ଼ା।**

ଖୋଜିବା ସମୟରେ ଉପଯୁକ୍ତ ପଦାର୍ଥ ନ ପାଇବାର ଅନୁଶୋଚନା। ମଣିଷ ଯେତେବେଳେ ଯାହା ଆଶାକରେ, ସେତେବେଳେ ତାହା ପାଇପାରି ନ ଥାଏ। ପରିସ୍ଥିତି ଦାଉ ସାଧିବା ପରି ସେସବୁ ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ଏବିଭିପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଯାଜ୍ଞବଳ୍କ ଶୁକ୍ଳାଙ୍କୁ ଭୁବନେଶ୍ୱର ରାଜମହଲ ଛକଠାରେ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)


ନବୀନ ନିବାସରେ ମଙ୍ଗଳବାର ବିଜୁ ଶ୍ରମିକ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭିତରକନିକା: ଜଙ୍ଗଲ ଜମିରେ ୫ ହୋଟେଲ

## ରାଜସ୍ୱ, ବନ ବିଭାଗର ମିଳିତ ତଦନ୍ତ, ମାପଚୁପ

ରାଜନଗର, ୯।୭(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଭିତରକନିକାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ଓ ଖାଇବା ପାଇଁ ଜାତୀୟ ଉଦ୍ୟାନ ଭିତରେ ବନ ବିଭାଗର ରିସର୍ଟ ଓ କାଫେ ରହିଥିବାବେଳେ ବାହାରେ ହୋମଷ୍ଟେ ଓ ହୋଟେଲ ଗଢ଼ି ଉଠିଛି। ଜଙ୍ଗଲ ଜମିରେ ହୋଟେଲ ନିର୍ମାଣକୁ ନେଇ ଅଭିଯୋଗ ହୋଇଥିଲା। କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲାସ୍ତରୀୟ ବନ ମହୋତ୍ସବରେ ଯୋଗଦେବାକୁ ଗୁପ୍ତି ଆସିଥିବା ବେଳେ ଭିତରକନିକାରେ ଜଙ୍ଗଲ ଜମିରେ ହୋଟେଲ ଗଢ଼ି ଉଠିଥିବା ଅଭିଯୋଗ କରାଯାଇଥିଲା। ବନ ଓ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କଲା ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ମିଳିତ ତଦନ୍ତ ସହ ମାପଚୁପ୍ କରାଯାଇଥିଲା। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଏସିଏଫ୍ ମାନସ କୁମାର ଦାସ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନାଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତିରେ ତଦନ୍ତ ସହ ମାପ୍‌ଚୁପ୍ କରାଯାଇଛି। ତଦନ୍ତ ସମୟରେ ୬ଟି ହୋଟେଲ ମଧ୍ୟରୁ ୫ଟି ଜଙ୍ଗଲ ଜମିରେ ଥିବା ଜଣାପଡିଛି। ସ୍ୱାଦ୍ ହୋଟେଲ



ସ୍ଥିତିବାନ ଜମିରେ ରହିଛି। ଏହାକୁ ଲାଗି ଥିବା ପୋଖରୀ ଓ ପାର୍କ ସରକାରୀ ଓ ଜଙ୍ଗଲ ଜମିରେ ରହିଥିବା ଜଣାପଡିଛି।

ଭିତରକନିକା ଜାତୀୟ ଉଦ୍ୟାନ ଗେଟ୍ ନିକଟରୁ ବ୍ୟାଙ୍କ ଛକ ଯାଏ ସମସ୍ତ ଜବରଦଖଲ ସମ୍ପର୍କରେ ତଦନ୍ତ କରାଯାଇଛି। ଗଢ଼ି ଉଠିଥିବା ୬ଟି ହୋଟେଲ ସମ୍ପର୍କରେ ତଦନ୍ତ କରାଯିବା ସହ ମାପଚୁପ କରାଯାଇଛି। ହୋଟେଲ ସତ୍ୟପ୍ରିୟ, ହୋଟେଲ ରେଡକ୍ରାବ, ହୋଟେଲ ଭିତରକନିକା, କନିକା ସୁନ୍ଦରୀ ରିସର୍ଟ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା ତଦନ୍ତକାରୀ ଟିମ୍‌ର ତଦନ୍ତ ବେଳେ ସ୍ପଷ୍ଟ ହୋଇଛି। ଏହାବାଦ୍ ମ୍ୟାନଗ୍ରୁଭପିଟା ହୋମ ଷ୍ଟେର ଗୋଟିଏ ବିଲ୍ଡିଂ ସମ୍ପୂର୍ଣ୍ଣ ଭାବେ ସରକାରୀ ଜମିରେ ନିର୍ମାଣ ହୋଇଛି। ଏହି ୫ଟି ହୋଟେଲ ସମ୍ପୂର୍ଣ୍ଣଭାବେ ସରକାରୀ ଓ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବାରୁ ତା'ର ମାପଚୁପ ଆବଶ୍ୟକତା ପଡ଼ି ନ ଥିଲା। ଭିତରକନିକା ମ୍ୟାନଗ୍ରୁଭ ହୋମ ଷ୍ଟେର ସମସ୍ତ ବିଲ୍ଡିଂ ନିଜସ୍ୱ ପଟ୍ଟା ଜମିରେ ନିର୍ମାଣ ହୋଇଛି। ହୋଟେଲ ପଛରେ ଥିବା ଜଳାଶୟ ଓ ପାର୍କ ସରକାରୀ ଏବଂ ଜଙ୍ଗଲ ଜମିରେ ଥିବା ମାପଚୁପ ବେଳେ ଜଣାପଡିଛି। ଏ ସମ୍ପର୍କରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ବାଙ୍କୁଆଳ ମୌଜାରେ ଥିବା ସମସ୍ତ ଜବରଦଖଲ ସମ୍ପର୍କରେ ରାଜସ୍ୱ ଓ ବନ ବିଭାଗ ମିଳିତ ତଦନ୍ତ କରିଛି। ଏହି ଅଞ୍ଚଳରେ ଥିବା ୬ଟି ହୋଟେଲ ମଧ୍ୟରୁ ୫ଟି ହୋଟେଲ ଜଙ୍ଗଲ ଜମିରେ ନିର୍ମାଣ ହୋଇଛି। ହୋଟେଲ ସ୍ୱାଦର ବିଲ୍ଡିଂ ସୂର୍ଯ୍ୟ ନାରାୟଣ ଲେଙ୍କାଙ୍କ ସ୍ଥିତିବାନ ସ୍ୱତ୍ୱ ଉପରେ ନିର୍ମାଣ ହୋଇଛି। ହେଟେଲକୁ ଲାଗିଥିବା ପୋଖରୀ ଓ ପାର୍କ ଜଙ୍ଗଲ ଜମିରେ ରହିଛି ବୋଲି କହିଛନ୍ତି। ଏ ସମ୍ପର୍କରେ ସୂର୍ଯ୍ୟନାରାୟଣ ଲେଙ୍କାଙ୍କୁ ପଚାରିବାରେ ପୈତୃକ ଜମି ଉପରେ ସ୍ୱାଦ୍ ହୋଟେଲ ଗଢି ଉଠିଛି। ହୋଟେଲ କରିବା ଲାଗି ବ୍ୟାଙ୍କରୁ ଋଣ କରିଛି। ଏହାକୁ ଲାଗି ଥିବା ପୋଖରୀ, ପାର୍କ ଜଙ୍ଗଲ ଜମିରେ ରହିଛି। ପ୍ରଶାସନ ପକ୍ଷରୁ ଯଦି କିଛି ପଦକ୍ଷେପ ନିଆଯିବ ତାହାକୁ ସ୍ୱାଗତ କରିବୁ। ପୋଖରୀକୁ ବାଡ ବୁଜିବା ନେଇ ପଚାରିବାରେ ୨ ଥର ଏଥିରେ କୁମ୍ଭୀର ପଶିଛି, ତେଣୁ ବାଧ ହୋଇ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବାଡ ବୁଜାଯାଇଛି ବୋଲି ସେ କହିଛନ୍ତି।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପରିଦର୍ଶନକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୯।୭(ଅସମାପିକା ସାହୁ)

ଭୁବନେଶ୍ୱର ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନକୁ ମଙ୍ଗଳବାର ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ପ୍ରତିଷ୍ଠାନର ପ୍ରଶାସନିକ ବ୍ଲକ, ଏକାଡେମିକ ବ୍ଲକ, ଲାଇବ୍ରେରି ଓ ଛାତ୍ରାବାସ ଆଦି ବୁଲି ଦେଖିବା ସହ ପ୍ରତିଷ୍ଠାନର କାର୍ଯ୍ୟାବଳୀ ଓ ଯୋଜନା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶକ ଯଶୋବନ୍ତ ଜେନା ବିଭିନ୍ନ କାର୍ଯ୍ୟାବଳୀ, ପାଠ୍ୟଖସଡ଼ା, ଶିକ୍ଷାଦାନ ବ୍ୟବସ୍ଥା ଏବଂ ପ୍ରତିଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଗଣିତର ଗବେଷଣାତ୍ମକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇ ଶିକ୍ଷାଦାନ, ଗଣିତର ପ୍ରୟୋଗାତ୍ମକ ଦିଗରେ ଗବେଷଣା, ମେଧା ଅନ୍ୱେଷଣ ଓ ପ୍ରଶିକ୍ଷଣ ଇତ୍ୟାଦି କାର୍ଯ୍ୟକୁ ହାତକୁ ନେଇ ପ୍ରତିଷ୍ଠାନ ସେହି ଦିଗରେ କାର୍ଯ୍ୟ କରୁଥିବା ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆବଶ୍ୟକ ଅନୁସାରେ ଅଧ୍ୟାପକ ନିଯୁକ୍ତି ଏବଂ ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# କ୍ୟାଡର, ନିଯୁକ୍ତି ରୁଲ୍ସରୁ ଅନାବଶ୍ୟକ ପ୍ରୋଭିଜନ ହଟାଇବାକୁ ପରାମର୍ଶ

## ସବୁ ବିଭାଗକୁ ଚିଠି ଲେଖିଲା ସାଧାରଣ ପ୍ରଶାସନ ବିଭାଗ

ଭୁବନେଶ୍ୱର, ୯।୭(ଅନିଲ ଦାସ)

ସରକାରୀ ଚାକିରି କ୍ୟାଡର ଓ ନିଯୁକ୍ତି ନିୟମରେ ସଂଶୋଧନ ହେବ। ସମାନ ଯୋଗ୍ୟତା ଥାଇ ଭିନ୍ନ ଭିନ୍ନ ବିଭାଗ ପାଇଁ ଅଲଗା ଅଲଗା ନିଯୁକ୍ତି ପ୍ରକ୍ରିୟା ଚାଲୁରହିଛି। ଏହାଦ୍ୱାରା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି)ଙ୍କୁ ବାରମ୍ବାର ନିଯୁକ୍ତି ପରୀକ୍ଷା କରିବାକୁ ପଡୁଛି। ସମାନ ଯୋଗ୍ୟତା ଥିବା ପରୀକ୍ଷାଗୁଡ଼ିକୁ ଗୋଟିଏ ନିଯୁକ୍ତି ପରୀକ୍ଷାଭୁକ୍ତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକ ସ୍ଥଳେ ପୁରୁଣା ନିଯୁକ୍ତି ନିୟମର ସଂଶୋଧନ କରାଯିବ। କ୍ୟାଡର ଓ ନିଯୁକ୍ତି ରୁଲ୍ସରେ ଥିବା ଅନାବଶ୍ୟକ ପ୍ରୋଭିଜନକୁ ହଟାଇବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଅନେକ ବିଭାଗର ନିଯୁକ୍ତି ନିୟମରେ ବହୁ ଅନାବଶ୍ୟକ ପ୍ରୋଭିଜନ ରହିଛି। ପ୍ରାଣୀଧନ ନିରୀକ୍ଷକମାନଙ୍କ ପାଇଁ ସାଇକେଲ ଚାଳନା ବାଧ୍ୟତାମୂଳକ ରହିଛି, ଯାହାକି ବର୍ତ୍ତମାନ ସମୟରେ ଅନାବଶ୍ୟକ। ସେହିପରି ବହୁ ଅନାବଶ୍ୟକ ପ୍ରୋଭିଜନ ଅନେକ ବିଭାଗର ନିଯୁକ୍ତି ଓ କ୍ୟାଡର ରୁଲ୍ସରେ ପ୍ରଚଳିତ ରହିଛି। ସେ ସବୁକୁ ହଟାଇବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ୧ ଲକ୍ଷ ୩୪ ହଜାର ୬୭ ମୂଳ ପଦବୀରୁ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ୯୩,୫୨୪ ପଦବୀକୁ ଅନୁମୋଦନ କରିଛି। ୮୦,୧୭୩ ପଦବୀ ପୂରଣ ପାଇଁ ବିଭିନ୍ନ ନିଯୁକ୍ତି ସଂସ୍ଥାକୁ ପରାମର୍ଶ ଦିଆଯାଇଛି। ଏ ନେଇ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଅନେକ ବିଭାଗ ସମାନ ଯୋଗ୍ୟତା ଥିବା ପଦବୀଗୁଡ଼ିକୁ ଏକାଠି କରିନାହାନ୍ତି। ସମସ୍ତ ଗ୍ରେଡ୍ ପଦବୀ ପାଇଁ ଥିବା କ୍ୟାଡର ଓ ନିଯୁକ୍ତି ରୁଲ୍ସଗୁଡ଼ିକୁ ସମୀକ୍ଷା କରି ୭ ଦିନରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୫ ଛାତ୍ରୀଛାତ୍ର ଦେଇପାରିବେନି ମେଧାବୃତ୍ତି ପରୀକ୍ଷା

## ଶିକ୍ଷକଙ୍କ ଦାୟିତ୍ୱହୀନତାରୁ ହୋଇପାରିନାହିଁ ନାମ ପଞ୍ଜୀକରଣ

ରଘୁନାଥପୁର, ୯।୭ (ରାଜେନ୍ଦ୍ର ନାରାୟଣ ସିଂହ)

ବୁଧବାର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଜୟଘୋଳ ଉଚ୍ଚ ବିଦ୍ୟାଳୟର ୫ ଜଣ ମେଧା ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। ଶିକ୍ଷକମାନଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ୭ମ ଶ୍ରେଣୀ ଛାତ୍ରୀ ଶ୍ରୁତିପ୍ରଜ୍ଞା ବେହେରାଙ୍କ ମା' ବନବାସିନୀ ବେହେରା ତଥା ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତିଙ୍କ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ପରୀକ୍ଷା ପାଇଁ ଶ୍ରୁତିପ୍ରଜ୍ଞାଙ୍କ ସମେତ ଅନ୍ୟ ୪ ଜଣ ଆବଶ୍ୟକ କାଗଜପତ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ ଆଡ୍‌ମିଟ କାର୍ଡ ଆସିନାହିଁ। ଏ ସମ୍ପର୍କରେ ବିଦ୍ୟାଳୟରେ ଅଭିଯୋଗ କରିବାରୁ ଉକ୍ତ ୫ ଛାତ୍ରୀଛାତ୍ରଙ୍କ ନାମ ପରୀକ୍ଷା ନିମନ୍ତେ ପଞ୍ଜୀକରଣ ହୋଇ ନ ଥିବା ଜଣାପଡ଼ିଛି। ଏନେଇ ପିଲାମାନେ ଭାଙ୍ଗି ପଡ଼ିଛନ୍ତି। ଏଥିପାଇଁ କେବଳ ଶିକ୍ଷକମାନେ ଦାୟୀ ବୋଲି ବନବାସିନୀ ଅଭିଯୋଗରେ ଦର୍ଶାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳାପ୍ରଭା ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁ ଶିକ୍ଷକମାନଙ୍କୁ ପିଲାଙ୍କ ନାମ ପଞ୍ଜୀକରଣ ପାଇଁ ଦାୟିତ୍ୱ ଦିଆଯାଇଥିଲା, ସେମାନଙ୍କର ତ୍ରୁଟି ରହିଛି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି।

# ଓ-ହବ୍ ପରିଦର୍ଶନ କଲେ ଏମ୍ଏସ୍ଏମ୍ଇ ମନ୍ତ୍ରୀ

## ଓଡ଼ିଆ ଭାଷା ଶିଖିବାକୁ ପରାମର୍ଶ

ଭୁବନେଶ୍ୱର, ୯।୭(ଅନିଲ ଦାସ)

ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭୁବନେଶ୍ୱରସ୍ଥିତ ଓ-ହବ୍ କାର୍ଯ୍ୟାଳୟକୁ ମଙ୍ଗଳବାର ଅଚାନକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ କାମ କରିବାକୁ ହେଲେ ଓଡ଼ିଆ ଭାଷା ଶିଖିବାକୁ ପଡ଼ିବ। ଗାଁ ଗହଳିର ଲୋକେ ହିନ୍ଦୀ ବୁଝନ୍ତିନି। ସମସ୍ତଙ୍କ ପାଇଁ ଓଡ଼ିଆ ହିଁ ଠିକ୍। ଏଣୁ ଓଡ଼ିଆ ଶିଖନ୍ତୁ ବୋଲି ଅଣଓଡ଼ିଆ ଅଧିକାରୀଙ୍କୁ କହିଛନ୍ତି। ରାଜ୍ୟର ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭୁବନେଶ୍ୱର ଇନ୍‌ଫୋସିଟି-୨ କ୍ୟାମ୍ପସରେ ୨୦୨୧ରେ ଉଦ୍‌ଘାଟିତ ହୋଇଥିଲା ବହୁତଳ ବିଶିଷ୍ଟ ଏହି ଓ-ହବ୍ କାର୍ଯ୍ୟାଳୟ। କାର୍ଯ୍ୟାଳୟରେ କେତେକ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଋଣ ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

ବଇଣ୍ଡା, ୯।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଚୁଡ଼ାଖାଇ ଜଙ୍ଗଲର ଏକ ଗଛରୁ ମଙ୍ଗଳବାର ବ୍ରାହ୍ମଣୀପାଲି ଗ୍ରାମର ଯୁବକ ଶେଷଦେବ ମିର୍ଦ୍ଧା (୪୫)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଶେଷଦେବ ଘରୋଇ ଫାଇନାନ୍ସ ସଂସ୍ଥାରୁ ଋଣ ଆଣିଥିବା ବେଳେ ତାହା ଶୁଝି ନ ପାରି ଆତ୍ମହତ୍ୟା କରିଥିବା ସ୍ତ୍ରୀ ସନ୍ଧ୍ୟାରାଣୀ ମିର୍ଦ୍ଧା ଥାନାରେ ଅଭିଯୋଗ କରିଛନ୍ତି । ଶେଷଦେବ ବଇଣ୍ଡା ଅଞ୍ଚଳର ୨ଟି ଘରୋଇ ଫାଇନାନ୍ସରୁ ଋଣ ଆଣିଥିଲେ। ଆର୍ଥିକ ସଙ୍କଟ ଯୋଗୁ ୨ ମାସ ହେବ କିସ୍ତି ଦେଇପାରି ନ ଥିଲେ। ସୋମବାର ଏକ ଫାଇନାନ୍ସ ସଂସ୍ଥାର ୪ କର୍ମଚାରୀ ତାଙ୍କୁ କିସ୍ତି ଟଙ୍କା ମାଗିଥିଲେ। ପାଖରେ ଟଙ୍କା ନାହିଁ, କିଛି ଦିନ ମଧ୍ୟରେ ଦେଇଦେବେ ବୋଲି ଶେଷଦେବ କହିଥିଲେ। କର୍ମଚାରୀମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜମି ବିକ୍ରି କରି କିସ୍ତି ଟଙ୍କା ଦିଅ ବୋଲି କହି ତାଙ୍କ ଘରେ ୪ ଜଣ ବସିରହିଥିଲେ। ଫଳରେ ଶେଷଦେବ ଘରେ ଥିବା ସୁନା ନେଇ ବିକ୍ରି କରି କିସ୍ତି ଦେଇଥିଲେ। ମଙ୍ଗଳବାର ଆଉ ଏକ ଫାଇନାନ୍ସ ସଂସ୍ଥାର କେତେଜଣ କର୍ମଚାରୀ ଶେଷଦେବଙ୍କୁ କିସ୍ତି ଟଙ୍କା ମାଗିଥିଲେ। ସେ ଟଙ୍କା ଆଣିକି ଦେଉଛି କହିବା ସହ ଚୁଡ଼ାଖାଇ ଜଙ୍ଗଲରେ ରଶି ଲଗାଇ ଆତ୍ମହତ୍ୟା କରଥିଲେ। ଉକ୍ତ ଫାଇନାନ୍ସ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କର୍ମଚାରୀଙ୍କୁ ଗିରଫ କରିବା ପାଇଁ ଦାବି ହେଉଛି। ପୋଲିସ ନମ୍ବର ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ

ବୈପାରିଗୁଡା, ୯।୭
(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ମହୁଲି ପଞ୍ଚାୟତର ପାରଲ ଗ୍ରାମରେ ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ରବି ମଦୁଲି ଓ ତାଙ୍କ ସ୍ତ୍ରୀ ବତୀ ମୁଦୁଲି। ସୋମବାର ରବି ଓ ବତୀ ମାଣ୍ଡିଆ ବିହନ ବୁଣିବାକୁ ନିକଟସ୍ଥ ଡଙ୍ଗରକୁ ଯାଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ସେମାନଙ୍କ ପରିବାର ଲୋକେ ଡଙ୍ଗରକୁ ଖୋଜିବାକୁ ଯାଇଥିଲେ। ଡଙ୍ଗରର ଏକ ସ୍ଥାନରେ ବତୀଙ୍କ ମୃତଦେହ ପଡିଥିବା ବେଳେ ରବିଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୟପୁର ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ୱାର୍ଡମେମ୍ବର ସଦନ କିର୍ଷାନି ମଙ୍ଗଳବାର ବୈପାରିଗୁଡା ଥାନାରେ ଏତଲା ଦେବା ପରେ ପୋଲିସ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ଥାନାରେ ୨ଟି (୨୦/୨୧/୨୪) ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି।


# Classified Everyday
0674-2580101, 2549949


MATRIMONIAL

BRIDE WANTED

Khandayat boy 32+/ B.Tech/MBA/SBI Manager/ "SUHAG"- 9938199964, 9090486408. D-674


REAL ESTATE

SALE

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445. D-75971

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

SC plot sale at Bagchi Cancer Hospital backside- 2000sqft.- 30,00,000. 6372753860. D-75972

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-679


CONSTRUCTION

Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-680




ଡମାଣ୍ଡୋ ବଜାର ନିକଟରେ ଦୋତାଲା ୩ଟା ରୁମ୍ (13'x26'), ଚଉଡ଼ା ବାରଣ୍ଡା, କମ୍ପ୍ୟୁଟର, ଟ୍ୟୁଟୋରିଆଲ୍, ଜିମ୍, ଗୋଦାମ ପାଇଁ ବ୍ୟବହାର ଉପଯୋଗୀ। ଯୋଗାଯୋଗ- 9337415674, 9437607869 ୧୨୦୦ବର୍ଗଫୁଟ। ଧ-୭୦୯୮୧




Relax, Refresh your body, Mind at Saikrupa Spa with best therapies. 8984068077. D-678

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Monalisa massage Club: All types Body massage with hiprofile smart lady rooms service available. 9708545108. D-694

Fully relaxed body massage trained therapist. Central SPA. 9556483961. D-75759

Newly open Jyoti SPA positively health benefits (Expert therapist). 8458067955. D-76130

Kerala body massage best Therapist, Bhubaneswar. 9337672475. D-696

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, Odisha, India dated 9th July, 2024 having affidavit No.- 35, I, Pabitra Kumar Rath, resident of A-101, Shantivaan, Belgachhia, Trishulia, Cuttack, Odisha, India, 754005 declare that I have changed my son's name from 'Swati Aarav Rath' or 'S. Aarav Rath' (Old name) to Aarav Rath (New name) having the birthdate of 25th July, 2010. Henceforth, he shall be known as Aarav Rath for all purposes.
Pabitra Kumar Rath
D-699

As per affidavit before Executive Magistrate, I, Sabitri Pradhan and Prakanti Pradhan is one and same person in our locality. My name is in LIC document bearing Policy No.-589332377 Prakanti Pradhan Henceforth, I shall be known as Sabitri Pradhan for all purposes in future. D-698

By virtue of an affidavit before the Executive Magistrate, Saintala on dt.05.07.2024, I, Golekha Bhoi, S/o- Late Jogeswar Bhoi, resident of Village At- Phapsi (Badmal), P.O.- Gandapatrapali, P.S.- Saintala, Dist.- Balangir have changed my son name Rohan Kumar Bhoi to Kushumesh Kumar Bhoi. Henceforth, my son shall be known as Kushumesh Kumar Bhoi for all purpose. D-701

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ୯ମ ଶ୍ରାଦ୍ଧବାର୍ଷିକୀ



✓ବିନୋଦିନୀ ରାଉତରାୟ
ନିରାକାରପୁର, ରସୁଲଗଡ଼, ଭୁବନେଶ୍ୱର
ସ୍ୱା- ଅନାମ ଚରଣ ରାଉତରାୟ
ଆବିର୍ଭାବ: ୩୦।୦୬।୧୯୪୪
ତିରୋଧାନ: ୧୦।୦୭।୨୦୧୫
ତୁ ଛାଡ଼ି ଚାଲିଯିବାର ଆଜକୁ ୯ବର୍ଷ ହେଲାଣି। ମାତ୍ର ଏହା ମୋ ପାଇଁ ୯ ଯୁଗ ପରି ଲାଗୁଛି। ତୁ ଛାଡ଼ି ଚାଲି ଯିବା ପରେ ଏତେ ଦୁଃଖ, କଷ୍ଟରେ ସମୟ କାଟିବାକୁ ହେବ ବୋଲି ଧାରଣା ନଥିଲା। ତେବେ ସେ ବିଷୟ ଭାବି ଲାଭ କ'ଣ? ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ସ୍ୱାମୀ ଅନାମ ଓ ସପରିବାର ନିବେଦନ କରୁଛୁ।
ଧ-୭୦୨

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଜୁରିଆ ମୁଦୁଲି
ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୯୭

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୯୧ (୩୯୧.୨୬) ପଏଣ୍ଟ ବଢ଼ି ୮୦,୩୫୨ (୮୦,୩୫୧.୬୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୧୧୩(୧୧୨.୬୫) ପଏଣ୍ଟ ବୃଦ୍ଧି ଘଟି ୨୪,୪୩୩ (୨୪,୪୩୩.୨୦)ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଅନୁଗୋଳରେ ହେବ ସର୍ବବୃହତ୍ ଇସ୍ପାତ କାରଖାନା: ଜେଏସ୍‌ପି

ଭୁବନେଶ୍ୱର,୯।୭ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଇସ୍ପାତ ଉତ୍ପାଦକ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ଓଡ଼ିଶାର ଅନୁଗୋଳଠାରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ନିର୍ମାଣ କରିବ ବୋଲି ଲୋକ ସଭା ସଦସ୍ୟ ତଥା ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏଭଳି କିଛି କହିଛନ୍ତି। ଏପରିକି ଜେଏସ୍‌ପି ଆସନ୍ତା ୬ବର୍ଷ ମଧ୍ୟରେ ବାର୍ଷିକ ୨୫.୨ ନିୟୁତ ଟନ୍ ଉତ୍ପାଦନ ସହ ବିଶ୍ୱର ସର୍ବବୃହତ୍ ଉତ୍ପାଦକ ଭାବେ ମଧ୍ୟ ପରିଗଣିତ ହେବ ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀ ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ବିଶିଷ୍ଟ କାରଖାନା ଅନୁଗୋଳଠାରେ ପ୍ରତିଷ୍ଠା କରିଛି। ଏପରିକି କମ୍ପାନୀ ଅନୁଗୋଳ ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ କାର୍ଯ୍ୟ କରୁଛି ଏବଂ ଆସନ୍ତା ବର୍ଷକ ମଧ୍ୟରେ ଏହି କାରଖାନା ବାର୍ଷିକ ୧୨ନିୟୁତ ଟନ୍ ଇସ୍ପାତ ନିର୍ମାଣ କ୍ଷମତା ହାସଲ କରିବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜେଏସ୍‌ପି ଅଧ୍ୟକ୍ଷ ନବୀନଙ୍କ ନେତୃତ୍ୱରେ ଭାରତୀୟ ଇସ୍ପାତ ସଂଘ (ଇଣ୍ଡିଆନ ଷ୍ଟିଲ୍ ଆସୋସିଏଶନ ବା ଆଇଏସ୍ଏ)ର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ଅତିଥି ଭବନଠାରେ ଓଡ଼ିଶାର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏପରିକି ଇସ୍ପାତ ନିର୍ମାତାମାନଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ନୂଆ ସରକାରଙ୍କ ଅଧୀନରେ ଓଡ଼ିଶା ଇସ୍ପାତ ଶିଳ୍ପର ଭବିଷ୍ୟତ ଉନ୍ନତ ହେବ ବୋଲି ଆଶା ପ୍ରକଟ କରିଥିଲେ।

ସେହିଭଳି ଭାରତୀୟ ଇସ୍ପାତ ଶିଳ୍ପରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜିନ୍ଦଲ ବିସ୍ତୃତ ଭାବେ ଆଲୋଚନା କରିବା ସହ ଇସ୍ପାତ ଶିଳ୍ପରେ ସବୁଜ ଶକ୍ତି ଏବଂ ସଷ୍ଟେନେବିଲିଟି ଅଭ୍ୟାସର ବ୍ୟବହାର ଉପରେ ସେ ଆଲୋକପାତ କରିଥିଲେ। ଏପରିକି ରାଜ୍ୟର ଅର୍ଥନୈତିକ ବିକାଶରେ ଉନ୍ନତି ଆଣିବା ପାଇଁ ଇସ୍ପାତ ଶିଳ୍ପର ଅଧିକ ସମ୍ପ୍ରସାରଣ ପାଇଁ ସମ୍ଭାବ୍ୟ ସୁଯୋଗ ସମ୍ପର୍କରେ ମଧ୍ୟ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

ସେହିପରି ରାଜ୍ୟରେ ଇସ୍ପାତ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଭିତ୍ତିଭୂମି ଅଭିବୃଦ୍ଧି ଏବଂ ସ୍ଲରି ପାଇପଲାଇନ ଭଳି ସଷ୍ଟେନେବିଲିଟି ପ୍ରକଳ୍ପର ଆବଶ୍ୟକତା ଉପରେ ଏହି ପ୍ରତିନିଧି ଦଳ ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରି ନବୀନ ଜିନ୍ଦଲ କହିଥିଲେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଓଡ଼ିଶାରେ ସର୍ବବୃହତ୍ ଇସ୍ପାତ କାରଖାନା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣକରିବା ସହ କମ୍ପାନୀର ଅନୁଗୋଳ ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ସହିତ ଏବଂ ଆସନ୍ତା ବର୍ଷ ମଧ୍ୟରେ ଏହି କାରଖାନା ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ନିର୍ମାଣ କ୍ଷମତା ହାସଲ କରିବ।

ସୂଚନାଯୋଗ୍ୟ, ନବୀନ ଜିନ୍ଦଲ ଏହି ଗସ୍ତ ସମୟରେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଗ୍ରାମ ତରଙ୍ଗ ପ୍ରକଳ୍ପ ଏବଂ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଆଦି ପରିଦର୍ଶନ କରିବା ସହ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ଏପରିକି ଉକ୍ତ ଅନୁଷ୍ଠାନଗୁଡ଼ିକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଭିତ୍ତିଭୂମିକୁ ନବୀନ ଉଚ୍ଚ ପ୍ରଶଂସା କରିଥିଲେ।

# ଅରୁନ୍ଧତୀର ରଜପରୀ ସିଜନ୍-୬ ଅଡିଶନ ରାଉଣ୍ଡ



ଭୁବନେଶ୍ୱର,୯।୭
(ଅନୁରାଧା ମହାରଣା)

ରାଜ୍ୟର ଅଗ୍ରଣୀ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଜପରୀ ସିଜନ-୬'ର ଅଡିଶନ ରାଉଣ୍ଡ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର କୋଣ ଅନୁକୋଣରୁ ୧୫୦ ଜଣ ପ୍ରତିଯୋଗୀ ନିଜ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ବିଚାରକମଣ୍ଡଳୀ ଭାବେ ଓଡ଼ିଶାର ସୁନାମଧନ୍ୟ ଗୀତିକାର ଅରୁଣ ମନ୍ତ୍ରୀ, ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ ଓ ଶୋଭନା ମିଶ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ପ୍ରତିଭାକୁ ଆଗଧାଡ଼ିକୁ ଆଣିବା ପାଇଁ ଅରୁନ୍ଧତୀ ଜୁଏଲର୍ସର ଏହିନିଆରା ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, 'ରଜପରୀ ସିଜନ-୬'ର ଅଡିଶନ ରାଉଣ୍ଡରୁ ୨୫ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ବୃଦ୍ଧି

ଭୁବନେଶ୍ୱର,୯।୭
(ଅନୁରାଧା ମହାରଣା)

ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ଜୁନ୍ ମାସରେ ଏକ ନୂତନ ରେକର୍ଡରେ ପହଞ୍ଚିଛି। ଏହି ମାସରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ୧୭% ବୃଦ୍ଧି ପାଇଛି। ମେ ମାସରେ ୩୪,୬୯୭ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ଜୁନ୍‌ରେ ପ୍ରବାହ ୪୦,୬୦୮.୧୯ କୋଟି ରହିଛି। ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ ଅଫ୍ ଇଣ୍ଡିଆ (ଏମ୍ଏଫ୍ଆଇ) ଏହି ପରିସଂଖ୍ୟାନ ପ୍ରକାଶ କରିଛି। ଏମ୍ଏଫ୍ଆଇ ଚେୟାରମ୍ୟାନ ନବନିତ ମୁନୋଟ କହିଛନ୍ତି, ଜୁନ୍‌ରେ ମୋଟ ଏସ୍ଆଇପି ପ୍ରବାହ ସର୍ବକାଳୀନ ରେକର୍ଡ ଛୁଇଁଛି। ମେ ମାସରେ ୨୦,୯୦୪ କୋଟି ଟଙ୍କା ଥିବାବେଳେ ଜୁନ୍‌ରେ ୨୧,୨୬୨ କୋଟି ଟଙ୍କା ରହିଛି। ଜୁନ୍‌ରେ ଏସ୍ଆଇପି ମାଧ୍ୟମରେ ୫୫.୧ ଲକ୍ଷ ନୂତନ ଫୋଲିଓ ଯୋଗ କରାଯାଇଛି। ସେହିପରି ଏସ୍ଆଇପି ଏୟୁଏମ୍ ୧୨.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ତେବେ ଜୁନ୍‌ରେ ମ୍ୟୁଚୁଆଲ ଫଣ୍ଡରେ ୪୩,୬୩୭ କୋଟି ଟଙ୍କା ପ୍ରବାହ ହୋଇଛି ଯାହାକି, ମେ ମାସରେ ୧.୧ ଲକ୍ଷ କୋଟି ଟଙ୍କା ବିନିଯୋଗ ହୋଇଛି। ନିଟ୍ ଏୟୁମ୍ ଜୁନ୍‌ରେ ୬୧.୨ ଲକ୍ଷ କୋଟିରେ ପହଞ୍ଚିଥିଲା, ଯାହା ମେ ମାସରେ ୫୮.୯ ଲକ୍ଷ କୋଟି ଥିଲା।

ମେ ମାସରେ ୩୪,୬୯୭ କୋଟି ଟଙ୍କା ଆସିଥିବାବେଳେ ୪୦,୬୦୮ କୋଟି ଟଙ୍କାର ନିବେଶ ଇକ୍ୱିଟି ଫଣ୍ଡରେ ଆସିଥିଲା। ମିଡ୍‌କ୍ୟାପ୍ ପାଣ୍ଠିର ପ୍ରବାହ ମେ ମାସରେ (ଏମ୍ଓଏମ୍) ୨,୬୦୬ କୋଟି ଟଙ୍କା ଥିବାବେଳେ ଜୁନ୍‌ରେ ୨,୫୨୮ କୋଟି ଟଙ୍କା ରହିଛି। ମେ ମାସରେ (ଏମ୍ଓଏମ୍) ୨,୭୨୫ କୋଟି ତୁଳନାରେ ସ୍ମଲ୍ କ୍ୟାପ୍ ପାଣ୍ଠିର ପ୍ରବାହ ୨,୨୬୩ କୋଟି ଟଙ୍କା ରହିଛି। ସେହିପରି ୯୭୦ କୋଟି ଟଙ୍କା ବିନିଯୋଗ ଲାର୍ଜ କ୍ୟାପ ପାଣ୍ଠିରେ ବିନିଯୋଗ ହୋଇଛି ଯାହାକି, ମେ ମାସରେ ୬୬୩ କୋଟି ଟଙ୍କା ରହିଥିଲା। ଫ୍ଲେକ୍ସି କ୍ୟାପ୍ ଫଣ୍ଡରେ ୩,୦୫୯ କୋଟି ଟଙ୍କା ରହିଥିବାବେଳେ ମେ ମାସରେ ୩,୧୫୫ କୋଟି ଟଙ୍କା ବିନିଯୋଗ କରାଯାଇଥିଲା।

# ସନ୍‌ସାଇନ୍ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୯।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଲକ୍ଷ୍ମୀସାଗରସ୍ଥିତ ସନ୍‌ସାଇନ୍ ହସ୍ପିଟାଲ ପକ୍ଷରୁ ନିକଟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାର ସମସ୍ତ ସାମ୍ବାଦିକ ତଥା ସେମାନଙ୍କର ପରିବାର ସଦସ୍ୟଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ସହ ଇସିଜି, ବ୍ଲଡ୍ ସୁଗାର, ବ୍ଲଡ୍ ପ୍ରେସର,ବିଏମ୍‌ଡି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସାଙ୍ଗକୁ ଅସ୍ଥି ଶଲ୍ୟ ବିଶେଷଜ୍ଞ, ୟୁରୋଲୋଜିଷ୍ଟ ଏବଂ ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ଜରିଆରେ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଏହି ଶିବିରକୁ ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ଦାସ, କର୍ପୋରେଟ ହେଡ୍ ସୁମିତ ମଙ୍ଗରାଜଙ୍କ ସମେତ ତପନ ସିଂ, ଅମର ପ୍ରସାଦ ନାୟକ ଓ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା।

# ୱାକାଥନ ଜରିଆରେ କ୍ୟାନ୍‌ସର ସଚେତନତା

ଭୁବନେଶ୍ୱର,୯।୭ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଟକ ତେଲଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବାଲେଶ୍ୱରଠାରେ ରୋଟାରି କ୍ଲବ୍ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ମେଗା ୱାକାଥନ (କ୍ୱିଟ୍ ଟୋବାକୋ)ର ଆୟୋଜନ ସହ ୱାକାଥନ ଜରିଆରେ କ୍ୟାନ୍‌ସର ସଚେତନତା ରାଲି ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇଥିଲା।

କ୍ୟାନ୍‌ସରର ଭୟବହତାକୁ ନେଇ ସମଗ୍ର ବିଶ୍ୱ ବର୍ତ୍ତମାନ ଚିନ୍ତିତ ଥିଲାବେଳେ ଏହାର ନିରାକରଣ ଦିଗରେ ବିଶ୍ୱର ବହୁ ବୈଜ୍ଞାନିକ କାର୍ଯ୍ୟରତ ଅଛନ୍ତି। ସେମାନେ ତାଙ୍କର ଚେଷ୍ଟା ଜାରି ରଖିଥିବାବେଳେ ସଚେତନତା ହିଁ ବର୍ତ୍ତମାନର ସମୟ ପାଇଁ ସର୍ବୋଷଧୀ। କାର୍ଯ୍ୟକ୍ରମର ୨ୟ ଅଧିବେଶନରେ ଏକ ସଚେତନତା ସଭା ଜିଲା ଅତିଥି ଭବନଠାରେ ଆୟୋଜନ କରାଯାଇଥିଲା। ଏହି ସଭାରେ ବାଲେଶ୍ୱର ଜିଲାର ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସହଦେବ ଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା, ରୋଟାରି କ୍ଲବ୍‌ର ସଭାପତି ରୋଟାରିଆନ କର୍ନେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ରୋଟାରିଆନ ପ୍ରବଳ ସିହ୍ନା ଏବଂ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ଡା.ରଞ୍ଜିତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ୟାନ୍‌ସରଠାରୁ ଦୂରେଇରହିବା ପାଇଁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ପ୍ରଦାନ ସହ ଏକ ସଚେତନମୂଳକ କାର୍ଯ୍ୟକ୍ରମ 'ହାଭ ମୋର ଟି, ନୋ ମୋର ପଫ୍' ମାଧ୍ୟମରେ ଚା ସେବନ କର ହେଲେ, ଚା ସେବନ ପରେ ଧୂମପାନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବା ପାଇଁ ଅତିଥିମାନେ ବିସ୍ତୃତ ଭାବେ ମତବ୍ୟକ୍ତ କରିବା ସହିତ ପରାମର୍ଶ ମଧ୍ୟ ଦେଇଥିଲେ।

# ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି



ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ଜଣାଉଛନ୍ତି।

ଭୁବନେଶ୍ୱର, ୯।୭(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ଦିନିଆ ଓଡ଼ିଶା ଗସ୍ତ ସାରି ମଙ୍ଗଳବାର ଦିଲ୍ଲୀ ଫେରିଯାଇଛନ୍ତି। ଫେରିବା ସମୟରେ ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ଅଟକାଇଲେ ମହିଳା



ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

## ରସୁଲଗଡ଼ ଛକରେ ହାଇଡ୍ରାମା

ଭୁବନେଶ୍ୱର ରସୁଲଗଡ଼ ଛକରେ ମଙ୍ଗଳବାର ଅପରାହ୍ନରେ ହାଇଡ୍ରାମା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାରକେଡ୍‌କୁ ଜଣେ ମହିଳା ଅଟକାଇ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ରସୁଲଗଡ଼ ଛକରୁ ଟର୍ନ କରି ଶହୀଦନଗର ଅଭିମୁଖେ ଯାଉଥିବାବେଳେ ମହିଳା ଜଣଙ୍କ ହଠାତ ରାସ୍ତା ମଝିକୁ ଆସି କାରକେଡ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ କିଛି ସମୟ ପାଇଁ ଅଟକିଯାଇଥିଲା। ତେବେ ପୋଲିସ ଅଧିକାରୀ ସମ୍ପୃକ୍ତ ମହିଳାଙ୍କୁ ରାସ୍ତାରୁ ନେଇଯିବା ପରେ କାରକେଡ୍ ଯାଇଥିଲା। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ୧୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ପୋଲିସ ପକ୍ଷରୁ ରସୁଲଗଡ଼ ଛକ ଦେଇ ଯାତାୟାତ ବନ୍ଦ କରିଦିଆଯାଇଥିଲା। ଫଳରେ ଲୋକେ ଅଟକି ରହିଥିଲେ। ତେବେ ମହିଳା ଜଣଙ୍କ ମେଡିକାଲ କାମ ଅଛି ବୋଲି କହି ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଯାତାୟାତ ବନ୍ଦ ପ୍ରତିବାଦରେ ସମ୍ପୃକ୍ତ ମହିଳା ରାଗିଯାଇ ଏଭଳି ଆଚରଣ ପ୍ରଦର୍ଶନ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଡ଼ଠାକୁରଙ୍କୁ ପକାଇଦେଲେ...

ଏହି ଘଟଣା ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। ଏପରି ଅଘଟଣ ଆଉ ଯେପରି ନ ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ଅପରପକ୍ଷରେ ଖବରପାଇ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମେଡିକାଲ ଯାଇ ଆହତଙ୍କ ଅବସ୍ଥା ବୁଝିବା ସହ ସ୍ଥିତିରେ ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଆହତ ସେବାୟତମାନେ ହେଉଛନ୍ତି ଜଗଦୀଶ ଦାସ ମହାପାତ୍ର, ଅଜୟ ଦାସ ମହାପାତ୍ର, ରାମ କୁମାର ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଆର୍ତ୍ତତ୍ରାଣ ଦାସ ମହାପାତ୍ର, ଅବକାଶ ପୂଜାପଣ୍ଡା, ମାଧବ ଦାସ ମହାପାତ୍ର, ନୂତନ ଦାସ ମହାପାତ୍ର, ଆର୍ତ୍ତତ୍ରାଣ ପତି ମହାପାତ୍ର। ସୂଚନାଯୋଗ୍ୟ ଗତବର୍ଷ ଆଡ଼ପ ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଚାରମାଳ ଉପରେ ଗୋଟିଏ ପଟକୁ ଅଣେଇ ହୋଇ ଖସି ପଡ଼ିଥିଲେ।

### ଦୁଃଖପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୭(ଅନିଲ ଦାସ)

ପୁରୀରେ ମଙ୍ଗଳବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପ ବିଜେ ପହଣ୍ଡି ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ଚାରମାଳରେ ଖସିପଡ଼ିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ସେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତୁରନ୍ତ ପୁରୀ ଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହତ ସେବାୟତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପୁରୀ ଯାଇଛନ୍ତି।

### ହତ୍ୟାକାରୀ ପୁଟିନ୍‌ଙ୍କୁ ମୋଦିଙ୍କ...

ପ୍ରଥମ ଥର ପାଇଁ ମସ୍କୋ ଗସ୍ତରେ ଯାଇଛନ୍ତି। ହିଂସାର ସମାଧାନ ଯୁଦ୍ଧ କ୍ଷେତ୍ରରେ ମିଳିପାରିବ ନାହିଁ ବୋଲି ସେ ପୁଟିନ୍‌ଙ୍କୁ ସାକ୍ଷାତ୍ ସମୟରେ କହିଛନ୍ତି। ଆଞ୍ଚଳିକ ସଂହତି, ସାର୍ବଭୌମତ୍ୱ ସମେତ ଜାତିସଂଘର ନିୟମାବଳୀକୁ ସମ୍ମାନ ଦେବା ପାଇଁ ଭାରତ ସବୁବେଳେ ଆହ୍ୱାନ ଦେଇଆସିଛି। ଯୁଦ୍ଧକ୍ଷେତ୍ରରେ କୌଣସି ସମାଧାନ ନାହିଁ। ଆଲୋଚନା ଏବଂ କୂଟନୈତିକ ମାଧ୍ୟମରେ ସମାଧାନ ପନ୍ଥା ବାହାର କରାଯାଇପାରିବ ବୋଲି ମୋଦି ପୁଟିନ୍‌ଙ୍କୁ କହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଜି୭ ସମିଟ୍ ସମେତ ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଏକାଧିକ ଥର ଭେଟି ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମାଧାନ ହୋଇପାରିବ ନାହିଁ ବୋଲି କହିଥିଲେ। ଶାନ୍ତି ଉଦ୍ୟମରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ବୋଲି ମୋଦି ଜେଲେନ୍‌ସ୍କିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ମସ୍କୋରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ବେଳେ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ସେମାନେ ସ୍ୱୀକାର କରିଛନ୍ତି। ଏହା ପରେ ୟୁକ୍ରେନ୍ ଯୁଦ୍ଧକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଯଦି ନିରୀହ ଶିଶୁଙ୍କୁ ହତ୍ୟା କରାଯାଉଥାଏ ଓ ଯଦି ସେମାନଙ୍କ ମୃତ୍ୟୁ ଘଟୁଥାଏ, ତାହା ହୃଦୟ ବିଦାରକ ବୋଲି ମୋଦି କହିଛନ୍ତି। କିଭରେ ଶିଶୁ ହସ୍ପିଟାଲ ଉପରେ ରୁଷିଆର କ୍ଷେପଣାସ୍ତ୍ର ଆକ୍ରମଣ ଘଟଣା ପରେ ମୋଦି ଏଭଳି ମନ୍ତବ୍ୟ ଦେଇଛନ୍ତି। ଗ୍ଲୋବାଲ ସାଉଥ୍ ଶାନ୍ତି ଓ ସ୍ଥିରତା ଆଶାକରେ। ଶାନ୍ତି ପୁନଃ ପ୍ରତିଷ୍ଠା ପାଇଁ ଭାରତ ସମସ୍ତ ସମ୍ଭାବ୍ୟ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଭାରତ ସବୁବେଳେ ଶାନ୍ତି ପକ୍ଷରେ ରହିଆସିଛି ବୋଲି ମୋଦି ପୁଟିନ୍ ଏବଂ ବିଶ୍ୱ ସମୁଦାୟକୁ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ପିଢ଼ି ଆଗରେ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଏଥିପାଇଁ ଶାନ୍ତି ଅପରିହାର୍ଯ୍ୟ। ବୋମା, ବନ୍ଧୁକ ଓ ଗୁଳି ମଧ୍ୟରେ ଶାନ୍ତି ଆଲୋଚନା ସଫଳ ହୁଏ ନାହିଁ ବୋଲି ମୋଦି କହିଥିବା ଜଣାଯାଇଛି।

### ଦାରା ସିଂ:...

ସେସନ୍ସ କୋର୍ଟ ୩ ଜଣଙ୍କ ହତ୍ୟା ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିଥିଲେ। ୨୦୧୧ ଜାନୁୟାରୀ ୨୧ରେ ସୁପ୍ରିମକୋର୍ଟ ଏହି ଦଣ୍ଡାଦେଶକୁ ବଳବତ୍ତର ରଖିଥିଲେ। ୨୦୦୦ ପରଠୁ ଏଯାଏ ଦାରା ସିଂଙ୍କୁ ଦିନେ ମଧ୍ୟ ପାରୋଲ ମିଳିନାହିଁ। ଏପରି କି ତାଙ୍କ ମାଆଙ୍କ ଶେଷକୃତ୍ୟରେ ଯୋଗଦେବା ପାଇଁ ମଧ୍ୟ କୋର୍ଟ ଦାରାଙ୍କୁ ଛାଡ଼ି ନ ଥିଲେ। ତେଣୁ ତାଙ୍କୁ ଜେଲରୁ ମୁକ୍ତ କରିବାକୁ ଓକିଲ ବିଷ୍ଣୁ ଜୈନ ଆବେଦନ କରିଛନ୍ତି। ଓକିଲ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି, ଦାରା ଯୁବସୁଲଭ କ୍ରୋଧର ବଶବର୍ତ୍ତୀ ହୋଇ ଅପରାଧ କରିଥିଲେ ଏବଂ ସେହି କାର୍ଯ୍ୟ ପାଇଁ ଏବେ ଅନୁତପ୍ତ। ଦଣ୍ଡବିଧାନର ସୁଧାରମୂଳକ ସିଦ୍ଧାନ୍ତ ଅନୁଯାୟୀ ତାଙ୍କୁ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତ କରାଯିବାକୁ ଦାରା ନିବେଦନ କରିଛନ୍ତି। ମୁକ୍ତି ସୁଯୋଗ ମିଳିଲେ ସେ ଜଣେ ସଂସ୍କାରୀ ବ୍ୟକ୍ତି ଭାବେ ସମାଜକୁ ଫେରିଯାଇପାରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଅପରାଧୀମାନଙ୍କୁ ଅବଧି ପୂର୍ବରୁ ମୁକ୍ତ କରିଦେବା ନିମନ୍ତେ ସୁପ୍ରିମକୋର୍ଟ ୨୦୨୨ରେ ଦେଇଥିବା ରାୟ ତାଙ୍କ କ୍ଷେତ୍ରରେ ଲାଗୁ କରାଯାଉ ବୋଲି ଦାରା ପିଟିଶନରେ ଦର୍ଶାଇଛନ୍ତି।

### ୧୪ରେ ରତ୍ନଭଣ୍ଡାର...

ଶ୍ରୀମନ୍ଦିର ଭିତରେ ଅସ୍ଥାୟୀ ରତ୍ନଭଣ୍ଡାର କରାଯିବା ସହ ପରିଚାଳନା କମିଟି ଏହାର ଦାୟିତ୍ୱ ନେବ ବୋଲି ଗତ ବୈଠକରେ ଆଲୋଚନା ହୋଇଛି। ବୈଠକ ପରେ କମିଟି ଅଧ୍ୟକ୍ଷ ଜଷ୍ଟିସ ରଥ କହିଛନ୍ତି ରତ୍ନଭଣ୍ଡାର ଖୋଲିବା ବେଳେ ଭକ୍ତଙ୍କ ଦର୍ଶନ ବନ୍ଦ ହେବନି। କିନ୍ତୁ ଭକ୍ତମାନଙ୍କୁ ସାମାନ୍ୟ ଦୂରରୁ ଦର୍ଶନ କରିବାକୁ ପଡ଼ିପାରେ। ଏନେଇ ଭକ୍ତମାନେ ସହଯୋଗ କରିବେ ବୋଲି ଆଶା କରାଯାଉଛି। ରଥଯାତ୍ରାରେ ବ୍ୟସ୍ତ ଥିବାରୁ ପ୍ରଶାସନ ପକ୍ଷରୁ ଚାବି ଉପସ୍ଥାପନ ହୋଇପାରିନି। ଆସନ୍ତା ୧୪ ତାରିଖରେ ତଦାରଖ କମିଟି ଆଗରେ ମୁଖ୍ୟ ପ୍ରଶାସକ ରତ୍ନଭଣ୍ଡାର ଚାବି ଉପସ୍ଥାପନ କରିବେ। ସରକାରଙ୍କ ଅନୁମତି ମିଳିବା ପରେ ୧୪ ତାରିଖ ଦିନ ଯେକୌଣସି ପ୍ରକାର ହେଉ ରତ୍ନଭଣ୍ଡାର ଖୋଲାଯିବ। ସେହିପରି ରତ୍ନଭଣ୍ଡାର ଖୋଲାଯିବା ପରେ ଏହାର ମରାମତି ହେବ। ମରାମତି ବେଳେ ରତ୍ନଭଣ୍ଡାର ଅଳଙ୍କାର ରଖିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ପରିଚାଳନା କମିଟି ମନ୍ଦିର ଭିତରେ ସ୍ଥାନ ଚିହ୍ନଟ କରିଛନ୍ତି। ଅଳଙ୍କାର ସବୁ ଅସ୍ଥାୟୀ ଭଣ୍ଡାର ଭିତରେ ୩ପ୍ରକାର ରହିବ। ତେଣୁ ଅଳଙ୍କାରଗୁଡ଼ିକୁ ସିଡ୍ୟୁଲ ଅନୁସାରେ ରଖାଯିବ। ଗଣତିପ୍ରକ୍ରିୟା ଏକ ଲମ୍ବା ପ୍ରୋସେସ। ଅଳଙ୍କାରଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ। କାରଣ ବହୁ ବର୍ଷ ତଳର ଅଳଙ୍କାର ରହିଛି। ଅଳଙ୍କାରଗୁଡ଼ିକୁ ପ୍ରଥମେ ସ୍ଥାନାନ୍ତର କରାଯିବ ବୋଲି ରଥ କହିଛନ୍ତି। ଏହି ଘୋଷଣା ପରେ ଜଗନ୍ନାଥପ୍ରେମୀଙ୍କ ମହଲରେ ଉତ୍ସାହ ଦେଖାଯାଇଛି।

### ସ୍କୁଲରେ ୧୨ ଛାତ୍ରୀ...

ଭର୍ତ୍ତି କରିଥିଲେ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଘସିପୁରା ବ୍ଲକର କେଶଦୁରାପାଳ ଜନମଙ୍ଗଳ ହାଇସ୍କୁଲରେ। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ କ୍ଲାସ୍ ଚାଲିଥିବା ବେଳେ ୯ମ ଓ ୧୦ମ ଶ୍ରେଣୀର ୧୨ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ କେଶଦୁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ଚିକିତ୍ସା ଚାଲିଛି। ଅସୁସ୍ଥ ଛାତ୍ରୀମାନଙ୍କର ସେଭଳି କିଛି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିବା ସେ କହିଛନ୍ତି। ତେବେ ଏହା ଭୌତିକ କାଣ୍ଡ କିମ୍ବା ଭୂତପ୍ରେତ ସବାର ହେବା କାରଣରୁ ହୋଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଶନିବାର ଠିକ୍ ଏହିଭଳି ୨/୩ ଜଣ ଛାତ୍ରୀ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନେ ସୁସ୍ଥ ହୋଇ ଘରକୁ ଫେରିବା ପରେ ମଙ୍ଗଳବାର ୧୨ ଛାତ୍ରୀ ଅସୁସ୍ଥ ହେବା ନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

### ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର...

ତାଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ ଯୋଗାଇଦେବ ବୋଲି ଶାହା କହିଛନ୍ତି। ତେବେ ଦ୍ରାଭିଡଙ୍କ ସହିତ କାମ କରୁଥିବା ବର୍ତ୍ତମାନର ସପୋର୍ଟ ଷ୍ଟାଫଙ୍କୁ ନେଇ ବିସିସିଆଇ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ବିକ୍ରମ ରାଠୋଡ ବର୍ତ୍ତମାନ ବ୍ୟାଟିଂ କୋଚ୍ ଦାୟିତ୍ୱରେ ଥିବା ବେଳେ ପାରସ ମାହାମ୍ବ୍ରେ ବୋଲିଂ ଓ ଟି. ଦିଲୀପ ଫିଲ୍ଡିଂ କୋଚ୍ ଦାୟିତ୍ୱରେ ଅଛନ୍ତି। ଏହା ସହ ଜୟ ଶାହା ବିଦାୟୀ କୋଚ୍ ରାହୁଲ ଦ୍ରାଭିଡଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଦ୍ରାଭିଡଙ୍କ ଅଧୀନରେ ଭାରତ ଟି୨୦ ବିଶ୍ୱକପରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ରଣନୀତି ପ୍ରସ୍ତୁତି ସହିତ ଯୁବ ଖେଳାଳିଙ୍କୁ ବିକଶିତ କରିବାରେ ଦ୍ରାଭିଡଙ୍କ ଭୂମିକା ସର୍ବଦା ପ୍ରଶଂସନୀୟ ରହିବ ବୋଲି ସେ କହିଛନ୍ତି।

ଆସନ୍ତା ସାଢେ ତିନ ବର୍ଷ ଅର୍ଥାତ ଡିସେମ୍ବର ୨୦୨୭ ଯାଏ ଗମ୍ଭୀରଙ୍କୁ ମୁଖ୍ୟ କୋଚ ଭାବରେ ନିଯୁକ୍ତି ମିଳିଛି। ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ୍ କୋଚ୍ ଭାବରେ ଗମ୍ଭୀରଙ୍କ ପାଇଁ ପ୍ରଥମ ଦାୟିତ୍ୱ ରହିବ। ଭାରତୀୟ ଦଳ ବର୍ତ୍ତମାନ ସଫଳତାର ଶୀର୍ଷରେ ରହିଥିବା ବେଳେ ୪୨ ବର୍ଷୀୟ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଦୁଇ ଦୁଇ ଥର ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହି ସାରିଥିବା ଗମ୍ଭୀର ଦୁଇଟି ଆଇପିଏଲ ଫ୍ରାଞ୍ଚାଇଜ ପାଇଁ ମେଣ୍ଟର ଭୂମିକାରେ ରହି ସାରିଛନ୍ତି। ୨୦୦୭ ଟି୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପ ଫାଇନାଲରେ ଟପ୍ ସ୍କୋରର ରହିଥିବା ଗମ୍ଭୀରଙ୍କ ଅଧିନାୟକତ୍ୱରେ କୋଲକାତା ନାଇଟ ରାଇଡର୍ସ ୨ ଥର ଆଇପିଏଲ ଟାଇଟଲ ମଧ୍ୟ ହାତେଇଥିଲା। ୨୦୨୨ ଓ ୨୦୨୩ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ମେଣ୍ଟର ଥିବା ବେଳେ ଏହା ପ୍ଲେ ଅଫ୍ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ନଭେମ୍ବର ୨୦୨୩ରେ କୋଲକାତା ନାଇଟ ରାଇଡର୍ସର ମେଣ୍ଟର ଭୂମିକାରେ ରହିବା ସହ ଦଳକୁ ଚାମ୍ପିୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଇପିଏଲ ୨୦୨୪ ସମୟରେ ହିଁ ଗମ୍ଭୀରଙ୍କୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଭୂମିକା ଅଫର ଦିଆଯାଇଥିଲା। ଭାରତ ପାଇଁ ୫୮ ଟେଷ୍ଟ, ୧୪୭ ଦିନିକିଆ ଓ ୩୭ ଟି୨୦ ମ୍ୟାଚ୍ ଖେଳିଥିବା ଏହି ବାମହାତୀ ଷ୍ଟାଇଲିସ୍ ଓପନର ୧୦ ହଜାରରୁ ଅଧିକ ରନ୍ କରିଛନ୍ତି। ୫୮ ଟେଷ୍ଟର ୧୦୪ ଇନିଂସରୁ ୨୦୬ର ସର୍ବାଧିକ ସ୍କୋର ସହିତ ସେ ୪୧୫୪ ରନ୍ କରିଛନ୍ତି। ଏହା ମଧ୍ୟରେ ୯ ଶତକ ଓ ୨୨ ଅର୍ଦ୍ଧଶତକ ସାମିଲ ଅଛି। ଅନ୍ୟ ପକ୍ଷରେ ୧୪୭ ଦିନିକିଆରେ ୧୪୩ ଇନିଂସରୁ ୧୫୦ର ସର୍ବାଧିକ ସ୍କୋର ସହ ସେ ୫୨୩୮ ରନ୍ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ଓ ୩୪ ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ଭାରତ ପାଇଁ ୩୭ ଅନ୍ତର୍ଜାତୀୟ ଟି୨୦ ଖେଳି ୭ ଅର୍ଦ୍ଧଶତକ ଓ ୭୫ ରନ୍‌ର ସର୍ବାଧିକ ସ୍କୋର ସହ ସେ ୯୩୨ ରନ୍ ସ୍କୋର କରିଛନ୍ତି।

### କେନ୍‌ଜା ଲେଲି ପ୍ରଥମ...

ଓ ପର୍ତ୍ତୁଗାଲର ଓଲିଭିଆ ସି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଭାରତର ଏଆଇ ଜେନେରେଟେଡ୍ ମଡେଲ ଜରା ଶତାୱରୀ ଏହି ପ୍ରତିଯୋଗିତାର ଶୀର୍ଷ ୧୦ ଫାଇନାଲିଷ୍ଟଙ୍କ ମଧ୍ୟରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କୁ ଏକ ଭାରତୀୟ ମୋବାଇଲ ବିଜ୍ଞାପନ ଏଜେନ୍ସିର ସହ ପ୍ରତିଷ୍ଠାତା ରାହୁଲ ଚୌଧୁରୀ କ୍ରିଏଟ୍ କରିଥିଲେ।

ଏଆଇ ଜେନେରେଟେଡ ମଡେଲମାନଙ୍କ ପାଇଁ 'ମିସ୍ ଏଆଇ' ହେଉଛି ବିଶ୍ୱର ପ୍ରଥମ ସୌନ୍ଦର୍ଯ୍ୟ ପ୍ରତିଯୋଗିତା। ଫାନ୍‌ଭ୍ୟୁ ଏଆଇ କ୍ରିଏଟର ଆୱାର୍ଡ୍ସ (ଡବ୍ଲ୍ୟୁଏଆଇସିଏ) ପକ୍ଷରୁ ଗତ ଏପ୍ରିଲରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଏଆଇ କ୍ରିଏଟରମାନଙ୍କୁ ସେମାନଙ୍କ ପ୍ରୋଗ୍ରାମିଂ କୌଶଳ ପ୍ରଦର୍ଶନ କରିବାକୁ ଆମନ୍ତ୍ରିତ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ସେମାନଙ୍କ ଚେହେରା, ଅନଲାଇନ୍ କମାଣ୍ଡ, ସେମାନଙ୍କୁ ସୃଷ୍ଟି କରିବାରେ ବ୍ୟବହୃତ ହୋଇଥିବା ଯାନ୍ତ୍ରିକ କୌଶଳ ଆଦିକୁ ବିଚାରକୁ ନେଇ ଫଳାଫଳ ଘୋଷିତ ହୋଇଥିବା ଡବ୍ଲ୍ୟୁଏଆଇସିଏର ସହ ପ୍ରତିଷ୍ଠାତା ୱିଲ୍ ମୋନଜ କହିଛନ୍ତି।

# ଜୟସ୍ୱାଲଙ୍କ ଉପରେ ନଜର

**ଭାରତ-ଜିମ୍ବାୱେ ତୃତୀୟ ଟି୨୦ ଆଜି**

**ମ୍ୟାଚ ଆରମ୍ଭ: ଅପରାହ୍ଣ ୪ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**

ହରାରେ, ୯।୭ (ପି.ଟି.)

ଭାରତ ଓ ଜିମ୍ବାୱେ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ବୁଧବାର ହରାରେ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ ପରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ୧-୧ ସ୍ଥିତିରେ ରହିଛି। ପ୍ରଥମ ଟି୨୦ରେ ଜିମ୍ବାୱେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ ଜିତି ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଗତ ମାସରେ ଟି୨୦ ବିଶ୍ୱକପ୍ ଜିତିଥିବା ଦଳର ସଦସ୍ୟ ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ ଓ ଶିବମ୍ ଦୁବେ ଆସି ଦଳ ସହ ଯୋଗ ଦେଇଛନ୍ତି। ଫଳରେ ଟିମ୍ କମ୍ବିନେଶନକୁ ନେଇ ଉତ୍କଣ୍ଠା ବଢ଼ିଛି। ବିଶେଷ କରି ଜୟସ୍ୱାଲଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର ରହିଛି। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ଇନିଂସ ଓପନ କରିଛନ୍ତି ଅଭିଷେକ ଶର୍ମା। ସେ ପ୍ରଥମ ମ୍ୟାଚରେ ଫେଲ୍ ମାରିଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ବିସ୍ଫୋରକ ଶତକ ହାସଲ କରି ନିଜ ଦକ୍ଷତା ଦେଖାଇଛନ୍ତି। ମାତ୍ର ଜୟସ୍ୱାଲ ୧୭ଟି ଟି୨୦ ଅନ୍ତର୍ଜାତୀୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହ ୧୬୧ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ହାର ରଖିଥିବାରୁ ତାଙ୍କୁ ଅଣଦେଖା କରାଯାଇ ପାରିବନାହିଁ। ସେ ବିଶ୍ୱକପ୍ ବିଜୟୀ ଦଳର ରିଜର୍ଭ ଓପନର ମଧ୍ୟ ଥିଲେ। ସେ ଗିଲ୍‌ଙ୍କ ସହ ଇନିଂସ ଓପନ କଲେ ଅଭିଷେକଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ ହେବ ନଚେତ୍ ବାହାରେ ବସିବାକୁ ପଡ଼ିବ।

ବିରଳ ହେଲେ ମଧ୍ୟ ମାଇଲଖୁଣ୍ଟ ଇନିଂସ ଖେଳିବା ପରେ ଖେଳାଳି ଦଳରୁ ଡ୍ରପ୍ ହେବାର ନଜିର ପୂର୍ବରୁ ରହିଛି। ୨୦୧୧ରେ ମନୋଜ ତିୱାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିବା ପରେ ଏବଂ ୨୦୧୬ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ କରୁଣ ନାୟାର ତ୍ରିଶତକ ହାସଲ କରିବା ପରେ ଦଳରୁ ବାହାରେ ରହିଥିଲେ। ମାତ୍ର ଅଧିନାୟକ ଗିଲ୍ ୧୪ ବର୍ଷରୁ କମ୍ ବେଳରୁ ଖେଳି ଆସୁଥିବା ତାଙ୍କ ପ୍ରିୟ ବନ୍ଧୁଙ୍କ ପ୍ରତି ଏପରି ସମ୍ଭବତଃ କରିବେ ନାହିଁ। ଏହା ହେଲେ ଜୟସ୍ୱାଲ କିମ୍ବା ଅଭିଷେକଙ୍କ ମଧ୍ୟରୁ ଜଣେ ତୃତୀୟ ସ୍ଥାନରେ ଆସିବେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ସ୍ୱାଭାବିକ ଭାବେ ୩ ନମ୍ବରରେ ଖେଳୁଥିବା ସାମସନ ୫ ନମ୍ବରରେ ଆସିବେ ଏବଂ ପୂର୍ବ ୨ ମ୍ୟାଚରେ ୩ ନମ୍ବରରେ ଖେଳିଥିବା ଋତୁରାଜ ଗାଏକ୍ୱାଡ୍‌ଙ୍କୁ ୪ ନମ୍ବରରେ ଆସିବାକୁ ପଡ଼ିବ। ପ୍ରଥମ ୨ଟି ମ୍ୟାଚ ପାଇଁ ଦଳରେ ସାମିଲ ହୋଇଥିବା ବି. ସାଇ ସୁଦର୍ଶନଙ୍କ ସ୍ଥାନରେ ଜୟସ୍ୱାଲ ପ୍ଲେଇଂ ଇଲେଭେନରେ ରହିବେ। ଉଇକେଟକିପର ଧ୍ରୁବ ଜୁରେଲଙ୍କ ସ୍ଥାନରେ ସାମସନ ଏବଂ ଗତ ବିଶ୍ୱକପ୍‌ରେ ଖେଳିଥିବା ଦୁବେ ସମ୍ଭବତଃ ରିୟାନ ପରାଗଙ୍କୁ ରିପ୍ଲେସ କରିବେ। ଜିମ୍ବାୱେ ସ୍ପିନରଙ୍କ ବିପକ୍ଷରେ ଦୁବେ ପ୍ରଭାବୀ ହେବା ଆଶା କରାଯାଉଛି। ଅଧିନାୟକ ଗିଲ୍ ପ୍ରଥମ ୨ଟି ମ୍ୟାଚରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଆଶା କରାଯାଉଛି।

ଜିମ୍ବାୱେ ପାଇଁ ବ୍ୟାଟିଂ ବିଭାଗ ଚିନ୍ତାର କାରଣ ରହିଛି। ପ୍ରଥମ ମ୍ୟାଚରେ ଆଗେ ବ୍ୟାଟିଂକରି ଏହି ଦଳ ମାତ୍ର ୧୧୫ ରନ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୨୩୫ ରନ ଚେଜ୍‌କରି ୧୩୪ରେ ସୀମିତ ରହିଥିଲା। ହରାରେ ସ୍ପୋର୍ଟ୍ସ କ୍ଲବ ଟ୍ରାକ୍‌ରେ ସ୍ପିନରଙ୍କୁ ଅତିରିକ୍ତ ବାଉନ୍ସ ମିଳୁଥିବାରୁ ରବି ବିଷ୍ଣୋଇ (୮ ଓଭରରେ ୬/୨୪) ଏବଂ ୱାଶିଂଟନ ସୁନ୍ଦର (୮ ଓଭରରେ ୩/୩୯)ଙ୍କୁ ଖେଳିବାରେ ଜିମ୍ବାୱେ ବ୍ୟାଟରମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରଥମ ଟି୨୦ରେ ୧୩ ରନରେ ହାରିବା ପରେ ଭାରତ ଦ୍ୱିତୀୟ ମ୍ୟାଚରେ ୫ ବଦଳରେ ୪ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଖେଳିଥିଲା। ଏହା କାମ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିବା ମଧ୍ୟ ଦଳକୁ ଆଡ୍‌ଭାଣ୍ଟେଜ୍ ଦେଇଥିଲା।



ହରାରେଠାରେ ବିସିସିଆଇ, ଜିମ୍ବାୱେ କ୍ରିକେଟ ଓ ଜିମ୍ବାୱେ ଟୁରିଜମ୍ ପକ୍ଷରୁ ଭାରତୀୟ କ୍ରିକେଟ ଦଳ ଏବଂ ସେମାନଙ୍କ ପରିବାରପାଇଁ ଆୟୋଜିତ ୱାଇଲ୍ଡ ଲାଇଫ୍ ଟୁର୍ କାର୍ଯ୍ୟକ୍ରମ।

# ହକି ଏଚ୍‌ପିସି ଗ୍ରାସ୍‌ରୁଟ୍ ଲିଗ୍‌ର ଅନ୍ତିମ ପର୍ଯ୍ୟାୟ ଆରମ୍ଭ



ଗ୍ରାସ୍‌ରୁଟ୍ ଏଚ୍‌ପିସି ହକି ଲିଗ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍।

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

**ମହିଳା ଓ ପୁରୁଷ ବର୍ଗରେ ୮ ଲେଖାଏ ଦଳ**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍‌ର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ତୃଣମୂଳସ୍ତରରୁ ଯୁବ ହକି ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଦକ୍ଷ ଖେଳାଳିଙ୍କ ଏକ ମଜବୁତ ଗ୍ରୁପ୍ ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି) ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନଶିପ ଚଳିତମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୧୦ରୁ ୧୫ ମଧ୍ୟରେ ନୂଆଗାଁ ଓ ଯାଜପୁରଠାରେ ଏହି ଲିଗ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚଗୁଡିକ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଏଥିରେ ତୃଣମୂଳସ୍ତର କେନ୍ଦ୍ରରୁ ପୁରୁଷ ଓ ମହିଳା ବର୍ଗରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବର୍ଗରୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ୮ଟି ଲେଖାଏ ଦଳ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ପୁରୁଷ ବର୍ଗରେ ଏଚପିସି ରାଜଗାଙ୍ଗପୁର, କୁତ୍ରା, ବଣେଇ, ତିଲେଇକାନି, ବିଶ୍ରା, ଛତ୍ରପୁର, ସବଡେଗା ଓ ସଉନାମୁରା ଚୂଡ଼ାନ୍ତ ପର୍ଯ୍ୟାୟରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ମହିଳା ବର୍ଗରେ ଭାଗ ନେବାପାଇଁ ଏଚପିସି ଗୁରୁଣ୍ଡିଆ, ନୂଆଗାଁ, ଲେଫ୍ରିପଡା, କୁଆଁରମୁଣ୍ଡା, ବଡ଼ଗାଁ, ଲାଠିକଟା, ଛତ୍ରପୁର ଓ ଢେଙ୍କାନାଳ ଯୋଗ୍ୟତା ପାଇଛନ୍ତି।

# ପୁମାସ୍, ଜାଗୁଆର୍ସ, ଚିତାସ୍ ବିଜୟୀ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

**ଓସିଏଲ୍-୨୦୨୪**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଓଡ଼ିଶା ପୁମାସ୍, ଜାଗୁଆର୍ସ ଓ ଚିତାସ୍ ବିଜୟ ହାସଲ କରିଛି। ଦିବସର ବର୍ଷା ବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ପୁମାସ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୭ ରନରେ ଓଡ଼ିଶା ଟାଇଗର୍ସଙ୍କୁ ପରାସ୍ତ କରିଛି। କାର୍ତ୍ତିକ ବିଶ୍ୱାଳ (୫୦)ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ପୁମାସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ସ୍ୱସ୍ତିକ ସାମଲ ୩୧ ରନ କରିଥିଲେ। ବିପକ୍ଷ ଦଳର ସୁମିତ ଶର୍ମା ଓ ତାରିଣୀ ସ' ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟାଇଗର୍ସ ୧୫ ଓଭରରେ ୫ ଉଇକେଟ ହରାଇ ୯୧ ରନ କରିଥିବାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଡିଏଲ୍‌ଏସ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଜାଗୁଆର୍ସ ୫ ଉଇକେଟରେ ଓଡ଼ିଶା ପାନ୍ଥର୍ସଙ୍କୁ ହରାଇ ଦେଇଛି। ପାନ୍ଥର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୨୭ ରନ କରିଥିଲା। ସତ୍ୟକାମ ଭରଦ୍ୱାଜ ମାତ୍ର ୧୭ ବଲ୍‌ରୁ ୪୩ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର କ୍ରିଷ୍ଣା ପଲାଇ ୩ଟି ଉଇକେଟ ନେଇଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ଜାଗୁଆର୍ସ ୧୯.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଭେଙ୍କଟେଶ୍ ଭନ୍ଦେ ସର୍ବାଧିକ ୭୩ ରନ କରିଥିଲେ। ତୃତୀୟ ମ୍ୟାଚରେ ଚିତାସ ୨ ରନରେ ଲାୟନ୍ସକୁ ପରାସ୍ତ କରିଛି। ଚିତାସ ୧୯.୫ ଓଭରରେ ୧୧୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଲାୟନ୍ସ ରାମଚନ୍ଦ୍ର ବେହେରାଙ୍କ ୪୯ ରନ ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନରେ ସୀମିତ ରହିଥିଲା। ୩ଟି ମ୍ୟାଚରେ ଯଥାକ୍ରମେ କାର୍ତ୍ତିକ ବିଶ୍ୱାଳ, ଭେଙ୍କଟେଶ ଭନ୍ଦେ ଓ ସୁଶୀଲ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ହରି ନାରାୟଣ ପୂଜାରୀ, ରାଜଶ୍ରୀ ସାହୁ ଓ ସଞ୍ଜୟ ରାଉଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଅଲିମ୍ପିକ ଶୁଟିଂ: ଜୁରି ହେଲେ ପୱନ ସିଂ

**ନୂଆଦିଲ୍ଲୀ, ୯।୭ (ପି.ଟି.):** ଭାରତର ପୱନ ସିଂ ଜୁଲାଇ ୨୬ରୁ ଆରମ୍ଭ ହେଉଥିବର ପ୍ୟାରିସ ଅଲିମ୍ପିକ ଗେମ୍ସର ଶୁଟିଂ ସ୍ପୋର୍ଟ ପାଇଁ ଅନ୍ୟତମ ଜୁରି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପୱନ ହେଉଛନ୍ତି ଜାତୀୟ ରାଇଫଲ ଆସୋସିଏଶନର ଜଣେ ଅଫିସିଆଲ। ପୱନଙ୍କ ଏହା ହେଉଛି ଦ୍ୱିତୀୟ ଗେମ୍ସ। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ତାଙ୍କୁ ଭୂମିକା ପାଇଁ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ ମନୋନୀତ କରିଥିଲା। ସେ ଅନ୍ୟ ୩ଜଣଙ୍କ ସହ ଆରଟିଏସ୍ (ରେଜଲ୍ଟ, ଟାଇମିଂ, ସ୍କୋର) ଜୁରି ସଦସ୍ୟ ହୋଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତର ୨୧ ଶୁଟର ୨୭ଟି ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଚାଇନା ପଛକୁ ଭାରତ ଦ୍ୱିତୀୟ ବୃହତ୍ ଦଳ ପଠାଇଛି। ପୱନ ଏବଂ ଅଲିମ୍ପିକ ପଦକ ବିଜେତା ଶୁଟର ଗଗନ ନାରଙ୍ଗ ଗନ୍ ଫର ଗ୍ଲୋରି ଶୁଟିଂ ଏକାଡେମୀର ସହ ପ୍ରତିଷ୍ଠାତା ଅଛନ୍ତି।

# ମ୍ୟାନ୍‌ମାରଠାରୁ ଭାରତ ପରାସ୍ତ



ଭାରତ ଓ ମ୍ୟାନମାର ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ୟାଙ୍ଗୁନ (ମ୍ୟାନମାର), ୯।୭ (ପି.ଟି.)

ବିଳମ୍ବିତ ଗୋଲ ବରଣ ମ୍ୟାନ୍‌ମାର ବିପକ୍ଷରେ ଭାରତକୁ ପରାଜୟ ସ୍ୱାଦ ଚଖାଇଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ ମ୍ୟାଚରେ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୧-୨ ଗୋଲରେ ଘରୋଇ ଦଳ ନିକଟରୁ ହାରି ଯାଇଛି। ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳୁଥିବା ୱିନ୍ ଥିଙ୍ଗ ଟୁନ୍ ୧୪ଶ ମିନିଟରେ ଏକ ଗୋଲ ଦେଇ ମ୍ୟାନ୍‌ମାରକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ମ୍ୟାନ୍‌ମାରର ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଟୁନ୍‌ଙ୍କ କ୍ଲବ ଟିମ୍‌ମେଟ୍ ଓଡ଼ିଶାର ପ୍ୟାରୀ ଖାଖା ୫୮ତମ ମିନିଟରେ ଗୋଲଟିକୁ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ୭୪ତମ ମିନିଟରେ ମେ ଥେଟ ମୋନ୍ ମିଣ୍ଟଙ୍କ ଫ୍ରି-କିକ୍‌କୁ ଗୋଲରେ ପରିଣତ କରି ସାନ୍ ଥାଓ ମ୍ୟାନ୍‌ମାରକୁ ପୁଣି ଅଗ୍ରଣୀ କରିଥିଲେ। ଶେଷରେ ଏହି ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଦୀର୍ଘ ୫ ବର୍ଷ ବ୍ୟବଧାନରେ ମ୍ୟାନ୍‌ମାରକୁ ଭାରତ ଭେଟିଥିଲା। ଏହା ହେଉଛି ମ୍ୟାନ୍‌ମାର ବିପକ୍ଷରେ ଭାରତର ୬ ମ୍ୟାଚରୁ ୫ମ ପରାଜୟ। ଏହା ପୂର୍ବରୁ ୨୦୧୯ରେ ମାଣ୍ଡାଲେଠାରେ ଏଏଫ୍‌ସି ଓମେନ୍ସ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଦୁଇ ଦଳ ମଧ୍ୟରେ ହୋଇଥିବା ମୁକାବିଲା ୩-୩ ଗୋଲରେ ଡ୍ର ରହିଥିଲା। ଭାରତୀୟ ଦଳ ଏହାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆସନ୍ତା ଶୁକ୍ରବାର ଖେଳିବ।

**ଟୁର୍ ଡି' ଫ୍ରାନ୍ସ**

# ୧୦ମ ଷ୍ଟେଜ୍ ଜିତିଲେ ଫିଲିପ୍‌ସେନ୍

**ପ୍ୟାରିସ, ୯।୭:** ବେଲଜିୟମର ଜାସ୍ପର ଫିଲିପସେନ ଏକ ସ୍ପ୍ରିଣ୍ଟ ଫିନିଶ ସହ ଟୁର୍ ଡି' ଫ୍ରାନ୍ସର ୧୦ମ ଷ୍ଟେଜ ଜିତିଛନ୍ତି। ମଙ୍ଗଳବାର ଓର୍ଲିନ୍ସଠାରୁ ସେଣ୍ଟ-ଅମାଣ୍ଡ ମଣ୍ଟେରୋଁ ପର୍ଯ୍ୟନ୍ତ ୧୮୭.୩ କି.ମି ଦୂରର ବିଶିଷ୍ଟ ଏହି ରେସ୍‌କୁ ସେ ୪ ଘଣ୍ଟା ୨୦ ମିନିଟ ୬ ସେକେଣ୍ଡ ଟାଇମିଂରେ ଶେଷ କରିଛନ୍ତି। ସ୍ଲୋଭେନିଆର ଟାଡେଜ ପୋଗାକାର ଓଭଅଲ ଲିଡର ଭାବେ ୟେଲୋ ଜର୍ସି ହାସଲ କରିଛନ୍ତି। ମଙ୍ଗଳବାର ରେସ୍‌ରେ ଇରିଟ୍ରିଆର ବିନିମ ଜିର୍‌ମେ ଓ ଜର୍ମାନୀର ପସ୍କୋଲ ଆକରମାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନରେ ରହିଥିଲେ ସ୍ଲୋଭେନିଆର ପ୍ରିମୋଜ ରଗଲିକ୍, ସ୍ପେନର ଜୁଆନ ଆୟୁସୋ, ପର୍ତ୍ତୁଗାଲ୍‌ର ଜୋଆଓ ଅଲ୍‌ମିଦା, ସ୍ପେନର କାର୍ଲୋସ ରୋଡ୍ରିଗ୍ ଓ ମିକେଲ ଲାଣ୍ଡା, କାନାଡାର ଡେରେକ୍ ଗି' ଓ ଆମେରିକାର ମାଟେଓ ଜର୍ଜେନ ସନ। ଅନ୍ୟପକ୍ଷରେ ଷ୍ଟେଜ୍ ୧୦ ପରେ ଜେନେରାଲ କ୍ଲାସିଫିକେଶନରେ ପୋଗାକାରଙ୍କ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ବେଲଜିୟମର ଜୋନାସ ଭିଙ୍ଗେଗାର୍ଡ।

# ସିରିଜ୍ ବରାବର କଲା ଭାରତ

ଚେନ୍ନାଇ, ୯।୭

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ମହିଳା ଟି୨୦ ସିରିଜକୁ ଅମୀମାଂସିତ ରଖିଛି ଭାରତ। ଚେନ୍ନାଇରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌କୁ ଭାରତ ୧୦ ଉଇକେଟରେ ଜିତିଥିବା ବେଳେ ସିରିଜ୍ ୧-୧ରେ ରହିଥିଲା। ପ୍ରଥମ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ୍ କରିଥିଲା। ଜବାବରେ ଭାରତ ୧୦.୫ ଓଭରରେ ବିନା କ୍ଷତିରେ ୮୮ ରନ୍ କରିଥିଲା। ମଙ୍ଗଳବାର ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବିଗତ ୨ ମ୍ୟାଚ୍ ଧରି ବିଫଳ ହୋଇଥିବା ଭାରତୀୟ ବୋଲିଂ ଲାଇନଅପ୍ ଚମତ୍କାର ପ୍ରଦର୍ଶନ କରିଥିଲା। ପୂଜା ବସ୍ତ୍ରକାର ଚମତ୍କାର ବୋଲିଂ ସହ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ୧୩ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଓପନର ଟାଜମିନ୍ ବ୍ରିଟ୍ସ ସର୍ବାଧିକ ୨୦ ରନ୍ କରିଥିବା ବେଳେ ୭ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆନେକେ ବୋଶ୍ଚ ୧୭ ଓ ମାରିଜେନ୍ କାପ୍ ୧୭ ରନ୍ କରିଥିଲେ। ଏକଦା ୬୧ ରନ୍‌ରେ ୩ ଉଇକେଟ ହରାଇଥିବା ଦକ୍ଷିଣ ଆଫ୍ରିକା ଅନ୍ତିମ ୭ ଉଇକେଟ ମାତ୍ର ୨୩ ରନ୍‌ରେ ହରାଇଥିଲା। ବ୍ରିଟ୍ସଙ୍କ ପରବର୍ତ୍ତୀ ଓଭରରେ ମାତ୍ର ୪ ବଲ୍ ବ୍ୟବଧାନରେ ଆନେକେ ବୋଶ୍ଚ ଓ ନାଡିନ୍ ଡି କ୍ଲର୍କଙ୍କୁ ଆଉଟ କରି ପୂଜା ଦକ୍ଷିଣ ଆଫ୍ରିକାର ବିପର୍ଯ୍ୟୟ ଘଟାଇଥିଲେ। ପୂଜା ବସ୍ତ୍ରକାରଙ୍କ ବ୍ୟତୀତ ରାଧା ଯାଦବ ୩, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟାଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୮୫ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ପାୱାର ପ୍ଲେରେ ବିନା କ୍ଷତିରେ ଉଭୟ ୪୦ ରନ୍ ଯୋଡିଥିଲେ। ସ୍ମୃତି ମନ୍ଧାନା ଅପରାଜିତ ୫୪ ରନ୍ କରିଥିବା ବେଳେ ଶେଫାଳି ବର୍ମା ୨୭ ରନ୍‌ରେ ଅପରାଜିତ ରହିଥିଲେ। ମନ୍ଧାନା ୪୦ ବଲ୍ ଖେଳି ୮ ଚୌକା ଓଚ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଶେଫାଳି ୨୫ ବଲ୍ ଖେଳି ୩ ଚୌକା ମାରିଥିଲେ।



ଖୁସି ମୁହୂର୍ତ୍ତରେ ରାଧା ଯାଦବ ଓ ପୂଜା ବସ୍ତ୍ରକାର।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୮୪/୧୦(ଟାଜମିନ୍‌ବ୍ରିଟ୍ସ-୨୦, ଆନେକେ ବୋଶ୍ଚ-୧୭, ମାରିଜେନ୍ କାପ୍-୧୭, ପୂଜା ବସ୍ତ୍ରକାର-୪/୧୩, ରାଧା ଯାଦବ-୩/୬, ଅରୁନ୍ଧତୀ ରେଡ୍ଡୀ-୧/୧୪)। ଭାରତ ୧୦.୫ ଓଭରରେ ୮୮/୦ (ସ୍ମୃତି ମନ୍ଧାନା -୫୪*, ଶେଫାଳିବର୍ମା-୨୭*)।

# ଫ୍ଲାଇଙ୍ଗ୍ ଫିନ୍ ପାଭୋ ନୁର୍ମି

ଅଲିମ୍ପିକ୍ସର ଅଷ୍ଟମ ସଂସ୍କରଣ ୧୯୨୪ରେ ଫ୍ରାନ୍ସର ପ୍ୟାରିସ୍‌ରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବରେ ପ୍ୟାରିସ୍‌ରେ ଦ୍ୱିତୀୟ ଥର ପାଇଁ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହୋଇଥିଲା। ଏହି ଅଲିମ୍ପିକ୍ସରେ ୪୪ ଦେଶ ଅଂଶଗ୍ରହଣ କରିଥିବା ବେଳେ ମୋଟ ୩୦୮୯ ଆଥଲେଟ ସାମିଲ ଥିଲେ। ଏହା ମଧ୍ୟରେ ୨୯୫୪ ପୁରୁଷ ଓ ୧୩୫ ମହିଳା ଖେଳାଳି ଥିଲେ। ୫ ଜୁଲାଇ ୧୯୨୪ରେ ଗେମ୍‌ର ଓପନିଂ ସେରିମନି ଅନୁଷ୍ଠିତ ହୋଇଥିଲେ ମଧ୍ୟ ୪ ମେ'ରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇସାରିଥିଲା। ଆମଷ୍ଟରଡାମ୍, ବାର୍ସେଲୋନା, ଲସ୍‌ଏଞ୍ଜେଲସ୍, ପ୍ରାଗ୍ ଓ ରୋମ୍ ପରି ସହରକୁ ପଛରେ ପକାଇ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜନର ଅଧିକାର ହାତେଇଥିଲା। ଫ୍ରାନ୍ସର ସର୍ବାଧିକ ୪୦୧ ଆଥଲେଟ ଭାଗ ନେଇଥିବା ବେଳେ ଆମେରିକା ୨୨୯ ଆଥଲେଟ ପଠାଇଥିଲା। ତେବେ ଆମେରିକା ୪୫ ସ୍ୱର୍ଣ୍ଣ ସହିତ ୨୭ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇ ପ୍ରଥମ ସ୍ଥାନ ହାତେଇବାରେ ସଫଳ ହୋଇଥିଲା। ୧୪ ସ୍ୱର୍ଣ୍ଣ ସହ ଫିନଲାଣ୍ଡ ଦ୍ୱିତୀୟ ଓ ଫ୍ରାନ୍ସ ୧୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅର୍ଜନ କରିଥିଲା। ଫିନଲାଣ୍ଡ ଆଥଲେଟିକ୍ସ ଦଳକୁ ଫ୍ଲାଇଙ୍ଗ୍ ଫିନ୍ କୁହାଯାଉଥିବା ବେଳେ କିମ୍ବଦନ୍ତୀ ଆଥଲେଟ ପାଭୋ ନୁର୍ମି ଏକାକୀ ୫ଟି ପଦକ ଜିତିଥିଲେ। ଭାରତ ଏହି ଅଲିମ୍ପିକ୍ସରେ ଇଂଲଣ୍ଡ ଜାତୀୟ ପତାକା ଅଧୀନରେ ଅଂଶଗ୍ରହଣ କରିଥିଲା। ଭାରତ ୭ ଜଣିଆ ଦଳ ପଠାଇଥିବା ବେଳେ ଗୋଟିଏ ବି ପଦକ ହାସଲ କରି ପାରି ନ ଥିଲା। ସମାନ ଭାବରେ ୭ ଜଣିଆ ଭାରତୀୟ ଟେନିସ୍ ଖେଳାଳିଙ୍କ ଦଳ ମଧ୍ୟ ଯାଇଥିଲା। ସିଡ୍‌ନୀ ଜାକବ ମହିଳା ସିଙ୍ଗଲ୍ସରେ ସୟଦ ମହମ୍ମଦ ହଡି ଓ ଡୋନାଲ୍ଡ ରତ୍ନମ ପୁରୁଷ ଡବଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।



୧୭ଟି କ୍ରୀଡ଼ା ଇଭେଣ୍ଟ ଏହି ଅଲିମ୍ପିକ୍ସର ଅଂଶ ରହିଥିବା ବେଳେ ୭ଟି ଡେମୋନଷ୍ଟ୍ରେଶନ ସ୍ପୋର୍ଟ୍ସ ସାମିଲ ରହିଥିଲା। ବାସ୍କ ପେଲୋଟା, କ୍ୟାନୋଇଂ, ଲା କାନେ, ସଭାଟେ, ବେସ୍ ବଲ୍, ବାସ୍କେଟବଲ୍ ଓ ଭଲିବଲକୁ ଡେମୋନଷ୍ଟ୍ରେଶନ ସ୍ପୋର୍ଟ୍ସ ଭାବରେ ରଖାଯାଇଥିଲା। ୧୯୨୪ରେ ପ୍ୟାରିସ୍‌ର ମୋଟ ୧୭ଟି ଷ୍ଟାଡିୟମ ବ୍ୟବହାର କରାଯାଇଥିଲା। ଏହା ମଧ୍ୟରେ ସାମିଲ ଥିବା ଷ୍ଟେଟ୍ ଡି କଲମ୍ବସ ଷ୍ଟାଡିୟମ ୧୯୩୮ ଫିଫା ବିଶ୍ୱକପ୍‌ର ଫାଇନାଲ ଭେନ୍ୟୁ ରହିଥିଲା। ଆର୍ଥିକ ଦୃଷ୍ଟିକୋଣରୁ ପ୍ୟାରିସ୍ ୧୯୨୪ ଫ୍ରାନ୍ସ ପାଇଁ ବେଶ୍ କ୍ଷତିକାରକ ଥିଲା। ମୋଟ ୧ କୋଟି ଫ୍ରାଙ୍କ ଖର୍ଚ୍ଚ ହୋଇଥିଲା। ଦୈନିକ ୬୦ ହଜାର ଦର୍ଶକ ଅଲିମ୍ପିକ୍ସ ଦେଖୁଥିବା ବେଳେ ୫୪ ଲକ୍ଷ ୯୬ ହଜାର ୬୧୦ ଫ୍ରାଙ୍କ ଅର୍ଥ ରାଜକୋଷକୁ ଆସିଥିଲା।

୧୯୨୪ରେ ଉରୁଗୁଏ ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ସେ ସମୟରେ ଫିଫା ପକ୍ଷରୁ ଅଲିମ୍ପିକ୍ସକୁ ଫୁଟବଲ ବିଶ୍ୱ ଚାମ୍ପିୟନଶିପ ଭାବରେ ଗ୍ରହଣ କରାଯାଉଥିଲା। ଫିନଲାଣ୍ଡର ଟ୍ରାକ୍ ଆଣ୍ଡ ଫିଲ୍ଡ ଦଳ ପାଭୋ ନୁର୍ମିଙ୍କ ଅଧୀନରେ ଚମତ୍କାର ପ୍ରଦର୍ଶନ କରିଥିଲା। ପାଭୋ ନୁର୍ମି ୧୯୨୦ରେ ୪ଟି ପଦକ ଜିତିଥିବା ବେଳେ ପ୍ୟାରିସ୍‌ରେ ମଧ୍ୟ ସମାନ ସଫଳତା ଦୋହରାଇଥିଲେ। ଫିନ୍‌ଲାଣ୍ଡ ଟ୍ରାକ୍ ଆଣ୍ଡ ଫିଲ୍ଡରେ ମୋଟ ୧୩ ପଦକ ଜିତିଥିଲେ। ସେ ୧୫୦୦, ୫୦୦୦ ମିଟର, ୩୦୦୦ ମିଟର ଟିମ୍ ରେସ୍, ବ୍ୟକ୍ତିଗତ କ୍ରସ୍ କଣ୍ଟ୍ରି ଓ ଟିମ୍ କ୍ରସ୍ କଣ୍ଟ୍ରି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ଅଲିମ୍ପିକ୍ସ ଭିଲେଜର ପ୍ରଚଳନ ନ ଥିବା ବେଳେ ୧୯୨୪ରେ ପ୍ରଥମ ଥର ପାଇଁ ଏହା ଆରମ୍ଭ ହୋଇଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

ଆଉ ୧୬ ଦିନ

# ଫସଲ ଉତ୍ପାଦନରେ ଫସ୍ଫରସ୍ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଫସଲରୁ ଶତପ୍ରତିଶତ ଅମଳ ପାଇବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ ହୋଇଥାଏ । ସେଥିମଧ୍ୟରୁ ଫସ୍ଫରସ୍ ଅନ୍ୟତମ । ଫସଲରେ ମାଟି ଓ ପ୍ରୟୋଗ ହେଉଥିବା ଖତ ଓ ସାରରୁ ପାଉଥିବା ୩ ଗୋଟି ମୁଖ୍ୟ ଖାଦ୍ୟ ଉପାଦାନ ମଧ୍ୟରୁ ଫସ୍ଫରସ୍ର ସ୍ଥାନ ଦ୍ୱିତୀୟ । ଫସଲ ଫସ୍ଫରସ୍କୁ ଫସ୍ଫରିକ୍ ଅମ୍ଳ ଭାବେ ଚେ଼ର ଦ୍ୱାରା ଗ୍ରହଣକରେ । ଫସ୍ଫରସ୍ ଫସଲର ଚେ଼ର ବୃଦ୍ଧି ଘଟାଇ ମାଟିରୁ ଜଳ ଏବଂ ସମସ୍ତ ଖାଦ୍ୟ ଉପାଦାନକୁ ସଂଗ୍ରହ କରାଏ। ଏହା ବ୍ୟତୀତ ଚେ଼ର ଫସଲକୁ ମାଟିରେ ଦୃଢଭାବେ ଧରି ରଖେ।

ଫସ୍ଫରସ୍ ଫସଲରେ ଆଶାନୁରୂପ ଫୁଲ ଓ ଫଳ ଆଣେ । ଉକ୍ତ ଉପାଦାନ ଫସଲର କୋଷ ବୃଦ୍ଧି ଘଟାଇ ଶସ୍ୟର ପ୍ରୋଟିନ୍ ବା ପୁଷ୍ଟିସାର ଭାଗ ବଢ଼ାଏ । ଫସ୍ଫରସ୍ ଅଭାବରେ ଫସଲର ଚେ଼ର ଏବଂ ଶାଖା ପ୍ରଶାଖା ସଂଖ୍ୟା କମି ଗଛର ଅଭିବୃଦ୍ଧିରେ ବାଧା ସୃଷ୍ଟିହୁଏ । ଗଛର ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ପରିମାଣ କମେ । କମ୍ ସଂଖ୍ୟାରେ ଫୁଲ ଓ ଫଳ ଆସି ବିଳମ୍ବରେ ପରିପକ୍ୱ ହୁଏ । ସର୍ବୋପରି ଶସ୍ୟ ଅମଳ ଆଶାନୁରୂପ ହୁଏ ନାହିଁ । ଫସ୍ଫରସ୍ର ଅଭାବ ମୁଖ୍ୟତଃ ଅମ୍ଳ ମାଟିରେ ଦେଖାଯାଏ । ଅମ୍ଳ ମାଟିରେ ଥିବା ଦ୍ରବଣୀୟ ଆଲୁମିନିୟମ ଏବଂ ଲୁହା ମାଟିରେ ଥିବା ସୁଲଭ ଫସ୍ଫରସ୍କୁ ବାନ୍ଧି ରଖି ଉକ୍ତ ଉପାଦାନକୁ ଗଛର ଚେ଼ର ଦ୍ୱାରା ଶୋଷଣ କରିବାକୁ ଦିଏ ନାହିଁ । ତେଣୁ ଫସଲରେ ଫସ୍ଫରସ୍ର ଅଭାବ ଦେଖାଯାଏ । ଏହାର ପ୍ରତିକାର ପାଇଁ ମାଟିରେ ଚୂନ ଜାତୀୟ ପଦାର୍ଥ ପ୍ରୟୋଗ କରିବାକୁ ପଡ଼େ । ମାଟି ପରୀକ୍ଷାରୁ ଫସ୍ଫରସ୍ର ସ୍ଥିତି ଏବଂ କେତେ ଚୂନ ପ୍ରୟୋଗ କରିବାକୁ ପଡ଼ିବ ଜଣାପଡ଼େ । ମାଟି ପରୀକ୍ଷା ହୋଇ ନ ଥିଲେ ମାଟିର ବୟନରୁ କେତେ ପରିମାଣର ଚୂନ ପ୍ରୟୋଗ କରିବାକୁ ପଡିବ ଆନୁମାନିକ ଜାଣିହେବ । ମାଟିର ବୟନ ବାଲିଆ ହୋଇଥିଲେ ହେକ୍ଟର ପ୍ରତି ୧ ଟନ୍, ଦୋରସା ବାଲିଆ ହୋଇଥିଲେ ୧ ଟନ୍ ୩୦୦ କି.ଗ୍ରା. , ଦୋରସା ହୋଇଥିଲେ ୧ ଟନ୍ ୬୭୫ କି.ଗ୍ରା. ଏବଂ କର୍ଦ୍ଦମ ଦୋରସା ହୋଇଥିଲେ ୨ ଟନ୍ ୧୭୫ କି.ଗ୍ରା. କାଗଜକଳ ମଇଳା ଦେବାକୁ ପଡ଼ିବ । କାଗଜକଳ ମଇଳା ସବୁ ସ୍ଥାନରେ ସହଜରେ ମିଳିପାରୁ ନ ଥିବାରୁ ରାଜ୍ୟର କୃଷି ବିଭାଗ ବର୍ତ୍ତମାନ ଡୋଲମାଇଟ୍ ନାମକ ଚୂନ ଜାତୀୟ ଖଣିଜ ପଦାର୍ଥ ଅମ୍ଳମାଟିରେ ପ୍ରୟୋଗ କରିବା ପାଇଁ ପ୍ରୟାସ କରୁଛନ୍ତି। ଡୋଲମାଇଟ୍ରେ ଚୂନର ତତ୍ତ୍ୱ ଯଥା କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଅଛି । ଏହା ଅମ୍ଳ ମାଟିରେ ଫସ୍ଫରସ୍କୁ ଅଧିକ ସକ୍ରିୟକରି ଫସଲକୁ ଯୋଗାଇପାରିବ । ମାଟିରେ ଚୂନ ପ୍ରୟୋଗକରି ଫସ୍ଫରସ୍ ଜାତୀୟ ସାର ଫସଲ ପାଇଁ ପ୍ରୟୋଗକଲେ ଫସ୍ଫରସ୍ର ଗ୍ରହଣୀୟତା ଅଧିକ ବଢ଼ିଥାଏ । ଫସ୍ଫରସ୍କୁ ଫସଲ ପାଇଁ ଫସ୍ଫେଟ୍ ଆକାରରେ ପ୍ରୟୋଗ କରାଯାଏ । ସବୁ ଫସଲର ଫସ୍ଫେଟ୍ ଆବଶ୍ୟକତା ସମାନ ନୁହେଁ। ଧାନ ଫସଲରେ ହେକ୍ଟର ପ୍ରତି ୨୦ ରୁ ୪୦ କିଲୋ ପର୍ଯ୍ୟନ୍ତ ଫସ୍ଫେଟ୍ ପ୍ରୟୋଗ କରାଯାଏ।

ହେକ୍ଟର ପ୍ରତି ଲଘୁ ଧାନରେ ୨୦ କିଲୋ, ମଧ୍ୟମ ଧାନରେ ୩୦ କିଲୋ ଏବଂ ବଡ଼ ଧାନରେ ୪୦ କିଲୋ ପ୍ରୟୋଗ କରାଯାଏ । ଗହମ ଏବଂ ମକାରେ ହେକ୍ଟରକୁ ୪୦ କିଲୋ ଫସ୍ଫେଟ୍ ଆବଶ୍ୟକ ହୋଇଥାଏ । ମାଣ୍ଡିଆ ପାଇଁ ୩୦ କିଲୋ ଫସ୍ଫେଟ୍ ଏବଂ ମିଲେଟ୍ ପାଇଁ ୧୦ କି.ଗ୍ରା. ଫସ୍ଫେଟ୍ ଆବଶ୍ୟକ ହୁଏ । ଡାଲିଜାତୀୟ ଫସଲ ଏବଂ ଚିନାବାଦାମ ପାଇଁ ହେକ୍ଟରକୁ ୪୦ କିଲୋ ଫସ୍ଫେଟ୍ ଆବଶ୍ୟକ ହୁଏ । ତୈଳବୀଜ ଜାତୀୟ ଫସଲ ୨୫ ରୁ ୪୦ କିଲୋ ପର୍ଯ୍ୟନ୍ତ ଫସ୍ଫେଟ୍ ଆବଶ୍ୟକ କରିଥାନ୍ତି । ତନ୍ତୁଜାତୀୟ ଫସଲ ହେକ୍ଟର ୨୫ ରୁ ୩୦ କିଲୋ ଫସ୍ଫେଟ୍ ଆବଶ୍ୟକ କରନ୍ତି । ଆଖୁ ଏବଂ ଆଳୁ ଫସଲ ହେକ୍ଟରକୁ ୬୦ କିଲୋ ଫସ୍ଫେଟ୍ ଦରକାର । ସବୁ ପ୍ରକାର ପରିବା ଫସଲ ହେକ୍ଟରକୁ ୫୦ ରୁ ୬୦ କିଲୋ ଫସ୍ଫେଟ୍ ଆବଶ୍ୟକ କରନ୍ତି।।ବଜାରରେ ବିଭିନ୍ନ ପ୍ରକାରର ଫସ୍ଫେଟ୍ ସାର ମିଳୁଛି । ସେଥିମଧ୍ୟରୁ ସିଙ୍ଗଲ ସୁପର ଫସ୍ଫେଟ୍, ମିଶ୍ରିତ ଡାଇ ଆମୋନିୟମ ଫସ୍ଫେଟ୍ , ଗ୍ରୋମୋର, ଇଫ୍କୋ ଆଦି ମୁଖ୍ୟ। ଫସ୍ଫେଟ୍ ଜାତୀୟ ସାରକୁ ଥରକରେ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ସବୁ ପ୍ରକାର ଫସଲର ମଞ୍ଜି ବୁଣାବେଳେ ଫସ୍ଫେଟ୍ ସାରକୁ ବିଞ୍ଚିକରି ପ୍ରୟୋଗ ନ କରି ଧାଡ଼ିରେ କିମ୍ବା ଲଙ୍ଗଳ ସିଆରରେ ପ୍ରୟୋଗ କରିବା ଉଚିତ । କେବଳ ରୁଆ ଧାନରେ କାଦୁଅ ଜମିରେ ଫସ୍ଫେଟ୍କୁ ବିଞ୍ଚିକରି ପ୍ରୟୋଗ କରାଯାଏ । ପନିପରିବା ଫସଲର ଚାରା ରୋପଣ ବେଳେ ମନ୍ଦାରେ ଚାରାର ଚେ଼ରଠାରୁ ୩ ରୁ ୫ ସେ.ମି. ଦୂରରେ ପ୍ରୟୋଗ କରାଯାଏ । ଫସ୍ଫେଟ୍କୁ ମାଟିର ସ୍ୱଳ୍ପ ଗଭୀର ଅର୍ଥାତ୍ ୪ ରୁ ୫ ସେ.ମି. ଗଭୀରରେ ପ୍ରୟୋଗ ହଏ। ଫସ୍ଫେଟ୍ ଉପାଦାନ ମାଟିରେ ଗତିଶୀଳ ନୁହେଁ । ତେଣୁ ଉକ୍ତ ସାରକୁ ଫସଲର ଚେ଼ର ପାଖରେ ପହଞ୍ଚିବା ପରି ସ୍ଥାନରେ ପ୍ରୟୋଗ କରାଯାଏ । ଫସ୍ଫେଟ୍ ଉପାଦାନ ମାଟିରେ ପ୍ରୟୋଗ ପରେ ପ୍ରଥମ ଫସଲ ଏଥିରୁ ପ୍ରାୟ ଶତକଡ଼ା ୧୫ ରୁ ୨୦ ଭାଗ ପାଇଥାଏ । ଅବଶିଷ୍ଟ ମାଟିରେ ବାନ୍ଧ ହୋଇ ରହିଥାଏ । ଦ୍ୱିତୀୟ ଫସଲ ଅବଶିଷ୍ଟ ଫସ୍ଫେଟ୍ର ଶତକଡ଼ା ୬୦ରୁ ୬୫ ଭାଗ ଗ୍ରହଣ କରେ। ବିଶେଷତଃ ଦ୍ୱିତୀୟ ଫସଲ ମାଟିର କିସମ ନେଇ ଫସ୍ଫେଟ୍ରୁ ଫସ୍ଫରସ ଗ୍ରହଣଯୋଗ୍ୟ ହୁଏ । ଲାଲ ଏବଂ ମାଙ୍କଡ଼ା ପଥର ମାଟିରୁ ଦ୍ୱିତୀୟ ଫସଲ ୩୦ ରୁ ୩୫ ଶତକଡା ଫସ୍ଫେଟ୍ ପାଇଥାଏ । ପ୍ରଥମ ଏବଂ ଦ୍ୱିତୀୟ ଫସଲ ମାଟିରୁ ଫସ୍ଫେଟ୍ ଗ୍ରହଣ କରିବା ମୁଖ୍ୟତଃ ମାଟିର ଫସ୍ପେଟ୍, ବାନ୍ଧି ରଖିବା କ୍ଷମତା ଉପରେ ନିର୍ଭରକରେ, ଯାହାକି ଲାଲ ଏବଂ ମାଙ୍ଗଡ଼ା ପଥର ମାଟିରେ ଅଧିକ ଥାଏ । ମାଟିର ଫସ୍ଫେଟ୍ ବାନ୍ଧିରଖିବା କ୍ଷମତା ପୂର୍ଣ୍ଣହେବା ପର୍ଯ୍ୟନ୍ତ ଚାଷୀକୁ ଫସଲରେ ଫସ୍ପେଟ୍ ସାର ଦେବାକୁ ପଡ଼ିବ । ମାଟି ପରୀକ୍ଷାରୁ ଏହା ଜଣାପଡ଼ିଥାଏ । ଚାଷୀ ଫସଲ କରିବା ପୂର୍ବରୁ ମାଟିର ଫସ୍ଫେଟ୍ର ସ୍ଥିତି ଜାଣିନେବା ଜରୁରୀ । ମାଟିରେ ସୁଲଭ ଫସ୍ଫେଟ୍ ପରିମାଣ ହେକ୍ଟର ପିଛା ୨୦ କିଲୋରୁ କମ୍ ଥିଲେ ଫସଲ ପାଇଁ ସୁପାରିସ ଚାହୁଁଥିବା ଫସ୍ଫେଟ୍ର ୨୫ ଶତକଡା ଅଧିକ ଦେବାକୁ ପଡେ। ସୁଲଭ ଫସ୍ଫେଟ୍ ପରିମାଣ ହେକ୍ଟର ପ୍ରତି ୨୧ରୁ ୫୦ କିଲୋ ମଧ୍ୟରେ ରହିଲେ ଫସଲ ପାଇଁ ସୁପାରିସ ଫସ୍ଫେଟ୍ ପରିମାଣ ପ୍ରୟୋଗ ଆବଶ୍ୟକ ଥାଏ। ମାଟିରେ ସୁଲଭ ଫସ୍ଫେଟ୍ ପରିମାଣ ହେକ୍ଟର ପ୍ରତି ୫୦ କିଲୋରୁ ଅଧିକ ହେଲେ, ଫସଲ ପାଇଁ ସୁପାରିସ ଫସ୍ଫେଟ୍ର ୨୫ ଶତକଡା କମ୍ ଦେବାକୁ ପଡିବ । ଏହାଦ୍ୱାରା ଫସଲର ଫସ୍ଫେଟ୍ ପରିଚାଳନା ସୁଷମ ହୁଏ । ଆବଶ୍ୟକ ପରିମାଣର ଫସ୍ଫେଟ୍ ସାରକୁ ଯଦି ଏହାର ୫ଗୁଣ ଖତ ସହ ମିଶାଇ ପ୍ରୟୋଗ କରାଯାଏ ତେବେ ଫସ୍ଫରସ୍ ଉପାଦାନର କାର୍ଯ୍ୟଦକ୍ଷତା ୨ଗୁଣ ବଢ଼ିଯାଏ। ତେଣୁ ପ୍ରୟୋଗ ଫସ୍ଫେଟ୍ ସାରକୁ କିଛି ଶୁଖିଲା ଗୁଣ୍ଡ ଖତ ସହ ମିଶାଇ ପ୍ରୟୋଗ କରିବା ଉଚିତ୍।

> "ବଜାରରେ ବିଭିନ୍ନ ପ୍ରକାର ଫସ୍ଫେଟ୍ ସାର ମିଳୁଛି । ସେଥିମଧ୍ୟରୁ ସିଙ୍ଗଲ ସୁପର ଫସ୍ଫେଟ୍, ମିଶ୍ରିତ ଡାଇଆମୋନିୟମ ଫସ୍ଫେଟ୍, ଗ୍ରୋମୋର, ଇଫ୍କୋ ଆଦି ମୁଖ୍ୟ। ଫସ୍ଫେଟ୍ ଜାତୀୟ ସାରକୁ ଥରକରେ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ସବୁ ପ୍ରକାର ଫସଲର ମଞ୍ଜି ବୁଣାବେଳେ ଫସ୍ଫେଟ୍ ସାରକୁ ବିଞ୍ଚିକରି ପ୍ରୟୋଗ ନ କରି ଧାଡ଼ିରେ କିମ୍ବା ଲଙ୍ଗଳ ସିଆରରେ ପ୍ରୟୋଗ କରିବା ଉଚିତ । କେବଳ ରୁଆଧାନରେ କାଦୁଅ ଜମିରେ ଫସ୍ଫେଟ୍କୁ ବିଞ୍ଚିକରି ପ୍ରୟୋଗ କରାଯାଏ । ପନିପରିବା ଫସଲର ଚାରା ରୋପଣ ବେଳେ ମନ୍ଦାରେ ଚାରାର ଚେ଼ରଠାରୁ ୩ ରୁ ୫ ସେ.ମି. ଦୂରରେ ପ୍ରୟୋଗ କରାଯାଏ । ଫସ୍ଫେଟ୍କୁ ମାଟିର ସ୍ୱଳ୍ପ ଗଭୀର ଅର୍ଥାତ୍ ୪ ରୁ ୫ ସେ.ମି. ଗଭୀରରେ ପ୍ରୟୋଗ ହୁଏ ।"



-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ମାଛ ଯାଆଁଳ ଛାଡ଼ିବା ପରେ...



ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ। ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ। ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ ।

## ଅଧିକ ଅମଳକ୍ଷମ କାଜୁ



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ ବି.ପି.ପି, ଭୁବନେଶ୍ୱର -୧, ଭି.ଆର.ଇ-୨, ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମିପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍ଫେଟ ସାର ପ୍ରୟୋଗ କରନ୍ତୁ।

# ଧାନତଳି ବୁଢ଼ା ହୋଇଯାଇଥିଲେ



ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

## ହରଡ଼ରେ ଫୁଲ ଧରୁଥିଲେ...



ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

## ଟମାଟୋ ଚାରା ପାଇଁ ପଟାଳି ପ୍ରସ୍ତୁତି

ଟମାଟୋ ତଳି ଲଗାଉଥିଲେ ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।



## ମଲ୍ଲୀ ଗଛ ଲଗାଉଥିଲେ...

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



# ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ



ବର୍ଷାଦିନେ ପ୍ରାଣୀଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ । ସାହାଣା ରୋଗ ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ। ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩-୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ। ୨ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର। ଫାଟୁଆ ଚଉଆ ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍ହାଇଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ। ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ Bhubaneswar, Wednesday, July 10/ 2024

# ସେମିରେ ଭେକିକ୍, ପାଓଲିନି, ମେଡଭେଡେଭ, ଅଲକାରାଜ



ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ କ୍ୱାର୍ଟରଫାଇନାଲ୍‌ରେ ରିଟର୍ନ ଶଟ୍ ଖେଳିବା ଅବସରରେ କ୍ରୋଏସିଆର ଡୋନା ଭେକିକ୍।

## ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ

**ଲଣ୍ଡନ, ୯।୭**

କ୍ରୋଏସିଆର ଡୋନା ଭେକିକ୍ ଓ ଇଟାଲୀର ଜସମିନ ପାଓଲିନି ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବିନା ପତାକାରେ ଖେଳୁଥିବା ରୁଷିଆର ଡାନିଲ ମେଡ୍‌ଭେଡେଭ ଓ ସ୍ପେନ୍‌ର କାର୍ଲୋସ ଅଲକାରାଜ ମଧ୍ୟ ପୁରୁଷ ସିଙ୍ଗଲ୍ସରେ ସେମିରେ ପହଞ୍ଚିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭେକିକ୍ ନ୍ୟୁଜିଲାଣ୍ଡ ଜନ୍ମିତ ସୁଇସ୍ ପ୍ରଫେଶନାଲ ଲୁଲୁ ସୁନ୍ (ରାଡୋଭକିକ୍)ଙ୍କୁ ୫-୭, ୬-୪, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜୟ ସତ୍ତ୍ୱେ ଚାପର ବଶବର୍ତ୍ତୀ ନ ହୋଇ ଭେକିକ୍ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୨ଟି ସେଟ୍ ଜିତିଥିଲେ। କୌଣସି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିବା ଭେକିକ୍‌ଙ୍କ ପାଇଁ ଏହା ପ୍ରଥମ। ୨୦୧୯ ୟୁଏସ୍ ଓପନ ଏବଂ ୨୦୨୩ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲ ଖେଳିବା ଏହା ପୂର୍ବରୁ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ପାଓଲିନି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଆମେରିକାର ଇମା ନାଭାରୋଙ୍କୁ ସିଧାସଳଖ ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ମେଡଭେଡେଭ ଇଟାଲୀର ଜାନିକ ସିନରଙ୍କୁ ୬-୭ (୭/୯), ୬-୪, ୭-୬ (୭/୪), ୨-୬, ୬-୩ରେ ପରାସ୍ତ କରିଛନ୍ତି। ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଉଭୟ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଥିବାବେଳେ ଶେଷରେ ମେଡଭେଡଭ ବାଜି ମାରିଥିଲେ। ମ୍ୟାଚ ମଝିରେ ସିନର ଡାକ୍ତରୀ ସହାୟତା ନେଇଥିଲେ। ପ୍ରକୃତରେ କ'ଣ ହୋଇଥିଲା ତାହା ସ୍ପଷ୍ଟ ନ ହୋଇଥିଲେ ହେଁ ସିନର ଲକର ରୁମ୍‌ରୁ ଫେରିବାବେଳେ ମୁଣ୍ଡକୁ ଏକ ଟାଓ୍ୱେଲରେ ଘୋଡ଼ାଇ ରଖିଥିବା ଦେଖା ଯାଇଥିଲା। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଅଲକାରାଜ ଆମେରିକାର ଟମି ପଲ୍‌ଙ୍କୁ ୫-୭, ୬-୪, ୬-୨, ୬-୨ ସେଟ୍‌ରେ ହରାଇ ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି।

# ବୁମ୍‌ରା, ମନ୍ଧାନା ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୯।୭(ପି.ଟି.):** ଜୁନ୍ ମାସ ପାଇଁ ପୁରୁଷ ବିଭାଗରେ ଭାରତର ଯଶପ୍ରୀତ ବୁମ୍‌ରା ଏବଂ ମହିଳା ବିଭାଗରେ ସ୍ମୃତି ମନ୍ଧାନା ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ବୁମ୍‌ରା ନିଜ ଦେଶର ରୋହିତ ଶର୍ମା ଏବଂ ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜଙ୍କୁ ଏବଂ ମନ୍ଧାନା ଇଂଲଣ୍ଡର ମାଇଆ ବାଉଚିର ଓ ଶ୍ରୀଲଙ୍କାର ଭିଷ୍ମୀ ଗୁଣରତ୍ନେଙ୍କୁ ପଛରେ ପକାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଏହି ପୁରସ୍କାର ଲାଭ କରିଛନ୍ତି। ଗତ ମାସରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ୮.୨୬ ଆଭରେଜ ଏବଂ ୪.୧୪ ଇକୋନୋମି ରେଟ୍‌ରେ ୧୫ଟି ଉଇକେଟ ଅକ୍ତିଆର କରି ବୁମ୍‌ରା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୁରୁଷ ଟି୨୦ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ ନ ହାରି ଟାଇଟଲ ଜିତିବାରେ ଭାରତ ପ୍ରଥମ ଦଳ ବିବେଚିତ ହୋଇଥିଲା। ବର୍ଷା ଯୋଗୁ କେବଳ କାନାଡା ବିପକ୍ଷ ମ୍ୟାଚ ଖେଳାଯାଇ ପାରିନ ଥିଲା। ଅନ୍ୟପକ୍ଷରେ ଗତ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଭାରତର କ୍ଲିନ୍ ସୁଇପ୍ ବିଜୟରେ ମନ୍ଧାନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୧୦୦ ଷ୍ଟ୍ରାଇକ ରେଟ୍ ଏବଂ ୧୧୪.୩୩ ଆଭରେଜରେ ମୋଟ ୩୪୩ ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ